ନବ ତରଙ୍ଗ

ଅଧ୍ୟାପିକା
ବୀଣାପାଣି ମହାନ୍ତି

Digitized by PPRACHIN, SOA

ନବ ତରଙ୍ଗ

Digitized by PPRACHIN, SOA

ପ୍ରଥମ ପ୍ରକାଶ : ୧୯୬୩

ପ୍ରକାଶିକା :

ଶ୍ରୀମତୀ ଆଶାଲତା ମହାନ୍ତି

ପଟ୍ଟାପୋଲ, ବକ୍ସି ବଜାର

କଟକ

ମୁଦ୍ରକ :

ଶ୍ରୀ ଲକ୍ଷ୍ମୀଧର ନାୟକ

ହିନ୍ଦୁସ୍ଥାନ ପ୍ରିଣ୍ଟର୍ସ

ରାଉରକେଲା-୧

Digitized by PPRACHIN, SOA

ଆତ୍ମ-କଥା

ବହୁ ପ୍ରତୀକ୍ଷା ପରେ ବହିଟି ପ୍ରକାଶିତ ହେଉଛି । ଯେଉଁ ବନ୍ଧୁ ଓ ଆତ୍ମୀୟ ସ୍ୱଜନ
ସସ୍ନେହ ଅନୁରୋଧ ଓ ଉତ୍ସାହରେ ବହିଟି ପ୍ରକାଶିତ ହେଉଛି, ସେମାନେ ମୋ
ଠୁ ବେଶୀ ଆନନ୍ଦିତ ହେବେ କହିବା ବାହୁଲ୍ୟ ।

ଗଳ୍ପ ଲେଖିବା ପାଇଁ ସବୁବେଳେ ମତେ ଉତ୍ସାହିତ କରୁଥିଲେ ଓଡ଼ିଶାର
ଣୀୟ କବି ଶ୍ରୀ ଅନନ୍ତ ପଟ୍ଟନାୟକ ଓ ନାରୀ କବି ଲେଖିକା ଶ୍ରୀମତୀ ପୂର୍ଣ୍ଣଲତା ମିଶ୍ର ।
ନଙ୍କଠାରେ ମୁଁ ଚିରଋଣୀ ।

ବହିଟିର ପ୍ରକାଶନର ଦାୟିତ୍ୱ ମୋର ବଡ ଭଉଣୀ ଶ୍ରୀମତୀ ଆଶାଲତା ମହାନ୍ତି
ବହନ କରିଛନ୍ତି । ଜୀବନର ବହୁ ଅନ୍ଧାର ମୁହୂର୍ତ୍ତରେ ସେ ମତେ ସବୁବେଳେ
, ଧୈର୍ଯ୍ୟ ଓ ପ୍ରେରଣା ଦେଇ ମୋର ପାଖେ ପାଖେ ରହି ମତେ ଉତ୍ସାହିତ କରି
ନ୍ତି । ତେଣୁ ଆଜ ମୌଖିକ ଧନ୍ୟବାଦ କ କୃତଜ୍ଞତା ଜଣାଇ ସେଇ କଲ୍ୟାଣର
ର୍ଯ୍ୟାଦା କରିବାକୁ ମୁଁ ସାହସ କରୁନାହିଁ ।

ବାଲେଶ୍ୱରରେ ପ୍ରାୟ ଅଧିକାଂଶ ଗଳ୍ପ ଲେଖା ହୋଇଛି ଏବଂ ଏହି ସମୟ ମଧ୍ୟରେ
ବିଶେଷ ଭାବରେ ସାହାଯ୍ୟ କରିଛନ୍ତି ଅଧ୍ୟାପିକା ଶ୍ରୀମତୀ ସମଲେଶ୍ୱରୀ ବର୍ଦ୍ଧନ ।
ଲିପିର କେତେକାଂଶ ସେ ପ୍ରସ୍ତୁତ କରିଛନ୍ତି ଆତ୍ମହ ସହକାରେ । ସେଥିପାଇଁ ତାଙ୍କୁ
ଜ୍ଞତା ଜଣାଉଛି ।

ନାନାମତେ ସାହାଯ୍ୟ ସହଯୋଗ ଓ ପ୍ରେରଣା ଦେଇଛନ୍ତି ବନ୍ଧୁ ଓ ସହକର୍ମୀ
ୟାପିକା ବେଲାରାଣୀ ଗୁହ, ତେଣୁ ଧନ୍ୟବାଦାର୍ହ ।

ବହୁ ବନ୍ଧୁ ଆତ୍ମୀୟ ସ୍ୱଜନମାନଙ୍କ ମମତା ଓ ଆଶିଷ ନେଇ ବହିଟି ପ୍ରକାଶିତ
ଇଛି । ତେଣୁ ସମସ୍ତିଙ୍କ ଠାରେ ଋଣୀ ରହିଲି ।

ଗାଳ୍ପିକ ହେବାର ଆକାଂକ୍ଷା ନ ଥିଲି । ହିଅଁ ଗଡ଼ୁ ଗଡ଼ୁ ମାଙ୍କଡ଼ ଗଢ଼ିବାର ଘଟ-
ନା କେହି କରେ ନାହିଁ । ତେଣୁ ମୁଁ ସେଥିରୁ ବାଦ ଯାଇନ ପାଠକ ପାଠିକା
ସ୍ଥିର କରିବେ ।

୫ । ୧୧ । ୭୨
ବାଲେଶ୍ୱର

ବିନୀତା
ଲେଖିକା

Digitized by PPRACHIN, SOA

ବାପା

ଓ

ବୋଉଙ୍କ

ହାତରେ

—ବୀଣା—

Digitized by PPRACHIN, SOA

ସୂଚୀ ପତ୍ର

ବିଷୟ	ପୃଷ୍ଠାଙ୍କ
୧ । ଝଶଲ୍ ପଦ୍ମ ଓ ଟୋପାଏ ଲୁହ	୧
୨ । ମରୁଝଡ଼	୯
୩ । ଶ୍ୟାମଲ ବନାନୀ	୩୦
୪ । ଗୋଟିଏ ଶାଢୀର ଇତିହାସ	୪୨
୫ । ନାଉ ଗଛ	୫୮
୬ । ଅଭିନେତ୍ରୀ ତମାଳିନୀ	୭୫
୭ । ସ୍ରଷ୍ଟା ଓ ସୃଷ୍ଟି	୮୫
୮ । କଥାଟିଏ କହୁଁ	୧୦୧
୯ । ମନର କାଠ	୧୧୨

Digitized by PPRACHIN, SOA

ଝରିଲା ପତ୍ର
ଓ
ଝୋପାଏ ଲୁହ

ସୁମନ୍ତ୍ରର ସୁଗୌର କପାଳ ଉପରେ ଟୋପି, ଟୋପି ଝାଳ ଜମି ଉଠିଛି । ମୁଣ୍ଡର କେଇ କେରା ବାଳ ଚଗଲା ପବନରେ ଏପଟ ସେପଟ ଇତଃସ୍ତତଃ ଉଡ଼ୁଛି । କାନ-ମୂଳରେ ଦି' କେରା ବାଳ ପାଚି ଆସିଲଣି । ହାତଗୋଡର ବଳିଷ୍ଠ ଚମ ଯେପରି ଧୀରେ, ଧୀରେ ଲୋଳ୍‌କୋଚ୍‌ ହେବାକୁ ଏଇମାତ୍ର ଆରମ୍ଭ କରୁଛନ୍ତି । ତଥାପି ହୋଇ ନାହାଁନ୍ତି ! ସେଇତ ଆଶ୍ୱାସ । ଚିନ୍ତା ଭାରରେ ଅବନତ ମଥା ପୋତି ବସିଛି ସୁମନ୍ତ୍ର । କିନ୍ତୁ କି ଚିନ୍ତା ? ସେଇ କଥାର ଖିଅ ଆଜିବି ପାଇନି ସେ । ଘରଦ୍ୱାର ସ୍ତ୍ରୀ ପୁତ୍ର ବିଭବ ଧନ ସମସ୍ତେ ଯେପରି ତାର ଚତୁର୍ଦ୍ଦିଗରେ ଲହଡ଼ି ଛୁଟାଇ ଚକାଚକା ଭଉଁରୀ ଖେଳୁଛନ୍ତି । ପ୍ରତି ମୁହୂର୍ତ୍ତରେ କହି ଯାଉଛନ୍ତି । ଭୟ ନାହିଁ ସୁମନ୍ତ୍ର ଆମେ ଅଛୁ'! ତେବେ ? ଆଉ କଣ ? ଲୀଳାବତୀ ? ଚମକି ଉଠିଲା ସୁମନ୍ତ୍ର ନିଜ ଅଜାଣତରେ । ନାଁ—ସେ ବି ତ କ୍ଷମା କରିଛି ତାକୁ ଦାବୀ କରିନି ତାଠାରୁ କିଛି—ଦେଇଛି ବୋଲି ପ୍ରତିଦାନ ମାଗିନି—ଅନୁତାପ କରିନି—ଦେବାରେ ଯେମିତି ସେ ପାଇଛି ଜୀବନର ଶ୍ରେଷ୍ଠ ଉପାଦାନ । ତେବେ ? ତେବେ ଆଉ କଣ ? ଉଚ୍ଚଶିକ୍ଷିତ ବିଲାତ ଫେରନ୍ତା ଭାରତ ସରକାରଙ୍କର ଉଚ୍ଚ ଅଫିସର ସୁମନ୍ତ୍ର, ଜୀବନର ଏଇ ଚରମ ବିଫଳତା ସେ କାହା ଆଗରେ ଖୋଲି କହିବ ଯେ ସେ କିଛି ପାଇଲାନି । ସକଳ ଐଶ୍ୱର୍ଯ୍ୟ ମଧ୍ୟରେ ସେ ନିସ୍ତବ୍ଧ ହାହାକାର କରି ମରୁଛି । ସମସ୍ତେ ତାର ଖୁବ ପାଖରେ ଅଥଚ କାହାକୁ ସେ ଧରି ପାରିଲାନି—କାହାକୁ ସେ ପାଇ ପାରିଲାନି—କିଛି ସେ ଉପଭୋଗ କରି ପାରିଲାନି । ଚତୁର୍ଦ୍ଦିଗରେ ଯେପରି ଏକ ବିଭୀଷିକା ତଳେ ନିର୍ମମ ଛଳନା ତାକୁ ଅବରୁଦ୍ଧ କରି ରଖିଛି । ବାଟ ଛାଡ଼ି ଦେଉନି କି ବାଡ଼ ଭାଙ୍ଗି ଯାଉନି ।

Digitized by PPRACHIN, SOA

ସେଦିନ କ୍ଳବରେ ଜଣିକାନ୍ତ ଅଟ୍ଟାହାସ କରି କହିଥିଲା ତାଙ୍କୁ "—ସୁମନ୍ତ, ତୁ କିଛି ହେଲୁ ନାହିଁରେ ! ତାସ ପଟେ ବି ଖେଳି ପାରୁନୁ ? ଖାଲି ସେଇ ଚର୍ଚ୍ଚିଲ୍, ଲିଙ୍କନ୍ ଗାନ୍ଧୀ ଷ୍ଟାଲିନ୍ ପଢ଼ିବୁ । ମୁହଁଟାକୁ ହାଣ୍ଡିପରି କରି ବସିବୁ—ପର ଜନ୍ମରେ ବୁଢି କି ସନ୍ୟାସୀ କଣଟାଏ ତୁ ଥିଲୁ ବୋଧେ !"

ହସି ପାରେନା ଜୋର କରି ସୁମନ୍ତ । ବଲବଲ କରି ଚାହିଁରହେ । ଏମାନେ ପୃଥିବୀକୁ ଜୟ କରିଛନ୍ତି ନିଶ୍ଚୟ—ଏତେ ମନଖୋଲି ପ୍ରାଣର ସ୍ଫୁର୍ତ୍ତି ନଥିଲେ ଏମାନେ ହସନ୍ତେ କିପରି ? ବେଳେ, ବେଳେ ଭାବେ ପଚାରିବ ସେମାନଙ୍କୁ । ସମ୍ମିଳିତ ହସର ଝଙ୍କାର ପାଏ ପ୍ରଶ୍ନର ଉତ୍ତର ।

ମଦ ଖାଇ ପ୍ରଣବ ଦିନେ ପଶି ଆସିଥିଲା ଘରକୁ ତାର । ସୁମନ୍ତଠାରୁ ଆହୁରି ବିଭବ ଆହୁରି ଯଶଶାଳୀ ଆହୁରି ସାମାଜିକ ପ୍ରତିପତ୍ତି ତାର ! ତଥାପି କି ଅସହ୍ୟ କୋହ ବେଦନାକୁ ଭୁଲିବା ପାଇଁ ପ୍ରଣବ ମଦ ଖାଇଥିଲା । ଉଦ୍ଭ୍ରାନ୍ତି କଣ୍ଠରେ ପ୍ରଶ୍ନ କରିଥିଲା ସୁମନ୍ତ ତାଙ୍କୁ । ଉତ୍ତର ପାଇଥିଲା ନିଜକୁ ଭୁଲିବାପାଇଁ ସେ ମଦ ଖାଇଛି । କେତେ ଚେଷ୍ଟା କରିଛି ସୁମନ୍ତ ପ୍ରଣବର ହୃଦୟ ବେଦନା ବୁଝିବା ପାଇଁ । କାହିଁ କିଛିତ ବୁଝି ପାରିଲାନି । ଜୀବନ ଯାହା ପାଖରେ ଖେଳନାର କଣ୍ଢେଇ, ଟଙ୍କା ମଦ ଓ ନାରୀର ଅଧରରେ ପ୍ରାଣର ଆଲିଙ୍ଗନ ଯେ ପାଏ ତା ପାଖରେ ଜୀବନଟା ବୋଝ ହେଲା କେମିତି ? ସହରର ବିଶିଷ୍ଟ ଭଦ୍ରବ୍ୟକ୍ତିଙ୍କ ମଧ୍ୟରେ ପ୍ରଣବ ଜଣେ । ସେ ନହେଲେ ସଭା ଚଳେନା, ସମିତିର ପ୍ରାରମ୍ଭିକ ସଙ୍ଗୀତ ବୋଲା ହୁଏନା, ଗୀତାରିରେ ସୁର ଫିଟେନା, ବଜାରରେ ଜିନିଷ ମିଳେନା, ବଗିଚାରେ ଫୁଲ ଫୁଟେନା, ଆକାଶରେ ଚନ୍ଦ୍ର ଉଠେନା । ସବୁରି ପ୍ରାଣ ପ୍ରଣବ-ଏତେବଡ଼ ବିଶ୍ୱରେ କେଉଁଠି ନିଜକୁ ହଜାଇ ନପାରି ମଦର ଆଶ୍ରୟ ନେଲା ସେ ?

ବେଳେ ବେଳେ ସୁମନ୍ତ ଚମକି ଉଠେ । ମନଭିତରେ ଯେପରି ଅବଚେତନ ମଣିଷ ହାଇମାରି ନିଦରୁ ଉଠି କହେ "ସୁମନ୍ତ, ତୋର ବି ସେଇ ଶେଷ ପନ୍ଥା !" ଶିହରି ଉଠେ ଅଙ୍ଗ ପ୍ରତ୍ୟଙ୍ଗ । ଲୁହ ଭରି ଉଠେ ଆଖିରେ । ଝାପ୍ସା ଝାପ୍ ଝାପୁଆ ଆଖିରେ ଭାଇ ପରି ଛିଡ଼ାହୁଏ ଆସି ନୀଳାବତୀ । ସତେ ଯେପରି ସେ କହେ—

"ସୁମନ୍ତ ଜୀବନର ଶେଷ ରକ୍ତ ବିନ୍ଦୁ ଦେଇ ମୁଁ ତୁମକୁ ତୋଳି ଧରିବି । ମୋର ପ୍ରତିଟି ରକ୍ତ କଣିକା ତମର ପଥଧାରକୁ କରିବ ସିକ୍ତ, ବନ୍ଧୁର ପଥକୁ କରିବ ମସୃଣ ।

Digitized by PPRACHIN, SOA

ମୋର ପ୍ରତିଟି ଲୋତକ ବିନ୍ଦୁ ହେବ ଗୋଟିଏ ଗୋଟିଏ ରକ୍ତ ଗୋଲାପ । ମୋର ଶରୀରର ପ୍ରତ୍ୟେକଟି ଜୀବନୀକା ତମର ଶିରା ପ୍ରଶିରାରେ ସୃଷ୍ଟି କରିବ ଅଯୁତ ଜୀବନର ଉତ୍ସ ସୁମନ୍ତ ' ନୀରବ ହେଲ କାହିଁକି ? ଖୋଲ ଆଖି ଖୋଲ ଚାହିଁ— ଗନ୍ତାଗଲେ ସମସ୍ତ ଫେରି ଆସେନା ଆଉ ସୁମନ୍ତ !"

ଶିରୁ କମ୍ପିତ ପ୍ରାଣତନ୍ତ୍ରୀରେ ନୂତନ ରାଗିଣୀ ସଞ୍ଚାର କରେ ଲୀଳାବତୀ । କିନ୍ତୁ କାହିଁକି ? କଣ ଭାଟି ଅଛୁ ? କଣ ପାଇଁ ଲୀଳାବତୀ ତାର ଲୀଳାମୟ ଜୀବନକୁ ଟୁକୁରା ଟୁକୁରା ଛିଡାଇ ତା ଚତୁର୍ଦ୍ଦିଗରେ ସୁବାସ ବିତରଣ କରି ଚାଲିଛି ? ମୁଣ୍ଡ ପୁଣି ଗୋଳମାଳ । କାହିଁକିର ଉତ୍ତର ମିଳନା-ସେଇ ବ୍ୟର୍ଥତାରେ ସୁମନ୍ତ ପଥହରା ହେବ ବୋଧହୁଏ !

ଝରକା ପାଖଦେଇ ଅନେଇଲା ସୁମନ୍ତ । ଶେଷ ପରାଗ ଧରାପୃଷ୍ଠରେ ଅଜାଡ଼ି ଦେଇ ରକ୍ତିମ ହୋଇ ଉଠିଛି ସୂର୍ଯ୍ୟ ଗଛଲତାର ଆଢ଼ୁଆଳରେ । କେଉଁ ହଜିଯିବା ଅତୀତର ଏଇ ରକ୍ତିମ ରାଗର ଶୋଭା ମନେ ପଡ଼ିଲା ତାର । ଲୀଳାବତୀ କହେ ସବୁଦିନେ ଏଇ ରକ୍ତିମ ସୂର୍ଯ୍ୟ ଅସ୍ତ ହେଲାବେଳେ ତାକୁ ଡାକି କହି ଦେଇଯାଏ—ପଛକଥା ମନତଳେ ଉଖୁରେଇ ଦେଇଯାଏ । କହିପାରେ ସେ ବେଶ୍ । କହିବାରେ ତାର ବି ଚାତୁରୀ ଅଛି ଯଥେଷ୍ଟ । କି 'ଅଛୁର୍ଯ୍ୟ ? ସେଦିନ ପ୍ରତିଦିନ୍ ଏଇପରି ଅସ୍ତସୂର୍ଯ୍ୟକୁ ଚାହିଁରହେ-କିନ୍ତୁ କହି ପାରେନା ସେ କିଛି—ତଣ୍ଟି ପାଖରେ ଅଟକି ଯାଏ ଯେମିତି କିଛି ତାର ! ପ୍ରାଣର ଅନୁଭୂତିକି ପ୍ରାଣହିଁ ସ୍ପର୍ଶ କରେ—କଥାର ଚାତୁର୍ଯ୍ୟ ସେଠି କି ଦରକାର ? କଥାର ତୀର ମାରି ଲୀଳାବତୀ ବିଦ୍ଧ କରେ ତାକୁ—କି ପ୍ରଚଣ୍ଡ ଅଭିମାନ । ସାମାନ୍ୟ ମନେ ପକାଇବାର ଅଧିକାର କଣ ସୁମନ୍ତ ତାକୁ ଦେଇନି ? ନିଷ୍ପନ୍ଦ ହୋଇ ଉଠେ ସୁମନ୍ତ । ପ୍ରତିଟି ମୁହୂର୍ତ୍ତରେ ଯାହାର ଅନୁଭବ ତଳ, ତଳ ତାକୁ ଦଗ୍ଧ କରିଛି । ଦୈନନ୍ଦିନ ଜୀବନର ପ୍ରତ୍ୟେକ କର୍ମ ଭିତରେ ଲୁଚିଛପି ଲୀଳାବତୀ ଲୀଳା ରଚିଛି ତା ମନରେ—ସେତକ କଣ ଲୀଳାବତୀ ଅନୁଭବ କରି ପାରୁନି କହିବ ବା କେମିତି ସେ ?

ଝରକା ପାଖରୁ ଲେଉଟି ଆସିଲା ସେ । ମୁଣ୍ଡ ଭିତରଟା ଝାଇଁ ଝାଇଁ ଲାଗୁଛି । କାହାକୁ କିଛି ପ୍ରାପ୍ୟ ଦେଇ ପାରିନି । ସମସ୍ତେ ତା ନାଁରେ ଶତ, ଶତ ଅଭିଯୋଗ ବାଡ଼ି ରଖିଛନ୍ତି—ତା କୁ ଦଳି ଯାଉଛନ୍ତି । ଆଉଟିକେ ଗଲେ ନନ୍ଦିତା ଫେରିବ ମ୍ୟାଟିନ୍ ଶୋ ସିନେମାରୁ । ଟଲାନାଇଁ ବୋଲି ସାଥିରେ ସେ ସୁମନ୍ତକୁ କଥା କହିବନି । ପିଲାଏ କରିବେ

Digitized by PPRACHIN, SOA

କଲରୋଳ । ନନ୍ଦିତାକୁ କଣ କହିବ ସେ ? ତାରବି ଅଛି ଶତ, ଶତ ଅଭିଯୋଗ । ସୁମନ୍ତର ଉଦାସୀନତା, ନୀରବତାରେ ଜର୍ଜରିତ ହୋଇ ନନ୍ଦିତା ତାକୁ ବାକ୍ୟ ବାଣରେ କରିବ ଶର ବିଦ୍ଧ । କିନ୍ତୁ ସେ କଣ କରିବ ? ନନ୍ଦିତାର ବି ସ୍ନେହ ଟିକିଏ ଦରକାର, ମମତା ଟିକିଏ ସ୍ୱାମୀଠାରୁ ଦରକାର । ଜୀବନକୁ ସହଜ ସରଳ କରିବା ପାଇଁ ସୁମନ୍ତର ଡାହାଣ ହାତଟା ଦରକାର । କିନ୍ତୁ ସେ କଣ ହାତ ଦେଇଛି ତାକୁ ? ବିକ୍ଷତ ଗ୍ଲାନିରେ ମନ ଭିତରଟା ହାହାକାର କରି ଉଠୁଛି । କିନ୍ତୁ ନନ୍ଦିତାର ବୁଝିବା ଦରକାର—ସ୍ନେହ ମମତା ହୃଦୟ ପାଇବାକୁ ହେଲେ ସେତିକିଟା ଦେବାକୁ ପଡେ । ପୃଥିବୀଟା ଖାଲି ଅଦଳ ବଦଳ । ଖାଲି ଦାବୀରେ ରକ୍ତ ମିଳେ—ଅଶ୍ରୁ ମିଳେନା । ନନ୍ଦିତା ଦାବୀକରି ରକ୍ତ ନେଇ ଯାଇଛି ତାଠାରୁ । ଯେତେଦିନ ଜୀଇଁଥିବ ସେତେଦିନ ରକ୍ତ ନେଇଯିବ ସେ । କିନ୍ତୁ ଅଶ୍ରୁ ? ସେ ଯେମିତି ଅନ୍ୟ ଜଣକର—ଯେ ତାକୁ ନିଭୃତରେ ରକ୍ତ ଆଉ ଅଶ୍ରୁ ବିନା ଦାବୀରେ, ବିନା ପ୍ରତିଦାନରେ ଅଜାଡ଼ି ଦେଇ ଯାଇଛି । କିନ୍ତୁ - କିନ୍ତୁ ? ସୁମନ୍ତର ତଣ୍ଟି ଅଠା ହୋଇ ଅସୁଛି । ଏଇ ଲୁହ ଟୋପାଏ ନେଇ ନୀଳାବନ୍ତୀ କଣ ରକ୍ତର ଦାବୀକୁ ଭୁଲି ପାରିବ ?

କପାଳଟା ଝାଳେଇ ଉଠୁଛି ତାର । ଅସହ୍ୟ ଗରମରେ ମୁଣ୍ଡ ଭିତରଟା ଟାଇଁ ଟାଇଁ ମାରୁଛି । କେତେଥର ଡାକ୍ତର ମନା କରିଛନ୍ତି ମନକୁ ଭାରାକ୍ରାନ୍ତ ନକରିବା ପାଇଁ ତାକୁ ? ତାଙ୍କ ମତରେ ବ୍ଲଡ ପ୍ରେସର ବଢ଼ିବ । କିନ୍ତୁ ଡାକ୍ତର । ଦେହ ଛଡା ମନ ସହିତ ସେମାନଙ୍କର କଣ ସତେ ସମ୍ପର୍କ ନାହିଁ ! ନାଃ ! ଅଙ୍ଗ ଧାରିବନି । ଚିତ୍ ହୋଇ ଖଟ ଉପରେ ଶୋଇ ପଡ଼ିଲା ସେ । ମୁଣ୍ଡ ଉପରେ ଫ୍ୟାନଟା ସାଇଁ, ସାଇଁ ଘୂରୁଛି । ତାକୁ ଲାଗିଲା ସେ ଯେମିତି ଚକାଚକା ଭଉଁରୀ ଖାଉଛି । କଣ ହୋଇ ଯାଉଛି ତାର ସମସ୍ତ ଶରୀର । ଦୂର ଦୂର୍ ପବନ ଦେହରେ ଯେମିତି ସିନେମାର ଛବି ପରି ଗୋଟିକ ପରେ ଗୋଟିଏ ମୁହଁ ଦେଖାଇ ଲୁଚି ଯାଉଛନ୍ତି । କିଏ ହସୁଛି, କିଏ କାନ୍ଦୁଛି, କିଏ ହାତପତାଇ ମାଗୁଛି । କିଏ ଢ଼ାଳି ଦେଇ ଯାଉଛି । ଅଉ ନିଜେ ସେ ? ସେ କିଛିନୁହେଁ. ସେ ଯେମିତି ବଡ଼ା ଗୋଟାଏ ପଥର-ଖଣ୍ଡ ଓଜନ—ପୃଥିବୀ ତାର ଓଜନକୁ ସମ୍ଭାଳି ପାରୁନି । ସେ ଯେମିତି ପୃଥିବୀ ଫଟାଇ ତଳକୁ ଖସି ଯାଉଛି । ତଳେ ଗଭୀର ଗର୍ତ୍ତ । ଭୟାନକ ହିଂସ୍ର ଜନ୍ତୁ କ୍ଷୁଧାର୍ତ୍ତ ଆଖିରେ ତାକୁ ଚାହିଁ ରହିଛନ୍ତି ଯୁଗଯୁଗ । ଓଃ ! ସେ ପଡ଼ି ଯାଉଛି—ପଡ଼ି ଯାଉଛି—ଧରି ରଖି ପାରୁନି ନିଜକୁ । ହାତ ଗୋଡ ଲମ୍ବାଇ ଚିତ୍କାର୍ କରି ଆର୍ତ୍ତ ନାଦରେ ତଳେ ଖଟ ଉପରୁ ପଡ଼ିଗଲା ସୁମନ୍ତ । ତଳ ମହଲା ସିଡ଼ିରେ ନନ୍ଦିତାର ଚଟି ଶବ୍ଦ ଶୁଭୁଛି—ପିଲାଙ୍କର ପରି ବାହୁଡା କଲ୍ଲୋଳ ଶୁଭୁଛି । ଧୀରେ ଧୀରେ ସୁମନ୍ତ ସଜ୍ଞାହରାଇ ବସିଲା ।

Digitized by PPRACHIN, SOA

ଦୀର୍ଘ ଛ'ମାସ ଧରି ବିଛଣାରେ ଶୋଇ ରହିଲା ସୁମନ୍ତ । ଗତି, ଗତି ଜୀବନକୁ ମନଷ୍ଟାପନ୍ନ କରି—ସବୁରି ମନରେ ଅଜସ୍ର ଶଂକା ଭରି ଦେଇ ନିଶ୍ଚିନ୍ତରେ ବିଛଣାରେ ଶୋଇ ଜୁଳୁ, ଜୁଳୁ କରି ସେ ଚାହିଁ ରହିଲା ଖାଲି । ଅଫିସ ବନ୍ଦ—ସାଧାରଣ ଧାରାବାହିକ ଜୀବନରେ ଆସିଲା ଗୋଟାଏ ନୀରବତା । କେବଳ ଶୋଇ ରହିଲା ସୁମନ୍ତ—ସକଳର ମହାନୁଭୂତି କରୁଣା ସେବା ପାଇବା ପାଇଁ । ଡାକ୍ତରଙ୍କ କଡ଼ା ଆଦେଶ—ବନ୍ଧୁ ବାନ୍ଧବଙ୍କ ଉପଦେଶ ଆଉ ନନ୍ଦିତାର ସେବାରେ ଆରୋଗ୍ୟ ଲାଭର ଆଶା ତାକୁ ଦେଇ ପାରିଲାନି ପ୍ରାଣ—ଦେଇ ପାରିଲାନି ଜୀର୍ଣ୍ଣ ଜୀବନର ପୃଷ୍ଠାକୁ ସଜାଡ଼ି ନେବାର ମୋହ । ସେ ଯେପରି ଚଳନ୍ତ୍ ଶକ୍ତିହୀନ ଗୋଟାଏ ଜଡ ପିତୁଳା । ତାର ଚତୁର୍ଦ୍ଦିଗରେ ଉତ୍ତପ୍ତ ବାୟୁ ମଣ୍ଡଳ—ଉତ୍ତପ୍ତ ପୃଥିବୀ—ତାକୁ ଦହନ କରି ଦିବାକୁ ଯାଉଛନ୍ତି—ଅଥଚ ଏଇମାନେ ତାକୁ ଛାଡ଼ି ଦେଉ ନାହାନ୍ତି ।

ଦୀର୍ଘ ଖରାଦିନର କ୍ଳାନ୍ତ ଦ୍ୱିପ୍ରହର । ସାଇଁ ସାଇଁ ପବନ ଗର୍ଜୁଛି ବାହାରେ । ନିସ୍ତବ୍ଧ ପୃଥିବୀ ଯେମିତି କ୍ଳାନ୍ତିରେ ଟିକିଏ ଘୁମାଇ ପଡ଼ିଛି । ଅନେକ ଦିନ ହେଲା ସେ ବାହାର ପୃଥିବୀ ଦେଖିନାହିଁ । ବିଛଣାରୁ ଉଠି ଯାଇ ପାରିନି ସେ । ନନ୍ଦିତା ଜଗି ରହିଛି ତାକୁ-ଏକ ନିଷ୍ଠାପର ପ୍ରହରୀ ପରି । ସତେ କଣ ସୁମନ୍ତର ପ୍ରାଣଟା ନନ୍ଦିତା ପାଖରେ ଏତେ ମୂଲ୍ୟବାନ । ନାଃ ! ନାରୀର ସ୍ନେହ ଏକ ଛଳନା—ଏତେ ପ୍ରାଣର ଅନୁଭୂତି କେବେ ସେ ନନ୍ଦିତାଠାରୁ ପାଇନି । ସେ ଉଠି ବସିଲା—ଧୀରେ, ଧୀରେ ବାରଣ୍ଡାରେ ଆସି ଛିଡାହେଲା । କେହି କୁଆଡେ ନାହିଁ । ପାଦ ଟିପି, ଟିପି ବହୁତ କଷ୍ଟରେ ତଳ ମହଲାକୁ ଆସିଲା ସେ । କେହି ନାହିଁ—ନନ୍ଦିତା ଆଉ ପିଲାଏ କେ କୁଆଡେ ଯାଇଛନ୍ତି ବୋଧେ । ଅଫିସ ଘରର ନୀଳ ପରଦା ହଲୁଛି ପବନରେ । ଏଇ ଘରଟି ସହିତ ତାର କର୍ମମୟ ଜୀବନର ଇତିହାସ ଭରି ରହିଛି । ଏକ ଅଦମ୍ୟ ଲୋଭରେ ସେ ପଶିଗଲା ଘର ଭିତରକୁ ।

ଟେବୁଲ୍ ଉପରେ ଗଦାଗଦା ଚିଠି ତା ନାମରେ ସଜଡ଼ା ହୋଇ ଥୁଆ ହୋଇଛି । ସତେ ଯେପରି ଏଇକ୍ଷଣି କିଏ ସଜାଡ଼ି ରଖି ଯାଇଛି । ଆବେଗରେ ଚେୟାର ଟାଣି ବସିଲା ସୁମନ୍ତ । ଚିଠିର ଗଦା ଉପରେ ଥରେ ହାତ ବୁଲାଇ ଆଣିଲା ସେ । ଆହାଃ ! ଏହା ଭିତରେ କେତେ ପ୍ରାଣ, କେତେ ମୋହ, କେତେ ଉତ୍କଣ୍ଠା, କେତେ ଦାୟିତ୍ୱ ଭରି ରହିଛି—ଅପେକ୍ଷା କରି ରହିଛନ୍ତି ଥରେ ମାତ୍ର ଦର୍ଶନ ପାଇଁ । କମ୍ପିତ କରରେ ଉପର ଚିଠିଟା ଉଠାଇ ଆଣିଲା ସେ । କିଏ ? ପରିଚିତ ହାତର ଅକ୍ଷର । ଲୀଳାବତୀ ଲେଖିଛି—

Digitized by PPRACHIN, SOA

"ସୁମନ୍ତ ! ସଙ୍ଗୀତରେ ସୁର ଯୋଜନା ଆଉ ହୋଇ ପାରୁନ ମୋର । କଣ୍ଠ-ମୋର ରାଗିଣୀ ମ୍ଳାନ—ତାନ୍‌ପୁରା ମୋର ଆଜି ବେସୁରା । ଏ କଣ କଲ ତମେ ? ଏ ଛଳନା ତମେ କଲ କାହିଁକି ସୁମନ୍ତ ? ତମେ ଯେ ମୋର ସଙ୍ଗୀତର ସୁର, କଣ୍ଠର ରାଗିଣୀ, ଛିନ୍ନ ଜୀବନର ଡୋର । ନିଷ୍ପନ୍ଦ ହେଲ କାହିଁକି ? କାହିଁକି କଲ ଗଢ ତୁମର ପଥର ସୁମନ୍ତ ? ଅମର ହେବା ପାଇଁ ତୁମେ ସ୍ପୃହା ବଳାଇଲ କାହିଁକି ନକେ ! ଉଠ ଆଖି ଖୋଲ—ଦେଖ ମୋର କଣ୍ଠର ସୁରେ, ସୁରେ ତୁମେ ଅମର—ତୁମେ ଜୀବନ୍ତ—ତୁମେ ଛନ୍ଦିତ ସୁମନ୍ତ । ଉଠ—ମୋର ସ୍ୱର ଯେ ତୁମ ହୃଦୟର ତନ୍ତ୍ରୀରେ ପଥହରା—ମୁଁ ଆଜି ବାକ୍‌ଶକ୍ତି ହୀନ । ତମେ ଉଠ ସୁମନ୍ତ !..."

ପଢ଼ି ପାରିଲାନି ସୁମନ୍ତ ଆଉ । ମୃତରାଗିଣୀ ଯେପରି ତାର ଗଳା ଛୁଟାଇ ବାହାରି ଆସିବାକୁ ବ୍ୟଗ୍ର । ଆଉ ଖଣ୍ଡେ ଚିଠି ଖୋଲିଲି ସେ କମ୍ପିତ ହସ୍ତରେ । ଗାଳ୍ପିକ ଅରବିନ୍ଦର ଚିଠି । ସେ ଲେଖିଛି—

"ସୁମନ୍ତ ! ଝରିଲି ପତ୍ର ପରି ଝରି ପଡ଼ିବୁ କରେ ତୁ ? କାହା ଉପରେ ଅଭିମାନ କରି ଶୋଇଛୁ ? ଅନୁରୋଧ କରିଥିଲୁ ତୁ ଗଳ୍ପଟାଏ ଲେଖିବି ତତେ ନେଇ—ଯେଉଁଥିରେ ତୁ ହୋଇଥାନ୍ତୁ ଗୋଟାଏ ପାଗଳ ଝରାପତ୍ର । କିନ୍ତୁ ତୁ ଝରିବାର ନୋହୁ ସୁମନ୍ତ । ମୁଁ ଲେଖକ, ମୁଁ ସ୍ରଷ୍ଟା, ମୁଁ ତୋ ଦେହରେ ରଙ୍ଗ ଦେଇ ତତେ ନୂତନ କରିବି—ତତେ ପୁନର୍ଜୀବନ ଦେବି— ତୋ ଆଖିରେ ପୁନଶ୍ଚ ସୁନେଲି ସ୍ୱପ୍ନ ଭରିଦେବି । କିନ୍ତୁ ସୃଷ୍ଟିର ଶ୍ରେଷ୍ଠ ପତ୍ରଟିକୁ ଝରେଇ ଦେବ ଏକ କରୁଣ ବାତ୍ୟାରେ କପରି ସୁମନ୍ତ ? ତୁ ଉଠ ସୁମନ୍ତ ଦେଖ ମୁଁ ତତେ ନୂଆକରି ଗଢ଼ିବି କପରି ନୂତନ ପ୍ରାଣ ଦେଇ ।"

ଅଙ୍ଗେ, ଅଙ୍ଗେ ସୁମନ୍ତର ନୂତନ ଶିହରଣ, ନୂତନ ପ୍ରାଣର ସ୍ପର୍ଶ । ଚିଠିଟା ବନ୍ଦ କଲି ସେ ।

ଚିଠି ଉପରେ ଚିଠି ପଡ଼ିଛି । ଛ, ମାସର ଗଦାଏ ଚିଠି । ବିଭିନ୍ନ ସମ୍ବାଦ ପତ୍ରର, ପତ୍ରିକାର ସମ୍ପାଦକ ମାନେ ଲେଖୁଛନ୍ତି ବ୍ୟସ୍ତହୋଇ—"ଆପଣ କଲମ ବନ୍ଦକଲେ କାହିଁକି ସୁମନ୍ତ ବାବୁ ? ପତ୍ରିକା ଆଉ କଟୁନାହିଁ । ପାଠକମାନେ ଅନୁରୋଧ କରି ଲେଖୁଛନ୍ତି ଆପଣଙ୍କ ଲେଖାପାଇଁ । ଆପଣ ଆଉ ଥରେ କଲମ ଧରନ୍ତୁ—ଆପଣ ଯେ

Digitized by PPRACHIN, SOA

ପତ୍ରିକାର ପ୍ରାଣ । ପ୍ରାଣ ନଥିଲେ ଶରୀରର ଜ୍ୟୋତି ଆସିବ କେଉଁଠୁ ?

×   × । ବନ୍ଦକଲା ପତ୍ରିଗୁଡ଼ାକ । ହାତ ପାଖରୁ ପୁରୁଣା କଲମଟା ଗୋଟାଇ ଆଣିଲା ସେ । କଲମ ଯେପରି କହୁଛି—ମତେ ଧର ସୁମନ୍ତ—ମୁଁ ଆଉ ନୀରବ ରହି ପାରୁନି' ।

ଅଫିସର ଷ୍ଟାମ୍ପମରା ଚିଠିଟାଏ । ଖୋଲିଲା ସେ । ଉପରସ୍ଥ କର୍ମଚାରୀ ଲେଖିଛନ୍ତି "ସୁମନ୍ତ ବାବୁ—ଶୀଘ୍ର ଅଫିସ୍ ଆସନ୍ତୁ ଏପରି ସମୟ ବେଳରେ ଆପଣ ନ ହେଲେ ସବୁ କାମ ଅଚଳ ଯେ ! ସବୁ ସେମିତି ପଡ଼ି ରହିଛି । ସମସ୍ତ କାମ ଗୁଡ଼ିଏ ରହିଛି ଆପଣଙ୍କର ନିର୍ଦ୍ଦେଶ ।"

ଆହୁରି କେତେ ଚିଠି । ସମିତି, ସଭା, ସଂଘ ଅନୁଷ୍ଠାନ ତରଫରୁ ଘନଘନ ତାଗିଦା, ସୁମନ୍ତ ତମେ ଆସ । ତମେ ନହେଲେ ସମସ୍ତ ଅଚଳ । ତମେ ଉଠିଆସ ଶୀଘ୍ର ।

ସୁମନ୍ତ ଅନୁଭବ କଲା ସେ ଘୂରୁଛି ଯେପରି ଏକ ଚକ୍ରରେ । ତାର ଚତୁର୍ଦ୍ଦିଗରେ ଅସଂଖ୍ୟ ପ୍ରାଣ ତାକୁ ଆର୍ତ୍ତନାଦରେ ଡାକୁଛନ୍ତି ଆସ, ଆସ । ସେ ଆଉ ଶୋଇବ କପରି ? ନାଃ । ଅରବିନ୍ଦ ଠିକ୍ କହୁଛି—ସେ ମରି ପାରିବନି—ସେ ପୁଣି ଫୁଟିବ ନୂତନ ରଙ୍ଗରେ ନୂତନ ରୂପରେ ।

ଦ୍ୱାର ପାଖରେ ପରଦା ସେ ପଟରେ ଖସ୍ ଖସ୍ ଶୁଭିଲା ପଦଶବ୍ଦ ହଠାତ୍ ! ନନ୍ଦିତା ବୋଧେ । ସମସ୍ତ ଆତ୍ମଗ୍ଲାନି, ସମସ୍ତ ଆତ୍ମ ପୀଡ଼ା ଭୁଲି ଅଧିର ଆବେଗରେ ସେ ଚେୟାର ଛାଡ଼ି ଉଠି ଆସିଲା । ପରଦା ଆଡେଇ ଚମକି ପଡ଼ିଲା ସୁମନ୍ତ । କିଏ ? ନନ୍ଦିତା ନୁହେଁ ଏ ଯେ ଲୀଳାବତୀ ! ଛଳଛଳ ଆଖିରେ ଲହଡ଼ି ଭାଙ୍ଗୁଛି ଅଶ୍ରୁ !

"ତମେ କାନ୍ଦୁଛ ଲୀଳାବତୀ ?"

"ମୁଁ ନକାନ୍ଦିଲେ ତମେ ହସି ପାରିବନି ସୁମନ୍ତ ! ମୁଁ ହସିଥିଲି ଏତେଦିନ ଧରି—ସେଇଥିପାଇଁ ତମେ କାନ୍ଦିଥିଲ ଏଇ ଦୀର୍ଘକାଳ । କିନ୍ତୁ ହସିବାରେ ପୁଣି ଅଛି ଏତେ ଆତ୍ମ-ପୀଡା ସୁମନ୍ତ ! ଏତେ ବେଦନା, ଏତେ କ୍ଳାନ୍ତି ? ଦେଖ ଅଶ୍ରୁ ମୋର ଆଉ ସବୁଦିନ···।"

କହି ପାରିଲାନି ଲୀଳାବତୀ ଆଉ ।

ସୁମନ୍ତ ଅନେଇଲା । ମଧ୍ୟାହ୍ନର ତେଜ, ଶୀତଳ ହୋଇ ଆସୁଛି । ଉତ୍ତପ୍ତ ଧରଣୀ

Digitized by PPRACHIN, SOA

ଶାନ୍ତ ହୋଇଛି । ପୃଥିବୀର ରନ୍ଧ୍ରେ, ରନ୍ଧ୍ରେ ନୂତନ ରାଗିଣୀ—ନୂତନ ପ୍ରାଣେର ସ୍ପର୍ଶ । ସୁନ୍ଦର ଲାଗୁଛି ସକଳ ଅନୁଭୂତ । ଗ୍ରୁଡ କାମିଜଟା ଓଦା ହୋଇ ଯାଇଛି ତାର—ଲୀଲାବତୀର ଲୁହ ଧାରରେ । ଇସ୍ ! କି ଆରାମ, କି ଶାନ୍ତ ଲାଗୁଛି ଲୁହଭିଜା ଗ୍ରୁଡଟା !

—o—

Digitized by PPRACHIN, SOA

ମରୁଝଡ଼

—ଏକ—

ମୁଁ ଟିଣ ଦରଭଙ୍ଗା ଚେୟାରଟା ଉପରେ ଉହୁଁଙ୍କି ପଡ଼ି ଅନେଇଥିଲି ତାଙ୍କୁ । ଖଟ ଉପରେ ଶୋଇଛନ୍ତି ସେ । ବଡ ପତଳା ବଡ ରୋଗଣା ଶୀର୍ଣ୍ଣ ଦେଖା ଯାଉଛି ତାଙ୍କର ସବୁଦିନର ପତଳା ଶରୀର । ହତେକ ବାଡ଼ି ଖଣ୍ଡିକରେ ଖାଡ଼ି ଖଣ୍ଡେ ଗୁଡ଼ା ହୋଇଛି । ମୁଣ୍ଡ ପାଖରେ ଗୃହଖଣ୍ଡେ ଲମ୍ବର ଝରକାଟିଏ—ବଡ଼ବଡ କାଠର ମୋଟା, ମୋଟା ରଡ ଝଞ୍ଜା ହୋଇଛି ସେଥିରେ । ତା ସେ ପଟକୁ ଅଣଓସାରିଆ ବାରଣ୍ଡା । ନୁଆଣିଆଁ ଗୃଳ ଦିନ ଦ୍ୱିପ୍ରହରରେ ଘର ଭିତରେ ଜମାଟ ଅନ୍ଧାର । ସେ ଶୋଇଛନ୍ତି ଛିଣ୍ଡା କନ୍ଥାଖଣ୍ଡେ କୋଉ ସେଠ ଅମଳର ପଲଙ୍କ ଉପରେ ପକାଇ । ମୁଣ୍ଡ ପାଖ ତକିଆ ତେଲ ଚିକଟା । ଦେହରେ ବ୍ଲାଉଜ ନାହିଁ । ଦେହ ହାତ ସବୁ ରୁଖିଲି ଶୁଖିଲି । ଲୁଗାଟା ମଇଳା—ସାତ ତାଳି ଗଣ୍ଠି ପଡ଼ିଛି । ବେଳେବେଳେ ସେଇ ଲୁଗାରୁ ଦରଭିଜା ଝାଡ଼ାମୁତିଆ ଗନ୍ଧ ଆସୁଛି । ଖଟ ଦେହକୁ ଲଗି ଝରକା ଦେହରେ ଥୁଆ ହୋଇଛି ବଡମାଟିର ପଲମଟାଏ । ତା ଦେହରେ କେତେ ମୁଠା ପାଉଁଶ । ସେ ସେଥିରେ ଛେପ ପକାନ୍ତି—କଫ ପକାନ୍ତି । ସେଥିରେ ଜୀବାଣୁ ଥିବେ । ଘର ଭିତରେ ଖୁରପଟେ କଣ ସବୁ ଆଳମାଳ ଥୁଆ ହୋଇଛି । ସ୍ୱାସ୍ଥ୍ୟ ପକ୍ଷରେ ଆଦୌ ହିତକର ନୁହେଁ । ତଥାପି ସେ ରହିଛନ୍ତି । ସେ କାନ୍ଧ, କାନ୍ଧ ଶୋଇ ପଡ଼ିଛନ୍ତି ଟିକିଏ ।

ସୂର୍ଯ୍ୟ ନଇଁ ଆସିଲାଣି । ଆଉ ଘଡ଼ିଏ ଗଲେ ଅସ୍ତ ଯିବ ବୋଧେ । ତାପରେ ରାତି ଆସିବ । ପୁଣି ତାପରେ ଦିନ । ବାସ୍ ଅକ୍ଷ ଘୂରୁଥିବ ଖାଲି—ଖାଲି ଘୂରୁଥିବ । ଝଲକାଏ ଥଣ୍ଡା ପବନ ଦେଲା । ସେ ଖୁଁ, ଖୁଁ କାଶି ଉଠିଲେ । ଓଃ ! କାଶ ପରେ କାଶ— ଭୟାନକ କାଶ । ମୁଁ ଚିତ୍କାର କରି ଉଠିଲି " ଫୁଲି, ଫୁଲି କୁଆଡେ ଗଲୁ ? "

ଫୁଲି ତାଙ୍କର ବାରବର୍ଷର ଝିଅ । କଅଁଳ ଛନଛନ ଗୋଲପର ରକ୍ତିମ ଆଭା ନେଇ ସେ ଫୁଟି ଆସୁଛି । ହେଇ ରାତି ପାହିଲେ ସୁବାସ ତାର ଛୁଟିବ, ଭ୍ରମର ଆସିବ,

Digitized by PPRACHIN, SOA

କେତେ କଳ ଗୁଂଜନ ଛୁଟିବ, ଆଉ ତଳପଥର ପଥୁକ୍ରା ଅଟକି ଠିଆ ହେବ ଦଣ୍ଡେ । ତାହେଲେ ? ମୁଁ ଦଣ୍ଡେ ଅଟକେଇ । ଜାଣି, ଜାଣି କାହିଁକି ଏ ଦରଙ୍କୁଟ ଜଳକା ଭିତରେ କାଁଟ ଭର୍ତ୍ତି କରିବ କାହିଁକି ? ମୁଁ ତ ଜୀବନର ସ୍ୱପ୍ନର ସୀମା ଶେଷ କରିଛି । ହାତ ବଢାଇ ଦିନ ଦ୍ୱିପହରେ ପାରିଜାତ ତୋଳିଛି ! ଆଃ ! ଶେଷରେ ସିନା ସବୁ ବୃଥା ହେଲା । ସବୁ ଅଂଗୁର ଖଟା ହେଲା । ସୁନାର ଅଙ୍ଗୁର ସବୁ ଏଇକ୍ଷଣି ମିଠା । କାହିଁକି ତେବେ ମୁଁ ଏଇକ୍ଷଣି ତାକୁ ନଷ୍ଟ କରିବାକୁ ଯିବି ।

କିନ୍ତୁ ଉଠି ଯାଇ ପାରିଲିନି । ମୁଁ ଯେ ଡାକ୍ତର । ମୁଁ ଜାଣେ ସେ ରୋଗ କଣ ? ପ୍ରତିଟି ନିଃଶ୍ୱାସରେ ତାର କେତେକୋଟି ଜୀବାଣୁ ବହିର୍ଗତ ହୁଅନ୍ତି । ଆଉ ସେ ଜୀବାଣୁ କେତେ ମାରାତ୍ମକ । କି ପ୍ରାଣ ନାଶକ ! ମଣିଷର ରକ୍ତ ଶୋଷି ସେ କି ବଳିଆର କରେ ତାର ଫୁସ୍ ଫୁସ୍‌କୁ ! ଲାବୋରେଟୋରୀରେ କାଚ ବୋତଲ ଭିତରେ ସେଇ ଫୁସ୍‌ଫୁସ୍‌ର ଦାରୁଣ ଦୁର୍ଗନ୍ଧ ମୁଁ ଦେଖିଛି । କ୍ଲାସ୍ ରୁମର ପାଠ, ପ୍ରବୀଣ ଅଧ୍ୟାପକଙ୍କ ବର୍ଣ୍ଣନା ଗୁଡ଼ୁଣା, ଗ୍ରସ୍ତାପାଟରେ ପବ୍ଲିସିଟ୍ ଡ଼ିପାର୍ଟମେଣ୍ଟର କୋଳାହଳମୟ ପ୍ରଚାର ଆଉ ସିନେମାହଲର ଜୀବନ୍ତ ଚିତ୍ର ସମସ୍ତେ ମୋର ଚତୁର୍ଦ୍ଦିଗରେ ନାଚି ବୁଲୁଛନ୍ତି । ମୋର ହାତକୁ, ମୋର ଗୋଡକୁ ମୋର ନିଃଶ୍ୱାସ ପ୍ରଶ୍ୱାସକୁ ସମସ୍ତେ ବାନ୍ଧି ସାରିଲେଣି ଲୁହା ଦଉଡ଼ିରେ । ଆଉ ମୋ ପାଖରେ ଯେପରି ଆକାଶବାଣୀ ପରି କହି ଚାଲିଛନ୍ତି ଗମ୍ଭୀର ସୁରରେ—

"ଗୋଟାଏ ମୁହୂର୍ତ୍ତର ଏ ଦୁର୍ବଳତା ତୁମର । ବନ୍ଧୁକ ଆଗରେ ସାହାସିକତା ଦେଖାଇ ତମେ ହାରିଯିବ । ଜୀବନ ଥିଲେ ସବୁ ହୁଏ ଡାକ୍ତର । ତମେ ଦୁର୍ବଳ ହୋଇ ପଡ଼ୁଛ !"

ମୋର ପ୍ରସାରିତ ହସ୍ତ ଘୁଞ୍ଚି ଆସୁଛି ମୋର ପାଖକୁ । ମୋର ନିଃଶ୍ୱାସ ବନ୍ଦ ହୋଇ ଯାଉଛି । ମୋର ଆଖି ତାଜା ରକ୍ତର ଢେଉରେ ବନ୍ଦ ହୋଇ ଆସୁଛି । ସେ ଝଟ ଉପରେ ଢଳି ପଡ଼ୁଛନ୍ତି କାଶି, କାଶି । ସତେ ଅବା ପଡ଼ିଯିବେ । ମୁଁ ଆଉଥରେ ଚିତ୍କାର କରି ଉଠିଲି, "ସୁଲ, ସୁଲ ଦଉଡ଼ିଆ ଶୀଘ୍ର !" ମୁଁ ତିଣ ଚେୟାରଟା ସେମିତି ଯାଉଛି ଧରିଛି—କାଳେ ଅବା ଅଜାଣତରେ ତାଙ୍କ ପାଖକୁ ଉଠିଯିବି ବୋଲି !

ମୁଁ ଆଖି କେତେବେଳେ ଭୟରେ ବନ୍ଦ କରି ଦେଇଛି ମତେ ଜଣାନାହିଁ । ଟିକିଏ ପରେ ଆଖି ଖୋଲିଲି । କାଶ ବନ୍ଦ ହୋଇଛି । ସେ ବେଦମ୍ ହୋଇଯାଇ

Digitized by PPRACHIN, SOA

ସୁଲ କାନ୍ଥ ଉପରେ ମୁଣ୍ଡ ଦେଇ ଟିକିଏ ଢୋପ୍ ନେଉଛନ୍ତି । ସୁଲ ମତେ ପଚ୍ଛକଣ ଛୁଡା ହୋଇଛୁ । ତା କାନ୍ଥ ଉପରେ ଢଳି ପଡ଼ୁଛି ତାଙ୍କର ସରୁ ପତଳା ଶିରାବହୁଳ ମୁହଁଟି । କ୍ଳୁକ୍ଳୁ କ୍ଷୀଣ ଆଖିରେ ନିସ୍ତେଜ ଭାବ । ଶେତା କାଷ୍ଠ ଖଣ୍ଡ ପରି ତାଙ୍କର ଦୂର ଅଜ୍ଞାତର ମସୃଣ ଗଣ୍ଡଦେଶ ।

ମୁଁ ନିମିଷକେ ଚକ୍ଷୁ ଫେରାଇ ନେଲି । ସେ ଆଖିର ଗୃହିଣୀ ବଡ କଷ୍ଟୁଡୁକ୍ ମୋ ପାଖରେ । ସେ ଗୃହିଣୀ ମତେ ଜାଳି ଦେବନି । ସେ ମତେ ଅଗ୍ନିରେ ପୋଡ଼ି ଭସ୍ମ କରି ଦେବନି । ସେ ମତେ ଯେପରି ଅଜଣା ବେଦନା, ଅକଥନୀୟ, ବ୍ୟଥା ଓ ବିରାଟ ହୃଦୟବତ୍ତାରେ ମୋର କ୍ଷୁଦ୍ର ହୃଦୟକୁ ସାତ ସମୁଦ୍ର ଭିତରେ ଭସାଇ ଦିଗହରା କରିଦେବ । ମୁଁ ପାରିବନି । ମୋର ମନେ ହେଲା ଧାଇଁ ଯାଇ ତାଙ୍କ କୋଳକରି ପକାନ୍ତି—ତାଙ୍କର କ୍ଷୀଣ ପାଦ ଦିଓଟିକୁ ମୁଣ୍ଡ ଲଗାଇ ପ୍ରଣତ ଜଣାନ୍ତି । ତେବେ ଯାଇଁ ମୋର ଜ୍ୱାଳା କମନ୍ତା କିନ୍ତୁ ପାରିଲିନି । ମୁଁ ବିଜ୍ଞାନ ଯୁଗର ମଣିଷ । ପରମାଣୁ ଶକ୍ତିର ବିନିଯୋଗରେ ପୃଥିବୀର ରୋଗ ଯନ୍ତ୍ରଣା ଦୂରୀକରଣ କରିବା ମୋର ଲକ୍ଷ୍ୟ । ରୋଗ ଜୀବାଣୁକୁ ମୁଠା ମୁଠା ଧରି ରୋଗ ସହିତ କନ୍ଧୁତ୍ୱ କରିବା ମୋର ବ୍ୟବସାୟ ନିରୁଦ୍ଧ ।

ମୁଁ ଛୁଡା ହୋଇ ଫୁଣି ବସି ପଡ଼ିଲି । ସୁଲ ତାଙ୍କୁ ଶୁଆଇ ଦେଲି ଚଟ୍ କରି ତକିଆ ଉପରେ । ସେ କ୍ଳାନ୍ତ ହୋଇ ପଡ଼ୁଛନ୍ତି । ତଣ୍ଟି ଶୁଖି ଯାଉଥିବ ନିଶ୍ଚୟ । ମୁଁ କହିଲି, "ସୁଲ, ଗରମ ଦୁଧ ଟିକିଏ ଆଣ । ତଣ୍ଟି ଶୁଖି ଯାଉଥିବ ମା'ଙ୍କର ।"

ସୁଲ ଯୋରେଇରୁ ସିଝାପାଣି ଗିଲାସେ ନେଇ ଆସିଲି ।

"ଦୁଧବାଲା ଦୁଧ ଦେଉନି ଡାକ୍ତର ବାବୁ । ତାର ଗୁରି ମାସର ପଇସା ଦିଆ ହୋଇନି ।" ସୁଲର ତଣ୍ଟିରେ କୋହ । ମୋର ମନେ ହେଲା ସତେ ସତେ ଯେପରି ତା ଫୁସ୍ ଫୁସ୍କୁ ମଧ ଜୀବାଣୁ ଚରି ଗଲେଣି । ମୁଁ ତା ଆଡ଼କୁ ନ ଅନାଇ କହିଲି " ହଁ ସିଝାପାଣି ମନ୍ଦ ନୁହେଁ । କିନ୍ତୁ ଦେଖ ପାଣି ଗୁଣି ଦେଉଥିବ ଯେମିତି ଟିକିଏ । ଆଉ ଯୁରେଇରେ ସବୁବେଳେ ଢାଙ୍କୁଣୀ ଦେଉଥିବ ।" ତାର ପ୍ରଶ୍ନକୁ ମୁଁ ଏଡ଼ିଗଲି । ନିଜକୁ ନିଜେ ଆଉଡେଇ ହେଲି । ସିଝାପାଣି ମନ୍ଦନୁହେଁ । ମୁଁ ଡାକ୍ତର—ମୁଁ ବିଜ୍ଞାନ ସମ୍ମତ କଥା ନିଶ୍ଚୟ କହୁଛି । ମୁଁ ମିଛ କହି ନପାରେ । ପାଣିରେତ ଜୀବାଣୁ ଥାନ୍ତି । ପାଣିତ ପିଅନ୍ତି ତଣ୍ଟି ଶୁଖିଗଲେ । ସିଝାପାଣି ଜୀବାଣୁ ନାଶକ । ଆଉ ଯଦି ତା ଦେହରେ ବ୍ଲିଟିଂ

Digitized by PPRACHIN, SOA

ଯାଉଡ଼ର ଉଇକ୍ଲ ପଡେ—ତାହେଲେତ ଏକଦମ୍ ସ୍ୱାସ୍ଥ୍ୟ ବଢ଼ିଯିବା କଥା । ସତରେ ବିଶୁଦ୍ଧ ପାଣି ରୋଗୀ ପାଇଁ ଆବଶ୍ୟକ ।

ଅଧଗ୍ଲାସ ପାଣି ଝରକା ସେପଟେ ନର୍ଦ୍ଦମା ଦେହରେ ଢ଼ାଳୁଛି । ହେଇଟି ମତେ ତାର ହାତ ଗୁଡ଼ାଏ ଝରକା ଦେଇ ଦେଖା ଯାଉଛି । ନର୍ଦ୍ଦମା ପାଣିରେ ସିଝା ପାଣିର ମିଶ୍ରଣ ଶବ୍ଦ ଆସୁଛି ଗୀତମତ ଏକ ସଙ୍ଗୀତର ରୁଣୁଝୁଣୁ ଆବାଜ ନେଇ ।

ମୋର ଚକ୍ଷୁରେ ବାଧା ପଡ଼ିଲା । ଯେମିତ ଏ ଶବ୍ଦ ସହିତ ମୁଁ ଅତି ପରିଚିତ ଅତି ମାତ୍ରାରେ ସମ୍ପୃକ୍ତ । ମନେ ପଡ଼ୁଛି ପ୍ରାୟ ଅଧେଦିନ ସକାଳେ ମୁଁ ଶୁଣେ ଏଇ ଶବ୍ଦ । ହଁ ଠିକ୍ ମନେ ପଡ଼ୁଛି ଗିଲାସ ଗିଲାସ କରି ପ୍ରାୟ ଚୁରଗ୍ଲାସ ଦୁଧ ସେ ଏମିତି ଫୋପାଡ଼ି ଦିଅନ୍ତି । ଆସ୍ତେ, ଆସ୍ତେ ଟୋପା; ଟୋପା କରି ଢାଳିବାକୁ କାଳେ ତାଙ୍କୁ ଝୁଣ୍ଟିଲାଗେ ସେ ମୋର ସ୍ତ୍ରୀ ସ୍ନିଗ୍ଧା—ତାଙ୍କର ସ୍ନିଗ୍ଧ କୋମଳ ବାହୁଲତାକୁ ନଚାଇ, ନଚାଇ ସେ କହନ୍ତି-"ଇସ୍ ! କି ଭୁଲ ମନ ମୋର କେଜାଣି । କେଉଁଦିନ କିଛି କଥାମନେ ପଡ଼ୁନି । ତମକୁ ମନେ ପକାଇ ଦେଇ ପାରୁନି, କି ପିଲା ମାନଙ୍କୁବି । ମୋ କଥା ଶୁଣ । ମେ ଇଡ଼ିଅଟ୍ ପୂଜାରୀ ଟିକିଏ ମନେ କଲେ ହୁଅନ୍ତାନି ?" କହନ୍ତି ଆଉ ଅନାଇ ହସନ୍ତି ମତେ ।

ଅବଶ୍ୟ ସେ ହସରେ ନାହିଁ କି ଆଉ ମାତେ ବିଚଳିତ କରିବାର ଶକ୍ତି ନାହିଁ । ତଥାପି ସେ ଅଭୟ ଚାହାନ୍ତି ମୋ ଠାରୁ । ମୁଁ ତ ଅଭୟ ଦେଇ, ଦେଇ ମୂକ ନିର୍ବାକ୍ ହୋଇଛି । ଆଉ ସେଇତ ମୁଁ ପ୍ରତି ଆଠ ଦିନରେ ତାଙ୍କୁ ପରୀକ୍ଷା କରି ପ୍ରେସକ୍ରାଇବ୍ କରୁଛି ଦିନକୁ ଅଧସେର ଦୁଧ, ଦୁଇଟା ଅଣ୍ଡା, ମାଛ ମାଂସ ଓ କିଛି ଫଳ ଖାଇବା ପାଇଁ । ମୁଁତ କହୁଛି ତାଙ୍କ ମନ ଓ ଶରୀରକୁ ଫୁର୍ତ୍ତି ରଖିବା ପାଇଁ । ଦୁଧ ତଳେ ଢାଳି ଦେଇ ଯଦି ସେ ଶାନ୍ତି ପାଇଲେ, ଯଦି ମନରେ ଫୁର୍ତ୍ତି ପାଇଲେ ତାହେଲେ ମୁଁ ଆପତ୍ତି କରିବି କାହିଁକି ? ତଥାପି ଚେହେରା ତାଙ୍କର ବଦଳୁ ନାହିଁ—ସେ କ୍ଷୀଣ ହୋଇ ଯାଉଛନ୍ତି । ତା ସତ୍ତ୍ୱେ ମଧ୍ୟ ସେ ଗ୍ଲାସ୍ ଗ୍ଲାସ୍ ଦୁଧ ବାଲ୍ କୋନରେ ଛୁଡ଼ା ହୋଇ ଆଖିରେ ପଚିଁଶଶ ବର୍ଷ ବୟସରେ ତରଙ୍ଗ ନଚାଇ ଢ଼ାଳି ଦେଇ ଯାଉଛନ୍ତି । ଏ ସବୁ ଘଟଣା ଜାଣି ମଧ୍ୟ ମୁଁ ଦୁଧ କିଣା ବନ୍ଦ କରିନି । ପରୁ ଅଣ୍ଡା ସପ୍ତାହରେ ଚରୁ ଗୁରଥର ଫୋପଡ଼ା ହେଲେବି ରୋଜ ଅଣ୍ଡା ମୁଁ କଲେଜରୁ ଗଲାବେଳେ କିଣି ନେଇ ଯାଉଛି । ଆଉ ? କାଲି ଆଲମାରୀରୁ ପଚୁ କମଳା, ବେଦନା ଓ ଅଙ୍ଗୁର ମୁଁ ଫୋପାଡ଼ି କ୍ଳାନ୍ତ ହୋଇଥିଲେବି ସନ୍ଧ୍ୟାବେଳେ

Digitized by PPRACHIN, SOA

ଦୋକାନୀ ନୟମିତ ମୋ ଘରେ ଫଳ ପଠାଉଛନ୍ତି । ତଥାପି ମୁଁ ଖାଇନି । ତାଙ୍କର ଦୁଧ ଢାଳିବା ଓ ସୁଲର ପାଣିଗ୍ଲାସ୍ ଢାଳିବା ଭିତରେ ଏକ ଅଦ୍ଭୁତ କାରୁଣ୍ୟ ଯାହା ମତେ ଖାଇବ କରି ବସିଛି । ତଥାପି ମୁଁ ଚମକୁନି ।

ସେ ଉଠି ବସିଲେଣି ଖଟ ଉପରେ । କେତେବେଳେ ସୁଲ୍ ତାଙ୍କ ଆଗରେ ଅଧାର ଶୁଖିଲ ରୁଟି ଦି' ଖଣ୍ଡ ଥୋଇଛି । ତା ପାଖକୁ ଗଲାପରେ ପିଇଥାପାଣି ବୋଧେ । ସେ ପାଟି କରୁଛନ୍ତି "ମା ସୁଲ୍ ! ଚିନି ବଟକେ ଦେ । ଖାଲି ରୁଟିଟା ଗଳୁନି "। ଏଇ ଟିକକ ଆଗରୁ ଦି, ତାଟିଆ ତାଜା ରକ୍ତ ଢାଳି ଦେଇଛନ୍ତି ସେ । ମୁହଁ ଦିଶୁଛି ଫାକସା । ତଥାପି ସେ ଖାଇବେ ଓ ବଞ୍ଚିବେ । ନୂଆ ରକ୍ତ ସୃଷ୍ଟି କରିବ ଦେହରେ । ରୁଟି ତଣ୍ଟିରେ ଗଳୁନି । ତାକୁ ଯେ କୌଣସି ଉପାୟରେ ଗଳେଇବାକୁ ହେବ । ସେଥିପାଇଁ ଚିନି ଦରକାର ।

ମୁଁ ଅନେଇଛି । ବଡ, ବଡ ଦାନ୍ତ ବାହାର କରି ସେ ଶୁଖିଲ ରୁଟି ତଣ୍ଟିରେ ପୂରେଇଲେ ତଥାପି ଯାଉନି । ଖୁଁ, ଖୁଁ କାଶ ଉଠିଲା—ମୁଁ ଡରିଗଲି । ଅଗତ୍ୟା ମୋ ପାଟିରୁ ବାହାରିଲା—"ଆହା ! ଶୁଖିଲ ଖାଆନ୍ତୁ ନାହିଁ । କାଶ ଉଠିବ । ଚିନିକି ଟିକେ ପାଣିରେ ଭିଜେଇ ଦିଅନ୍ତୁ । ରୁଟିକୁ ତା ଦେହରେ ବତୁରେଇ ଦେଇ ଖାଆନ୍ତୁ । ନରମ ଲାଗିବ ଭଲବି ଲାଗିବ ।"

ଏତକ କହି ମୁଁ ଅଟକି ଗଲି । ଏ ତ ମୋର ସ୍ୱର ନୁହଁ । ମୋର କଥା ନୁହଁ । ଯେମିତି ମୋ ଭିତରେ କିଏ ଭୂତ ପୂରିଛି । ମୁଁ ଭୂତ ହୋଇ ବସିଛି । ଜ୍ୱର ହୋଇଥିଲା ବେଳେ ସ୍ନିଗ୍ଧା ପାଉଁରୁଟି ଦୁଧ ଥୁ, ଥୁ, କରି ମୋ ହାତ ଉପରେ ବାନ୍ତି କରିଛି "ଇସ୍ ! ଏଗୁଡା ମଣିଷ ଖାଆନ୍ତି ?"

ମୁଁ ସାନ୍ତ୍ୱନା ଦେଇଥିଲି । ସ୍ୱାମୀ ହିସାବରେ ମୋର ସେ କର୍ତ୍ତବ୍ୟ । ଏଠି ମୁଁ ଡାକ୍ତର । ଉପଦେଶ ଦେବା ମୋର ଏକ ଧର୍ମ ।

ମୁଁ ଗୁହିଁଛି । ଡ଼ବରି ଆଲୁଅରେ ରୁଟି ଦି' ଖଣ୍ଡ ଚିନି ପାଣିରେ ଭିଜାଇ ସେ ପରମ ସନ୍ତୋଷରେ ଖାଉଛନ୍ତି । ମୁହଁରେ ତାଙ୍କର ଆଶାର ଝଲକ । ଆଖିରେ ଅନାଗତ

Digitized by PPRACHIN, SOA

ଦିନ ପାଇଁ ସ୍ୱପ୍ନ । ବାରମ୍ବାର ପ୍ରଶ୍ନ "ଡାକ୍ତରବାବୁ ! ମୁଁ ଭଲ ହେବିତ ?"

ମୁଁ କହୁଛି ସେତକିଥର ସେ ଭଲ ହୋଇଯିବେ । ସେ ଯକ୍ଷ୍ମାକୁହିଁ ଦୁର୍ବଳତା ଯୋଗୁଁ ବକ୍ତ ପଡ଼ୁଛି ।

କିନ୍ତୁ ମୁଁ ଜାଣେ ହେ କଣ ! ତଥାପି ମୁଁ ଡାକ୍ତର । ରୋଗୀ ମରିଗଲା ପର୍ଯ୍ୟନ୍ତ ଭରସା ଦେଉଥିବ । କହୁଥିବ କିଛି ହୋଇନ ।

ମୁଁ ଉଠିଲି । ବାହାରେ ଦ୍ୱିତୀୟା ବଙ୍କିମ ଜହ୍ନର ଇଙ୍ଗିତ୍ ଆଲୋକ । ଘଡ଼ିରେ ସାଢ଼େ ସାତ । ମୋର ସ୍ତ୍ରୀ, ଜଳଖିଆ ଖାଇବାର ବେଳ ଗଡ଼ିଗଲାଣି । ସ୍ନିଗ୍ଧା ବ୍ୟସ୍ତ ହେଉଥିବ । ମୁଁ ଅନୁମାନ କଲେ ସେ ଚଟେ । ମୋର ଶରୀରର ଯତ୍ନ ନେବା କ୍ଷୁଆଡ଼େ ତାର ଧର୍ମ । ମୁଁ ଟିକିଏ ହସିଲି ।

କାର୍ ଉପରେ ଟପ୍ ଟପ୍ ଅଘନ ମେଘର ସଙ୍କେତ । ମଇଳା କନ୍ଥା ସେ ଯୋଡ଼ି ହୋଇ ଶୋଇବାକୁ ଯାଉଥିବେ । ଆଗାମୀ ଦିନର ସ୍ୱପ୍ନ ତାଙ୍କ ଆଖିରେ ଥିବ । ଶ୍ଳେଷ୍ମ ଜ୍ୱରର ମିଂକ ମିଂକ ଜଳୁଥିବ । ସୁଲର ନିଃଶ୍ୱାସରେ ଅସଂଖ୍ୟ ଜୀବାଣୁ ଯାଇଁ ତା ଫୁସ୍ ଫୁସ୍‌ରେ ଜମାଟ ବାନ୍ଧୁଥିବ । ସୁଲ ପଢୁଥିବ ଭଗବତ୍ ଗୀତା । ପାପ ଅଶାନ୍ତିର ମୋକ୍ଷମାର୍ଗ । ମୁଁ ଗାଡ଼ିର ଷ୍ଟିଡ୍ ସ୍ଲୋ କଲି । ଆଗରେ ମୋଡ—ତା ପରେ ମୋର ଘର । ସୁଲୁ ସୁଲୁ ମେଘ ମିଶା ଥଣ୍ଡା ପବନ । କେମିତି ବରଫ ଲାଗୁଛି । ବେଳଶ ଗଲାଣି । ଗୁଡ଼ାଏ ପେସେଣ୍ଟ ଗୃହିଁ ବସିଥିବେ ।

ସିଡ଼ିରେ ପାଦ ନ ଦେଉଣୁ ମୁଁ ଅଟକି ଗଲି । "ତୁମେ ଯକ୍ଷ୍ମା ରୋଗୀ ଘରୁ ଫେରିଲ । ମୁଁ ମନା କରୁଥିବା ସତ୍ତ୍ୱେ (ସେଠାକୁ ଗଲ । ଯାଅ—ବାଥ୍-ରୁମ୍‌ରେ ଗରମପାଣି ଡେଟଲ୍ ପଡ଼ି ଥୁଆ ହୋଇଛି । ଭଲକରି ଗାଧୋଇ ଆସ ।" ଅଧାସିଡ଼ି ଉପରେ ଅଣ୍ଟାରେ ହାତ ଦେଇ ସ୍ନିଗ୍ଧା କହୁଛି । କହୁନାହିଁ ତ ହୁକୁମ୍ ଦେଉଛି । ମୁଁ ଅନେଇ ତାକୁ ହସିଲି—ହସିକରି ତାକୁ ଅଭୟ ଦେବା ମୋର କର୍ତ୍ତବ୍ୟ ଯେ !

ମୁଁ ବାଥରୁମ୍ ଭିତରକୁ ପଶିଗଲି । ସବୁ ସଜଡ଼ା ହୋଇ ଥୁଆ ହୋଇଛି । ଡେଟଲ୍ ! ଆଣ୍ଟିସେପ୍ଟିକ ! ଜୀବାଣୁନାଶକ । ହାତ୍ନା ଦର୍ପଣରେ ମୋର ପ୍ରତିଛବି । ପ୍ରଶାଣ

Digitized by PPRACHIN, SOA

ଡାକ୍ତର ପ୍ରଶାନ୍ତ ଦାସର ପ୍ରତିଛବି । କେତେ ଗୌରବ କେତେ ସମ୍ମାନ ତାର ବାହାରେ ।
ହସିବାକୁ ଚେଷ୍ଟା କରି ମୁଁ ପ୍ରଥମ ଥର ପାଇଁ ହାରିଗଲି । ମୋ ଛବି ଆଗିରେ ଦର୍ପଣ
ଦେହରେ ଲୁହର ଝିଙ୍କ !

—ଦୁଇ—

ଝିପ୍ ଝିପ୍ ବର୍ଷା ହେଉଚି । କାଉଁଳିଆ ପାଗ । ପିଲାଏ ପାଟିକରି ଖେଳୁଛନ୍ତି ତଳ ମହଲାରେ । ସ୍ନିଗ୍ଧା ବିଛଣାରୁ ଉଠିନି । ମୁଁ ଆର୍ମଚେୟାର୍ ଉପରେ ଶୋଇ, ଶୋଇ କାଗଜ ପଢୁଚି । ଗ୍, କପ୍‌ରୁ ଧୂଆଁ ମରି ଗଲାଣି । କେତେବେଳେ ସିଗାରେଟ୍‌ରୁ ଗୁଲା ମୋର ଟ୍ରାଉଜର ଉପରେ ପଡ଼ି ଖଣ୍ଡେ ପୋଡ଼ି ଗଲାଣି । ମୁଁ ଉଠି ପଡ଼ି ବ୍ୟସ୍ତ ହେଲି । ମୋର ମୁଣ୍ଡ ଟିକିଏ ଚହଲି ଉଠିଲା । କାଲି କିଣା ଟ୍ରାଉଜରଟା ଆଜି ପୋଡ଼ି ହୋଇଗଲା । କିନ୍ତୁ ଏକଣ ? ପ୍ରଶାନ୍ତ ଦାସର ଉକ୍ତି । ବିଶିଷ୍ଟ ଡାକ୍ତର ପ୍ରଶାନ୍ତ ଦାସର ଉକ୍ତି ଏ ନୁହେଁ । ଯାଉ ଛିଣ୍ଡିଯାଉ ପୁଣି ହେବ । ଅସୁମାତ୍ର ପଇସା । କଣ ହେବ ? ଆଲଣା ଉପରେ ସ୍ନିଗ୍ଧାର ଦେଢ଼ଶହ ଟଙ୍କାର ଶାଢ଼ୀଟା କାଲି ମୂଷା କାଟି ଦେଇ ଯାଇଚି । ବାଉଜ ଖଣ୍ଡ ଉଦ୍ଧାର ନା କଲେ । ଏମିତି ଅସାବଧାନ ବୋଲି ସ୍ନିଗ୍ଧାକୁ ଗାଳି ଦେଲେ । ମତେ ସେ ପାଖ ଘରୁ ପରିଷ୍କାର ଶୁଭୁଥାଏ । ସ୍ନିଗ୍ଧା ଉତ୍ତର ଦେଲା—

" କାହିଁକି ଅପା ବ୍ୟସ୍ତ ହେଉଛ? ଶାଢୀଟାଏ ଚିରି ତ ଗଲା-ଆଉ କେତେ ବା ଦାମ ? "

ମୁଁ ଏ ଘରେ ହସିଲି । କେତେବା ଦାମ୍ ସତେ ଶାଢୀଟାର ? ଦେଢଶହ ଟଙ୍କା ମାତ୍ର । ମୋର କମ୍ପାଉଣ୍ଡରକୁ ମୁଁ ଦିଏ ସେତିକି ଦରମା । ଗୋଟାଏ କେସ୍‌ରେ ମୋର ସେତିକି ଉଠିଯିବ । ସ୍ନିଗ୍ଧାର ଶାଢୀ କାହିଁକି ଅଭାବ ହେବ ? ବାଉଜଙ୍କର ଦାମିକା ଉପଦେଶ ବୃଥା ହେବ ସିନା !

ଟିକକ ପରେ ବାଉଜ ସେ ବାଟ ଦେଇଗଲେ । କାନ୍ଧରେ ତାଙ୍କର ଦୁଇମାସର ଛୁଆ । ଧୋବ ଫର ଫର ଶଙ୍ଖ ମଲମଲ ଆଣ୍ଠିଲି ପରି ସମସ୍ତ ଶରୀର ତାଙ୍କର । ପତଳା ବମ୍ବେ ପ୍ରିଣ୍ଟିଂ ଖଣ୍ଡେ ପିନ୍ଧିଛନ୍ତି । ବୟସର ମାତା ନେଇ ଶରୀରରେ ଆସିଚି ଟିକିଏ ମାଂସ । ହାତରେ ମୋଟା ମୋଟା ବ୍ରୋଞ୍ଜ କାଚ ଗୋଟିଏ । ପିନ୍ଧି ଆସିଥିଲେ ବାପଘରୁ ଯେତିକି ।

Digitized by PPRACHIN, SOA

ଆଉତ କିଛି ନାହିଁ । ହସିଲା ହସିଲା ବଡ଼ଭେଉରକଣ୍ଠୀ ଅଖି । କଥାରୁ ସତେକି ମମତା ଝରେ । ସେଘରୁ ଫେରିଲାବେଳେ ଏଘର ପାଖରେ ମତେ ଦେଖି ଅଟକି ଗଲେ । ମୋର ମନେ-ହେଲା ସୁନ୍ଦର ତାଙ୍କର ଭ୍ରୂଲତା ଯୋଡ଼ାକ । ସୁନ୍ଦର ତାଙ୍କର ହସକଥା ଓ ମମତା ମଧୁର ଚୁହାଁଣୀ । ସେ ଅଟକିଲେ ମୁହୂର୍ତ୍ତେ । ସରୁ, ସରୁ ଦାନ୍ତ ମେଲେଇ ହସିଲେ ସେ ଟିକିଏ । କହିଲେ " ଯାଉଛୁ ଡାକ୍ତର । ସମୟ ହେଲେ ଯିବ ଆମ ଆଡ଼େ । "

ମୋର ମୁଣ୍ଡକୁ ଯେମିତ ଟିକିଏ କିଏ ହଲାଇ ଦେଲା । ସତେକି ଅଟୋମେଟିକ ମେସିନ୍ ମୁଁ । ସେ ଫୁଣି ହସିଲେ ଚାଲିଗଲେ ଧୀରେ ଧୀରେ । ପିଣ୍ଡରେ ତାଙ୍କର ପାଦ ଶବ୍ଦ ମିଳେଇ ଯାଉଛି । କାହିଁ ଆଗପରି ସେ ଅଟକି ଗଲେନି । ପାଖକୁ ଆସି କହୁଲେ ନାହିଁ "ପ୍ରଦୀପ ! ତମେ କାମ କରି କରି ଦୁର୍ବଳ ହୋଇ ଯାଉଛ ! ତମେ ଏମିତ ନିଜକୁ ଅଯତ୍ନ କଲେ ମୁଁ କଣ କରିବି କହିଲ ? "

ଏମିତ କଥା ସେ ଆଗେ କହୁଥିଲେ ଦୁଇବର୍ଷତଳେ, ମୋର ମୁଣ୍ଡରେ ନାଳ ଗୁଡ଼ାକ ସଜାଡ଼ି, ସଜାଡ଼ି ଏମିତ ମମତା ଭରା କଥା କହୁଥିଲେ ସେ । କିନ୍ତୁ ଆଜିକାଲି ସେ ଅନାନ୍ତି ନାହିଁ । ଦେଖି ନ ଦେଖିଲା ପରି ଚାଲନ୍ତି । ତାର କାରଣ ମୁଁ ଜାଣେ । କାରଣ ସ୍ନିଗ୍ଧା ।

ଗଲା ରାତିରେ ସ୍ନିଗ୍ଧା କହିଥିଲା ମୋର ମନେ ଅଛି । ଫିକା ନୀଳ ଆଲୋକରେ ତା ହାତର ଦାମୀ ଗହଣା ବେକର ମୁକ୍ତାହାର ଆଉ କାନର ହୀରା ଫୁଲ ଝଲସି ଉଠିଥିଲା ରହି, ରହି । ମୁଁ ହସୁଥିଲି ତାଙ୍କୁ ଚାହିଁ—ଏକ ମୃଦୁ ପରିହାସର ଭାଷା କଳ୍ପନାରେ । ସତେ ସେଇ ମୁହୂର୍ତ୍ତିରେ ମତେ ଲାଗିଥିଲା ସ୍ନିଗ୍ଧା ସୁନ୍ଦର । ବେଶ୍ ସୁନ୍ଦର । ଡାକ୍ତର ପ୍ରଦୀପ ଦାସ ମୋ ଭିତରେ ଗର୍ବରେ ଦୁଲୁକି ଉଠିଥିଲା । ମୋର ସମସ୍ତ ଚପଳତା ଏକ ନିମିଷକେ ଭଙ୍ଗ କରିଥିଲା ମୋର ଦେଢ଼ ବର୍ଷର କନ୍ୟା ରତ୍ନ ମଲ୍ଲୀ ଅତି ଉଚ୍ଚାଟ ଭାବରେ କାନ୍ଦି ପକାଇ । ବୋଧେ ସ୍ୱପ୍ନ ଦେଖିଛି । ମୋର ମନେ ପଡ଼ିଲା ଭାଉଜଙ୍କ କୋଳରେ ଥିବା ସେଇ ବଳିଷ୍ଠ ସୁକୁମାର ପୁତ୍ର ସନ୍ତାନଟିର କଥା । ସେ ମଲ୍ଲୀଠାରୁ ଛ'ମାସ ଶ୍ରେଷ୍ଠ । ଆବେଗ ନଚାପି ପଚାରିଥିଲି " ଭାଉଜ କଣ କହୁଥିଲେ କି ସ୍ନିଗ୍ଧା ? "

ନିମିଷକରେ ହେଇ ବଙ୍କିମ ଚନ୍ଦ୍ରପରି ଭ୍ରୂଲତାରେ ଅଜସ୍ର ବିରକ୍ତି ଅଜସ୍ର କାଳିମା ଭରି ଉଠିଲା । ମୁହଁ ଛୁଆଁଡ଼ି ସ୍ନିଗ୍ଧା ଉତ୍ତର ଦେଲା—"ଛେନା ନେମ୍ବୁ ନୁଣ ।

Digitized by PPRACHIN, SOA

ଯେତେବେଳେ ଦେଖ ଟଙ୍କା ଆଉ ଟଂକା । କେତେବେଳେ ଆଉ ନାହିଁ କହିଲ ? ମୁଁ ଆସିଲା ଦିନୁ କେତେବାର ନିଜ ହାତରେ ଶହ ଶହ, ହଜାର ହଜାର କରି ଦେଲିଣି । ଆଜି ତ ଚେଜା ଚେଜା ପାଞ୍ଚ ଦଶ ଅଛି । କିଣ ଏଠି ଟଙ୍କାର କଳ ବସିଛି ନା କିଣ ? ସ୍ନିଗ୍ଧା ଦମ୍ ନେଲା ।

"ହଉ ଟଂକା ଦେଲି କି କାଲି ?" ମୋର ବିନମ୍ର ସ୍ୱର । ଏ ସ୍ୱରରେ ମୁଁ ନିଜେ ଚମକି ପଡ଼ିଲି ।

"ହଁ ସେ କଅଁଳ କଥା ଗୁଡ଼ା ରଖ । ମୁଁ ସେ ସବୁ ଶୁଣି ପାରିବିନି । ଅକ୍ଷୟର ଦରମା ଦେବାକୁ ହେବ । ହଷ୍ଟେଲ ଟଙ୍କା କେଉଁ ମାସରେ ସେ ଦେଇ ପାରୁ ନାହାନ୍ତି । ସଂଜୁକ୍ତାର ଅଳଙ୍କାର ଦି'ଦିନ ପରେ ଆସି ପହଞ୍ଚିବ । ସେଥିପାଇଁ ତିନିହଜାର । ଆହୁରି କେତେ କିଣ । ମୁଁ ଲୋକ ଠୋକ ମନା କରି ଦେଇଛି । ଏତେ ଟଂକା ମୁଁ ଦେଇ ପାରିବିନି । ଗୋଟାଏ ଲୋକତ କାମ କରିବ—ନାଁ ମେସିନ ଏଠି ବସିଛି । ସ୍ନିଗ୍ଧାର ସହାନୁଭୂତି ମୋ ପାଇଁ । ଚମତ୍କାର ସହାନୁଭୂତି । ତାର ଗାଲ ଉପରେ ସଫେଦ ଚମଡ଼ା ଏବେ ବି ନରମ ମସୃଣ । ତାର ମୁହଁ ଏବେ ବି କିଶୋରୀର ମୁହଁ ପରି କଅଁଳ ଛକଛକ । ମୁଁ କିଣ କହି ଆସୁ ଆମୁ ଫୁଣି ଭାଷା ବଦଳାଇ ନେଲି ।

"ମତେ ଥରେ ପଚାରିଲନି କାହିଁକି ?"

"କାହିଁକି ତମକୁ ପଚାରିଥାନ୍ତି ? ପଚାରିବାରେ କିଣ ଦରକାର । ଦାତା କର୍ଣ୍ଣ । ସବୁ କିଛି ଓଜାଡ଼ି ଦେଇଥାନ୍ତ । ମୁଁ କଣ ଜାଣେନି ଯେ ମତେ କହିବାକୁ ପଡ଼ିବ । ମୁଁ ତ ଅଡ଼ୁଆ ?" କଥାରେ ତାଙ୍କର ଶ୍ଳେଷ ଭରି ରହିଛି ଅସୀମ କଟାକ୍ଷ ଟାଣିଛନ୍ତି ସେ ମୀନ ନୟନରେ । କୁଂଚିତ କଳା କେଶ ଝୁଲି ଝୁଲି ପଡ଼ୁଛି ଗାଲର ଗୋଟିଏ କଣରେ । ଏଇ ବେଶରେ ସେ ଚମତ୍କାର ଲାଗନ୍ତି ମତେ । ତଥାପି ମୁଁ ସେତେବେଳେ ତାଙ୍କୁ ଗୁହିଁ ପାରି ନ ଥିଲି । ଏଇପରି ଅନେକ ସମୟରେ ଇଙ୍ଗିତ କରନ୍ତି ମତେ ସେ ।

କିନ୍ତୁ ଆଜି ? ଅଣା ମନେ ପଡ଼ିଲେ ତାଙ୍କ କଥା ଶାନ୍ତ ଲାଗେ । ସ୍ନିଗ୍ଧା ଆସିବାର କିଛିଦିନ ପରେ ମୁଁ ଚାଲି ଆସିଛି ଦୂରେଇ ହୋଇ । ଡାକ୍ତରଖାନା ନିକଟ ହେବ ବୋଲି

Digitized by PPRACHIN, SOA

ହେବ ବୋଲି । ସେମାନଙ୍କଠାରୁ ଯେଉଁମାନେ ମୋର ରକ୍ତର, ମୋର ପ୍ରାଣର । ସେଇଠି ସେଇ ପୁରୁଣା ଘରେ ପାଠ ପଢୁଥିଲାବେଳେ କ୍ଲାନ୍ତହୋଇ ଫେରିଲେ କଲେଜରୁ ଭାଉଜ ଆସନ୍ତି । ଆଦର କରି ଖୁଆନ୍ତି ବସି ପାଖରେ । କହନ୍ତି "ଶୁଖିଲା ଦିଶୁଛ ବୀର ତମେ । ଦେହ ଭଲ ଲାଗୁନି କି ?"

ମୁଁ ହସେ । ତାଙ୍କ ସେଇ ଯତ୍ନରେ ମୋର କ୍ଲାନ୍ତି ଦୂର ହୁଏ ।

ସଂଯୁକ୍ତା କହେ "ବୀର ଭାଇ । ତମେ କିନ୍ତୁ ମତେ ଗୋଟାଏ ହୀରାର ହାର ଗଢ଼ିଦେବ । ମୁଁ ସୁନାର ହାର ନଦେଲେ କଦାପି ବାହା ହେବ ନାହିଁ । ତମେ ତ ଡାକ୍ତର ହେବ……କେତେ ଟଙ୍କା ନେବ । କଣ ପାରିବନି ?"

ସେଇ ଆଠବର୍ଷର ସଂଯୁକ୍ତା ଆଜି ଅଠର ବର୍ଷର ଯୁବତୀ । ଦେଖିଲେ ଏବେ ଗମ୍ଭୀର ହୁଏ । କେଉଁଦିନ କିଛି ମାଗେନା । ଆଉ ମୁଁ ? ଗୋଟାଏ ହୀରାର ହାର ସ୍ନିଗ୍ଧାକୁ କରି ମୁଁ ଦେଇଛୁ । କିନ୍ତୁ ବିବାହ ପାଇଁ ସଂଯୁକ୍ତାର କେତେଖଣ୍ଡ ମାମୁଲି ଗହଣା କିଣିବାକୁ ମୁଁ ଅସହାୟ । ମୁଁ ଡାକ୍ତର ପ୍ରବୀର ଦାସ—ଅସହାୟ ମେଷ ଶିଶୁ ଅବା । ମୁଁ ଉତ୍ତର ନ ଦେଇ ଚୁପ୍ ହେଲି । ଭାଉଜ ମତେ କହି ପାରିଥାନ୍ତେ କିନ୍ତୁ ସେ କାହିଁକି କହିଲେ ନାହିଁ ? ହଁ ଗଲା ବେଳେତ ବିରସ ଦିଶୁନଥିଲେ ସେ । ହୁଏତ ଫେରିଯାଇ କହିଥିବେ ଭାଇଙ୍କୁ "ଟଙ୍କା ନାହିଁ ବୀର ପାଖରେ । ପିଲାଟି କେଉଁଠୁ ଏତେ ଆଣିବ ? ତମେ ଯୋଗାଡ଼ କର ।"

ଭାଇ ହସିଥିବେ ନିଶ୍ଚୟ । ତାଙ୍କର ଗହିରା ଆଖି କୋଣ ଚଷମା ଭିତରେ ଅଧିକ ଗହିରା ହୋଇଥିବ କାଳି ଟିକିଏ । ତାପରେ ତାଙ୍କର ଫାଇଲ୍ ଧରି ବସିଥିବେ । କିରାଣୀର ଫାଇଲ୍ ହିଁ ସର୍ବସ୍ୱ ।

ଚା, କପ୍‌ରେ ଓଠ ଦେଲି । ବରଫ ପରି ଥଣ୍ଡା । ପାଣିଚିଆ ଅସନା ଚା । ତାଠୁ ରାମ ଭାଇ ଦୋକାନ ଚା ସତେକି ଭଲ ? ଆଉ ଜଣେ ଚା କରନ୍ତି ଭଲ । କଦବା କ୍ୱଚିତ୍ ଖାଇବାକୁ ମିଳେ ସେଇ ଚା । ସେ ଭାଉଜ । ଚା ଗୁଣ୍ଡରେ ଚା ତିଆରି କରନ୍ତି ସେ ।

Digitized by PPRACHIN, SOA

ବ୍ରେଞ୍ଚ ଚୂଲ୍ଲା ମୁଠାକ ରୁଗ୍ଣୁଝୁଣୁ ଶବ୍ଦ କରେ ଟ୍ରେମଚରେ ଚକା ଘାଣ୍ଟିଲାବେଳେ । ମୋର ଆଖି ଅଟକି ଯାଏ ସେଇ ଚକ୍‌ଚକ୍ ଚମ୍ପାକଡ଼ି ପର ଅଯତ୍ନ ପଡ଼ିବା କଣ୍ଟା, ଘର କର୍ମ ନିପୁଣା ଆଙ୍ଗୁଠି ଗୁଡ଼ାକଠାରେ । ଆଃ ! ଟ୍ର ନୁହେଁତ ଅମୃତ । କାର୍ ଛୁଟାଇ ପାଞ୍ଚମାଇଲ୍ ବାଟ ଯାଏ ମୁଁ ଚୋପାଏ ଟ୍ର ପାଇଁ । ଆଉ ସ୍ନିଗ୍ଧା ଘରେ—ଡବା ଡବା ସୁପ୍ରିମ୍ ଟି—ମାସକୁ କେତେ କିଲୋ ଯାଏ କେତେ ଟଙ୍କାର କିଏ ହିସାବ ରଖେ ? ଅଥଚ କପେ ଟ୍ର ମିଳେନା ଭଲ ।

ଏମିତ ସକାଳେ କଫି ଖାଇଲେ ଭଲ ହୁଅନ୍ତା । ମନଟା ଟିକିଏ ଫୁର୍ତ୍ତି ଲାଗନ୍ତା । ଡାକ୍ତର ଖାନାରେ ରୋଗୀ ମରନ୍ତୁ । ମୋର ଯାଏ ଆସେ କଣ ? ଡାକ୍ତର ପ୍ରବୀର ଦାସର କଣ ନିଜସ୍ୱ ବୋଲି କିଛି ନାହିଁ ? ମୁଁ ଆଜି ନିଜେ କଫି ତିଆରି କରି ପିଇବି । ଅଟକି ଗଲି ଫୁଣି ଟିକେ । ନିଜେ କଫି ତିଆରି କରିବାର ଇତିହାସ ମନେ-ଅଛି । ଏମିତ ଏକ ବର୍ଷା ପାଗରେ-ହଁ ଠିକ୍ ଏମିତ ଓଦାଳିଆ ବର୍ଷା ପାଗରେ ସେ ଆସିଥିଲା ପ୍ରଥମ କରି ସେଦିନ । କେବେ ଆସେନା । ଯେତେ କହିଲେବି ଲାଜେଇ, ଲାଜେଇ ପଳେଇ ଯାଏ । ଅଥଚ—ଅଥଚ ସେଦିନ ସେ ଆସିଥିଲା ଅଗ୍ରନିକ କାହାକୁ କିଛି ନ କହି ଆଗରୁ ।

କଣ ଗୋଟାଏ ଛୁଟି ଥାଏ । ମୁଁ ହଷ୍ଟେଲ୍‌ରୁ ଘରକୁ ଆସିଥାଏ । ଭାଇ ଭାଉଜ, ଫଯୁକ୍ତା କି ଅକ୍ଷୟ କେହି ନଥାନ୍ତି ଘର ନିଶୂନ୍ । ସେ ଆସି କବାଟରେ ଠକ୍ ଠକ୍ କଲେ । ମୁଁ କବାଟ ଖୋଲି ଚମକି ପଡ଼ିଥିଲି । ସାମ୍ନାରେ ମୋର ବନିତା ମିଶ୍ର । କ୍ଲାସ୍ ମେଟ୍ ଓ ବାନ୍ଧବୀ । ସେ ହସି କହିଥିଲା—

"ଅନେକ ଥର ଆସିବି ବୋଲି ଭାବିଛି, ପାରିନି । ଆଜି ଏବାଟେ ଯାଉଥିଲି ଚାଲି ଆସିଲି । ଭାଉଜ କାହାନ୍ତି ?"

ସେ ବେଶ୍ ସ୍ୱଚ୍ଛନ୍ଦରେ ଏ କଥା କହିଥିଲେ । ମୋର କଲେଜ ହତାର ବାକ୍ ଚାତୁରୀ ପ୍ରଗଳଭ୍‌ତା ହଠାତ୍ ମରୁନଦୀ ପରି ନିଃଶେଷ ହୋଇ ଯାଇଥିଲା । ମୁଁ କିଛି କହି ପାରୁ ନଥିଲି । ମୁଁ ତାଙ୍କୁ ବସେଇ ଟ୍ର' ପାଇଁ ଉଠିଗଲି । ଭାଉଜ କେଉଁଠି କଣ ସବୁ ରଖି ଯାଇଛନ୍ତି ମୁଁ ଖୋଜି ଖୋଜି ନିସ୍ତଣ ହେଲି । ଶେଷରେ ପାଇଲି କଫି ଟିଣଟା ।

Digitized by PPRACHIN, SOA

ଝୋଥାଏ କପି ପଡ଼ୁଛି । ପାଣି ବସାଇଲି ହିଟର ଉପରେ । କେମିତି ଗୋଟାଏ ଅସ୍ଥିରତା ମୁଁ ଉପଲବ୍ଧି କରୁଥିଲି । ପ୍ଲକଟା କାଢ଼ୁ କାଢ଼ୁ ହଠାତ ଚିତ୍ପଟାଙ୍ଗ ହୋଇ ପଡ଼ିଗଲି । ଖୁବ ଜୋରରେ ଇଲେକ୍ଟ୍ରିକ୍ ସକ୍ ଲାଗିଛି । ମୁଣ୍ଡ ଦେହ ହାତ ଝାଇଁ ଝାଇଁ ହୋଇ ଯାଉଛି । ଗୋଡ଼ ବାଜି ଟେବୁଲ୍ ଉପରୁ କପି କପ୍‌ଟା ଝଣ ଝଣ ହୋଇ ଭାଙ୍ଗିଗଲା । ତାପରେ ଦଉଡ଼ି ଆସିଥିଲି ବନିତା । ମୋର ମନେ ଅଛି ମୋ ମୁଣ୍ଡଟାକୁ ତା କୋଳ ଉପରେ ଟେକି ଧରିଥିଲା । ତାର କୋମଳ ଆଙ୍ଗୁଠି ଗୁଡ଼ିକ ମୋ ମୁଣ୍ଡ ଦେହ ହାତ ଛୁଇଁ ଆସିଥିଲା । ତାର ଶୀତଳ ସ୍ପର୍ଶରେ ମୋର ଆଖିପତା ବୁଜି ହୋଇ ଆସୁଥିଲା । ଇସ୍ । ତାର ସେ କି ଭୀରୁ କାତର ଗୃହିଣୀ । କି ମମତା ବୋଳା ସ୍ପର୍ଶ । ମୋର ମନେ ହୋଇଥିଲା ସେ ମୁହୂର୍ତ୍ତରେ ଯୁଗ ଯୁଗ ମୁଁ ଶୋଇ ପଡ଼ିଥାନ୍ତି ତା କୋଳରେ ଆଉ ସେ ସେମିତି ମୋ କେଶ ଗୁଚ୍ଛରେ ଆଙ୍ଗୁଠି ଚାଳନା କରୁଥାନ୍ତା । କେତେଟି ମିନିଟ୍ କି ରହି ପାରୁନି । କାରଣ ଠିକ୍ ସେତିକିବେଳେ ଭାଉଜଙ୍କର ଦାଣ୍ଡ କବାଟରେ ଠକ ଠକ ଚିତ୍କାର । ମତେ ଉଠିବାକୁ ହୋଇଥିଲା ।

ମୁଁ ଉଠି ଆସିଥିଲି । ଭାଉଜ ବନିତାକୁ ଦେଖି ହସିଥିଲେ ଟିକିଏ । ମତେ ସେ ରାତିରେ ଥଟ୍ଟା କରିଥିଲେ କେତେ । ମନେ ଅଛି, ସବୁ ମନେ ଅଛି । ତା ପରେ ? ଭାଉଜ କହିଥିଲେ ସେ କଥା ଭାଇଙ୍କି । ମୁଁ କାନରେ ଶୁଣିଛି । ବର୍ଷକ ପରେ ଭାଇ ଯେତେବେଳେ ବନିତା ବାପାଙ୍କ ଚିଠି ଭାଉଜଙ୍କୁ ଶୁଣାଇଥିଲେ ମୁଁ ସ୍ତମ୍ଭୀଭୂତ ହୋଇଥିଲି । ଏ କାନକୁ ମୋର ବିଶ୍ୱାସ କରି ନ ଥିଲି । ଡାକ୍ତର ବନିତା—ମୋର କଳ୍ପନା କୁଞ୍ଜର ମାନସୀ—ମୋର ପ୍ରିୟ ବାନ୍ଧବୀ ବନିତା ମିଶ୍ର ବାଲ୍ୟ ବିଧବା । ବ୍ରାହ୍ମଣ ଘରର ବିଧବା ଝିଅ ଦ୍ୱିତୀୟ ବିବାହ କରି ପାରେନା । ମୁଁ ନୀରବ ହୋଇଥିଲି । ଭାଉଜଙ୍କ ହସ ହସ ମୁହଁ ଶୁଖି କଳା କାଠ ପଡ଼ିଥିଲା ।

ସଂଧ୍ୟାବେଳେ ସେ ଦିନ ମୁଁ ଯାଇଥିଲି ବନିତା ପାଖକୁ । ଲେଡ଼ିଜ୍ ହଷ୍ଟେଲ ସାମନାରେ ଛିଡ଼ା ହୋଇ ମୁଁ ଡକେଇ ପଠାଇଥିଲି ବନିତାକୁ । ମନେ ମନେ ମୋର ତରୁଣ ଜୀବନର ଅରୁଣ ପ୍ରତିଜ୍ଞା । ମୁଁ ଥିଲି ଯୁବକ । ମନରେ ଥିଲା ଅସୀମ ବଳ ସମାଜର ଲୁହା ବାଡ଼କୁ ଦୁଇ ହାତରେ ଦୁଇ ଖଣ୍ଡ କରି ଦଳି ପେଷି ଦେବା ପାଇଁ । ମନେ ମନେ ଠିକଣା କରିଥିଲି ବନିତାକୁ କହିବି—

"ବନିତା ମୁଁ ସମାଜକୁ ଡରେନା । ପୃଥିବୀର ସମସ୍ତ ବାଧାବିଘ୍ନ ତୁଚ୍ଛ କରି ମୁଁ

Digitized by PPRACHIN, SOA

ତମକୁ ନେଇଯିବ ମୋ ପାଖକୁ । ଡାକ୍ତର ପ୍ରବୀର ଦାସକୁ କେହି ବାଧା ଦେଇପାରିବେ ନାହିଁ ।"

କିନ୍ତୁ ଦରୱାନ ଆସି ଖବର ଦେଲା ବନଜା ନାହିଁ । ସେ ତାଙ୍କ କ୍ଲିନିକ ପଛ ନେଇ କୁଆଡେ ଚାଲି ଯାଇଛନ୍ତି ଗଲା ରାତିରେ । କେହି ତାର ଠିକଣା ଜାଣନ୍ତି ନାହିଁ ।

ମୋର ଛାତି ଭିତରେ ସମସ୍ତ ରକ୍ତ ଶିଥିଳ ହୋଇ ବରଫ ହୋଇ ଯାଇଥିଲା । ମୁଁ କାଠ ପରି ଛିଡ଼ା ହୋଇ କେତେବେଳେ ଫେରି ଆସିଥିଲି ଘରକୁ ଜାଣେନା । ଭାଉଜଙ୍କ କାନ୍ଧ ଉପରେ ମୁଣ୍ଡ ରଖି ମୁଁ କାନ୍ଦିଥିଲି ସେ ରାତିରେ ।

ତା ପରେ ? ସ୍ନିଗ୍ଧା ଆସିଲା । ମୋର ସହଧର୍ମିଣୀ ରୂପସୀ ବିଦୁଷୀ ସ୍ନିଗ୍ଧା । ମୋର ଘରର ଲକ୍ଷ୍ମୀ । ସେ ଆସିଲା ଦିନୁ ମୋର ଖ୍ୟାତି ବଢ଼ିଛି । ଆୟ ବଢ଼ିଛି । ବାହାରେ ମୁଁ ବିଶିଷ୍ଟ ଡାକ୍ତର ପ୍ରବୀର ଦାସ । ମୁଁ ଭାଇଙ୍କର ଖଣ୍ଡିଆ ଘର ଛାଡ଼ି ଦ୍ୱିତଳ ପ୍ରାସାଦରେ । ମୁଁ ଆଜି ସମସ୍ତଙ୍କଠାରୁ ଦୂରରେ । ଆଉ ମୁଁ ମୋ ନିଜଠାରୁ କେତେ ଦୂରରେ ?

ହଠାତ୍ ମୁଁ ଆବିଷ୍କାର କଲି ମୁଁ ଆଉ ଡାକ୍ତର ପ୍ରବୀର ଦୁଇଟା ଲୋକ । ଦୁଇଟା ଆତ୍ମା – ଦୁଇଟା ରୂପ । ଏକ ରୂପରେ ମୁଁ ଭାଉଜଙ୍କର ଅବାଧ୍ୟ ବୀର । ସ୍ନିଗ୍ଧାର ବାଧ୍ୟ ସ୍ୱାମୀ । ଜନସମାଜର ବିଶିଷ୍ଟ ଡାକ୍ତର ପ୍ରବୀର ଦାସ । ଅନ୍ୟ ଏକ ରୂପରେ ଭାଉଜଙ୍କର ସେଇ କଲେଜ ପଢ଼ା ବୀର ମୁଁ, ସଂଯୁକ୍ତାକୁ ହାର ଗହଣା ଦେବାକୁ ପ୍ରତିଶ୍ରୁତି ଦେଇ-ଥିବା ସ୍ନେହମୟ ବୀର ଭାଇ ଆଉ ସ୍ନିଗ୍ଧାର ଅତ୍ୟନ୍ତ ଅବାଧ୍ୟ ସ୍ୱାମୀ । ଆଉ କଣ ? ମୁଁ ସେଇ ଯକ୍ଷ୍ମା ରୋଗିଣୀ ଶକୁନ୍ତଳାଙ୍କର ବିନମ୍ରୀ ଡାକ୍ତର, ସ୍କୁଲର ଗେହ୍ଲା ଡାକ୍ତର ବାବୁ, ଏବଂ ବନଜାର ସେଇ ହଷ୍ଟେଲ ସାମନାରେ ଛିଡ଼ା ହୋଇଥିବା ଇଣ୍ଟର୍ଣ୍ଣି ପ୍ରବୀର ଦାସ । ମୁଁ ଅନୁଭବ କଲି ମୋର ଛାତି ଭିତରର ଜମାଟ ବାନ୍ଧିଥିବା ବରଫ ରାଶି ସେଦିନ ପରି ଟିକିଏ ହେଲେ ତରଳି ନାହିଁ । ବରଂ ସ୍ନିଗ୍ଧାର ସ୍ପର୍ଶରେ ସେ ଆହୁରି ଟେଳା ବାନ୍ଧି ଯାଉଛି ।

ମୁଁ ଅପ୍ରସ୍ତୁତ ହେଲି । ସ୍ନିଗ୍ଧା ବିଛଣାରୁ ଉଠି ବସି ମତେ ଡ଼ଗ ଡ଼ଗ କରି ଅନାଉଛି । କାରଣ ଦିନ ଆଠଟା ବେଳେ ସେ ନିଦରୁ ଉଠି ମତେ କେବେ ବେଡ଼ ରୁମରେ ତା ଜୀବନ କାଳରେ ଦେଖିନି । ମୁଁ ଉଠି ପଡ଼ିଲି । ବର୍ଷା ଛାଡ଼ି ଖରା ପଡ଼ି ଆସୁଛି ଟିକିଏ ଟିକିଏ । ଡାକ୍ତର ବନଜା ହୁଏତ କେଉଁଠି ରୋଗୀ ଦେଖୁଥିବେ କୋଳରେ ରୋଗୀର ମୁଣ୍ଡ ରଖି ।

ମତେ ଯିବାକୁ ହେବ । ଖରା ପଡ଼ିଲାଣି ପରିଷ୍କାର । ଖରାପ ପାଗର ବାହାନା କରି

Digitized by PPRACHIN, SOA

ଡ଼ାକ୍ତର ପ୍ରସ୍ତାର ଘରେ ଆଳସ୍ୟ କରି ନ ପାରେ । ଅସମ୍ଭବ – ଏହା ଏକଦମ ଅସମ୍ଭବ ! ମୁଁ ଉଠି ପଡ଼ିଲି ।

ସ୍ନିଗ୍ଧା ଆଶ୍ଚର୍ଯ୍ୟ ଆଖିରେ ଅନେଇଛି ମତେ । ଆବିଷ୍କାରର ବିସ୍ମୟତାରେ ନୁହେଁ ! ଅନାବିଷ୍କାରର ଅନ୍ଧକାରରେ ।

ସଂଜର ଗୋଧୂଳି ନଇଁ ଆସୁଛି ବିନମ୍ର ହୋଇ । ମୋର ବାଲକୋନି ଉପରେ ଅସ୍ତସୂର୍ଯ୍ୟର ମାଧୁରୀ ବେଶ ଉପଭୋଗ କରିହୁଏ । ଘଣ୍ଟାଏ ନୀରବ ହୋଇ ବସି ପଡ଼ିଲେ ମନରେ ଆସେ ଶାନ୍ତି । କାମ କରିବା ପାଇଁ ଆସେ ଟିକିଏ ସ୍ପୃହା । ଆଜି ଡ଼ାକ୍ତର ଖାନାରୁ ମୁଁ ପଳାଇ ଆସିଛି ଚଞ୍ଚଳ । କହି ଆସିଛି ସିଷ୍ଟରଙ୍କୁ ଦରକାର ପଡ଼ିଲେ ମତେ ରିଂ କରିବା ପାଇଁ । "ଓ" ! ମୋ ମୁଣ୍ଡ ବାଳ ଭିତରେ କ୍ଳାନ୍ତିର ଝାଳ ରୁନ୍ଧି ହୋଇ ରହିଛି । ମୁଣ୍ଡ ଦେହ ହାତ ସବୁ ଅଠା ଲାଗୁଛି । ହେଲେ କ୍ଳାନ୍ତି ଭରି ରହିଛି ମୋର ଅଙ୍ଗ ପ୍ରତ୍ୟେଙ୍ଗରେ । ମୁଁ ଯାଇ ପାରିବନି ବାଥ୍ ରୁମ ପର୍ଯ୍ୟନ୍ତ । ଏଇପରି ମନେ ଅଛି କେତେ ଥର କଲେଜରୁ ଫେରି ବସି ପଡ଼ିଲେ ଓଦା ଗାମୁଛା ଧରି ଭାଉଜ ମତେ ପୋଛି ପକାନ୍ତି । କହନ୍ତି—

"ବାର ତମେ ଏଇଠି ବସ । ମୁଁ ପୋଛି ଦେବି । ଖାଇ ସାରିଲା ପରେ ଟିକିଏ ଭଲ ଲାଗିବ ।" ସେଇ ଚୂଡ଼ା ଚକଟା ଗୁଣ୍ଡା ଗୁଣ୍ଡା କରି ଖୋଇ ଦିଅନ୍ତି ମୋତେ ଭାଉଜ । ଭାଇ ଅଫିସ ଫେରନ୍ତି । ଦୃଶ୍ୟ ଦେଖି ନ ଦେଖିଲା ପରି ଆଡ ହୋଇ ଯାଆନ୍ତି । ଆଃ । ଭାଇଙ୍କ ପ୍ରତି ହିଂସା ହେଉଛି । କେଡେ ଆରାମରେ ଅଛନ୍ତି ସେ ।

ଦୋ ମହଲା ସିଡ଼ିରେ କଳ ଗୁଞ୍ଜନ । ବୋଧେ ସ୍ନିଗ୍ଧା ଓ ତାର ବାନ୍ଧବୀ ଗଣଙ୍କ ଗୃହ ପ୍ରତ୍ୟାଗମନର ସଂକେତ । ଦ୍ୱିପ୍ରହର ତାସ ଖେଳ କି ମ୍ୟାଟିନି ଶୋ'ରୁ ଟିକଟ ନ ପାଇ ଫେରିଛନ୍ତି ଏମାନେ ନିଶ୍ଚୟ । ଅନେକ କଣ୍ଠର କଳ ଗୁଞ୍ଜନ ଏବେ । ସେମାନେ ଏମିତି ସମାଜ ସେବା କରନ୍ତି, ନିରକ୍ଷର ଦୂରୀକରଣ କରନ୍ତି, ନାରୀ ମଙ୍ଗଳ ସମିତି ଗଢ଼ି ନାରୀ ପ୍ରଗତିର ଶରଣରେ ଯା ଇଚ୍ଛା ତାହା କରନ୍ତି । ଏମିତି ଆହୁରି କେତେ । ସ୍ନିଗ୍ଧା ଏଗ୍ରୁ ଡ଼ାକ ପ୍ରାପ୍ତ ରୋଜି କହେ । ମୋର ଏ କାନରେ ପଶି ସେ କାନରେ ବାହାରି ଯାଏ ।

ହଠାତ କାହାର କଳ କଣ୍ଠ – "ଅପା । ନାହିଁ ଲୋ ରୁ ଯା । ମତେ ଡ଼ର ମାଡ଼ୁଛି ମୁଁ ଚହ୍ନି ପାରିଲି କାହାର ଏ ବୀଣାଜିଣା କଣ୍ଠ । ମୋର ଜ୍ୟେଷ୍ଠ ଶାଳିକା । ସ୍ନିଗ୍ଧାର ଭଉଣୀ ଛନ୍ଦା । ମାଡ୍ରାସରୁ ନୃତ୍ୟ ବିଦ୍ୟାରେ କୁଶଳତା ଦେଖାଇ ଫେରିଛନ୍ତି । କୁମାରୀ ଛନ୍ଦା ।

Digitized by PPRACHIN, SOA

"ଗ୍ରେପରୀଟା ନାଁ । କଣ ? ତୋ କଥା ଯେମ ତ ସେ ମୋଟେ ଶୁଣନ୍ତି ନାହିଁ ? ତତେ କଣ ବାଡେଇ ପକେଇବେ ନାଁ । ଖାଇ ଯିବେ ? ଯା ଯା — ତୁ ଯା-ତୋ କଥା ସେ ଶୁଣିବେ ।" ସ୍ନିଗ୍ଧାଙ୍କର କଣ୍ଠ ଏ ।

ମୁଁ ଅନ୍ଦାଜ କରି ନେଲି ସ୍ନିଗ୍ଧାଙ୍କର କୌଣସି ବିଶେଷ ଦରକାର ଅଛି । ନଚେତ ଛନ୍ଦାଙ୍କର ଶରଣ ଏମିତି ସେ ନିଅନ୍ତେ ନାହିଁ । କିମ୍ବା......ମୁଁ ଅଟକି ଗଲି । ସ୍ନିଗ୍ଧାଙ୍କର ସନ୍ଦେହୀ ମନ ପାଖରେ ଭାଇ ଭଉଣୀ କେହି ବାଦ ଯାଆନ୍ତି ନା । ଯା ଫଳରେ କି ମତେ ଏକ ଅଯଥା ଗାମ୍ଭୀର୍ଯ୍ୟ ପ୍ରଦର୍ଶନ କରିବାକୁ ପଡ଼େ । ଡ଼ାକ୍ତର ବିନତା ସବୁବେଳେ କହୁ କହୁଥିଲେ—

ପ୍ରବୀର ବାବୁ ଆପଣଙ୍କ ପାଟିରେ ବାଡ଼ ବତା କିଛି ନ ଥାଏ । ଛିଃ ଛିଃ ଆପଣ ଫୁଣି ଏମିତି ହସନ୍ତି ନାଁ ?"

ତାଙ୍କର ଗାଲ କହୁ କହୁ ରଙ୍ଗା ପଡ଼ି ଯାଇଥାଏ । ସେ ଆଜି କେଉଁଠି କେଜାଣି ହୁଏତ ଡ଼ାକ୍ତରଖାନାରୁ ଫେରି ନ ଥିବେ କିମ୍ବା ଫେରୁ ଫେରୁ ଫୁଣି କେଉଁଠି ଅଟକି ଯାଇଥିବେ । ମୁଁ ଚମକି ଗ୍ଲହିଁଲି । ଶାଢୀ ଝସ ଝସ ଶୁଭୁଛି ପଛଆଡ଼େ । "ପ୍ରବୀର ଭାଇ ତମେ ଏକା ପାଞ୍ଚ ଶହ ଟଙ୍କା ଦେବ । ନଚେତ ନୃତ୍ୟ ଓ ସଙ୍ଗୀତ ବିଦ୍ୟାଳୟ ଛିଡ଼ା ହୋଇ ପାରିବନି ।" ଛନ୍ଦାର କଥା ସୁନ୍ଦର ଓ ନୃତ୍ୟ ପଟିୟସୀ ନୟନ ଯୁଗଳ ବିମିତ ଓ ନମ୍ର ।"

"ମଟେ କ୍ଷୁହନା କିଛି । ତମ ଅପାଙ୍କୁ କହ ! ପାଞ୍ଚଶହ ଛାଡ଼ ପାଞ୍ଚ ହଜାର ସେ ଦେଇ ପାରନ୍ତି । ମୁଁ କହିଲି ।

"ମଲି ଏ ଗୋଟାଏ କଥା ନା କଣ ? ତମର ଯାହା ଇଚ୍ଛା ହେବ ତାହା ତ ହେବ । ମତେ କାହିଁକି ଅଡ଼ୁଆରେ ପୂରାଉଛ ଆଉ ?" ସ୍ନିଗ୍ଧାଙ୍କର କଣ୍ଠରେ ଆଦେଶ ଓ ଅନୁରୋଧ ସମସ୍ତ କିଛି । ପାଞ୍ଚଶହ ଟଙ୍କା ସଙ୍ଗୀତ ବିଦ୍ୟାଳୟ ପାଇଁ— ନାଁ ନାଁ । ମୁଁ ଦେଇ ପାରିବନି । ସ୍ନିଗ୍ଧା ସେମିତି ଦେଇ ପାରନ୍ତି ମୋର ଦୁଃଖ ନାହିଁ । କିନ୍ତୁ ମୁଁ କେଜେ କେଜେ ପାରିବିନି । ତାହେଲେ ମୋର ହାଡ଼ ପଞ୍ଜରା ଅସ୍ଥି ସବୁ ଚୂନା ହୋଇ ପାଉଁଶ ହେବ । ଦେଶର ବିଭିନ୍ନ କ୍ଷେତ୍ରରେ ବିଭିନ୍ନ ଆବଶ୍ୟକତା ନେଇ ଯେଉଁ ଚାନ୍ଦା ଉଠାଯାଏ ସବୁପାଇଁ ଚାନ୍ଦା ଦିଅନ୍ତି ସ୍ନିଗ୍ଧା । ବଡ଼ ବଡ଼ ମୋଟା ଅଙ୍କ ପାଖରେ ତାଙ୍କର ନାମ ଲମ୍ବି ରହି ଖବର କାଗଜରେ ବାହାରେ । ମୁଁ ତାକୁ ପଢେ । ଆମୋଦ ବି ଲାଗେ ବେଶ୍ । କେବେ କିଛି ପଗ୍ଚରେନି । ଡ଼ାକ୍ତର ପ୍ରବୀର ଦାଶ ଇଚ୍ଛା କଲେ

Digitized by PPRACHIN, SOA

ଲକ୍ଷେ ଟଙ୍କା ଚାନ୍ଦା ନ ଦେଇ ପାରିବ କାହିଁକି ? କିନ୍ତୁ ମୁଁ ? ନାଁଃ ! ଡାକ୍ତର ପ୍ରବୀର ଦାସର ପତ୍ନୀ ଶ୍ରୀମତୀ ସ୍ନିଗ୍ଧା ଜୀବିତ ଥାଉ ଥାଉ ମୋର ଲୋଡ଼ା କଣ ଏଥିରେ ମୁଣ୍ଡ ଘୂରେଇବାର । ମୁଁ ପାରିବିନି । ମୋ ଭିତରୁ କିଏ ବଡ଼ ପାଟିରେ ଚିତ୍କାର କରି ଉଠିଲା । "ଛନ୍ଦା ଅପାଙ୍କୁ କୁହ । ସେ ତାଙ୍କ ନାଁରେ ହଜାରେ ଟଙ୍କା ଦେବେ । ସେଇ କଣ ହେବ ନାହିଁ । ମତେ କାହିଁକି ଆଉ ସେଥିରେ ପୂରାଉଛ କହିଲ । ତମ ମତରେ ତ ମୁଁ ଲାଙ୍ଗୁଡ଼ ହୀନ ପଶୁ । ନୃତ୍ୟ ଗୀତର ଧାର ଧାରେନା ।

"ଯାଃ । ପ୍ରବୀର୍ ଭାଇ ତମ ଡାକ୍ତରଗୁଡ଼ାକ ନେଇ କିଛି ହେବନି । ଖାଲି କାମ ଆଉ ରୋଗ ।" ଛନ୍ଦା ପଣ୍ଡିତ ହସିଲାଇ ଭୂରୁ ନଚାଇ ଚାଲିଗଲେ କଟାକ୍ଷ ହାଣି !

ମୁଁ ବସିଥାଏ । ସେମାନେ ଗୋଟି ଗୋଟି କରି କେତେବେଳେ ଚାଲିଗଲେ । ସ୍ନିଗ୍ଧା ବୁଝିଗଲେନି ମୋର ଖାଇବା ପିଇବା ଓ ଚା' ଟୋପାକର ଖବର ପର୍ଯ୍ୟନ୍ତ । ଖାଲି ମରି ଆଉ ଥରେ ଖାଲି ଜକେଇଲାଣି । ତଥାପି ମୁଁ ସେଠି ବସି ରହିଲି । ପବନ ବହୁଛି ଆସ୍ତେ ଆସ୍ତେ । ମୋର ଆଖିପତା ଲାଗି ଆସୁଛି । ଦୂରରେ ସୂର୍ଯ୍ୟ ବୁଡ଼ି ଯାଉଛି ······ ମୁଁ ଜାଣି ପାରୁଛି ମତେ ନିଦ ଲାଗି ଆସିଛି ।

ହଠାତ୍ ବିକଳ ଚିତ୍କାର । କିଶୋରୀ କଣ୍ଠର କରୁଣ ମୂର୍ଚ୍ଛନା ଡାକ୍ତର ବାବୁ ! ଡାକ୍ତର ବାବୁ !"

ସୁଲୁର କଣ୍ଠ ଏ ; ମୁଁ ପରିଷ୍କାର ଧରି ପାରୁଛି ସେ କଣ୍ଠର ସୁରକୁ । ଆଜି ମୋର ତାଙ୍କ ଘରକୁ ଯାଇ ରୋଗିଣୀକୁ ଦେଖି ଆସିବା କଥା । ପ୍ରତି ଦୁଇ ଦିନରେ ମୁଁ ଥରେ ସେଠାକୁ ଯାଏ । କିନ୍ତୁ ସୁଲୁର ବିକଳ ଚିତ୍କାରରେ ମୋର ହୃଦ ଭିତରଟା ଧଡ଼ ପଡ଼ କରି ଉଠିଲା । କିଛି ହୋଇନିତ ? ମୁଁ ଜବାବ ଦେବାର ଶକ୍ତି ହରାଇ ବସିଥିଲି । ସୁଲୁ ବିକଳ ଚିତ୍କାର ପାଖେଇ ଆସିଲାଣି ମୋ ପାଖକୁ । ମୋର ଆଣ୍ଠୁ ଦୁଇଟାକୁ ଧରି ସେ ଭେ ଭେ କରି କାନ୍ଦି ଉଠିଲା । ଇସ୍ । ମୋର ଆପାଦ ମସ୍ତକ ଥରି ଉଠିଛି ଅଜଣା ଭୟରେ । ସୁଲୁ ମୁଣ୍ଡ ବାଡ଼େଇ ଲୁହ ଢାଳୁଛି ମୋ ଗୋଡ଼ ଉପରେ । ସେ କାନ୍ଦୁ । ମୁଁ ତାକୁ କାନ୍ଦି-ବାକୁ ଦେଲି । ସେଇ ଦରସ୍ଫୁଟ କମଳ କଳିକା ଅକାଳ କରକା ପାତରେ ମଉଳି ଯାଉଛି ଯାଉ । ଡାକ୍ତର ପ୍ରବୀର ଦାସ ତାକୁ ବଞ୍ଚାଇ ପାରିବନି । ତୋଳି ରଖି ପାରିବନି । ସେ କେବଳ ଦେଖିବ କୀଟଦଷ୍ଟ କମଳର ବିଚ୍ୟୁତି ।

ସୁଲୁ କହି ଚାଲିଥାଏ —

ଡାକ୍ତର ବାବୁ ! ତମେ ଆସିଲା ପରେ ଠିକ ଅଧଘଣ୍ଟାକ ପରେ ମା କାଶି କାଶି ପଡ଼ିଗଲା ଖଟ ଉପରୁ । ଦିନେଇ ଅଜା ଆସି ଦେଖିଲେ । କହିଲେ ମା ଆଉ ନାହିଁ ।

Digitized by PPRACHIN, SOA

ଡାକ୍ତର ବାବୁ । ମୁଁ ତମ ପାଖକୁ ଆସି ପାରିଲିନି । କି ବର୍ଷା କି ତୋଫାନ ହେଲା ? ସେମାନେ ସେଇ ରାତିରେ ମା'କୁ ନେଇ ଚାଲିଗଲେ ମଶାଣୀକି । ମୁଁ କେଉଁଠି ରହିବି ଡାକ୍ତର ବାବୁ ! ମୁଁ କଣ କରିବି ?"

ସେ ଫୁଣି କାନ୍ଦି ଉଠିଲା । ମୋର ଆଣ୍ଠୁ ଉପରେ ତାର ସୁନ୍ଦର ଆଖିରୁ ଝରି ପଡୁଛି ଅଶ୍ରୁ । ମୁଁ ହାତ ବଢ଼ାଇ ପାରିଲିନି ତାର ଲୁହ ପୋଛି କୋଳକୁ ଟାଣି ଆଣିବା ପାଇଁ । ମୁଁ ନିର୍ବୋଧ ପରି ବସି ରହିଲି । ମୋର ଦ୍ୱିତଳ ପ୍ରାସାଦରେ ଦଶ ବଖରା ଘର- ଅକଳନ୍ତି ଆୟ । ତା ଭିତରେ କଣ ସୁଲି ପରି ଗୋଟାଏ ଜୀବ ରହି ପାରିବନି ? ମୁଁ ନୃତ୍ୟ ସଂଗୀତ ବିଦ୍ୟାଳୟକୁ ଅକ୍ଳେଶରେ ଏକ ହଜାର ଟଙ୍କା ଦାନ ଦେଇପାରେ । ମୋର ଭୟ କ'ଣ ?

ମୁଁ ଚମକି ପଡ଼ିଲି । ମୋର ଜ୍ଞାନ ଫେରି ଆସିଛି । କୋଳକୁ ସୁଲିକି ଟାଣିନେଇ ତାର ଚିକ୍କଣ କେଶ ଉପରେ ହାତ ବୁଲାଇ ମୁଁ କହିଲି —

"ମା ମୋର । ଧନଟା ମୋର — ସୁନାଟା ମୋର କାନ୍ଦନା ।" ତୁ ଏଇଠି ରହିବୁ । ତୁଇ ପରା ମୋର ଝିଅ । ମୋର ମଣି କାନ୍ଦନା । ସୁନାଟା ପରା କାନ୍ଦନା ।" ତାର ଗାଲ ଉପରେ ଝରିଥିବା କେତେ ଟୋପା ଲୁହକୁ ମୁଁ ଶୋଷି ନେଇଗଲି ମୋର ଓଷ୍ଠ ଚୁମ୍ବନରେ । ସେ ଶାନ୍ତ ହୋଇ ମୋର କୋଳ ଉପରେ ଏକ ବାଧ୍ୟ ଅଳିଅଳି କନ୍ୟା ପରି ଆଉଜି ପଡ଼ିଛି । ମୁଁ ତା ମୁହଁକୁ ଚାହିଁ ଆକାଶ ପାତାଳ ଭାବୁଛି ଅନେକ । ସିଡ଼ିରେ ଆସୁଛି ସ୍ନିଗ୍ଧାର ପାଦଶବ୍ଦ । ମଲ୍ଲୀର ଗୁଲୁ ଗୁଲୁ ସ୍ୱର । ମୁଁ ସୁଲିକୁ ଛଡ଼ା କରାଇ ନିଜେ ଛଡ଼ା ହେଲି । ମୋର ସକାଳର ପ୍ୟାଣ୍ଟ ଏ ପର୍ଯ୍ୟନ୍ତ ବଦଳା ହୋଇନି ।

ସ୍ନିଗ୍ଧାକୁ ସମସ୍ତ କଥା ମୁଁ ଆରପାଖ ଘରେ ଯାଇ କହିଲି । ଆହତ ସର୍ପପରି ସେ ଚମକି ଉଠିଲା ।

"ନାଁ — ମୁଁ ପାରିବିନି ସେ କଥା । ଯକ୍ଷ୍ମା ରୋଗୀର ଝିଅକୁ ମୁଁ ଏଠି ରଖି ବଡ଼ଉଁଶ ଯାକୁ ମୁଁ .... ।" ତାର ଆଖି ଜଳି ଉଠୁଛି । ମୁଁ ବୁଝାଇଲି ତାର ହାତ ଧରି—ସ୍ନିଗ୍ଧା ରାଣୀ ମୋର । ଅବୁଝା ହୁଅ ନାହିଁ । ତମେତ କହୁଥିଲ ମଲ୍ଲୀପାଇଁ ଜଣେ ଦେଖା ଶୁଣା କରିବାକୁ ଆୟା ଲୋଡ଼ା । ସୁଲି ସେ ସବୁ କାମ କରି ପାରିବ । ତା ଛଡ଼ା ଦରମାତ ତମକୁ ଦେବାକୁ ହେବନି ।"

ଟଙ୍କାର ଶରଣ ନେଲି ଶେଷକୁ ।

"ତମେ ଯଦି ସୁଲିକୁ ରଖିବ—ହେଇଟି ମୁଁ କାଲି ସକାଳେ ମଲ୍ଲୀକୁ ନେଇ ଚାଲି ଯିବି ବାପଘରକୁ । ବିଷ ଖାଇ ମରିଯିବି କହୁଛି । ତମେ ଡାକ୍ତର—ତମର ସମସ୍ତ କାଣ୍ଡଜ୍ଞାନ

Digitized by PPRACHIN, SOA

ଲୋପ ପାଇଲାଣି ଦେଖୁଛୁ ।" ସ୍ନିଗ୍ଧାର ବକ୍ଷୁବ୍ଧ ସ୍ୱର ।

ମୁଁ କ୍ଳାନ୍ତ ହୋଇ ପଡ଼ିଲି ବୁଝାଇ ବୁଝାଇ । ଡାକ୍ତର ପ୍ରବୀର ଦାସ ! କ୍ଳାନ୍ତ ହୋଇ ପଡ଼ୁଛି ଜୀବନ ଯୁଦ୍ଧରେ । ସାମାନ୍ୟ ଜଣେ ନାରୀ ପାଖରେ ! ମୁଁ ଚମକି ପଡ଼ିଲି । ମୋର ନାଡ଼ି ଦେଖିଲି । ନାଁ ଠିକ୍ ଅଛି ।

ବାରଣ୍ଡାରେ ଛିଡ଼ା ହୋଇଛି ସୁଲି । ସେ ସବୁ ଶୁଣୁଛି । ମୋର ବାହାଦୁରୀ, ମୋର ପୁରୁଷ ପଣର ସମୀକ୍ଷା କରୁଛି ସେ । ସ୍ନିଗ୍ଧା ବିନା କାରଣରେ ବିଛଣାରେ ଶୋଇ ଶୋଇ କାନ୍ଦୁଛନ୍ତି । କାନ୍ଦନ୍ତୁ । ଡାକ୍ତର ପ୍ରବୀର ଦାସ ଆଉ ପାରିବନି ବୁଝାଇ କାହାକୁ ।

ମୁଁ ବାରଣ୍ଡାକୁ ଯାଇ ଖୋଲା ପବନରେ ନିଶ୍ୱାସ ନେଇ ପାରୁନି । କି ଘର ଭିତରେ ରୁଦ୍ଧ ଆବହାଓ୍ୱା ଭିତରେ ମୁଁ ଜଳ ପୋଡ଼ି ଠିଆ ହୋଇ ପାରୁନି । ହଠାତ ଭାଉଜଙ୍କ କଥା ମନେ ପଡ଼ିଲା । ଘନ ଅନ୍ଧାର ଭିତରେ ଟିକିଏ ଆଲୁଅ । ସୁଲିକି ସେଇଠି ଛାଡ଼ି ଦେଲେ ହେବ । ମୁଁ ପାଗଳ ପରି ସୁଲିକି ଟାଣି ନେଇ ଦଉଡ଼ି ପଳାଇ ଆସିଲି ତଳକୁ । ଗାଡ଼ିରେ ଷ୍ଟାର୍ଟ ଦେଲାବେଳେ ପଛକୁ ଫେରି ଚାହିଁଲି ଟିକେ । ବାଲକୋନିର ସ୍ତିମିତ ଆଲୋକରେ ସ୍ନିଗ୍ଧାର ବିରକ୍ତ ଭରା କାନ୍ଦୁରା ମୁହଁଟି ପରିଷ୍କାର ଦେଖା ଯାଉଛି ।

ଭାଉଜଙ୍କୁ ଖୋଲି କହିଲି ସବୁ । ଶୁଣିଲେ ଭାଉଜ କାଠପରି । ଆଖିରେ ତାଙ୍କର କେଜାଣି କାହିଁକି ବହିଲା ଉଠିଲା ଟିକିଏ ଲୁହ ! ବସିବା ସ୍ଥାନରୁ ଉଠିଗଲେ ସେ ନିମିଷକେ କାର୍ ପାଖକୁ । ସୁଲି ଡ଼ୋଲେଇ ପଡ଼ୁଛି । କାଖେଇ ତୋଳି ଆଣିଲେ ଭାଉଜ ତାକୁ । —ଆଇଲୁ, ଆଇଲୁ ଲୋ ମୋ ମା ! ଭୋକରେ ପେଟ ଲାଗିଗଲାଣି !

ବାର ବର୍ଷର ଝିଅକୁ କାଖେଇ ପକେଇ ଭାଉଜ ହାମେଇ ପଡ଼ୁଛନ୍ତି । ମୁହଁରେ ତାଙ୍କର ଉଛୁଳା ଆନନ୍ଦ । ଭାଇ ଛିଡ଼ା ହୋଇଛନ୍ତି ବାରଣ୍ଡାରେ ଭାଉଜ ତାଙ୍କୁ ଅନେଇ କହିଲେ—"ଝିଅ ନ ଥିଲା ବୋଲି ଭାରି ମନ ଖରାପ କରୁଥିଲ । ହେଇ ନିଅ ।"

ଭାଇ ହସିଲେ ଟିକିଏ । ସବୁ ଦିନର ସେଇ ପ୍ରଶାନ୍ତ ହସ ତାଙ୍କ ଆଖିରେ । ଉଦାସ ଆଖି କୋଣରେ ସବୁଦିନ ପରି ଆଶିଷର ଉତ୍ସ ।

Digitized by PPRACHIN, SOA

ମୁଁ ରାସ୍ତା ଉପରେ କାର ରଖି ମହାନଦୀ କୂଳକୁ ଉଠି ଆସିଲି । ଝୁପୁରୁ ଝୁପୁରୁ ମେଘ । ରାସ୍ତା ଘାଟ ନିଶୂନ । ବେଶ୍ ଶୀତ ପବନ । ମହାନଦୀର ଉଚ୍ଛୁଳା ବକ୍ଷ ପୂରି ଆସୁଛି । କେତେଟା ଦିନ ଗଲେ ବଢ଼ି ହୋଇ ରାସ୍ତା ଘାଟ ପୂରିଯିବ । ଢେଉ ପିଟୁଛି ମୁଣ୍ଡ ବାଡେଇ ବାଡ଼େଇ । ଆକାଶରେ ଥର ଉଠୁଛି ଶ୍ରାବଣ ମେଘର କମ୍ପିତ ବକ୍ଷ ! କେହି ନାହିଁ । ଗୃହଆଡ ନିଶୂନ । ଡାକ୍ତରଖାନାରେ ସିଷ୍ଟର ହୁଏତ ବ୍ୟସ୍ତ ହେଉଥିବେ । ଭୟଙ୍କର ରୋଗୀର ଜ୍ୱାଳାରେ । ସ୍ନିଗ୍ଧା ବିଛଣାରେ ଶୋଇ, ଶୋଇ କାନ୍ଦୁଥିବ । କେହି ଜଣେ ତାକୁ ପୋଛି ଦେବା ଲୋଡ଼ା ତ । ଆଉ ? ଡାକ୍ତର ବନତା ରୋଗୀ ଦେଖୁ-ଥିବେ କେଉଁଠି । କୋଳ ଉପରେ ପେସେଣ୍ଟ ତାଙ୍କର ଶୋଇଥିବ । ବଡ଼ ବଡ ଆଖିରେ ଫ୍ଲରେନ୍ସ ନାଇଟିଂଲ୍‌ର ପ୍ରଦୀପ ଜାଳି ସେ ରୋଗୀକୁ ବଞ୍ଚି ରହିବାର ଆଶା ଦେଉ-ଥିବେ ନିଶ୍ଚୟ । କିନ୍ତୁ ତାଙ୍କର ପ୍ରଥମ ରୋଗୀ ମେଡ଼ିକାଲ ଷ୍ଟୁଡ ପ୍ରବୀର ଦାସକୁ ସେ କି ସାନ୍ତ୍ୱନା ଦେଲେ ? ସେ ରୋଗୀର ଝବର ସେ କଣ ବୁଝିଲେ । ହାୟ ଡ଼ାକ୍ତର ବନତା ! ତୁମର ସମସ୍ତ ସାଧନା ବ୍ୟର୍ଥ ହେବ ।

ମୁଁ ଉଠି ପଡ଼ିଲି । ବର୍ଷାରେ ମୁଁ ଗୋଟିସାକ ଭିଜି ଗଲିଣି । ଏଇଠି ଆଉ ଟିକେ ଗଲେ ମଶାଣୀ । ଶକୁନ୍ତଳାଙ୍କ ଶରୀରର ଧ୍ୱଂସାବଶେଷ ଏବେ ବି ଥିବ । ମୁଁ କାର୍‌ରେ ଷ୍ଟାର୍ଟ ଦେଲି ।

ମୋର ଦାଣ୍ଡରେ ଲାଇଟ ଜଳୁଛି । ସିଲ୍କନ ଫ୍ଲାଓ୍ୱାର ପବନରେ ଝୁଲି ବୁଲୁଛି । ଆଉ ମୋର ମଲ୍ଲୀ ଏତେ ବଡ଼ ଥଣ୍ଡା ପବନରେ ଖେଳୁଛି ଦାଣ୍ଡ ବାରଣ୍ଡାରେ । ହସ ହସ ରେ ଫାଟି ପଡ଼ୁଛି ସେ ! କଅଁଳ ଛନ ଛନ ପରିଷ୍କାର ହସ ତାର । ତାକୁ ଦେଖି କେମିତି ମନଟା ଆନନ୍ଦରେ ଭରି ଉଠିଲା ମୋର । ସତେ ମୋର ମଲ୍ଲୀ ବଡ଼ ହେବ । ନାଁ ନାଁ । ଏଣିକି ମୁଁ ତାକୁ ଗଢ଼ିବି । ସ୍ନିଗ୍ଧା ହୁଏତ ତାକୁ ବିଗାଡ଼ି ଦେବ ମୁହିଁ ଦେଇ । ସେ ହାତ ବଢ଼ାଇ ମୋତେ ଡାକୁଛି । ମୋର ଦେହ ଜଳି ଯାଉଛି ଯେପରି ଅସହ୍ୟ ଉତ୍ତାପରେ । ତାକୁ କୁଣ୍ଢାଇ ପକାଇଲେ ମୋର ଦେହ ଶୀତଳ ହେବ ଅବା ! ମୁଁ ତର ତର କରି ଗାଡ଼ିରୁ ଓହ୍ଲାଇ ପଡ଼ିଲି । ଆଉ ପଛରେ ଗାଡ଼ି ଗ୍ୟାରେଜରେ ରହିବ ।

ପାଦ ଭୂଇଁରେ ନ ଦେଉଣୁ ଆୟା ଚିଠିଟାଏ ବଢ଼େଇ ଦେଲା । ମୁଁ ଖୋଲିଲି ଅପରିଚିତ ହାତର ଅକ୍ଷର । ନିଶ୍ଚୟ କେହି କଲ୍ ଦେଇ ଯାଇଛି । ତଥାପି ପରିଚିତର ଆଭାସ ଅଛି ସେଥିରେ । ମୋର ଦେହ ଭିତରେ ହଠାତ ଏକ ପୁଲକ ଅନୁଭବ କଲି ମୁଁ ।

ପ୍ରବୀର

ମୁଁ ଦୁଇଟା ଦିନ ପାଇଁ ଆସିଛି । ଚମକି ପଡ଼ିବନି । ଏକ ଘଣ୍ଟା ନିବାସ ରିଆର

Digitized by PPRACHIN, SOA

କରିବାର ସଙ୍କଳ୍ପନାରେ । ବଣ ଜଙ୍ଗଲ ବୁଲି କାମ କରି କରି ମୁଁ କ୍ଳାନ୍ତ । ତୁମର ସହଚର୍ଯ୍ୟ ମୁଁ କାମନା କରେ । ଜୀବନର ଶେଷ ପର୍ଯ୍ୟାୟରେ ମୋର ହାତ ତୁମ ପାଖକୁ ବଢ଼େଇ ଦେଉଛି । ଆଶାକରେ ମତେ ତୁମେ ଭୁଲ ବୁଝିବନି । ଇତି ।

ବନତା

ତଳେ ତାର ଗ୍ରେଷ୍ଟ ଠିକଣା । ମୁଁ ଚମକି ପଡ଼ିଲି । ବନତା । ଜୀବନର ବଡ଼ ଘଡ଼ି ସନ୍ଧ୍ୟାବେଳେ ଆସିଛ ତମେ । ତୁମକୁ କଣ ଭୁଲ ବୁଝିପାରେ ଡାକ୍ତର ପ୍ରବୀର ଦାସ । ସେ ବି କ୍ଳାନ୍ତ । ବଡ଼ ବେଶୀ ପରିଶ୍ରାନ୍ତ ସେ ଜୀବନରେ । ସେ ବି ଚାହେଁ ତମର ସହଚର୍ଯ୍ୟ । ମୁଁ ଆଗ୍ରହରେ ଚିଠିଟା ପଢ଼ିଲି । କାହିଁ କେତେ ଦିନର କଥା ସେ । ତଥାପି ଭୁଲି ହୋଇନି । ଇସ୍ ! ଡାକ୍ତର ବନତା । ଜୀବନ କଣ ତମେ ହିଁ ମତେ ଶିଖାଇଛ — ତମେ ହିଁ ମତେ ଜଳି ଜଳି ବଞ୍ଚି ରହିବାର ମମତା ଦେଇଛ ଡାକ୍ତର ବନତା । ମୋର ଆଖିରୁ ଟୋପାଏ ଲୁହ ଝରି ପଡ଼ିଲା । ମୁଁ ଅପ୍ରସ୍ତୁତ ହେଲି—ଆସ୍ଥା ମୋର ସାମନାରେ ।

ମୁଁ ହାଲୁକା ମନରେ ସିଡ଼ି ଖପ ଖାପ୍ ଡେଇଁ ଘର ଭିତରକୁ ଆସିଲି । ସ୍ନିଗ୍ଧା ଯେ ବିଛଣାରେ ଶୋଇ ଶୋଇ କାନ୍ଦୁଥିବ ; ତାକୁ ବୁଝାଇବାକୁ ହେବ । ବିଚାରୀ ସ୍ନିଗ୍ଧା ? ମୋଟେ ପିଲାଳିଆ ଢଙ୍ଗ ଯାଇନି । କିନ୍ତୁ ଏ କଣ ? ସ୍ନିଗ୍ଧା ନାହିଁ । ଟେବୁଲ ଉପରେ ତା ହାତ ଅକ୍ଷରର ଖଣ୍ଡେ ଚିଠି !

ପ୍ରବୀର,

ଛନ୍ଦା ସାଥିରେ ମୁଁ ଯାଉଛି କେତେ ଦିନ ବାହାରକୁ । ଆଶାକରେ ତମର ଅନୁପସ୍ଥିତିରେ ଯାଉଛି ବୋଲି ମତେ କ୍ଷମା କରିବ ।

ସ୍ନିଗ୍ଧା

ମୁଁ ହସିଲି । ଯାଅ, ଯାଅ ସ୍ନିଗ୍ଧା । ଯେତେ ଟଙ୍କା ଦରକାର ସେତେ ଟଙ୍କା ଦେବି । ତମେ ଡାକ୍ତର ପ୍ରବୀର ଦାସର ସ୍ତ୍ରୀ । ଦେଶ ଭ୍ରମଣ କର ତମେ ଯଦି ହଜାର ହଜାର ଟଙ୍କା ନ ଉଡ଼ାଇବ ତାହାଲେ ମୁଁ କାହିଁକି ଟଙ୍କା ରୋଜଗାର କରିବି ।

ମଲ୍ଲୀ ମାକୁ ଖୋଜି କାନ୍ଦୁଛି । ମଲ୍ଲୀ ! ମୋର ଏକମାତ୍ର ଉତ୍ତରାଧିକାରିଣୀ ମଲ୍ଲୀ ଆଖିରେ ଲୁହ ମୋର ଅସହ୍ୟ । ମା ସିନା ତାର ନାହିଁ । ମୁଁ ତ ଅଛି । ଓଃ ! ଫୁଲି ଡାକ୍ତର ବନତା ଅଛନ୍ତି । ମଲ୍ଲୀ କାନ୍ଦ ନପାରେ । ମୁଁ ଆକୁଳ ଆବେଗରେ ଦୌଡ଼ିଗଲି ତଳକୁ । ମଲ୍ଲୀକୁ କୁଣ୍ଢାଇ ପକାଇ ମୁଁ ଚିତ୍କାର କରି ଉଠିଲି ।

Digitized by PPRACHIN, SOA

"ମଲ୍ଲୀ, ମଲ୍ଲୀ ମା ମୋର । କାହିଁକି କାନ୍ଦୁଛୁ ତୁ ? ମୋର ସୁନା ଝିଅ ପରା ଡାକ୍ତର ବାନର୍ଜୀ ତତେ ଦେଖିବେ । କେତେ ଗେହ୍ଲା କରିବେ ମଲ୍ଲୀ । ସ୍ନିଗ୍ଧାକୁ ତୁ ଭୁଲି ଯା ମା । କିଏ ଜାଣେ ସେ କେବେ ଫେରିବ ? ତୁ କାନ୍ଦନା ମଲ୍ଲୀ !"

ଏ କଣ ? ଘରର ଭିତର ବାହାର ସମସ୍ତେ ରୁଣ୍ଡ ହୋଇ ମତେ ଅନେଇଛନ୍ତି । ମଲ୍ଲୀ ବକ୍ ବକ୍ କରି ଚାହିଁଛି ମତେ ! କାହିଁକି ? ଓଃ ! ମୁଁ ମୁଁ – ଡାକ୍ତର ପ୍ରଦୀପ ନୁହେଁ—ମୁଁ ଡାକ୍ତର ବାନର୍ଜୀଙ୍କର ଇଣ୍ଟର୍ଣ୍ଣି ପ୍ରଦୀପ ଦାସ କାନ୍ଦୁଛି ଯେ ! ମଲ୍ଲୀର କଅଁଳ ହାତ ପାପୁଲି ମୋର ଲୁହ ପୋଛିବାରେ ବ୍ୟସ୍ତ । ତଥାପି ବି ମୁଁ କାନ୍ଦୁଛି ।

Digitized by PPRACHIN, SOA

ଶ୍ୟାମଳ-ବନାନୀ

ବନାନୀର ଆଖିରେ ଲୁହ । ଚେଷ୍ଟା କଲେ ବି ଜକେଇ ଉଠୁଛି ଅଜାଣତରେ । ସମ୍ମୁଖରେ କୁଳୁ କୁଳୁ ଝରଣା । ସବୁଜ ଶ୍ୟାମଳ ଅରଣ୍ୟର ଜାଦୁକରୀ ମାୟା । ଅଜସ୍ର ପକ୍ଷୀର କଳ ଗୁଞ୍ଜନ ଭାସି ଆସୁଛି ମର୍ମେ ମର୍ମେ । ଉପରେ ସୂର୍ଯ୍ୟ କିରଣ ଚକ୍ ଚକ୍ କରୁଛି । ବହଳ ଫାଙ୍କରେ ଦୁଇ ଚାରିଟା ରଶ୍ମିରେଖା ମାତ୍ର ଝରି ପଡୁଛି ବନାନୀର ପତଳା ନରମ ଦେହରେ । ଫୁଲର ମହକ ଆସୁଛି ପବନ ସାଥିରେ । କିନ୍ତୁ କି ଫଳ ସେ ? ଆଖିରେ ତାର ଲୁହ ଉବୁକି ଉବୁକି ଉଠୁଛି । ବନାନୀ କାନ୍ଦିବ ? ଜୀବନରେ କେବେ ଭଲ କରି ସମୟ ପାଇନି କାନ୍ଦିବାକୁ—ମନ ଭରି ଲୁହ ଢାଳି କାନ୍ଦିବାକୁ । ଏଣିକି ତେଣିକି ଅନାଇଲା ବନାନୀ । କେହି ନାହିଁ । ଝରଣାର କୁଳୁ କୁଳୁ ସ୍ୱନ । ଶୁଖିଲା ପତ୍ରର ଖଡ ଖଡ଼ ଆବାଜ । ବହୁତ ଦୂରରେ ଡାକ ବଙ୍ଗଳାରେ ବସି ଛବି ଆଙ୍କୁଛି ଶ୍ୟାମଳ—ଶିଳ୍ପୀ ଶ୍ୟାମଳ । ବନାନୀର କାନ୍ଦ ତାକୁ ଶୁଭିବ ନାହିଁ । କାନ୍ଦିସାରି ମନକୁ ହାଲୁକା କରି ଦେବ ବନାନୀ । ତାପରେ ଝରଣାର ସ୍ୱଚ୍ଛ ନୀରରେ ମୁହଁ ଧୋଇ ଯାଇ ଛିଡ଼ା ହେବ ଶ୍ୟାମଳ ଆଗରେ । ଶ୍ୟାମଳ ପଚାରିବ, ହାତ ଧରି ତାର ଅନୁନୟ କରିବ । କହି ହେଲା ବନାନୀ । ଅରଣ୍ୟର ଶୋଭା ଯଦି ତମକୁ ଭଲ ନ ଲାଗୁଛି ତାହେଲେ ଏଠି ଆମେ ଆଉ ରହିବାନି । ଚାଲି ଯିବା କୋଳାହଳମୟ ସହରକୁ । ନିତ୍ୟ ନିତ୍ୟ ନବ କଲ୍ଲୋ-

Digitized by PPRACHIN, SOA

ନବେ ହସର ଝଙ୍କାର ଛୁଟିବ ତୁମ ଅଧରରେ । ସେଇ କଣ ମୋର ଶିଳ୍ପର ଶ୍ରେଷ୍ଠ ପୁରସ୍କାର ନୁହେଁ ବନାନୀ ।”

ଝଲକାଏ ପବନରେ ଝର ଝର ଝଣ ପଡ଼ିଲା ଶୁଖିଲା ପତ୍ର ଗୁଡ଼ାଏ । ନିଜ ଭାବନାରେ ନିଜେ ଚମକି ପଡ଼ିଲା ବନାନୀ । ଅରଣ୍ୟର ସବୁଜିମା ହରି ନେଇ ପାରୁନି ତା ପ୍ରାଣର କ୍ଷୁଧା, ଜ୍ୱାଳା, ତୃଷ୍ଣା କିଛି ମାତ୍ର । ମନ ସେମିତି ଧୂ ଧୂ ଜଳୁଛି । ବିବାହ ପୂର୍ବରୁ ସେ ଶ୍ୟାମଳକୁ କହିଥିଲା ।

“ଶ୍ୟାମଳ ଚାଲ ଏ ସହର ଛାଡ଼ି ଚାଲିଯିବା । ମତେ ଏ କୋଳାହଳ ଭଲ ଲାଗୁନି ମୋଟେ । ନେଇ ଯାଇ ପାରିବ ମତେ ଏକ ଘନ ବନାନୀର ଶ୍ୟାମଳ କୋଳକୁ । ଯେଉଁଠି ଝରଣା ଧାଇଁଥିବ କୁଳୁ କୁଳୁ—ବନ ପକ୍ଷୀ ଡାକୁଥିବ କୁଉ କୁଉ । କେହି ଆଉ ନ ଥିବେ ସେଠି । ନେଇଯିବ ମତେ ସେଇଠିକି ଶ୍ୟାମଳ ?” ଉତ୍ତରରେ ଶ୍ୟାମଳ ହସିଥିଲା ମୃଦୁ ମୃଦୁ ।

ଲକ୍ଷପତିର ସନ୍ତାନ ଶ୍ୟାମଳ ପାଖରେ ଚିର ଆକାଂକ୍ଷିତ ଥିଲା ବନାନୀ । ତାର ଶିଳ୍ପ ସାଧନାର ଚରମ ଲକ୍ଷ୍ୟ ଥିଲା ବନାନୀ ନୃତ୍ୟ ପଟୀୟସୀ ବନାନୀର ଚରଣ ତଳେ ଆକୁଳ ହୋଇ ଶ୍ୟାମଳ ମାଗିଥିଲା ଭିକ୍ଷା । ଯେହିପରି ମାଗିଥିଲେ ଦୟା କରୁଣା ଆହୁରି କେତେ ଅତି ନିଭୃତରେ । ସମସ୍ତଙ୍କ ପାଦରେ ଦଳି ବନାନୀ କରୁଣା କରିଥିଲା ଶ୍ୟାମଳକୁ । କାରଣ ସମସ୍ତିଙ୍କ ପ୍ରତି ତାର ଅନୁକମ୍ପା ଥିଲେ ମଧ୍ୟ ସମସ୍ତଙ୍କୁ ସହ୍ୟ କରିବା ତାର ସୀମାର ବହିର୍ଭୂତ ଥିଲା । ତେଣୁ ଶ୍ୟାମଳକୁ ହିଁ ସେ ବାଛିଥିଲା ଶେଷରେ—ନିଜକୁ ନିରାପଦ ରଖିବା ପାଇଁ ।

ବିବାହ ପରେ ଶ୍ୟାମଳ ତାକୁ ନେଇ ଆସିଥିଲା ଏଇ ଘନ ଅରଣ୍ୟକୁ । ସାଥିରେ ଆଣିଥିଲା ତାର ତୁଳୀ । ଆଙ୍କିନେବ ଅରଣ୍ୟ ଆଉ ବନାନୀର ଛବି ମନୋରମ କରି । କିନ୍ତୁ ବନାନୀ ଭାବିଥିଲା ସେ ଯିବ ଅରଣ୍ୟର ଶିରୀ ଶୋଭାରେ ଯେତେବେଳେ ଗ୍ରୀଷ୍ମର ପ୍ରଚଣ୍ଡ ଅନଳ ଲାଗିବ । ଜଳିଯିବ ସମସ୍ତ ନୀଳିମା ଥରଥର ହୋଇ । ସେତିକବେଳେ ସେ ପଖାଳି ନେବ ନିଜର ହୃଦୟକୁ । ଅଗ୍ନିରେ ଧୋଇ ପରିଷ୍କାର ହୋଇ ଆସିବ । ନିଭୁବା ଜଳିଯିବ ହେଇ ବନାଗ୍ନିରେ ସେ । ମନ ହେଲା ବନାନୀର ଉଡ଼ିଆସିଲା କାଠିଏ ମାଣ ଦିଅନ୍ତା । ଅରଣ୍ୟର ନୀଳିମା ଦେହରେ । ଆଃ ! କି ମଜା ହୁଅନ୍ତା—ଚମତ୍କାର ଦିଶନ୍ତା । କିନ୍ତୁ ସେଇ ଧ୍ୱଂସର କଳ୍ପନା କରି ବନାନୀ ହସି ଉଠିଲା । ନାଁ ନାଁ ଏଇକ୍ଷଣି

Digitized by PPRACHIN, SOA

ସେ ଯାଇ ଶ୍ୟାମଳଙ୍କୁ ଅନୁନୟ କରି କହିବ "ଶ୍ୟାମଳ—ମୋର ଶ୍ରେଷ୍ଠ ଅନୁରୋଧଟିକୁ ରଖ ଶ୍ୟାମଳ । ଛବିଟିଏ ଆଙ୍କିଦିଅ ମତେ । ଯେଉଁ ଛବିରେ ବନାନୀର ସମସ୍ତ ସବୁଜିମା ଛାରଖାର ହୋଇ ଯାଉଛି । ପୋଡ଼ି ଯାଉଛି ଧୂ ଧୂ ହୋଇ ! ଅଗ୍ନିର ଲେଲିହାନ ଜିହ୍ୱା ଭିତରେ ପୋଡ଼ି ଜଳି ଯାଉଛି ବିଶ୍ୱର ସମସ୍ତ ଲାବଣ୍ୟ । ଆଉ ସେଇ ଛବି ଦେହରେ ମୋର ଛବି ଆଙ୍କି ଦିଅ । ଯେଉଁଥିରେ ମୁଁ ପୋଡ଼ି ଜଳି ଛାରଖାର ହୋଇ ଯାଉଥିବି । ଲତା ପତ୍ରରେ ଛନ୍ଦି ଦିଅ ମୋର ହସ୍ତ ପଦ । ଆଉ ଠିକ୍ ସେତିକବେଳେ ମୋ ଓଠରେ ଦିଅ ଟୋପାଏ ହସ । ତୁମର ତୁଳୀ କଣ ସେତିକି କରି ପାରିବନି ଶ୍ୟାମଳ ?"

ସନ୍ଧ୍ୟା ହୋଇ ଆସିଲାଣି । ପାହାଡ଼ ସେ ପଟେ କେତେବେଳେ ଅନ୍ଧାର ଜମି ଆସିଲାଣି । ଉପରୁ ପଡ଼ିଲାଣି ଟୋପାଏ ଟୋପାଏ ବର୍ଷା । ନାଁ ଧରି ବଙ୍ଗଳାରୁ ଡ଼ାକ ଛାଡ଼ୁଛି ଶ୍ୟାମଳ ତାଙ୍କୁ—ତାର ନବ ପରିଣୀତା ବଧୂ ବନାନୀଙ୍କୁ । ବାସର ରାତିରେ ଅନୁନୟ ଯାର କେବଳ ଅରଣ୍ୟ ଭ୍ରମଣ ।

ବନାନୀ ଛୁଟିା ହେଲା । ଅରଣ୍ୟଟା କେତେ ସୁନ୍ଦର । ସ୍ୱାରି ଭିତରେ ଫ୍ରକ୍ ପିନ୍ଧି ଦୌଡ଼ି ଦୌଡ଼ି ସେ ହାଲିଆ ହୋଇ ପାରନ୍ତା କି ? କିନ୍ତୁ ମନ ଭିତରଟା ଏମିତି ଜଳୁଛି କାହିଁକି ? ଅଜାଣତରେ ପଛକୁ ଫେରୁଥିଲା ସେ । ଶ୍ୟାମଳର ଘନ ଘନ ଡ଼ାକ ଶୁଭୁଛି ।

ଗ୍ଳ' ଟେବୁଲ୍ ପାଖରେ ପ୍ରତୀକ୍ଷା କରିଛି ଶ୍ୟାମଳ ତାଙ୍କୁ । ଚଉକି ଟାଣି ବସୁ ବସୁ ବନାନୀ କହିଲା "ମତେ ଆଉ ଭଲ ଲାଗୁନି ଶ୍ୟାମଳ । ମୋର ମନ ଯେମିତି ଅବଶ ହୋଇ ଯାଉଛି ବେଳକୁ ବେଳ । ଏ ଜଙ୍ଗଲ ମତେ ଆଉ ଶାନ୍ତି ଦେଇ ପାରୁନି ।"

"ତା ହେଲେ ଗ୍ଳଲ ବନାନୀ—ଆହୁରି ଭିତରକୁ ଯିବା—ନିବିଡ଼ ଜଙ୍ଗଲକୁ । ଆସାମ ଯିବ ବନାନୀ ? ନାଁ କାଶ୍ମୀର ନାଁ ଦାର୍ଜିଲିଂ ଯିବ ? କହ ଯେଉଁ ଅରଣ୍ୟ ତୁମର ଦେଖିବାକୁ ଇଚ୍ଛା ସେଇଠାକୁ ଯିବା ବନାନୀ ।"

ବନାନୀ କିନ୍ତୁ ନୀରବ । ଗ୍ଳ ପିଉଛି ଶ୍ୟାମଳ । ଲଣ୍ଠଣ ଆଲୁଅରେ ଶ୍ୟାମଳର ଉଜ୍ଜ୍ୱଳ ମୁହଁରେ ଆନନ୍ଦର ଉଲ୍ଲାସ ଢେଉ ଖେଳୁଛି । କଣ କହିବ ବନାନୀ ଉତ୍ତର ଦେଇ ପାରୁନି । ଶ୍ୟାମଳର ମୁହଁରେ ପ୍ରଶ୍ନର ଚିହ୍ନ !

ନାଁ ନାଁ କୁଆଡ଼େ ଯିବାନି ଶ୍ୟାମଳ । ଏଇଠି ଆମେ ରହିବା ଗ୍ରୀଷ୍ମ ଋତୁ ପର୍ଯ୍ୟନ୍ତ । ଯେତେବେଳେ ଏ ପୃଥିବୀର ସମସ୍ତ ସବୁଜିମା ଧ୍ୱଂସ ହୋଇଯିବ ସେତେବେଳେ ଯାଇଁ ଆମେ ଯିବା ଶ୍ୟାମଳ ।

Digitized by PPRACHIN, SOA

କଥା ଦିଅ ମତେ — ତା ପୂର୍ବରୁ କେବେହେଲେ ଯିବନାହିଁ ?

“ବନାନୀ ?” ଶ୍ୟାମଳର ଉଜ୍ଜ୍ୱଳ ଆଖିରେ ଅଶ୍ରୁ । “କଣ ହୋଇଛୁ ତୁମର ବନାନୀ—ପୃଥିବୀର ଏ ସୌନ୍ଦର୍ଯ୍ୟ ଚୂର୍ଣ୍ଣ ବିଚୂର୍ଣ୍ଣ ହୋଇଗଲେ ତୁମେ କେଉଁଠି ପାଇବ ଏତେ ପ୍ରାଣ-ପ୍ରାଚୁର୍ଯ୍ୟ ।” ବନାନୀ ଯେପରି ଅପ୍ରସ୍ତୁତ ହେଲା ।

“କିନ୍ତୁ, ମତେ ତ ଆଉ ଭଲ ଲାଗୁନି ।”

“ତା ହେଲେ ଚାଲ କାଲି ଶିଲଂ ବନାନୀ । ନିର୍ଜନ ବେଳାରେ ଧାଡ଼ି ଧାଡ଼ି ଶ୍ୟାମଳ ବୃକ୍ଷ । ପକ୍ଷୀର କୁଜୁ କୁଜୁ କାକଳିରେ ପ୍ରାଣ ପ୍ରାଚୁର୍ଯ୍ୟ ତୁମକୁ ବେଶ୍ ଭଲ ଲାଗିବ ବନାନୀ । ଚାଲ କାଲି ଯିବା । ବନାନୀ ଉତ୍ତର ଦେଲାନି । ଶିଲଂର ଅରଣ୍ୟ ସତେ କି ତାକୁ ନୂତନ ଜୀବନ ଦେବ ? ସତେ କି ଧୋଇ ନେବ ତାର ଗ୍ଲାନି ? ଅନ୍ୟ ମନସ୍କ ଭାବେ ବସି ରହିଲା ବନାନୀ । ଚା’ କପ୍ ଥଣ୍ଡା ହୋଇ ଆସିଲାଣି ।

ଶ୍ୟାମଳ ଛବି ଆଙ୍କିବାରେ ବ୍ୟସ୍ତ । ଲକ୍ଷ୍ୟ କରିନି କେବେ ବନାନୀ ସେ ଚିତ୍ରକୁ । ସେ ଯେପରି ସମସ୍ତ ଜିନିଷ ପ୍ରତି ଉଦାସୀନ । ହଠାତ୍ ଚମକି ପଡ଼ିଲା ସେ । ତାର କଳ୍ପନାଠୁ ଯଥେଷ୍ଟ ସୁନ୍ଦର ଚିତ୍ର ଫୁଟାଇଛି ଶ୍ୟାମଳ । କାନ୍ଥର ଚାରିପଟେ ରାଶି ରାଶି ଅରଣ୍ୟ ଚିତ୍ରର ସମାହାର । ବର୍ତ୍ତମାନ ଏକ ସୁନ୍ଦର ଅରଣ୍ୟ ତଟରେ ଧ୍ୟାନରତା ଏକ ତରୁଣୀର ଛବି ଆଙ୍କୁଛି ଶ୍ୟାମଳ । ସେ ବନାନୀ ନୁହେଁ ତ ? ହଁ ସତେ ତ ବନାନୀର ଛବି ସେ । ବନାନୀର ଦେହରେ ଏକ ଅଦ୍ଭୁତ ରୋମାଂଚର ସ୍ପର୍ଶ । ସେ ଚିତ୍କାର କରି ଆବେଗରେ ଶ୍ୟାମଳକୁ କୁଣ୍ଢାଇ ପକାଇଲା । ତୂଳୀ ଅଟକି ଯାଇଛି ଶ୍ୟାମଳ । ବନାନୀ ତାକୁ ସମସ୍ତ ଶକ୍ତି ନେଇ ଭିଡ଼ି ଧରିଛି । ଏତେ ପ୍ରାଚୁର୍ଯ୍ୟତା କେବେହେଲେ ସେ ବନାନୀଠୁ ଆଶା କରିନି । ଲକ୍ଷ୍ୟ କରିନି ଶ୍ୟାମଳ କେତେବେଳେ ତା ହାତରୁ କଳା ରଙ୍ଗ ଟୋପାଏ ଛିଟିକି ଯାଇ ଛବି ଦେହରେ ଥିବା ଧ୍ୟାନରତା ବନାନୀର ଆଖି ତଳେ ଅଶ୍ରୁ ପରି ଝଟକି ଉଠିଛି । ଶ୍ୟାମଳ ଚିତ୍କାର କରି ଉଠିଲା ଆଘାତରେ “କଣ ହେଲା ବନାନୀ” । ନିସ୍ତେଜ ତୂଳୀଟା ହାତରୁ ତାର ଖସି ପଡ଼ିଲା ତଳେ !

ବନାନୀ ଏକ ଅପରୂପ ଆନନ୍ଦରେ ହୋ ହୋ କରି ହସି ଉଠିଲା — କଣ୍ଠରେ ତାର ଆଶ୍ଚର୍ଯ୍ୟ ମଦକତା ।

“ଶ୍ୟାମଳ ବନାନୀକୁ କେନ୍ଦ୍ର କରି କେତେ କଏ ଶିଳ୍ପୀ ଆଙ୍କିଗଲେ ଅସଂଖ୍ୟ ଛବି । ଅଧରରେ ଦେଲେ କୃତ୍ରିମ ହାସର ଛଟା । ମୋର ଶରୀରର ପ୍ରତି ଲୋମ କୂପରେ

Digitized by PPRACHIN, SOA

ଝଙ୍କି ଦେଲେ ଅଫୁରନ୍ତ ହସର ଜୁଆର । ସତେ କ ମୁଁ ଉର୍ବଶୀ ! କେତେ କଏ ଲେଖି କାବ୍ୟ କବିତା – ଅସଂଖ୍ୟ ଗଳ୍ପର ମୁଁ ହେଲି ମନୋମିତ ନାୟିକା । ଅସଂଖ୍ୟ ହୃଦୟର କଳ୍ପନା କୁଞ୍ଜର ମାନସୀ । କେହି ଜଣେ ମୋଠି ଆରୋପ କଲେନି ବେଦନା ବା କରୁଣତା ଆଉ ତୁମେ ଶ୍ୟାମଳ ? ତୁମର ତୁଳୀରେ ବି ମୋର ଅଧରର ସେଇ ମନମତାଣିଆ ହସ ··· ··· ··· ।

"ତା ହେଲେ ତୁମେ ମୋତେ ମତେ ବିବାହ କରି ସୁଖି ନୁହଁ ବନାନୀ ?

"ସେ ଏକ ଦୁରୁହ ପ୍ରଶ୍ନ ଶ୍ୟାମଳ । ବିବାହ କରି କଏ ସୁଖି କି ଅସୁଖି ତା । ନିର୍ଣ୍ଣୟ କରିବା ବଡ କଷ୍ଟସାଧ୍ୟ । ତୁମେ ଶିଳ୍ପୀ—କଳା କୁଞ୍ଜରେ ତୁମେଇ କଣ ଖାଲି ଦେଖିଲ ସ୍ୱପ୍ନ, ବିଳାସ ଆଉ ଉର୍ବଶୀର ଅଧର ତଳେ ହାସ୍ୟର ନିଶା !"

"ନିଜର ମନ ହିଁ ଦର୍ପଣ ବନାନୀ । ସୁଖ ବା ଦୁଃଖ ଏ ପୃଥିବୀରେ କିଛି ନ ଥାଏ । ମନର ସୁଖ ଦୁଃଖ ନେଇ ଏ ପୃଥିବୀରେ ଜୁଆର ଛୁଟେ କି ଭଟ୍ଟା ପଡେ । ତାହେଲେ ତୁମେ କଣ ଅସ୍ୱୀକାର କରିବ ବିବାହ କରି ତୁମେ ଦୁଃଖିତ ନୁହେଁ ବୋଲି !"

''ଶ୍ୟାମଳ ! ଆଘାତ ପରେ ଆଘାତ ଦେଇ ଦେଇ ମତେ ବିକ୍ଷତ କରନା ତମେ ! ପୃଥିବୀରେ ଯଦି ବନାନୀ କାହାକୁ ଶ୍ରଦ୍ଧା କରେ ସେଇ ଶିଳ୍ପୀ ଶ୍ୟାମଳ – ବଞ୍ଚିବାର ମମତା ଯଦି ତାର ଆଏ ଆସିଥାଏ ତାହେଲେ ତୁମ ଛଡ଼ା ବନାନୀର କଏ ଅଛି ଶ୍ୟାମଳ ?''

''ଶ୍ୟାମଳ ଉତ୍ତର ଦେଲିନି । ପଦତଳେ ସେମିତି ବିଧୂର ତୁଳୀଟି ପଡ଼ି ରହିଛି । ଅରଣ୍ୟର ନିସ୍ତବ୍‌ଧ ବକ୍ଷରେ ନଇଁ ଆସୁଛି ରାତିର ଗାଢ଼ ଅନ୍ଧକାର ।

କେତେବେଳେ ଧଣ୍ଡବନ୍ଧା ସମସ୍ତ କାମ ସାରି ବନାନୀ ଶୋଇ ପଡ଼ିଛି ତାର ଖିଆଲ ନାହିଁ । ପାହାନ୍ତିର ନରମ ପବନ ସ୍ପର୍ଶରେ ନିଦ୍ରା ଭାଙ୍ଗିଗଲା ତାର । ମାଟିର ଗନ୍ଧରେ ବିଭୋର ହୋଇ ବହି ଆସୁଛି ସୁଶୀତଳ ପବନ । ଅରଣ୍ୟର ବକ୍ଷ ଭିତରେ କେଉଁଠି ଲୁକ୍କାୟିତ ନାମ ହୀନ ପୁଷ୍ପ ରାଶିର ସୁବାସିତ ମାଧୁରୀ ସେଥିରେ । ପର୍ବତର ଉପରଭାଗ ରକ୍ତିମ ଦିଶୁଛି ସେଇ ବାତାୟନ ଫାଙ୍କ ଦେଇ । ଆଉ ଟିକକ ପରେ ଦିଗନ୍ତ ଫୁଟିବ ରକ୍ତିମ ରବି !

ଉଠି ଆସିଲା ବାହାରକୁ ବନାନୀ । ଚମତ୍କାର ଦିଶୁଛି ସମସ୍ତ ଅରଣ୍ୟ ଆଉ ଆକାଶ । ଶ୍ୟାମଳର ଏଇ ରକ୍ତିମ ଛଟାଟି ଆଙ୍କି ନେବା ଉଚିତ । ବନାନୀ ତାକୁ ଅନୁରୋଧ କରିବ । ହସିଲା ବନାନୀ ମନକୁ ମନ । ତାର କୌଣସି ଅନୁରୋଧ ବ୍ୟର୍ଥ ହୋଇନି । ସ୍କୁଲ, କଲେଜ, ବନ୍ଧୁ ମହଲ ଆଉ ବ୍ୟକ୍ତିଗତ ଜୀବନରେ ସେ ସବୁଠାରେ

Digitized by PPRACHIN, SOA

ଶାସନ କର୍ତ୍ତା । ବନାନୀକୁ କେହି ହସ୍ତାନ୍ତର କରି ନ ପାରେ । ବନାନୀ ଯଦି ଚାହୁଁଥାନ୍ତା ସାତ ସମୁଦ୍ରର ତଳେ—ହସ୍ତି ଦାନ୍ତିରେ ମାଣିକ ଝୁମ୍ପ ତଳେ ଯେଉଁ ଫରୁଆ ଅଛି ତାକୁ ଆଣି ଦେଇଥାନ୍ତା ସୌଦାଗର ବଣିକ କାମିନୀ କାଙ୍କର । ଯଦି କହିଥାନ୍ତା ସରଗ ଦେଶରୁ ତୋଳି ଆଣିଦିଅ ମାଳେ ପାରିଜାତ ଆଣି ଦେଇଥାନ୍ତା ବିମାନ ଚାଳକ । ସନ୍ତରଣ ପଟୁ ସମରେଶ ଚୌଧୁରୀ । ଦେବୀତ୍ୱ ଆରୋପ୍ୟ କରି ମଥା ଉପରେ ସହର, ରାଜପଥ ଜନ ଗହଳି ବିଦେଶ ଯାତ୍ରା କରି ପାରିଥାନ୍ତା ଅକ୍ଳେଶରେ କବି ମନ୍ମଥ । ରାଜ ନୀତିଜ୍ଞ ସୁରଥ ହୁଏତ ରାଜଗାଦୀ ସମର୍ପିଥାନ୍ତା ତାର ଚରଣ ତଳେ ଆଉ ତାକୁ ପାଇବା ପାଇଁ ଯୋଗ ସାଧନା ମନ୍ତ୍ର ପୂତ ପ୍ରାଣ ଦେଇ ଢଳଢଳ ଢାଳି ଦେଇ ପାରିଥାନ୍ତା ଦେବତାର ଚରଣ ତଳେ ରାମଲାଲ୍ । ଆହୁରି କେତେ କିଏ--ସ୍ତୁତି ଗାନ କରି ତାର ଜୀବନକୁ ମୁଖରିତ କରି ଯାଇ-ଛନ୍ତି । ବନାନୀର ଅଧର ହସରେ କଳ୍ପନା କରିଛନ୍ତି ସେମାନଙ୍କର ଜୀବନ ମୂଲ୍ୟ । ଆଉ ଶ୍ୟାମଳ ! ସମସ୍ତିଙ୍କ ମଧ୍ୟରୁ ତାକୁଇ ପସନ୍ଦ କରିଥିଲି ସାମାଜିକ ନିରାପତ୍ତା ପାଇଁ—ତେବେ ତାଠାରୁ ସେ ପ୍ରାଣର ସ୍ପନ୍ଦନ ଖୋଜିବା ବୃଥା ନୁହେଁ କି ? ସେ ବି ଭୁଲି ଯାଇଛି ସ୍ୱାମୀତ୍ୱ ଆଉ ପୁରୁଷତ୍ୱ ବନାନୀର ଅଧର ଛଟାରେ ଆଉ ନୃତ୍ୟର କ୍ଳାନ୍ତିହୀନ ଛନ୍ଦରେ । ପୃଥିବୀର ସମସ୍ତ କଳ୍ପନାକୁ ରୂପାୟିତ କରି ତୁଳୀ ମୁନରେ ସେ ଅକ୍ଳେଶରେ ତାର ଚରଣ ତଳେ ଭେଟି ଦେଇପାରିବ । କେଉଁଥିରେ ବନାନୀର ଅଭାବ ? ସହରର କୋଳାହଳ ଛାଡ଼ି ବନାନୀ ପଳାଇ ଆସିଥିଲି ନିର୍ଜନ ଅରଣ୍ୟ ଭିତରକୁ । କାହିଁ ? କାହିଁ ? ହସିବାକୁ ଚେଷ୍ଟା କଲି ବନାନୀ । ସେ ପାରିବନି—ସେ ଅଶାନ୍ତ, କ୍ଳାନ୍ତ ଆଉ ଆଉ ଶ୍ରାନ୍ତ । ନାଃ ! ସେ ପାରିବନି ।

ବାଳ ସୂର୍ଯ୍ୟର ନରମ କିରଣରୁ ଟିକିଏ ଆସି ପଡ଼ିଲି ତା ଦେହରେ । ସୂର୍ଯ୍ୟ ଆସୁଛନ୍ତି ଉଠି ଧୀରେ ଧୀରେ । ଶ୍ୟାମଳ ବିଛଣାରେ ବସି ସରସ୍ୱତୀଙ୍କର ବନ୍ଦନା କରୁଛି । ଅରଣ୍ୟର ରନ୍ଧ୍ରେ ରନ୍ଧ୍ରେ ଏବେ ବି ଅଖଣ୍ଡ ନୀରବତା । ନିକଟବର୍ତ୍ତୀ ନଦୀର କୁଳୁ କୁଳୁ ସ୍ୱର ଝଙ୍କାର ତୋଳୁଛି ରହି ରହି । ସେ ବି ଯେପରି ଅବସନ୍ନ ଜଡ଼ ।

"ବନାନୀ ।" ଶ୍ୟାମଳ ତା କାନ୍ଧ ଉପରେ ହାତ ରଖି ସୋହାଗ ଭରା କଣ୍ଠରେ ଡାକୁଛି ତାକୁ ।

"ଜାଣ ବନାନୀ, ସମସ୍ତେ କାଲି ମୋ ପାଖକୁ ଚିଠି ଲେଖିଛନ୍ତି । ମନେଥିବ କାମିନୀ କାଙ୍କର । ରାମଲାଲ, ମନ୍ମଥ, ଆଉ ସୁରଥ ଆହୁରି କେତେ ବନାନୀ । ସବୁରି ସାଥିରେ ପ୍ରତିଯୋଗୀତା କରି ମୁଁ ତୁମକୁ ଛଡ଼ାଇ ଆଣିଥିଲି ଅନ୍ୟମାନଙ୍କଠାରୁ । ସେଇମାନେ ପ୍ରତି-ହିଂସା ପ୍ରାୟ ଚିଠି ଲେଖନ୍ତି ଶୁଭେଚ୍ଛା ଜଣାଇ । କେତେ ଅନୁନୟ କରିଛନ୍ତି ସେମାନେ ତୁମେ ସେମାନଙ୍କ ପାଖକୁ ଦୁଇ ଧାଡ଼ି ଲେଖିବା ପାଇଁ । ଲେଖିବ ବନାନୀ ?"

Digitized by PPRACHIN, SOA

ବନାନୀ ହସିଥିଲା ଅନ୍ତରେ । ପ୍ରତ୍ୟେକ ପ୍ରତ୍ୟେକଙ୍କଠାରୁ ଅଲଗା । ସେ ସେମାନଙ୍କୁ ଗୋଟି ଗୋଟି କରି ଜାଣେ । ଶ୍ୟାମଳକୁ ସେମାନେ ଗୋଟାଏ କଥା କହିଲେ ବନାନୀକୁ ଗୋଟାଏ କଥା କହିବେ । ବିଚରା ଶ୍ୟାମଳ ।

"ଶୁଣ ବନାନୀ । ସେମାନଙ୍କର ଏତେ ଆଗ୍ରହ ଆସିବା ପାଇଁ । କେବଳ ତମଠୁ କିଛି ସୂଚନା ପାଇ ନାହାନ୍ତି ବୋଲି ସେମାନେ ସଙ୍କୋଚ ବୋଧ କରୁଛନ୍ତି । ତୁମେ ମୋ ନ ଲେଖିଲେ ନାହିଁ । ମୁଁ ତମ ତରଫରୁ ଲେଖି ଦେଉଛି ଆସିବା ପାଇଁ । ତୁମେ ତ ଜାଣ ସେମାନେ କେମିତି ଆମୋଦ ପ୍ରିୟ । ତୁମକୁ ବେଶ୍ ଭଲ ଲାଗିବ ।"

ଚିତ୍କାର କରି ପାଟି କରି ମନା କରି ଦେବାକୁ ଇଚ୍ଛା ହେଲା ତାର—ଲୋଡ଼ା ନାହିଁ ତାର କିଛି ବନ୍ଧୁ ବାନ୍ଧବ, ଆମୋଦ ପ୍ରମୋଦ ସଙ୍ଗସୁଖ । ସେ ଏକୁଟିଆ ରହିବାକୁ ଚାହେଁ ଏଇ ଅରଣ୍ୟର ଘନ ସବୁଜିମା ମଧ୍ୟରେ ସେ ଏକାନ୍ତ ଲୀନ ହୋଇ ଯିବାକୁ ଚାହେଁ । ସେ ଶ୍ୟାମଳର ଉପସ୍ଥିତି ମଧ୍ୟ ବେଶୀ ସମୟ ଚାହେଁ ନା ।

କିନ୍ତୁ କହି ପାରିଲେନି କିଛି ବନାନୀ । କଣ୍ଠ ନଳୀରେ ଯେପରି ତାର ଅସହ୍ୟ ଯନ୍ତ୍ରଣା । ବାଳ ସୂର୍ଯ୍ୟର କିରଣ ଖର ହୋଇ ଆସୁଛି ଧୀରେ ଧୀରେ ।

× × × ×

ଶ୍ୟାମଳ ଚିଠି ଦେଇଛି ତାର ହୋଇ । ସେମାନେ ନିଶ୍ଚୟ ଆଜି ଆସିବେ । ଶ୍ୟାମଳ ତାର କଳା କୁଞ୍ଜ ବୁଲି ଦେଖାଇବ ସେମାନଙ୍କୁ । ଗୋଟି ଗୋଟି କରି କାଢ଼ି ଦେଖାଇବ ବନାନୀର ମନ ଭୁଲାଣିଆ ରୂପଛବି । ସେମାନେ ପ୍ରଶଂସା କରିବେ । ହୁଏତ ମନେ ମନେ ଶ୍ୟାମଳକୁ ଅଜସ୍ର ଅଭିଶାପରେ ପୋଡ଼ି ପକାଇବେ । କିନ୍ତୁ ସେଇଥିରେ କଣ ବନାନୀ ଜୀବନର ସକଳ ସାର୍ଥକତା ? ସେମାନେ ଫେରି ଯିବେ । ଶ୍ୟାମଳ ଚାଲି ଯିବ । ଅରଣ୍ୟର ପ୍ରତି ରନ୍ଧ୍ରେ ରନ୍ଧ୍ରେ ଯେତେବେଳେ ଖେଳି ବୁଲିବ ତାର କରୁଣ ମୂର୍ଚ୍ଛନା— ବନାନୀ ସେତେବେଳେ ବଂଚିବ କିପରି ? ଜୀବନର ଅନ୍ତିମ ସତ୍ୟ ପ୍ରାଣର ପରିଚୟ ଯଦି ଏହାହିଁ ହୁଏ ତାହାଲେ ବନାନୀ ଆଉ ବଂଚିବନି । ମୃତ୍ୟୁ ତାର ଶ୍ରେୟସ୍କର । ଉହୁଁକି ଅନାଇଲା ସେ ତଟିନୀର ସ୍ୱଚ୍ଛ ଜଳ ଦେହରେ ତାର ସ୍ଥିର ପ୍ରତିବିମ୍ବ ଚହଲି ଉଠୁଛି । ଏଇ ଦେହ ଯାର ବର୍ଣ୍ଣିଳ ମାଧୁରୀ ଏତେ ଆକର୍ଷଣମୟୀ ? କାଟିଦେଲେ ଝରିଯାନ୍ତା ଟୋପା ଟୋପା ରକ୍ତ । ହାଡ଼ କେତେ ଖଣ୍ଡ ଉପରେ ଏଇ ଚମଡ଼ାର ଘନ ବେଷ୍ଟନୀ । ତାର ଫେରେ ଏତେ ଜ୍ୱାଳା ଏତେ କ୍ଷୁଧା ? ରୂପଟା ଯଦି ପୋଡ଼ି ଜଳି ଛାରଖାର ହୋଇ ଯାନ୍ତା ତେବେ ହିନା ସେ ପାଇ ପାରନ୍ତା ଟୋପାଏ ବୋଲି ଜୀବନର ସ୍ୱାଦ । ଏଇ ରୂପ

Digitized by PPRACHIN, SOA

ଦେଖି ସମସ୍ତେ ତାର ଚରଣ ପୂଜା କଲେ । ଦେବୀତ୍ୱର ଆସନରେ ବସାଇ ମନୁଷ୍ୟତ୍ୱର କଣିକା ଶୋଷିନେଲେ ତାଠାରୁ । କେଉଁଠୁ ସେ ପାଇବ ଟୋପାଏ ବୋଲି ପ୍ରାଣ ସଂଜୀବନୀ ?

ବନାନୀ ଉଠି ଠିଆ ହେଲା । ମଧ୍ୟାହ୍ନର ଟାଣୁଆ ଖରା ଅରଣ୍ୟର ବୁକୁକାଟି ସ୍ପର୍ଶ କରୁନ ତାକୁ । ବୃକ୍ଷଗୁଡ଼ିକ କି ସବୁଜ ଶ୍ୟାମଳ ମତେ ? ମନ ହେଲା ବନାନୀ ଗଛକୁ ଗଛ ଛୁଇଁ, ଛୁଇଁ ଲୁଚକାଳି ଖେଳନ୍ତା । ସବୁ ଗଛର ସବୁଜିମା ଲୁଟି ନିଅନ୍ତା ଦଣ୍ଡେ ନିମିଷକେ । ତେବେ ବା ଯାଇଁ ତାର ଜ୍ୱାଳା କଟନ୍ତା ତୁଟନ୍ତା ମନର ଟିକିଏ ଗ୍ଲାନି । ନିଜ ଚିନ୍ତାରେ ବନାନୀ ନିଜେ ଚମକି ଉଠିଲା । ସାଧାରଣ ମଣିଷତ ଏମିତ ଚିନ୍ତା କରେନ । ତେବେ କଣ ବନାନୀ ପାଗଳ ହୋଇ ଗଲାଣି ? ନାଃ ! ହସିଲା ନିଜ ମନକୁ ସେ ।

"ବନାନୀ ?" ପଛରୁ କାହାର ନରମ ଡ଼ାକ । କାନ୍ଧ ପାଖରେ ଅପରିଚିତ ହସ୍ତର ନରମ ସ୍ପର୍ଶ ।

ଚମକି ଉଠିଲା ବନାନୀ । କବି ମନ୍ମଥ ।

"ଆରେ ଆପଣମାନେ ଆସି ଗଲେଣି ନାଁ ? ଓଃ ମୁଁ ଜାଣି ପାରୁନ । କେତେ-ବେଳ ହୋଇଗଲାଣି ?" ନିଜକୁ ସହଜ କଲା ବନାନୀ । କିନ୍ତୁ ଗଳାଟା ଯେପରି ବସି ଯାଇଛି ତାର ।

ମୁଁ ଜାଣେ ତୁମେ ଏଇଠି ଥିବ ବନାନୀ । ଶ୍ୟାମଳ ଅପେକ୍ଷା ବେଶୀ ଜାଣିବାର ଅଧିକାର ସିନା ତୁମେ ଦେଇନ — କିନ୍ତୁ ... ... ।

ବନାନୀ ଜାଣେ । ମନ୍ମଥ ଏମିତ କଥା କହେ । ସେ କଥା ବାଁରେଇ ଉତ୍ତର ଦେଲା "ଚାଲନ୍ତୁ, ସେମାନେ ସବୁ ବସିଥିବେ ଆମ ଅପେକ୍ଷାରେ ।"

"ବନାନୀ ! ଜୀବନ ସାରା ଅପେକ୍ଷାହିଁ କଣ ଜୀବନର ଶ୍ରେଷ୍ଠତମ ମୂଲ୍ୟ ! ଥରେ ଥରେ ମାତ୍ର କଣ ତୁମେ ମତେ ଧରା ଦେବନ ? ମନ୍ମଥର ଆଖିରେ ଭସାଣ ବାଦଲର କାଳିମା ।

ହସିଲା ବନାନୀ । "ମନ୍ମଥ ! ବନାନୀ କେବେ କାହାକୁ ନିରାଶ କରିନ । କଲମ ତୁମର ଜାଗ୍ରତ ରଖିବା ପାଇଁ ମୁଁ କଣ ପ୍ରେରଣା ଦେଇନ କବି ।"

ଧୀରେ, ଧୀରେ ଆଗେଇଥିଲା ବନାନୀ । ମନ୍ମଥ ଆସୁଛି ତାର ପଛେ ପଛେ ଅନଭ୍ୟସ୍ତ ପଦରେ ।

Digitized by PPRACHIN, SOA

ବନାନୀ ଆଶ୍ଚର୍ଯ୍ୟ ହେଲା । ଏମାନେ କେହି ବଦଳି ନାହାନ୍ତି । ସେବେ ଯେମାନେ ଚଞ୍ଚଳ କଲ କଲ । ସୁଗୃହିଣୀ ପରି ରୋଷାଇ ଘରକୁ ପଶିଗଲା ସେ । ଶ୍ୟାମଳ ଯଦି ପାଖରେ ବସି ରହନ୍ତା ତେବେ କଣ ଏମାନେ ତାକୁ ବିବ୍ରତ କରି ପାରନ୍ତେ । ନାଁ ! ହେବନି । ପଛରେ ଫୁଟି କାହାର ପାଦ ଶବ୍ଦ । କାମିନୀ କଙ୍କର ବଡ଼ ବଡ଼ ପାଦ ପକାଇ ଆସୁଛନ୍ତି । ବଡ଼ ଅଭ୍ୟସ୍ତ ହିସାବରେ ସେ ବନା କୁହା ପୋଷ୍ଟରେ ବନାନୀ କାନ୍ଧରେ ଝୁଲି ପଡ଼ିଲା । "ବନାନୀ ତୁମେ ବଡ଼ ଶୁଖିଲା ଦିଶୁଛ ଯେ ! ତୁମେ ମୋର ରାଜ ପ୍ରାସାଦ ଛାଡ଼ି ଚାଲି ଆସିଲ କେଉଁ ଦୁଃଖରେ ଏଇ ଅରଣ୍ୟ ଭିତରକୁ ବନାନୀ ? ଶରୀରର ଯତ୍ନ ନେଉନ ଟିକିଏ । ଯେଉଁ ରୂପ ପାଇଁ ହୁଏତ ସ୍ୱର୍ଗର ଦେବତା ବି ତୁମ ଚରଣ ତଳେ··· ।"

ହସି ଉଠିଲା ବନାନୀ । "ସତେ କାମିନୀ କଙ୍କର ! ବଡ ବେଶୀ ଭୁଲ ହୋଇଗଲା ନାହିଁ ?"

ଖାଇ ବସିଲେ ଧାଡ଼ି ହୋଇ ସେମାନେ । ବନାନୀ ଛିଡ଼ା ହୋଇ ପର୍ଯ୍ୟବେକ୍ଷଣ କରୁଥିଲା । ରାମଲାଲ ବାରମ୍ବାର ତାକୁ କରୁଣ ଆଖିରେ ଚାହୁଁଛନ୍ତି । ସମରେଶ କେବଳ ପ୍ରଗଲ୍‌ଭ ଭଳି ଗପି ଚାଲିଛି ତାର ଆଡକୁ ଅନାଇଁ । ମନ୍ମଥ ମୁହଁରେ କାଳିମା—ଯେମିତି ଜମାଟ ବାନ୍ଧି ବର୍ଷୋନ୍ମୁଖୀ । ଆଉ ଶ୍ୟାମଳ ? ଆଶ୍ଚର୍ଯ୍ୟ ହେଲା ବନାନୀ । ସେବି ଆଜି ନିଜର ସତ୍ତା ଭୁଲିଯାଇ ଅତୀତକୁ ଫେରି ଯାଇ ସେମାନଙ୍କ ଭିତରେ ନିଜକୁ ମିଶାଇ ଦେଇଛି । ସେବି ତାର ସ୍ତୁତି କରିବାରେ ମୁଖର । ଏମାନଙ୍କ ଆଖିରେ ବନାନୀ ମଣିଷ ନୁହେଁ—ସ୍ୱର୍ଗର ଦେବୀ । ଦୟା ଦାନର ଅଳଙ୍କାରରେ ବିଭୂଷିତା ସେ ଏକ ସ୍ୱର୍ଗର କାଳ୍ପନିକ ଦେବୀ । ମଣିଷ ହିସାବରେ ରାଗ ଅଭିମାନ ତାର ନ୍ୟାଯ୍ୟ ପ୍ରାପ୍ୟ ନୁହେଁ ? ବନାନୀ ତାର ଦେହେ ଦେହେ ଏକ ବନ୍ଧୁର ପ୍ରସ୍ତର ହୃଦୟର ଶିହରଣରେ ଶିହରି ଉଠୁଥିଲା ବାରମ୍ବାର ।

ନିସ୍ତବ୍ଧ ବେଳାରେ ବୁଡ଼ି ଯାଉଛି ସୂର୍ଯ୍ୟ ପାହାଡ଼ର ତଟ ଦେଶରେ । ରାମଲାଲ କହୁଛି "ବନାନୀ, ଏ ଜନ୍ମ ସାରା କେବଳ ମତେ ତପସ୍ୟା କରି ଆର ଜନ୍ମକୁ ପୂର୍ଣ୍ଣ ସଞ୍ଚୟ କରିବାକୁ ପଡ଼ିବ । ଏ ଜନ୍ମରେ ନ ହେଲା ନାହିଁ ଆର ଜନ୍ମରେ ଯେମିତି ତୁମେ ମୋ ସାଙ୍ଗରେ ଆଉ ଲୁଚକାଳି ନ ଖେଳ ।" ପର ଜନ୍ମ ପାଇଁ ପାଥେୟ ମାଗୁଛି ରାମଲାଲ ତାଠାରୁ । ଘନିଷ୍ଠ ଆସୁଛି ପାଖକୁ ପାଖ ରାମଲାଲ । ଦୂରରେ ବୁଲୁଛନ୍ତି କାମିନୀ କଙ୍କର ଶ୍ୟାମଳ ଆଉ ମନ୍ମଥ । ବନାନୀ ଘୁଞ୍ଚି ଗଲା ନାହିଁ ଆଗ ପରି ।

ରାମଲାଲ ତାର ବାଁ ହାତ ପାପୁଲି ଧରି ଚାପ ଦେଉଛି ବାରବାର । ବନାନୀ ଦେହରେ ଦାମୀ ଲାଲ ବନାରସୀ—ରାମଲାଲର ସ୍ନେହୋପହାର । କାନ ଆଉ ବେକରେ ହୀରାର ଦାମୀ ଗହଣା । କାମିନୀ କଙ୍କରର ପ୍ରୀତି-ଉପହାର । ଗଭାରେ ଏକ

Digitized by PPRACHIN, SOA

ରକ୍ତିମ ଗୋଲପ ଗୁଚ୍ଛ—କବି ମନ୍ମଥ ହୃଦୟର ନୀରବଳ ସେ୍ନହର ପ୍ରତୀକ । ଘୃର ଘୃର ପଡ଼ୁଛି ଶେଷ ସୂର୍ଯ୍ୟର ରକ୍ତିମ ଛଟା ବନାନୀ ଗଣ୍ଡ ଦେଶରେ ।

ହଠାତ ରାମଲାଲ ପାଟି କରି ଉଠିଲ—"ତୁମେ ଦେବୀ ବନାନୀ" ତୁମେ ଦେବୀ" କହୁ କହୁ ଅଭିଭୂତ ହୋଇ ବନାନୀର ଚରଣ ତଳେ ବସିଗଲା ରାମଲାଲ । ଅତିମାତ୍ରାରେ ଆସକ୍ତ ହେଲେ ସେ ଏମିତ ବଓ୍ୱେର ହୋଇ କଥା କହେ । ବନାନୀ ପାଖରେ ଏ ପୁରୁଣା କହାଣୀ ଦେହ ପସରା । ରାମଲାଲ ପାଗଳ ପରି ତାର ପାଦ ଉପରେ ମୁଣ୍ଡ ରଖୁଛି । କେତେବେଳେ ହାତ ବୁଲାଇ ଆଣି କଣ କେତେ ଗପି ଚାଲିଛି । ବନାନୀ ନୀରବ । ବନାନୀର ପ୍ରତି ଛବି ସ୍ଥିର ଜଳ ଉପରେ ଆହୁରି ସ୍ଥିର ହୋଇ ଉଠୁଛି । କଣଟାଏ ଦେଇ ସେ ସେଇ ପ୍ରତିଛବିକୁ ବିକ୍ଷତ କରି ଦେବାକୁ ଚାହୁଁଥିଲ । ସେ ଦେବତ୍ୱ, ସ୍ଥାୟୀତ୍ୱ କ ଖ୍ୟାତି କିଛିଟାହିଁ ଚାହେଁନା । ସେ ଚାହେଁ ଜୀବନର ସ୍ୱାଦୁ । ହେଉ ପଛେ ସେ ଗୋଟିଏ ମୁହୂର୍ତ୍ତି । ନିଜର ରୂପ ପ୍ରତି ନିଜର ହିଂସା ହେଉଥିଲ ତାର ।

ବାହାରେ ବହୁଛି ବାଉଳା ପବନ । ଶିରୀ ଶିରୀ କରି ସ୍ପର୍ଶ କରୁଛି ବନାନୀର ଶିରା ପ୍ରଶିରା । ଆକାଶରେ ମିଟି ମିଟି କରୁଛି ତାରକା । ଅସଂଖ୍ୟ ତାରକା ମଧ୍ୟରେ ଏକ କ୍ଷୁଦ୍ର ତାରକାକୁ ବନାନୀ ଚାହିଁଛି । କେତେବେଳେ ମଳିନତ କେତେବେଳେ ଉଜ୍ଜ୍ୱଳ । କେହି ତାର ଇସ୍ପିତା ରଖୁନ । ପୁଣି ମିନିଟ୍ ଖଣ୍ଡିକ ପରେ ତାହା ନିଶ୍ଚିହ୍ନ ହୋଇଗଲ । କାହିଁ ଆକାଶର ଅସଙ୍ଖ୍ୟ ତାରକାତ ତା ପାଇଁ ଉଭା ଗଲେନ—ନିର୍ମିଳତ କଲେନ ପ୍ରଦୀପ ରଶ୍ମି । ଆଃ । ବଡ଼ ଶୀତ । ବନାନୀ ଫେରି ଚାହୁଁବିନ କାହାକୁ ଆଉ । ସେଘରେ ଶ୍ୟାମଲ ଓ ଅନ୍ୟମାନଙ୍କ ପାଟି ଶୁଭୁଛି— କଲରୋଳ ଆମୋଦ ପ୍ରମୋଦ କିଛି ତାକୁ ସ୍ପର୍ଶ କରୁନ । ଚକ୍ ଚକ୍ କରୁଛି ଗାଢ଼ ବନାରସୀ । ହସୁଛି ବେକ କାନର ଦାମୀ ଗହଣା । କନ୍ତୁ ଏତେ ହାହାକାର କାହିଁକ ତାର ପ୍ରାଣ ଭିତରେ ? କେହି ତାକୁ ଶାନ୍ତି ଦେଇ ପାରିଲେନ ।

କବାଟଟା ହଠାତ ଖୋଲିଗଲ । ଘର ଭିତରକୁ ପଶି କବାଟ ଦେଲ ଶ୍ୟାମଲ । ମୁହଁରେ ଆଖିରେ ତାର ସ୍ୱପ୍ନ । ଆବେଗରେ ସେ ବନାନୀ ପାଖରେ ଠିଆ ହେଲ । "ବନାନୀ ! ଜାଣ ମୁଁ ଆଜ କେତେ ଇର୍ଷାର ପାତ୍ର । ତୁମେ ଯଦି କରୁଣା କରି ନଥାନ୍ତ ବନାନୀ ତାହେଲେ ଧୂଳିରେ ମିଶି ମୁଁ ନିଶ୍ଚିହ୍ନ ହୋଇ ଯାନ୍ତିଣି କେଉଁ କାଳୁ । କେଉଁଠି ଥାନ୍ତା ମୋର ଶିଳ୍ପୀ ଜୀବନର ଗୌରବ ଆଉ ବୈଭବ । ତୁମର ଦୟା ବଳରେ ମୁଁ ଆଜ ଏତେ ବଳୀୟାନ । ଏତେ ଇର୍ଷାର ପାତ୍ର । ତୁମେ ସତରେ କରୁଣାମୟୀ ବନାନୀ । କନ୍ତୁ ମୋର ସନ୍ଦେହ ହୁଏ ତୁମେ ହୁଏତ ମନେ ବିବାହ କରି ସୁଖି ନୁହଁ··· ।"

Digitized by PPRACHIN, SOA

ବନାନୀର ଇଚ୍ଛା ହେଲା ଠାଏ କରି ଗୋଟାଏ ଚଟକଣି ନିଜ ଗାଲରେ ପକାନ୍ତା ସେ । ଜନ୍ମହେଲା ଦିନଠାରୁ ଏମିତି କଥା ଶୁଣି ଶୁଣି ସେ କ୍ଳାନ୍ତ, ସେ ଶ୍ରାନ୍ତ । ତାର କି ମୁକ୍ତି ନାହିଁ ? ସାଧାରଣ ମଣିଷ ହିସାବରେ ରାଗ ଅଭିମାନ ତାର କିଛି ନାହିଁ । ଖାଲି ତୋଷାମୋଦୀ ଶୃଷ୍ଟ ବାକ୍ୟ ଶୁଣି ଶୁଣି ସେ ପାଗଳ ହୋଇଯିବ ନିଶ୍ଚୟ ! ଏଇସବୁ କଥା ଶୁଣିବା ଅପେକ୍ଷା ମୃତ୍ୟୁ ଶହେ ଗୁଣରେ ଭଲ ।

ବନାନି ! ତୁମେ କହିଥିଲ ନା ଛବିଟିଏ ଆଙ୍କି ଦେବ ବୋଲି । ତୁମ ପାଇଁ । ହେଇ ନିଅ ସେ ଛବିଟି ।" ବଢ଼େଇ ଦେଲା ଶ୍ୟାମଳ ତୁଳୀରେ ଅଂକା ଛବିଟି ।

ଛବିଟି ବନାନୀର । ସ୍ତ ବ୍ୟସ୍ତ ବସନ ଅସମ୍ଭାଳ କରି ସବୁଜ ଅରଣ୍ୟର ଶ୍ୟାମଳିମା ଭିତରେ ମୁଗ୍ଧ ଦୃଷ୍ଟିରେ ଚାହିଁ ରହିଛି ବନାନୀ । ପ୍ରତେକ ବନ ଦେବୀ ସେ ! ଆଉ ଏ କିଏ ? ଚମକି ପଡ଼ିଲା ବନାନୀ । ତାର ଚରଣ ପ୍ରାନ୍ତରେ ଏ କାହାର ଛବି । ରାମଲାଲ କାମିନୀ କିଙ୍କର, ମନ୍ମଥ, ସୁରଥ ଆଉ ଶ୍ୟାମଳ ସମସ୍ତେ ତାକୁ ମୁଗ୍ଧ ଦୃଷ୍ଟିରେ ଚାହିଁଛନ୍ତି । ମୁଗ୍ଧ ନା ଲୋଲୁପ ? କଣ୍ଠର ଭାଷା ଫୁଟିଲା ନାହିଁ ବନାନୀର । ଚିତ୍ରପଟକୁ ଧରି ସେ ମୂକ ପରି ବସି ରହିଲା ଖାଲି ।

ଆକାଶର ବୁକୁ ଥରାଇ ଏତିକିବେଳେ ଏକ ପ୍ରଚଣ୍ଡ ଘଡ଼ଘଡ଼ି ଉଠିଲା । ଝଲକାଏ କାଳୁଆ ଥଣ୍ଡା ପବନ ପଶି ଆସିଲା ଘର ଭିତରକୁ । ଶିରୀ ଶିରୀ ପବନ ଅରଣ୍ୟ ବୁକୁର ସମସ୍ତ ନୀଳିମା ଚୋରାଇ ଆଣି ଯେପରି ବନାନୀକୁ ଡାକି ଦେଉଛି ଅରଣ୍ୟ ସାଥିରେ ମିଶି ଯିବାପାଇଁ । ମାଟିରେ ମାଟିରେ ଟୁପୁରୁ ଟୁପୁରୁ ବର୍ଷା ପଡ଼ୁଛି । ଭିଜା ମାଟିର ଗନ୍ଧ ଆଉ ଅରଣ୍ୟର ସବୁଜିମା । ସମସ୍ତିଙ୍କର ଆକର୍ଷଣ ଯେପରି ତା ପ୍ରତି ଖୁବ ବିରାଟ ; ଆକାଶରେ ତାରକା ସମସ୍ତ ବିଲୀନ । ଝରକା ପାଖରୁ ଆସିଲା ନାହିଁ ଫେରି ବନାନୀ । ଶ୍ୟାମଳ ବିଛଣା ଭିତରେ ନିଶ୍ଚିନ୍ତ ନିଦରେ ଶୋଇଛି ।

ଯନ୍ତ୍ର ପରି ଉଠିଲା ବନାନୀ । ଆକାଶର କାତରତା , ସବୁଜ ଅରଣ୍ୟର ଗଭୀର ନୀଳିମା, ଭିଜା ମାଟିର ସୁବାସ ଆଉ ମତୁଆଲା ପବନ ସମସ୍ତେ ଯେପରି ତାକୁ ହାତଠାରି ଡ଼ାକୁଛନ୍ତି ଦଉଡ଼ ଆ ବନାନୀ—ଏଇଠି ଆମରି କୋଳରେ ତୋର ଶାନ୍ତି ।

ପ୍ରଦୀପ ଆଲୋକରେ ଶ୍ୟାମଳର ଉଜ୍ଜ୍ୱଳ ମୁହଁ ଆହୁରି ଉଜ୍ଜ୍ୱଳ । ଦୟା ହେଲା ତାର ବିଚରା ଶ୍ୟାମଳ । ଟିକିଏ ବସିଲା ତା ପାଖରେ ବନାନୀ । ସେ ବୋଧେ ନୂଆ ଜୀବନର ସ୍ୱପ୍ନ ଦେଖୁଛି । ଆଉ ସେ ଘରେ ? ରାମଲାଲ କାମିନୀ କିଙ୍କର ମନ୍ମଥ ଆଉ ସୁରଥ

Digitized by PPRACHIN, SOA

ସମସ୍ତେ ସେଇ ଆଗାମୀ କଲ୍ପନାରେ ନିଦ୍ରା ବିଭୋର । ଫେର୍ ଝଲକାଏ ପବନ ବହି ଆସିଲା···ଅରଣ୍ୟର ସ୍ପଷ୍ଟ ଗନ୍ଧ । ନାଁ ନାଁ ବନାନୀ ଏତିକି ବେଳେ ହିଁ ହଜିଯିବ । ଜନ ମାନବ, ଧନପ୍ରାଚୁର୍ଯ୍ୟ, ସ୍ନେହ ମମତା ତାର କିଛି ଲୋଡ଼ା ନାହିଁ । ମନୁଷ୍ୟତ୍ୱର ପ୍ରାଣ ତାର ଆଜି ବିକଳ ଓ ବିକ୍ଷୁବ୍ଧ । ସେ ଖୋଲା ପବନରେ ନିଶ୍ୱାସ ନେବାକୁ ଚାହେଁ—ସେ ମାଟିର ସୁବାସ, ଅରଣ୍ୟର ନୀଳିମାରେ ଆତ୍ମବଳି ଦେବାକୁ ଚାହେଁ । ସେ ପାଗଳ ହୋଇ ଯିବ ଯଦି ଏଇଠି ସେ ଏମିତି ବସି ରହେ ।

ବନାନୀ କବାଟ ଖୋଲି ଏକ ନିଶ୍ୱାସକେ ପଳାଇ ଆସିଲା ବାହାରକୁ । ଯଦି ଶ୍ୟାମଳ ଆସେ । ସେ ଘରୁ ଅନ୍ୟମାନେ ତାକୁ ଦୌଡ଼ିବାକୁ ଧରନ୍ତୁ । ତଥାପି ସେ ପଳେଇବ । ଦୌଡ଼ିବାକୁ ଆରମ୍ଭ କଲା ବନାନୀ । ସାମନାରେ ଅସୁମାରି ଅରଣ୍ୟର ସବୁଜ ବକ୍ଷ । ଦୂରରେ ତଟିନୀର ଚିର ଶାନ୍ତ ଦାୟକ କୋଳ ।

ବନାନୀ ଦୌଡ଼ୁଛି । ଅନ୍ଧକାର ଝଡ଼ ରାତିର ବକ୍ଷ ଭେଦ କରି ସନ୍ତ୍ରସ୍ତା ହରିଣୀ ସମ ଅରଣ୍ୟର ନିବିଡ଼ ଆଲିଙ୍ଗନରେ ସେ ହଜିଗଲା ।

ଅନ୍ଧକାର ନୀରବ ରାତି । ଅରଣ୍ୟର ଅସଂଖ୍ୟ ବୃକ୍ଷ । ତଟିନୀର ଅସୀମ ଢେଉ କେବଳ ଚାହିଁ ରହିଥିଲେ ତାର ଚରମ ବିକାଶକୁ । ବନାନୀ ଆକୁଳ ବ୍ୟାକୁଳ ହୋଇ ଧାଇଁ ଆସି ମିଶି ଯାଇଥିଲା ତଟିନୀର ଶାନ୍ତ କୋମଳ ବକ୍ଷରେ । ସମସ୍ତେ ଯେପରି ତାର ଏଇ ଚରମ ବିକାଶକୁ ଚାହିଁ ରହିଥିଲେ । ଝର ଝର କରି ଝରି ପଡ଼ୁଥିଲା ଅରଣ୍ୟର ସବୁଜ ପତ୍ର ରାଶି···ନିଷ୍ପ୍ରଭ ହୋଇ ଆସୁଥିଲା ବନାନୀର ଶ୍ୟାମଳିମା ।

Digitized by PPRACHIN, SOA

ଗୋଟିଏ ଶାଢ଼ୀର ଇତିହାସ

ଦ୍ୱି ପ୍ରହର ଠାଇଁ ଠାଇଁ ଖରାରେ ଛତାଟା ହାତରେ ଧରି ବସନ୍ତ ବାରଣ୍ଡା ଉପରକୁ ଉଠି ଆସିଲା । ଅଗୃନକ ଫେରି ଆସିଛି ଅସମୟରେ ସେ ଘରକୁ । ଶୋଇଥିବ କ୍ଲାନ୍ତ ହୋଇ ଲେଖା—ଇନ୍ଦୁ ଲେଖା । ବିବାହ ପରେ ବସନ୍ତ ତାକୁ 'ଲେଖା' ଡାକୁଛି । ଲେଖାକୁ ଡାକିବା ପୂର୍ବରୁ ମନେ ମନେ ଆଉଡ଼େଇ ନେଲା ତାର ନାଁଟିକୁ ପରସ୍ତେ ବସନ୍ତ । ଲେଖା ଅବଶ୍ୟ ମିଃ ତାରକେଶ୍ୱରଙ୍କର ସ୍ତ୍ରୀ ଭଳି ସୁନ୍ଦରୀ ହୋଇ ନ ପାରେ । ତଥାପି ତାର ଚେହେରାରେ ମାଧୁର୍ଯ୍ୟ ଅଛି । ଲାଳିତ୍ୟ ଅଛି ।

ଅଫିସରେ କାମ କରି କରି କ୍ଲାନ୍ତ ଅନୁଭବ କରୁଛି ବସନ୍ତ—ତାର ମାନସିକ ଓ ଶାରୀରିକ କ୍ଲାନ୍ତି ବଢ଼ିଛି । ଲେଖା ପାଖକୁ ଫେରି ନ ଆସିଥିଲେ ହୁଏତ ମୁଣ୍ଡଟା ବିନ୍ଧି ବିନ୍ଧି ଫାଟି ଯାଇଥାନ୍ତା ଆପେ ଆପେ । ଏମିତି କେତେଥର ସେ କହି ଆସିଛି ଅଫିସରେ । କୌଣସି ଥର କେହି ଆପତ୍ତି କରି ନାହାନ୍ତି । କିନ୍ତୁ ଆଜି ସେ କହିଲା ବେଳେ ସାହେବ

Digitized by PPRACHIN, SOA

ଟିକେ ବଢ଼ିଗଲେ ହେଲେ । ବନସ୍ପତିର ଗ୍ରୀଡ ଧଡ଼ ପଡ ହେଲା । ଇସ୍ ଯଦି ନ ଗ୍ରଢ଼ନ୍ତୁ କିନ୍ତୁ କି ଭାଗ୍ୟ ? ଏତିକିବେଳେ ଫୋନ କିଂ କିଂ କରି ବାଜି ଉଠିଲା । ବୋଧେ ମିସେସ ତାରକେଶ୍ୱର ଡାକୁଛନ୍ତି । ତାଙ୍କ ଅଧର କୋଣରେ ଫୁଟି ଉଠିଥିଲା ହସ । ହାତରେ ଇଙ୍ଗିତ ଦେଲେ ସେ ବନସ୍ପତିକୁ ଚାଲି ଆସିବା ପାଇଁ ।

ବନସ୍ପତି ନ ଡାକିଲା ପୂର୍ବରୁ ଲେଖା ତାକୁ ଦେଖିପାରି କବାଟ ଖୋଲିଲା । ବନସ୍ପତିକୁ ଅସମୟରେ ସମସ୍ତେ ସମସ୍ତେ ଦେଖିବା ତାର ଅଭ୍ୟାସ । ତେଣୁ ବିଶେଷ ପରି-ମାଣରେ ସେ ଭ୍ରୂକୁଞ୍ଚିତ କଲାନାହିଁ ।

"କଣ ? ଦେହ ଭଲ ନାହିଁ ନା କାମରେ ମନ ଲାଗିଲାନି ?"

ଲେଖାର ଆଖିରେ ପରିହାସ । ବନସ୍ପତି ଅଧାବୁଜା ଛତାଟିକୁ ଧରି ଅନେଇଲା ପରିଷ୍କାର ଲେଖାକୁ । ସେ ଜାଣି ପାରୁଛି ଲେଖା ଖୁସି ନ ହେଲେ ବି ଖୁସି ହେଉଛି ଇଚ୍ଛା କରି । କିନ୍ତୁ ସେ ବାଧ୍ୟ ଭାବ ଫୁଟି ଉଠୁଛି ମୁହଁରେ ।

"ନାଁ ନାଁ ମୋ ମୁଣ୍ଡ ଭାରି ବିନ୍ଧୁଛି ।" ବନସ୍ପତିର ବ୍ୟସ୍ତ ସ୍ୱର ।

"ହଉ ତେବେ ଘରକୁ ଆସ !" ଛୁଟି ହେଲା କାହିଁକି ଖରାରେ ? ଖରାରେ ଛୁଟି ହେଲେ ମୁଣ୍ଡଟା ଆହୁରି ଜୋରରେ କଟ-କଟ କରେ । ଲେଖାର ଅବିଚଳ ଅଭ୍ୟସ୍ତ ସ୍ୱର । ବନସ୍ପତି ପ୍ରତିଟି ଶବ୍ଦକୁ ନିରୀକ୍ଷଣ କରି ଦେଖୁଥିଲା । ସେ ଶବ୍ଦରେ ପରିହାସ ତାଚ୍ଛଲ୍ୟ ଅଛି କି ନାହିଁ । କିନ୍ତୁ ବୈବାହିକ ଜୀବନ ପାଞ୍ଚ ବର୍ଷ ଭିତରେ ଲେଖା ଉପରେ ଏକ ସାଧାରଣ ସିଦ୍ଧାନ୍ତରେ ସେ ପହଞ୍ଚି ପାରିନି । ସେ ଯେପରି ଧୀର ଅକ୍ଳାନ୍ତ ଆଉ ପ୍ରଶାନ୍ତ ସବୁବେଳେ । ବନସ୍ପତି ମୁଣ୍ଡରେ ହାତ ଦେଇ ପରୀକ୍ଷା କଲା ତାର ମୁଣ୍ଡ ବିନ୍ଧା ଯେପରି ହଠାତ ବନ୍ଦ ହୋଇ ଯାଉଛି ।

ସେ ଘର ଭିତରକୁ ପଶିଯାଇ ଖଟ ଉପରେ ଚିତ୍ ହୋଇ ପଡ଼ିଗଲା । ଆଖି ବନ୍ଦ କଲା ସେ ଆସ୍ତେ ଆସ୍ତେ । ସେ ଜାଣେ ଲେଖା ସେ ଘରେ ପୁଅକୁ ଶୁଆଉଛି । ବୋଉ ହୁଏତ ଖାଇ ଶୋଇଲାଣି ।"

ସେ ଘରୁ ଗୁଆ କାଟିବାର ଠକ୍ ଠକ୍ ଶବ୍ଦ ହେଉଛି ଗୁଆକାତିରେ । ଲେଖା ହାତର ଗୁଆ କଟା ସମ୍ଭବତ ବନସ୍ପତିର କାନ ବେଶ ପରିଷ୍କାର । ବୋଉ କାଶି କାଶି କଣ କହୁଛି । ହଁ ଏତ ବୋଉର କଣ୍ଠ –

"ବୋହୂ ତମେହିଁ ତାର ମୁହଁ ବଢ଼ାଇ ଦେଇଛ । ରୋଜ ରୋଜ ଅଫିସରୁ ଏମିତି ଘରକୁ ପଳାଇ ଆସିବା ଭଲ କଥା ନୁହେଁ । ପ୍ରଭା ମତେ କହୁଥିଲା ବୈକୁଣ୍ଠ ଓ ତା ସାଙ୍ଗମାନେ ସା'ଇଚ୍ଛା ତାହା କହୁଛନ୍ତି । ସାହେବ ବି ବିରକ୍ତ ହେଲେଣି । ତମେତ ଗୁଣ କୁଳକୁ କେହି ନାହିଁ ଆଉ କେଉଁଥି ପାଇଁ ଏତେ ଗର୍ଭ ଶୁଣେ ?"

Digitized by PPRACHIN, SOA

ବନସ୍ତୁକୁ ଶୁଭିଲା ନାହିଁ ଲେଖା କଣ ଉତ୍ତର ଦେଉଛି । ବୋଉର ଫୁଣି କର୍କଶ ଗଲା ।

"ପୁରୁଷ ପୁଅ । ଇଚ୍ଛା କଲେ ଦିନ ରାତି ଯଦି ଖଟନ୍ତା ଘରେ ପରା ଥାନ ମିଳ-ନ୍ତାନ ଟଙ୍କା ରଖିବାକୁ । ବୈକୁଣ୍ଠକୁତ ଦେଖୁଛୁ । ଗୃଳାଣ ପ୍ରାଣୀ ଚଳଉଛି । ହାନ ଲଭ ପଟ ପଟାଣି ସବୁତ ଗୃଳୁଛି । ଆଉ ତମର ଘରେ ସବୁ ବନ୍ଦ । ମର୍ଦ୍ଦ ପିଲ ମାଇଚିଆ ହେଲେ କଥା ସରଲ ... ... ।"

ବନସ୍ତ ଅନ୍ଦାଜ କଲା ବୋଉ କେମିତି ମୁହଁ ମୋଡ଼ିଥିବ । ତାର ମୁହଁ ମୋଡ଼ା ସହିତ ବନସ୍ତ ବେଶ ପରିଚିତ ।

ଟିକିଏ ଗଲ । ଗୁଆକଟା ବନ୍ଦ ହେଲଣି । ବୋଧେ ପାନରେ ଚୂନ ଲଗାଉଛି ଲେଖା । ଆଉ ଟିକେ ଗଲେ ଖିଲ୍ ସଜାଡ଼ି ସେ ଆସିବ । କହୁ ଯାହା ବୋଉ କହିବାର କହୁଛି । ଲେଖାତ କଛି କହୁନ । ବନସ୍ତ ଦୀର୍ଘଶ୍ୱାସ ଟାଣିଲ । ମୁଣ୍ଡଟା ଫେର୍ ବିନ୍ଧଲଣି ସେ ବିନ୍ଧିବ । ବନସ୍ତ ମଲ ପର୍ଯ୍ୟନ୍ତ ସେ ବିନ୍ଧିବ ।

ଫେର୍ ବୋଉର କଣ୍ଠ । "ଢ' ଢ'ଟା ପିଲ ହେଲେଣି । କ୍ଷୀର ଟୋପାଏ ଜୁଟୁନ ତାଙ୍କୁ । ତମକୁ କଣ କଛି ଦେଖାଯାଉନ ବୋହୂ । ତମେତ ଆଦର ଦେଉଛ – ମୁଣ୍ଡରେ ବସଉଛ । ଆଉ ବନ୍ ସେମିତି ନ ହୋଇ କଣ ହେବ ! ତମ ସୁହାଗ ପଣକୁ କ କହେ କ ତମ ଭାରିଯା ପଣକୁ କ କହେ ... ... ।"

ବୋଉର କଣ୍ଠ ରୁକ୍ଷ । ସେ ଫୁଣି ଓଠଟାକୁ ମୋଡ଼ି ଦେଇଥିବ କୋଚରେ । ଲେଖା ହୁଏତ ପାନରେ ଚୂନ ଲଗାଉ ଲଗାଉ ଅଟକି ଯାଇଥିବ । ତା ଆଖିରୁ ହୁଏତ ବୁନ୍ଦାଏ ଲୁହ ଚୂନକୁ ଅଧିକ ପାଣିଆ କରିଥିବ । କନ୍ତୁ ଶବ୍ଦ ନାହିଁ ତାର । ବନସ୍ତର ମନେ ହେଲ ବଡ ପାଟି କରି ବୋଉକୁ ବହେ ଗାଳି ଦେବ । କନ୍ତୁ ପାରିଲନ । ଟିକିଏ ଟଲ । ପାଦ ଶବ୍ଦ ଶୁଭୁଛି । ବୋଧେ ଲେଖା ।

ଲେଖାର ଆଖିକୋଣ ଉଦାସ ହୋଇନ । ମୁହଁ ଶୁଖିନ । ଘର ଗୋଟାକର ସବୁ କାମ କଲେ ବ ବନସ୍ତ କେବେ ଦେଖିନ ଲେଖାର ସୁନ୍ଦର ମୁହଁ କ୍ଲାନ୍ତ ହେବାର । ବୋଉର ହଜାର କଥା ହଜାର ଗାଳି ଶୁଣି ସେ କେବେ ବନସ୍ତ ପାଖରେ ଆପତ୍ତି କରିନ ! ଓଲଟି ବନସ୍ତ ବିରକ୍ତ ହେଲେ ସେ କହେ "ସେ ସାବତ ଶାଶୂ । ଅସହିଷ୍ଣୁ ବନସ୍ତ

Digitized by PPRACHIN, SOA

ହେବେ । ତା ବୋଲ୍ କଅଣ ଆମେ ବ ସେଇଆ ହେବା ।" ବୋଉଗାଳି ତା ରକ୍ତରେ ଓତଃପ୍ରୋତଃ ଭାବରେ ଜଡ଼ିତ ।

ବନସ୍ତ୍ର କିଛି କହିଲାନି । ବରଂ ଅଧାମେଲା ଆଖିକୁ ସେ ବନ୍ଦ କଲା । ଲେଖା ତାର ମୁଣ୍ଡ ପାଖରେ ବସି ନରମ ଆଙ୍ଗୁଳିଗୁଡ଼ିକ ତା କପାଳ ଉପରେ ଛୁଆଁଇ ଆଣିଲା । ଆସ୍ତେ ଆସ୍ତେ ବିନା ବାକ୍ୟରେ ସେ ମୁଣ୍ଡ ଚିପି ଦେବାକୁ ଆରମ୍ଭ କଲା । କି ସୁନ୍ଦର ତା ହାତର ସ୍ପର୍ଶ । ଖରା ନାହିଁ ବର୍ଷା ନାହିଁ ଶୀତ ବସନ୍ତ କିଛି ନାହିଁ । ସବୁଦିନ ସବୁରାତିରେ ଏମିତି ବନସ୍ତ୍ରର କପାଳ ଉପରେ ହାତ ବୁଲାଉଛି ଲେଖା । ପାଟି ଫିଟାଇନି କେଉଁଦିନ । ବିରକ୍ତ ହୋଇନି କେବେ । ବନସ୍ତ୍ର ଦିନେ ଦେଖିନି ଲେଖାର ଦେହ ଖରାପ ହେବାର କି ମୁହଁ ଶୁଖି ଯିବାର । ପ୍ରଥମ ଝିଅ ଜନ୍ମ ହେଲାର ସାତଦିନ ପରେ ସେ ରୋଷେଇ କରିଛି । ଅବିଶ୍ରାନ୍ତ ଖଟିଛି । କେବେ କ୍ଲାନ୍ତ ହେବାର ଦେଖିନି । ଅଥଚ ମିଃ ତାରକେଶ୍ୱରଙ୍କର କି ପୁଅ ହେଲା କେଜାଣି ସେଦିନୁ ମିଃ ତାରକେଶ୍ୱର ଶୁଖି କଣ୍ଟା ହୋଇ ଯାଉଛନ୍ତି । ବିଛଣାରୁ ଉଠି ପାଦୁଣ୍ଡେ ଯାଇପାରୁ ନାହାନ୍ତି । ତାଙ୍କର ଜଳବାୟୁ ପରିବର୍ତ୍ତନ ଦରକାର । ମିଃ ତାରକେଶ୍ୱର ଅଫିସ କାମ କରି ପାରୁନ୍ତିନି । ଘରୁ ଘଡ଼ି ଘଡ଼ି ଡାକରା । ବିରକ୍ତ । ବାପରେ, ସେ ଦିନ ସମସ୍ତଙ୍କ ସାମନାରେ ଯେଉଁ ଗାଳି । ମିଃ ତାରକେଶ୍ୱର ବୋଲି ତାକୁ ହଜମ କରିନେଲେ କିନ୍ତୁ ବନସ୍ତ୍ର ତାକୁ ପାରନ୍ତା ନାହିଁ । ହଠାତ ଲେଖା ପ୍ରତି ତାର ମମତା ଜାଗ୍ରତ ହେଲା । ସେ ଆଖି ବନ୍ଦ କରି ଲେଖାର ତା କପାଳ ଉପରେ ଥିବା ଚଞ୍ଚଳ କର୍ମରତ ଆଙ୍ଗୁଠି ଗୁଡ଼ିକ ଚିପି ଧରିଲା ।

"ଲେଖା । ତମେ ନିଶ୍ଚୟ ମୋ ଉପରେ ରାଗ କରୁଥିବ । ହେଲେ ତମେ କ'ଣ ମତେ ଭୁଲ ବୁଝିବ ଲେଖା ?" ତାର କଣ୍ଠରେ କାରୁଣ୍ୟତା ।

ଲେଖା । ହାତଟା ଛଡ଼ାଇ ନେଲା । "କଅଣ ସେ ତମେ କୁହ ବେଳେ ବେଳେ ଆଃ ! ଛାଡ଼ ମୋ ହାତଟା । କେତେ କାମ ଅଛି । ବୋଉ ବିରକ୍ତ ହେବେ । ମୁଁ ଯାଏ ।

ଲେଖା ହାତଟା ଝିଙ୍କି ନେଲା । କିନ୍ତୁ ଉଠି ଯାଇନି ସେ । ପୁଣି ତାର ଚଞ୍ଚଳ ଆଙ୍ଗୁଠି ଗୁଡ଼ାକ ଆହୁରି ଚଞ୍ଚଳ ହୋଇ ଉଠିଲେ ବନସ୍ତ୍ରର କପାଳ ଉପରେ । ମୁଣ୍ଡରେ ବନସ୍ତ୍ରର ଜ୍ୟୈଷ୍ଠ ମାସର ପ୍ରଚଣ୍ଡ ତାପର ଉଦ୍‌ଗୀରଣ । ଝାଳ ବହୁଛି । ତାର କୁଞ୍ଚୁ କୁଞ୍ଚୁ କଳା କେଶ ମୂଳ ଆର୍ଦ୍ର ହୋଇ ଉଠିଛି । ଲେଖା ତାର ପଣତ ଦେଇ ପୋଛି ଆଣିଲା ତାର ମୁଣ୍ଡଟା । ବେକ ନାକ ମୁହଁ ସବୁ ।

Digitized by PPRACHIN, SOA

"ଜ୍ୱର ଗରମ ପଡ଼ିଛି । ଏତେ ଝାଳ ବୋହୁଛି ନା ତମର ? ମୁଣ୍ଡ ନ ବାନ୍ଧିବା ଲୋକର ବି ବାନ୍ଧିବ ।" ଲେଖାର ସହାନୁଭୂତି ଭରା କଣ୍ଠ ।

ବନସ୍ତ ବ୍ୟସ୍ତ ହୋଇପଡ଼ି କହିଲା—"ଏ କଣ କରୁଛ । ଲୁଗାଟା ଝାଳରେ ଗନ୍ଧାଇବନି । ତେଲ ମଳି ଲାଗି ଲୁଗାଟା ନିଶ୍ଚୟ ଖରାପ ହୋଇ ଯାଇଥିବ । ଦେଖି ଲୁଗାଟା ?"

ବନସ୍ତ ଟାଣି ଆଣିଲା ଲେଖାର ପଣତ । ସାରା ଅଞ୍ଚଳଟା ଛିଡ଼ା । ରଫୁ ଉପରେ ରଫୁ । ତାକୁ ଅଧା ମଇଳା ହୋଇ ଯାଇଛି ସେହି ସିଲେଇ ସୂତା ଗୁଡ଼ାକ । ବନସ୍ତ ଲୁଗାଟା ମଇଳା ହୋଇ ଗଲା କି ନାହିଁ ପର୍ଯ୍ୟବେକ୍ଷଣ କରି ଦେଖି ପାରିଲାନି । କେଉଁଦିନ ଏ ଲୁଗାଟା କଣା ହୋଇଥିଲା । ସେ ସ୍ମରଣ କରିବାକୁ ଚେଷ୍ଟା କରିଥିଲା ।

"ଲେଖା ! ଏତେ ଛିଡ଼ା ଲୁଗାଟା । ଏତେ ମଇଳା ହେଲାଣି । ତଥାପି ପିନ୍ଧିବ ।'

ବନସ୍ତ ମୁହୂର୍ତ୍ତିକ ପାଇଁ ତାର ପାରିପାର୍ଶ୍ୱିକ ଅବସ୍ଥା ଭୁଲି ଯାଇଛି ।

ହସିଲା ଲେଖା । ସବୁଦିନେ ସବୁ କଥାରେ ଏମିତି ସହଜ ସରଳ ହସ ହସେ ଲେଖା । ବନସ୍ତ ଯେଉଁ କଠୋର ବାସ୍ତବତାକୁ ଭୁଲିଯାଏ ଲେଖା ତାକୁ ଛିଣ୍ଡି ଭୁଲି ପାରେନା । ସେଥିପାଇଁ ସେ ସେମିତି ହସେ । ଉତ୍ତର ଦିଏନା । ହୁଏତ ତାର ଉତ୍ତର ବନସ୍ତକୁ ଆଘାତ କରିବ । ସେ ପଣତଟା ସଜାଡ଼ି ନେଇ ଚାଲିଗଲା ଭିତରକୁ । ଏକାଠେ କାମ ପଡ଼ିଛି ।

ବନସ୍ତ ଚମକି ଖାଇ ଉଠିଲା । ହୁଏତ ଲେଖାର ଲୁଗା ନାହିଁ । କିନ୍ତୁ ନିଜ ପାଇଁ ଖଣ୍ଡେ ଲୁଗା ସେ କାହିଁକି କିଣୁନି ? ବନସ୍ତ ପାଇଁ ଯେ ଜାମା ପ୍ୟାଣ୍ଟ ବରାଦ ନେଇ କରେ ପିଲାଙ୍କ ପାଇଁ ଓ ବୋଉ ପାଇଁ ସମସ୍ତ ଜାମା ଲୁଗା ବଜାର ଯାଇଁ ସେ କିଣେ, ତେବେ ନିଜ ପାଇଁ ନ କିଣିବାର ତାତ୍ପର୍ଯ୍ୟ କଣ ? ହଁ ତାର ଆୟ ଅବଶ୍ୟ ଲେଖାକୁ ବନାରସୀ କି କାଶ୍ମୀର ସିଲ୍‌କ ପିନ୍ଧିବାର ସୁଯୋଗ ନ ଦେଇ ପାରେ, ତା ବୋଲି କଣ ଖଣ୍ଡେ ସଫା ଦଶ ଶାଢୀ ଲେଖା ପିନ୍ଧି ପାରିବନି । ଅସମ୍ଭବ । ଇଚ୍ଛାକରି ଲେଖା ଶାଢ଼ୀ କିଣୁନି । ହୁଏତ ବନସ୍ତକୁ ସେ ନୀରବ ରହି ତାଚ୍ଛଲ୍ୟ କରୁଛି । ସାମାନ୍ୟ ଶାଢ଼ୀ ଖଣ୍ଡେ ପିନ୍ଧିବା ଅପେକ୍ଷା ନ ପିନ୍ଧିବାଟା ଭଲ ବୋଲି ଭାବୁଛି । କିନ୍ତୁ କାହିଁକି ? ହେଲେତ ଭାଇଙ୍କ ଝିଅ ବାହାଘରରେ ଯେଉଁ ଶାଢୀ ଦେଇଥିଲେ ଲେଖା ପିନ୍ଧିଥିଲା ହସି ହସି । ତାର ବାପଘରୁ

Digitized by PPRACHIN, SOA

ଯେତେ ଶାଢୀ ଆସିଛୁ ସେ ସବୁ ପିନ୍ଧଛୁ ମନ ଖୁସିରେ । ଆଉ ବନସ୍ତୁ ଟଙ୍କାରେ ସେ ଖଣ୍ଡେ ଶାଢ଼ୀ ପିନ୍ଧନ୍ତାନି ? ନିଷ୍ଟୟ ଅନ୍ତରାଳରେ ସେ ତାକୁ ତାଚ୍ଛଲ୍ୟ କରୁଛୁ ।

ବନସ୍ତର ମନେ ହେଲା ମୁଣ୍ଡଟା ଫେର୍ ତାର ବନ୍ଧଲାଣି । ଶୋଇ ପଡ଼ଲେ ଭଲ ହୁଅନ୍ତା ଟିକିଏ । କିନ୍ତୁ ଆଖି ବୁଜିଲେ ଲେଖାର ସେଇ ହସ ହସ ମୁହଁ ଆଉ ସେଇ ଛୁଣ୍ଡା ମଇଳା ପଣତଟା ତା ଆଖି ଆଗରେ ନାଚ ଉଠୁଛୁ । ସେ ଶୋଇବ କେମିତ ? ତାର ମନେ ହେଲା ସେ ଟ୍ରଙ୍କ ଖୋଲ୍ ଦେଖନ୍ତା ଲେଖାର କେତେ ଖଣ୍ଡ ଶାଢୀ ଅଛୁ । ନିଷ୍ଟୟ ଥିବ—ଝିଅମାନେ ଶାଢ଼ୀ ରଙ୍କୁଣୀ ସେ ଶୁଣିଛୁ ଅନେକବାର । ହୁଏତ ଲେଖା ଲୋଭରେ ସାଇତ ରଖିଛୁ ! କିନ୍ତୁ ଶାଢ଼ୀ ଥାଇ ଲେଖାତ କେବେ ମଇଳା ପିନ୍ଧେ ନ, ଅଦରକାର ହୁଏନ ··· ··· ··· ? ବନସ୍ତର ଭାବନା ଅଟକି ଗଲା । ନାଁ । ଏ ବିଷୟରେ ସେ ଏଇକ୍ଷଣି ତଦାରଖ କରିବ । ନଚେତ୍ ଫେଟରେ ଲେଖାର ହସର ସ୍ତର ଉପରେ ସେ କଥା କେଉଁ ଗହ୍ୱରରେ ରହିଯିବ ତାର ।

ବନସ୍ତ ଉଠି ଆସିଲା ପଦାକୁ । ପୃଥିବୀଯାକର ବାସନ ପକାଇ ଲେଖା ମଜା ଲଗାଇଛୁ । ସେ ଏକ ଦୃଶ୍ୟ । ରୋଜ ଦ'ଓଳି ମଜା ନ ହେଲେ ବୋଉ ଖାଇବ ନ । ତେଣୁ ତାକୁ ମାଜିବାକୁ ହେବ । ଗୃହକରଟାଏ ମିଳୁନ । ବିଚରା ଲେଖା ! ବନସ୍ତ ଅଟକି ଗଲା । ଲେଖାର ବାଳ ସବୁ ଆବୁର ଏପଟ ସେପଟ ପଡ଼ୁଛୁ । ହାତର ପାଣି କାଚ ସଙ୍ଗରେ ବାପ ଘରୁ ଆଣିଥିବା ସୁନାକାଚ ଘୋର ହୋଇ ସୁତା ଖିଏ ହୋଇ ଗଲାଣି । ତଥାପି ବ ରୁଣୁ ରୁଣୁ ଶବ୍ଦ କରୁଛୁ । ଶେତା ଦିଶୁଛୁ ତାର ହାତ ମୁହଁ ଗୋଡ଼ ସବୁ । ବନସ୍ତର ମନେ ହେଲା ଲେଖା ବୁଢ଼ୀ ହୋଇ ଗଲାଣି କେତେବେଳେ । ମୁଣ୍ଡ ଓ କପାଳ ଦେହରେ ଟୋପା ଶ୍ରମ ଝାଳ ଓ ବସ୍ତୁସର ଦାଗ । ଇସ୍ ! ବନସ୍ତ ଅଟକି ଗଲା ।

ଲେଖା ମୁହଁ ଟେକି ଅନେଇଛୁ ତାକୁ । ମୁହଁରେ ସେଇ ପରଶ୍ରାନ୍ତ ହସ । ଯୋରରେ ଠୋ ଠୋ କରି ହସିବାର ଦେଖିନ ସେ, କି ଦେଖିନ ତା ଆଖି କୋଣରେ ଅଶ୍ରୁର ଲହଡ଼ି । ନାଁ । ବନସ୍ତ ଏ ହସକୁ ମୋଟେ ସହ୍ୟ କରି ପାରିବନ । ଏ ହସରେ ଯେମିତ ଛଳନା—ଯେମିତ ତାଚ୍ଛଲ୍ୟ ।

ବନସ୍ତ ଆସ୍ତେ ଆସ୍ତେ ନଇଁ ପଡ଼ି କଞ୍ଚି ନେଛାଟା ଲେଖାର ମଇଳା ପଣତରୁ ଫିଟାଇ ନେଲା । ଲେଖା ପଚାରିଲା ନାହିଁ —ପ୍ରତିରୋଧ କଲା ନାହିଁ ଟିକିଏ ।

ଗୋଟାକ ପରେ ଗୋଟାଏ ଟ୍ରଙ୍କ ଖୋଲିଗଲା ବନସ୍ତ । ମାତ୍ର ଦଶ ବାରଟା ଶାଢୀ । ସାତ ଆଠଟା ବ୍ଲାଉଜ ରହିଛୁ । ବନସ୍ତ ଖେଳେଇ ଗଲା ସେଗୁଡ଼ାକ । ସବୁ ଚିରା । ରଫ

Digitized by PPRACHIN, SOA

ତାଳରେ ପରିପୂର୍ଣ୍ଣ । ବ୍ଲାଉଜର ତତୋଽଧିକ ଅବସ୍ଥା । ଚିରା ଲୁଗା ଭାଙ୍ଗି ହୋଇ ସିଲେଇ ହୋଇ ଯାଯ୍ଯା ଢଆର ହୋଇଛି । ଗୋଟାକ ପରେ ଗୋଟାଏ ଶାଢ଼ୀ କାଢ଼ି ବନସ୍ତ ଫୋପାଡ଼ି ଗଲା ରାଗରେ —ଚଟାଣ ଉପରେ । ସବୁ ଚିରା—ସବୁ ଛିଣ୍ଡା—ଟ୍ରଙ୍କ ପରେ ଟ୍ରଙ୍କ ଖୋଲି ନିରାଶ ହୋଇ ବନସ୍ତ ହାଲିଆ ହୋଇ ଟ୍ରଙ୍କଟା ଉପରେ ଲଥ୍ କିନା ବସି ପଡ଼ିଲା ସେ ଝରକା ପାଖରେ । ଦ୍ୱାର ମୁହଁରେ ଲେଖା କେତେବେଳେ କଳା ହାତ ଅପନା ଘାଲୁ ଘାଲୁ ହୋଇ ଛିଡ଼ା ହୋଇଛି ତାର ଖିଆଲ ନାହିଁ । ସେ ତାକୁ ଏପରି ଅବସ୍ଥାରେ ଦେଖିବାକୁ ଗୃହିଁ ନ ଥିଲା ମୋଟେ ।

ବନସ୍ତ ଆଶ୍ଚର୍ଯ୍ୟ ହେଲା । ସେମିତି ପ୍ରଶାନ୍ତ ହସ ସେ ହସୁଛି ଲେଖା । ଓଠ ଦୁଇ ପୁଡ଼ା ମାତ୍ର ଟିକିଏ ସଂକୁଚିତ ହେଉଛି । ଅଧିକ କାହିଁ କି କମ୍ ନାହିଁ । ପରିରୁନ ବ ଥରେ କାହିଁକି ତାର ଟ୍ରଙ୍କ ଖୋଲୁଛି ବନସ୍ତ । ଆଉ ବନସ୍ତ ଖୁବ କ୍ଲାନ୍ତ ଅନୁଭବ କରୁଛି । ମୁଣ୍ଡ ବାଂଧା ବଢ଼ି ଗଲାଣି ତାର । ଲେଖା ଶାଢ଼ୀ ଭାଙ୍ଗି ଟ୍ରଙ୍କରେ ରଖୁଛି । ବନସ୍ତ ମୁହଁ ବୁଲାଇ ନେଲା ଝରକା ଆଡ଼କୁ ।

ତା ପରଦିନ ବନସ୍ତ ଅଫିସ ଯିବା ପାଇଁ ପ୍ରସ୍ତୁତ ହେଲା । ବନସ୍ତକୁ ଅଫିସ ଯିବାକୁ ହେବ । ଧୂ ଧୂ ଖରାଦିନ, ଏଣିକି ସକାଳୁଆ ଅଫିସ । ନିଶ୍ଚିନ୍ତ ହେଲା ବନସ୍ତ । ଖରା-ବେଳେ ଅନ୍ତତଃ ଘରେ ରହିପାରିବ । ଗଲା ରାତି ନିସ୍ତବଧ ଅନ୍ଧାରରେ ସେ ପ୍ରତିଜ୍ଞା କରିଥିଲା । ଏଣିକି ସେ ଘରର ସମସ୍ତଙ୍କ ଖବର ଗୋଟି ଗୋଟି ବୁଝିବ । ଦରମା ଶହେଟି ଟଙ୍କା । ଅଣ୍ଟୁନ କିଛି କାହାକୁ ବୋଧେ । ଯୋଡ଼ାଏ ପିଲା ହେଲେଣି । ବଡଟି ଝିଅ । ଦି ପଇସା ସଂଚିବାକୁ ହେବ । ଇନ୍ସୁରାନ୍ସଟାଏ କରିବା ଦରକାର । ନାଃ । ଏଣିକି ତାର ଉପ୍ପର କେଉଁଠି ଦୁଇ ପଇସା ଆଣିବା ଉଚିତ । ବୋଉ ଠିକ କହୁଛି । ଲେଖାଟା ନିହାତ ନିରୀହ । କୌଣସି କଥାରେ ତାଡ଼ା ଦିଏ ନାହିଁ । ସେଇଥି ପାଇଁ ବନସ୍ତର ଏ ଅବସ୍ଥା । ବିଚରା ତାର ପାଇଁ ସିନା ବନସ୍ତ ଆଜି ପର୍ଯ୍ୟନ୍ତ ଜାଣି ପାରିନି ଶହେ ଟଙ୍କାରେ କେତେ ଜିନିଷ କିଣି ହୁଏ ଆଉ କେତେ ଖଣ୍ଡ ବନାରସୀ କିଣା ଯାଇ ଚଳି ଯାଇପାରେ ।

ଖାଇ ବସି ଲେଖାକୁ ଖୁସି କରିବା ପାଇଁ ବନସ୍ତ କହିଲା—

"ଲେଖା । ରାମ ବାବୁ ଏତେ ଦିନ ହେଲା କହୁଥିଲେ ତାଙ୍କ ପୁଅ ପାଇଁ ଟିଉସନ ମାଷ୍ଟରଟିଏ ଯୋଗାଡ଼ କରି ଦେବା ପାଇଁ । ସେ ମାସକୁ ପଚିଶ ଟଙ୍କା ଦେବେ । ମୁଁ

Digitized by PPRACHIN, SOA

ଭାବୁଛୁ ସେଇଟା ନିଜେ ଧରନେବ । କଣ କହୁଛ ତମେ ? ସନ୍ଧ୍ୟାବେଳେ ତାହେଲେ ତମକୁ ଗୋଳମାଳ କରିବାକୁ ମୁଁ ନ ଥିବ ।”

ଲେଖାର ସବୁ ଶବ୍ଦକ ଅଳ୍ପ ଟିକିଏ ପ୍ରହାଶକ୍ତ ହେଲା । ସେଇ ଅଧମ କାଳର ପୁରୁଣା ହସ । ଆକାର ପ୍ରକାର ତାର ସବୁବେଳେ ଚର ପୁରାତନ । ବନସ୍ତ ଭାବିଥିଲା ଲେଖା ଆଜି ଟିକିଏ ଯୋଗରେ ହସିବ । କିନ୍ତୁ ନାଃ । ସେ ଯେମିତ ଥିଲା ସେମିତି । ବୋଧେ ତାକୁ କୌଣସି କଥା ଆନନ୍ଦ ଦେଇ ପାରୁନି । କ୍ଷୁର୍ତ୍ତି ହେଲେ ମଧ୍ୟ ବନସ୍ତ କିଛି କହିଲାନି ।

ଅଫିସରେ ରାଘବ କଣ ବୈକୁଣ୍ଠକୁ ହସି ହସି କହୁଛି । ବନସ୍ତର ଇଚ୍ଛା ନ ଥିଲେ ମଧ୍ୟ କାନ ସେଠିକି ଟାଣି ହୋଇ ଯାଉଛି ।

ଭାଇ କଣ କହିବ—ସେ ଛୁଆଟା ଯାହା ମୋର କୁଲୁକୁଲିଆ ହୋଇଛି ! ଘରକୁ ପଶିଗଲାକ୍ଷଣି ପା' ପା' କହି ଦଉଡ଼ି ଆସିବ ପରା !” ହସୁଛି ରାଘବ ଏକ ତୃପ୍ତିର ହସ । ବନସ୍ତ ଅପେକ୍ଷା ଅଧିକା କାମ କରେ ରାଘବ । କମ୍ ଦରମା । ବଡ଼ କୁଟୁମ୍ବ । ତଥାପି ରାଘବ ଏତେ ଶାନ୍ତିରେ ଅଛି ?

ବୈକୁଣ୍ଠ ହସି ହସି ଉତ୍ତର ଦେଲା—“ତୋର ସିନା ପିଲା ଝିଲା ଅଛନ୍ତିରେ ଭାଇ । ମୋର ଯଦି ଦଣ୍ଡେ ଘଡ଼ିଏ ଡେରି ହେବ । ପିଲା ଝିଲାଙ୍କ ମା' ପରା ବାର ଘର ହୋଇ ତରକାରୀ ଡ଼ାଲ୍ ପୋଡ଼ି ଥୋଇଦେବ ।”

ବୈକୁଣ୍ଠର କାନ ମୂଳ ରକ୍ତିମ ହୋଇ ଉଠୁଛି । ଏଇ ଦୁଇ ବର୍ଷ ହେଲା ବାହା ହୋଇଛି ସେ ।

ବନସ୍ତକୁ ଭଲ ଲାଗିଲାନି ସେମାନଙ୍କ କଥା । ବାହାର ବାରଣ୍ଡାକୁ ସେ ଉଠି ଆସି ସିଗାରେଟଟାଏ ନଆଁ ଧରାଇଲା । କାହିଁ ଦିନେ ତ ବନସ୍ତ ଦେଖିନି ସେ ଅଫିସରୁ ଫେରିଗଲାକ୍ଷଣି ପିଲାଏ ତାର ଦୌଡ଼ି ଆସୁଛନ୍ତି “ବାପା” “ବାପା” ଡାକି । କି ପାଇକେଲ ଗୁରୁପଟେ ଯାଇ ଯାଇଛନ୍ତି ଲଜେନ୍ସ ନଆ ପାଇଁ । ଓଲଟି ବନସ୍ତକୁ ଦେଖିଲେ ସେମାନେ ଚୁପ ହୋଇଯାନ୍ତି । କାଁରେଇ ଏଣେ ତେଣେ ପଳାନ୍ତି । ଡ଼ାକିଲେ କେବେ କେବେ ଅଧେ ବନସ୍ତ ସେମାନେ ଭୟାର୍ତ୍ତ ଆଖିରେ ଛୁଡ଼ା ହୁଅନ୍ତି । ସତେ କି ବନସ୍ତ ବାଘଟା ସେମାନଙ୍କୁ ଖାଇଯିବ ।

Digitized by PPRACHIN, SOA

ଆଉ ଲେଖା ? କାହିଁ କେବେତ ପଚାରେନା । ତେଣ ହେଲା କାହିଁକି ? କି ଚଞ୍ଚଳ ଆସିଲ କାହିଁକି ? କମ୍ପା କୌଣସି ଦିନତ କହିନି "ମୋ ରାଣ । ଚଞ୍ଚଳ ଆସିବ ଅଫିସରୁ । କମ୍ପା କାହିଁ କେବେତ କହିନି ତମେ ଅଧିକା କାମ କର, ଘର ଚଳୁନି କି ଏତେ ବେଶୀ କାମ କରିବା ତମ ଦେହକୁ ସହୁନି । ଆଉ ଯେତକି ହେଲା ସେତକି । କେଉଁଦିନ ବନସ୍ତ ଦେଖିନି ଲେଖାଠାରେ ଚପଳତା କାରୁଣ୍ୟତା ।

ମନେ ଅଛି ବନସ୍ତର । ଏକ ମାମୁଲି ବାହାଘର ପରି ତାର ବାହାଘର ହୋଇଥିଲା ସାଧାରଣ ପରିବାର ଭିତରେ । ବନସ୍ତ ବିବାହ ପୂର୍ବରୁ କେବେହେଁ ଦେଖି ପାରି ନଥିଲା ଲେଖାକୁ । ବାସର ରାତିରେ ଲେଖାର ଗଳାରେ ଯେତେବେଳେ ଏକ ରକ୍ତିମ ଗୋଲାପ ଖୋସି ଦେଇ ବନସ୍ତ ତାର ମୁହଁକୁ ଚାହିଁଥିଲା ଠିକ୍ ସେତିକିବେଳେ ଲେଖା ହସିଥିଲା । ଚକ୍ଷୁକ ଦୁଇ ଫାଙ୍କରେ ସେତିକି ଫାଙ୍କ ଚିରିଖି । ସେଇ ଚକ୍ଷୁକର ସଂପ୍ରସାରଣ କି ସଂକୁଚନ ସେ ଦେଖିନାହିଁ ଏଇ ସାତ ବର୍ଷ ଭିତରେ । ବନସ୍ତ ବିରକ୍ତ ଅନୁଭବ କଲେ । ଗରମ—ଅସହ୍ୟ ଗରମ ।:ଦେହସାରା ଝାଳ କଣ୍ଟି ଉଠିଛି । ଗୃହଆଡ଼ ଶ୍ରୀହୀନ । ବନସ୍ତ ଲେଖାର ହାତ ତିଆରି ରୁମାଲଟା କାଢି ବେକ ପାଖଟା ପୋଛୁ ପୋଛୁ ଅଟକି ଗଲା । କାଲି ଖରାବେଳର ଲେଖାର ଝାଳ ସର ସର ପଣତଟା ତାର ଆଖି ଆଗରେ ନାଚି ଉଠିଲା । ବନସ୍ତର ଚିନ୍ତାଧାରା ଅଟକି ଗଲା । ନାଃ । ଆଜି ପହିଲା ।? ସେ ଲେଖାପାଇଁ ଭଲ ଶାଢ଼ୀ କିଣି ନେବ । ତା ସାଙ୍ଗକୁ ବ୍ଲାଉଜ ଆଉ ସାୟା । ଯେତେ ଟଙ୍କା ପଡ଼ୁ ସେଥିପାଇଁ ଚିନ୍ତା ନାହିଁ । ଆଉ ପିଲାଙ୍କ ପାଇଁ କାଠ କାଠ ଖେଳନା, ଜାମା ପ୍ୟାଣ୍ଟ ଆଉ ଚକୋଲେଟ କିଣି ନେବ । ଆହା । ବିଚରା ବୋଉ । ତା ପାଇଁ କିଛି କିଣି ନ ନେଲେ ସେ ମନ ଦୁଃଖ କରିବ । କହିବ ସାବତ ପୁଅ ବୋଲି ସିନା ଏତେ ଅଣହେଲା କରୁଛି । ତା ପାଇ ଖଣ୍ଡେ ଶାଢ଼ି କିଣିନେବ । ଆଉ ଖଣ୍ଡେ ଜଗନ୍ନାଥ ଫଟୋବି କିଣି ନେବ । ସେ ନିଜେ ଏ ସବୁ କିଣି ନେଇ ଘର ଦ୍ୱାର ମୁହଁରେ ଛିଡା ହୋଇ ସାଇକେଲ ଟିଂ ଟିଂ କରିବ । ଦଉଡ଼ି ଆସିବ ବଡ଼ ଝିଅ ଲିଲି । ଆଉ ସାନ ପୁଅ ଟୁଟୁ ବୋଉର କୋଳରେ ଝୁଲି ଝୁଲି କାନ୍ଦୁ କାନ୍ଦୁ କରି ଅନେଇ ତା ଆଡ଼କୁ ବାଁ ହାତ ହଲଉ ଥିବ । ଲେଖା ଦାଣ୍ଡ କବାଟ ଧରି ଅଟକି ଯିବ ହସିଲା ଆଖିରେ । ବନସ୍ତ ଅନ୍ଦାଜ କଲା ତାର ଲେଖାର ଓଠଟା ଏକଦମ ହସି ହସି ମେଲା ହୋଇ ଯାଉଛି ଆଉ ବୋଉର ଭ୍ରୂକୁଞ୍ଚନଟା ଏକଦମ ବଦଳି ଯାଇ ସେଠି ଖେଳୁଛି ହସର ଲହରୀ !

ବନସ୍ତ ଶାଢ଼ୀ ପରେ ଶାଢ଼ୀ ଦେଖି କ୍ଳାନ୍ତ ହେଲା । ଦୋକାନୀ ଅସଂଖ୍ୟ ଶାଢ଼ୀ ମେଲେଇ ତା ଆଗରେ ପକାଇଛି । ଶାଢ଼ୀର ପେର ଏତେ ନାଁ ଅଛି ନା ? କେଉଁ

Digitized by PPRACHIN, SOA

ଶାଢ଼ୀଟା ନେବ ସେ ? ଧଳା, ନାଲ ? ନାଃ ଏଗୁଡ଼ା କେହ ଲେଖାକୁ ସୁନ୍ଦର ଦେଖା ଯିବନ । ହଠାତ ଏକ ଗଭୀର ନୀଳ ରଙ୍ଗର ଜରୀ ବେନାରସୀ ଦୋକାନୀ ତା ଆଖି ଆଗରେ ଝଲସାଇ ଧରଲ । ବନସ୍ତ ତର ତର କର ଶାଢ଼ୀଟାର ଦାମ ଦେଖି ବସିଲ । ଖାଣ୍ଟି ଦେଡ଼ଶହ । ଏତେ ଟଙ୍କା କାହିଁ ତା ପାଟରେ ? ଦରମାତ ମାତ୍ର ଶହେଟି ଟଙ୍କା । ସେଥିରେ ଫେର ଗୋଟାଏ ମାସ ଖାଇବା ପିଇବା ଓ ପିଲପିଲଙ୍କ ଖର୍ଚ୍ଚ ଅଛି । ନାଃ । ହେବନ । କିନ୍ତୁ ଦୋକାନୀ ନ ଛାଡ଼େ ମୋଟେ । ଯେ କହ ଚାଲଛନ୍ତି ନେଇ ଯାନ୍ତୁ ବାବୁ । ମାଙ୍କୁ ଖୁବ ଭଲ ଲାଗିବ । ଘର କର ଖଣ୍ଡେ ଶାଢ଼ୀ ରଖିବା ଦରକାର । ମାସକୁ ମାସ ଶୁଝିଦେବେ । ଆଉ କଣ ?”

ବନସ୍ତ ଅନୁଭବ କଲା ତାର ଗଳା ଶୁଖି ଆସୁଛି । ଏମିତି ଆଉ ଟିକେ ଗଲେ ତା ମୁଣ୍ଡ ବନ୍ଧବ । ଲେଖାକୁ ଯାହା ହଇରାଣ କରବ ସିନା । ବନସ୍ତ ଅନେଇଛି । ଦୋକାନୀ ଶାଢ଼ୀ ପ୍ୟାକ୍ କର ଆଣି ତା କ୍ୟାରିଅର ଦେହରେ ଥୋଇ ସାରଲଣି । ତଥାପି ବନସ୍ତ କଣ କରବ ଭାବି ପାରୁନ । ସେ ଦ୍ୱାର ମୁହଁରେ ଛିଡ଼ା ହୋଇ ଦୋ’ଦୋ’ ପାଞ୍ଚ ହେଉଛି । ଫେରାଇ ଦେବ ଶାଢ଼ୀଟା ନାଁ ନେଇଯିବ । ତାର ଅର୍ଥନୈତିକ ଗବେଷଣା ଚାଲଛି । ଯାହା ହେଲ ସେତକଠାରୁ ବେଶୀ ଲଭ ପାଉଛି କ ନାହିଁ ।

ହଠାତ ପ୍ୟାଁ ପ୍ୟାଁ ଗାଡ଼ିର ହର୍ଣ୍ଣ । ପରିଚିତ ଆମ୍ବସୋଡର୍‌ର ହର୍ଣ୍ଣ । ମିଃ ଏବଂ ମିସେସ୍ ତାରକେଶ୍ୱର ଗୋଧୂଳି ଭ୍ରମଣରେ ବୋଧେ । କିନ୍ତୁ ଏ କ କଥା । ମିଃ: ତାରକେଶ୍ୱର ତାଙ୍କୁ ହାତ ହଲଇ ଡାକୁଛନ୍ତି କାହିଁକି ? ଆଉ ମିସେସ ତାରକେଶ୍ୱରଙ୍କ ଅଧର କୋଣରେ ସ୍ମିତହାସ୍ୟ । ବେଶ ରୁଚିକର ମନେ ହେଲ ବନସ୍ତକୁ । ହଠାତ ମନେ ହେଲ ବନସ୍ତକୁ । ହଠାତ ଆପେ ଆପେ ଟାଣି ହୋଇଯାଇ ସେ ଲମ୍ବା କର ନମସ୍କାରଟାଏ ପକାଇଲ । ମିଃ: ତାରକେଶ୍ୱର ହସି ହସି କହଲେ, ବନସ୍ତ, ଚାଲ କରୁଛ ଆସ—ମହାନଦୀରେ କେତେ ପାଣି ଅଛି ଦେଖିବା ଆସ । ମିସେସ ଭାର ଭଲ ପାନ୍ତି ନଇ କୂଳରେ ବୁଲିବା ପାଇଁ ।”

ଦ୍ୱାର ଖୋଲଦେଲେ କାର୍‌ରେ ସେ । ବନସ୍ତ ଦ୍ୱିଧା ବୋଧ କରୁଛି ।

“ନାଇଁ ସାରେ୍ କାମ ଅଛି । ଆପଣ ଯାନ୍ତୁ—“ମୁଁ ଆଜ୍ଞା·········ଆଜ୍ଞା······”
ବନସ୍ତ ଅଟକି ଯାଉଛି ।

“ଓଁ ! ଡୋଣ୍ଟ ଓ୍ୱରି । କମ୍ ଅନ୍ କମ୍ ଅନ୍ । କାମତ ସବୁବେଳେ କରୁଛନ୍ତି !”

Digitized by PPRACHIN, SOA

ମିସେସ୍ ତାରେକଶ୍ୱରଙ୍କ କୋକିଳ କଣ୍ଠ । ରେଡ଼ିଓରେ ଗୀତ ଗାଉଥିଲେ ସେ । ବନସ୍ତ ଶୁଣିଛି କେତେଥର ।

ବନସ୍ତ ବାଧ୍ୟ ହୋଇ ଉଠିଗଲା । ହାତରେ ତାର ସେଇ ଗଭୀର ନୀଳ ବେନାରସୀ ଜରି ଶାଢ଼ୀ । ସାଇକେଲ୍‌ଟା ପଡ଼ି ରହିଲା ଦୋକାନ ଦ୍ୱାର ମୁହଁରେ ତା ଅପେକ୍ଷାରେ ।

କାର୍ ଛୁଟିଛି ତୀବ୍ର ବେଗରେ । ମିସେସ୍ ତାରକେଶ୍ୱର କାଗଜ ପ୍ୟାକେଟ୍ଟା ଟାଣି ନେଇ ଖୋଲି ପକାଇଲେ । ବନସ୍ତ ଆଗ୍ରହରେ ଅନେଇଛି । ଦେଖାଯାଉ କଣ କହୁଛନ୍ତି ? "ଇସ୍ ! କି ସୁନ୍ଦର ହୋଇଛି ଶାଢ଼ୀଟା ? କେତେ ଦାମ୍ ନେଲା ? କାହାପାଇଁ ନେଉଛନ୍ତି ? କାହା ଦୋକାନରୁ କିଣିଲେ ? ଆପଣଙ୍କର ଚଏସ୍‌ଟା ଖୁବ୍ ଭଲ ? "

ମିସେସ୍ ତାରକେଶ୍ୱର ଯେପରି ପ୍ରଶ୍ନମାଳା ବାନ୍ଧି ଦେଉଛନ୍ତି ଗୋଟାଏ ପ୍ରଶ୍ନ ଏକାଧାରରେ କରୁଛନ୍ତି । କେଉଁଟା ପ୍ରଧାନ ପ୍ରଶ୍ନ ? କାହାର ଉତ୍ତର ଆଗେ ଦେବ ? ବନସ୍ତ ମେଧାବୀ ଛାତ୍ର ପରି ବନସ୍ତ ଆଉଜେଇ ନେଲା ପ୍ରଶ୍ନଗୁଡ଼ାକ । କିଛି ନ କହି ସେ ମୃଦୁ ହସିଲା । କାରଟା ମହାନଦୀ ମୋଡ଼ ପାଖରେ ପହଞ୍ଚି ଗଲାଣି ।

ମହାନଦୀରେ ପାଣି ହୋଇଛି । ଅନୁନକ ମୁହାଁଣ ପାଖରେ ବର୍ଷା ହୋଇ ଟୋପାଏ ପାଣି ଝରୁଥିବାରେ ମହାନଦୀ ପେଟରେ ଚର୍ ଚର୍ ହେଉଛି । ନଈ କଣ ଏଇଥିରେ ବଢ଼ିବ ? ଯଦି ବଢ଼ିବ ବଢୁ—ତାର ଯାଏ ଆସେ କଣ ? ସେଇ ଟୋପାକ ପାଣି ଭିତରେ ଲେଖା ଯେପରି ଗଭୀର ନୀଳ ବେନାରସୀ ପିନ୍ଧି ଛିଡ଼ା ହୋଇଛି । କି ସୁନ୍ଦର ମାନୁଛି ତାକୁ ସତେ । ତାର ଓଠ କେଶ୍ ଦୁଇ ପାଖକୁ ଲମ୍ବି ଯାଇ ହସର ଫୋଟକା ଛୁଟୁଛି । ବନସ୍ତ ଅନୁମାନ କରିନେଲା ତା ପରେ ସେ ଲେଖାକୁ କେମିତି କୋଳକୁ ଆଉଜାଇ ନେବ । ଲେଖାର ଭୀରୁ ନମ୍ର ଆଖି କୋଣ ଲାଜରେ ଝାଉଁଳି ପଡ଼ିବ । ବନସ୍ତ ! ଦୁଇଟି ସନ୍ତାନର ପିତା ବନସ୍ତ—ସାତବର୍ଷର ବିବାହିତ ତରୁଣ ବନସ୍ତ ଆଖିରେ ସ୍ୱପ୍ନର ଝଲକ ।

ଫେର କାର୍ ଛୁଟିଲା ପଛକୁ । ଘର ନିକଟ ହୋଇ ଆସୁଛି । ଲେଖା ଆଉ ପିଲାଏ ଗୁହାଁଥିବେ ତାକୁ । ଆଜି ବହୁତ ଡେରି ହେଲାଣି । ବୋଧେ ଲେଖା ଉପରେ ବିରକ୍ତ ଅସ୍ପଷ୍ଟ ହେଉଥିବ । ଯାଃ ! ସାଇକେଲଟା ଦୋକାନ ମୁହଁରେ ପଡ଼ି ରହିଲା ପଡୁ—କାଲି ଅଫିସ ଫେରନ୍ତା ନେଇ ଯିବ ।

ମେନ୍ ରୋଡ ଉପରେ ଗାଡ଼ି ରହିଲା । ଏତେବଡ଼ ଗାଡ଼ି ଗଳି ଭିତରକୁ ଯାଇ ପାରିବନି । ଗୁଣ୍ଟେ ବାଟ ମାତ୍ର ଆଉ । ବନସ୍ତ ଅକ୍ଳେଶରେ ଓହ୍ଲାଇବ । ସେ କାର୍‌ରୁ

Digitized by PPRACHIN, SOA

ଓହ୍ଲାଇଲା । କିନ୍ତୁ ଏ କଣ ? ମିସେସ୍ ତାରକେଶ୍ୱର ଶାଢ଼ୀର ପୁଡ଼ାଟା ସେମିତ କୋଳରେ ହାତ ଦେଇ ରଖିଛନ୍ତି । ବଢ଼େଇ ଦେଉ ନାହାଁନ୍ତି ତ ତାଙ୍କୁ ? ମାଗିବ ନାଁ କଣ ? କେମିତ କଣ ମାଗିବ ? ସେ ଅନେଇଲା ତାଙ୍କ ମୁହଁକୁ । ମିସେସ୍‌ଙ୍କ ଆଖିରେ ଶତ ପଦ୍ମର ଲୀଳା !

"ବନସ୍ତ ! କାଲି ମୋର ଜନ୍ମଦିନ । ବୁଝିଲ ? ଯେମିତ ହେଲେ ତୁମେ ଆସିବ । ଦେଖ ବୟସରେ ତୁମେ ମୋଠାରୁ ବହୁତ ଶ୍ରେଷ୍ଠ । ସେଇଥିପାଇଁ ଆପଣ ନ କହି ତମେ କହୁଛି, କିଛି ମନେ କରୁଛ ? ନିଶ୍ଚୟ ମନେ କରି ଆସିବ । ମୁଁ ଅପେକ୍ଷା ରଖିଥିବି ।' ମିସେସ୍ ତାରକେଶ୍ୱରଙ୍କ ଓଠରୁ ଏତେ ମଧୁ ଝରୁଛି ଯେ ବନସ୍ତର ଆପଣା ଓଠ ବାନ୍ଧ ହୋଇ ଯାଉଛି । କଣ କହିବାକୁ ଇଚ୍ଛା କଲେବି ସେ ପାରୁନି । କେବଳ ଶାଢୀଟା ପାଇଁ ହାତ ନୀରବରେ ବଢେଇ ଦେଲା ସେ ।

ବନସ୍ତ ବୁଝିଛି । ମିସେସ୍‌ଙ୍କ କ୍ଷୀଣ ରେଖା ପାଞ୍ଚଟି ଲମ୍ବି ଆସିଲା ବାହାରକୁ । ବନସ୍ତ ହାତରେ ଶାଢୀଟା ଦେବାପାଇଁ ନୁହେଁ—ବିଲାତ କାଇଦାରେ ହ୍ୟାଣ୍ଡସେକ୍ କରିବା ପାଇଁ । ହାତରେ ତାର ମୃଦୁ ଚିପ ଦେଇ ସେ କହିଲେ "ଉଇସ୍ ଇଉ ଏ ହାପି ଗୁଡ ନାଇଟ୍ ।"

ମିଃ ତାରକେଶ୍ୱର ଗାଡ଼ିଟା ଏତକବେଳେ ଷ୍ଟାର୍ଟ କଲେ । ଠକ୍ କରି ବନସ୍ତର ଛାତିଟା ଧଡ ପଡ୍ ହୋଇ ଉଠିଲା । କିନ୍ତୁ ବଗିଟ ଆମ୍ବାସେଡର୍ ଧୂଳି ଉଡାଇ ଚାଲିଗଲା । ତାର ପେଟ୍ରୋଲ ଗନ୍ଧ ଓ ଧୂମାୟିତ ବାଷ୍ପରୁ ମେଞ୍ଚାଏ ବନସ୍ତର ନାକ ଦେଇ ଫୁସ୍ ଫୁସ୍ ଭିତରକୁ ଚାଲିଗଲା । ବନସ୍ତ ବୋବା ପରି ଛିଡ଼ା ହୋଇଛି । ତାର ପାଟିରେ କଥା ନାହିଁ କି ତାର ମୁଣ୍ଡ କିଛି ଚିନ୍ତା କରି ପାରୁନି । ସତେ କି ସେ ଇନ୍ଦ୍ରଜାଲ ତା ଆଖିରେ ? ଶାଢ଼ୀଟା ଗୋଟାଏ ଉପଲକ୍ଷ୍ୟ ମାତ୍ର । ବନସ୍ତର ହାତ ଗୋଡ ସବୁ ବରଫ ପରି ଥଣ୍ଡା ହୋଇ ଯାଉଛି ।

ହଠାତ୍ ଗୁଣୁ ଗୁଣୁ ସ୍ୱର । କିଏ କେଉଁଠି ଗୀତ ଗାଉଛି । ବନସ୍ତ ବୁଲି ଅନେଇଲା । ତା ଘର ଗଳି ଉପରେ ଲାଇଟ ପୋଷ୍ଟରେ ନିଆଁ ଧରଉ ଧରଉ ଗୀତ ଗାଉଛି ମ୍ୟୁନିସି-ପାଲିଟିର ବୁଢ଼ା ମିଆଁ ମହମ୍ମଦ । ନିଆଁ ଧରୁନି । କାଠି ପରେ କାଠି ଜଳି ଖାଲି ଲିଭି ଯାଉଛି । ଝଡ଼ଦିନର ବାଉଳା ପବନ ଅଶାନ୍ତ ଗତିରେ ବହି ଚାଲୁଛି । ମିଃ ତାରକେଶ୍ୱର କହୁଥିଲେ ନଈ ବଢ଼ିବ, ଏମିତ ପବନ ଦେଲେ ମିସେସ୍ ତାରକେଶ୍ୱରଙ୍କ ମତରେ ଲକ୍ଷ୍ମୀ ମାଛ ମିଳିବ ।

ବନସ୍ତ ଅନେଇଲା । ଝଣ୍ଟିଆ କାଠରେ ପବନ ଯାଇଁ ନିଆଁ ଧରୁନି । ତଥାପି ମହମ୍ମଦ ଲାଗିଛି । ଚେଷ୍ଟା କରୁଛି । ଏଇଠୁ ବଜୁଳିବତୀ ସରିଲା । ଆରମ୍ଭ ହେବ ଏଣିକି

Digitized by PPRACHIN, SOA

ଅଂଧାର । ଜୁକୁ ଜୁକୁ ଅନ୍ଧାର । ଦୈନ୍ୟ ହାହାକାର ଓ ତକ୍ତତା । ସେଇ ଅରମା ବାଟରେ ଟେଲ ବାଜି ରକ୍ତ ଝରିବ । ଏଇ ଗଳି ମୋଡ ଭାଙ୍ଗିଗଲେ ସେଇଥିପାଇଁ ବୋଧେ ସରକାର ବିଜୁଳିବତୀ ଦେଇ ନାହାନ୍ତି । ଏଠି ସମସ୍ତେ କନ୍ତା ପିନ୍ଧନ୍ତି । ମଁଳା ବେନାରସୀ ଝଲକ ସିନା କେବଳ ବିଜୁଳି ବତୀରେ ଫିଟେ । ବିନସ୍ତି ଗଳି ଭିତରେ ପଶିଲା ।

ରାତି ଅଧରେ ଯେତେବେଳେ ସମଗ୍ର ପୃଥିବୀ ସୁଷୁପ୍ତ, ବିନସ୍ତି ଅନୁଭବ କଲାଯେ ସେ ଆଖି ବୁଜି ଶୋଇବାର ବୃଥା ଛଳନା କଲେ ମଧ୍ୟ ତାକୁ ନିଦ ହୋଇନ । ସେ ବୁଜାକ୍ରା ଆଖିରେ ଜଳ ଜଳ ଚାହିଁଛି । ଜେଜେଙ୍କ ଘଣ୍ଟାର ପେଣ୍ଡୁଲମ୍ ଅବିକଳ ଅନାହାନ୍ତ ଝୁଲୁଛି । ଏମିତି ପିଲାଦିନେ ତାର ଖିଆଲ ଅଛି ଏଇ ଘଡ଼ି ପାଖରେ ଛିଡା ହୋଇ ସେ ବଲ୍ ବଲ୍ କରି କେତେ ଥର ଚାହିଁଛି । ପଚାରିଛି କେତେ ଅଡୁଆ ତଡୁଆ ପ୍ରଶ୍ନ । କେହି ତାର ଉତ୍ତର ଦେଇନ । ଆଜିବି ବତିଶ ବର୍ଷ ବୟସରେ ସେ ସେଇ ବୋକା, ବୋକା ଚାହାଁଣୀ ନେଇ ଚାହିଁ ରହିଛି ଘଡିକୁ । ସେ କିନ୍ତୁ ଚାଲିଛି । ତାର ବିରାମ ନାହିଁ । କିନ୍ତୁ ବିନସ୍ତିର ଏତେ ଚଞ୍ଚଳ କ୍ଳାନ୍ତି ଆସିଗଲା କିପରି ? ଆଶ୍ଚର୍ଯ୍ୟ !

ଘଡ଼ିରେ ବାଜିଲା ଢ଼ଂ ଢ଼ଂ ଢ଼ଂ ତିନଟା । ଚିରି ଚିରେଇ ଉଠିଲା କୋଳର ଛୁଆଟା । ଲେଖା ନିଦରୁ ଉଠି ବସିଲା । ବିନସ୍ତିକୁ ଜାଗ୍ରତ ଅବସ୍ଥାରେ ଦେଖି ସେ ଯେପରି ବିସ୍ମିତ ହେଲାଠାରୁ ଲଜ୍ଜିତ ହେଲା ଟିକେ । ହୁଏତ କେଉଁ ଦୂର ଅତୀତର ଗୋଟାଏ ହଜିଲା ମୁହୂର୍ତ୍ତି ତାର ମନେ ପଡ଼ିଯାଇଛି । ବିନସ୍ତି ରସିକତା କରି ପାରିଲାନି । ମନରେ ତାର ସେଇ ଦେଢ଼ଶହ ଟଙ୍କାର ଶାଢ଼ୀ ଓ ମିସେସ୍ ତାରକେଶ୍ୱରଙ୍କ ହସ ନାଚି ବୁଲୁଛି । ସେ କଣ କହିବ ? କହିବକି ସେ ଲେଖାକୁ ଶାଢ଼ୀ କଥା । ହୁଏତ ତା ଦ୍ୱାରା ତା ମନରେ ସନ୍ଦେହ, ମନରେ ବିଷ ପୁରାଇବ ବିନସ୍ତି । କିନ୍ତୁ କିଛି ନ କହିଲେ ଯେ ତାର ମନ ଭିତର ଜଳି ଯାଉଛି । ଏତେବଡ ଜ୍ୱାଳା ସହ୍ୟ କରିବା ତା ପକ୍ଷରେ ଅସହ୍ୟ ।

ସେ ଲେଖାକୁ ଅନେଇଲା । କୋଳରେ ଛୁଆକୁ କ୍ଷୀର ଦେଉ ଦେଉ ତା ଆଖି ପତା ଲାଗି ଆସିଛି । ମୁହଁରେ ତାର ଅଦ୍ଭୁତ ସାରଲ୍ୟତା, ଅଦ୍ଭୁତ ଆନନ୍ଦ ଓ ଶାନ୍ତିର ଭାବ । କେମିତି ସେ କହିବ ତାକୁ ଯେ ସାରା ମାସର ଦରମା ଟଙ୍କା ଦେଇ ଖଣ୍ଡେ ଶାଢ଼ୀ କିଣି ଆଣିଥିଲା । କିନ୍ତୁ···କିନ୍ତୁ···ନାଁ ସେ ପାରିବନି । ଲେଖାର କଳା କଜ୍ଜ୍ୱଳ ଆଖିରେ ନାଚିବ ହୁଏତ ଶ୍ରାବଣ ମେଘର ଅଦିନ କାକଳି । ବିନସ୍ତି ପାରିବନି ସହ୍ୟ କରି । କିନ୍ତୁ ଲେଖା ଯେତେବେଳେ ତାକୁ ମାଗିବ ଟଙ୍କା ସେ କଣ କହିବ ? କହିବ ମିଳିଲାନି ଅଫିସରେ ଆଜି

Digitized by PPRACHIN, SOA

ନାଁ କହିବ ଓଁଠରେ ମିଳାଇ କିନ୍ତୁ କେଉଁ ଧନର ତାଗିଦ ଦେବ ସେ ? ପିଲାଏ ଭୋକରେ କାନ୍ଦିବେ । ବୋଉ ମେଲି ବସିବ ତାର ହାତରେ ଆଉ ଲାଂଛନାର ସାଇତା ପେଡ଼ି । ଲେଖାର ଓଠ ପୁଡ଼ା ଆଉ ସମ୍ପ୍ରସାରଣ ହେବନି । କଣ କହିବ ବନସ୍ତ ? ନାଁ ସେ ପାରିବନି । ବନସ୍ତ ଅନ୍ଦାଜ କଲା ସମସ୍ତେ ତାକୁ ଭର୍ତ୍ସନା କରୁଛନ୍ତି । ଅଜାଣତରେ 'ଓଃ' ବୋଲି କହି ସେ କାନପୁଡ଼ା ଦି'ଟା ହାତରେ ଧରି ଚିତ୍କାର କରି ଉଠିଲା । ଲେଖା ହଲାଇ ଦେଲା ଭୟରେ ।

"କଣ ହେଲା ? ସ୍ୱପ୍ନ ଦେଖୁଛ ନା କଣ ? ନାଁ କାନ କଅଣ ହେଉଛି ?

ବନସ୍ତର ମନେ ହେଲା ଲେଖାକୁ ଧରି ସେ କାନ୍ଦନ୍ତା । ତାର ଶୀତଳ ହାତରେ ବନସ୍ତର କେତେ ଟୋପା ତତଲା ଲୁହ ଗଡ଼ି ପଡ଼ିଲେ ସେ ହୁଏତ ଶାନ୍ତି ପାଆନ୍ତା । କିନ୍ତୁ ଛିଃ ଛିଃ ସେ କାନ୍ଦିବ କେମିତି ? ବାଧ ହୋଇ ପାଟି ଖୋଲିଲା ସେ—

"ଲେଖା ! ଦରମା ଟଙ୍କା ସବୁ ଆଜି ପକେଟମାରୁ ହୋଇଗଲା । ଏମାସ ଚଳିବା କେମିତି ?

ବନସ୍ତର ଆଖି ଉପରେ ଲେଖାର କଅଁଳ ହାତ ଏବେବି ସେମିତି ରହିଛି । ବନସ୍ତ ସେଇ ଆଙ୍ଗୁଠି ଫାଙ୍କ ଦେଇ ପରିଷ୍କାର ସ୍ତିମିତ ଆଲୋକରେ ଦେଖି ପାରିଲା ଲେଖା ଯେମିତି ଥିଲା ସେମିତି ଅଛି । ସେଇ ଓଠର ସମ୍ପ୍ରସାରଣର ମାତ୍ରା ଟିକିଏ ହେଲେ ସଙ୍କୁଚନ ହୋଇନି । ସେଇ କଳା କଜ୍ଜ୍ୱଳ ଆଖିରେ ପ୍ରଶ୍ନର ଧାରୁ କମ୍ପନ ହୋଇନି । କେମିତି ହଜିଲା ? 'ବାଟରେ ନାଁ ଦୋକାନରେ' ? କଣ ସବୁ ଯାଇ ନାଁ ଅଳ୍ପ କିଛି ? ଆଦର୍ଶ ପ୍ରଶ୍ନମାଳା ଲେଖାର ସ୍ମରଣ ଜଗତରେ ନାହିଁ ବୋଧେ ।

"ହଜିଗଲା କଣ କରିବା ଆଉ ? ଏଇଥିପାଇଁ ତମେ ଆଜି ଖାଇନ ? ରାତି ଏତେ ହେଲାଣି ଶୋଇବ ପାରୁନ ?" ଲେଖା ବିରକ୍ତ ହୋଇନି । ବନସ୍ତ ଆଶ୍ୱସ୍ତି ଅନୁଭବ କଲା କିନ୍ତୁ କିଛି କହି କରି ପାରିଲାନି । "ଛି, ଛି ! କଣ ଯେ ତମେ ପିଲା ହୋଇ ଯାଉଛ ? ହଜିଗଲା ଗଲା । ଦୁଃଖ କଷ୍ଟେ ଚଳିଯିବା । ମୋର ବେକର ହାରଟା ଛିଣ୍ଡି ଯାଇଛି । ସେଇଟା ଆଉ କଣ କାମ ଦେବ ? ତମେ ବିକିଦିଅ ସେଇଟା କାଲି ? ବୁଝିଲ ? ଲେଖାର ପରିଷ୍କାର କଣ୍ଠ ।

"ତମେ କଣ ପାଗଳ ହେଲ ଲେଖା ? ତମ ହାର ବିକି ମୁଁ···ମୁଁ···।" ଲେଖା ବନସ୍ତ ପାଟିରେ ହାତ ଦେଇଛି । ନଭେଲରେ ଓ ଗପ କାହାଣୀରେ ସ୍ତ୍ରୀର ଗହଣା ସ୍ୱାମୀ

Digitized by PPRACHIN, SOA

ହକେ ନାହିଁ । କିନ୍ତୁ ସାଧାରଣ ବାସ୍ତବ ଜୀବନରେ ତା ସମ୍ଭବ । ମୁଁ ଭାବୁଛି ନାଟକ କରିବାର ବେଳ ଯାଇଛି । ସୁବିଧା ହେଲେ ତମେ ସେମିତି କଣ ନାଟକଟାଏ ମଞ୍ଚରେ ଗଡ଼ି ଦେଇ ପାରିବନି ? ଆଉ ତମେ ଇତ କରିଥିଲ ତାକୁ ନାଁ ମୁଁ କରିଥିଲି ?' ଲେଖାର ସହଜ ସରଳ ସୁନ୍ଦର ସ୍ୱାଭାବିକ ସୁର ।

ବନସ୍ପର ପାଟି ଫିଟିଲାନି । ଲେଖାର ହାର ନ ନେଇ ତାର ପଥ ନାହିଁ । ଅଥଚ ଲେଖା ଭଳିଆରେ ନାଟକୀୟତା ହେବ । ତଥାପି କେମିତି ବନସ୍ପ ସ୍ୱସ୍ତି ଲାଭ କଲା । ଲେଖା ଜାଣିଛି ଯେ ଦରମା ମିଳିବନି ଏଇ ଯଥେଷ୍ଟ, ଏଇ ତାର ଏତେବେଳ ପର୍ଯ୍ୟନ୍ତ ସଂଘର୍ଷ ଓ ଅନୁରାଗ ବୋଝ ଥିଲା । ସକାଳ ହୋଇ ଆସୁଥିଲେ ବନସ୍ପର ଆଖି ଧଳା ଲଗି ଆସୁଥିଲା ।

× × ×

ଦିନ ଦିନ ହୋଇ କେତେ ଦିନ ମାସ ଓ କେତେ ବର୍ଷ ବିତି ଗଲେଣି ବନସ୍ପର ଶାଢ଼ୀ କିଣିବା ହୋଇ ପାରିଲାନି । କେତେ ଯାଗାରେ ବନସ୍ପ ଟ୍ୟୁସନ କଲାଣି, ରାତି ଜଗି ଦୋକାନରେ ହିସାବ ଲେଖି ଅଧିକା ଆୟର ପନ୍ଥା ଖୋଲି ସାରିଲାଣି । ତଥାପି ଦେଢ଼ଶହ ଟଂକା ତାର ଏକାଥରକେ ଶାଢ଼ୀ କଣା ପାଇଁ ଏକାଠି ହୋଇ ପାରିନି । ଲେଖାର ଓଠରେ ସେ ଫୁଟେଇ ପାରିନି ଚଉଡ଼ା ମଖମଲି ହସ ।

ସେ ଦିନ ବନସ୍ପ ଏକ ଅକଳ୍ପନୀୟ ଆନନ୍ଦରେ ହସି ଉଠିଲା । ଏଇଥର ଆଠ ବର୍ଷ ବିତିଥିଲେ ବି ସେ ଶାଢ଼ୀଟିଏ ଆଣି ଲେଖାକୁ ଦେଇ ବୋଝ ମୁକ୍ତ ହୋଇନି । ସେ ବୋଝ ମୁକ୍ତ ହେବ । କୌଣସି ମତେ ଟଙ୍କା ଯୋଗାଡ଼ ହୋଇ ପାରିଛି । ସେଇ ପୁରୁଣା ଦୋକାନ ସେମିତି ଅଛି । ତାର ଦୋକାନର ସୀମା ବଢ଼ିଛି ।

ମାସକ ଆଗରୁ ସେ ସେଇ ଆଠବର୍ଷ ତଳର ଶାଢ଼ୀ ପରି ଏକ ନୀଳ ଜରି ବେନାରସୀ ବରାଦ ଦେଇ ଆସିଲା ।

ଅଫିସରୁ ସେଦିନ ସେ ଚଞ୍ଚଳ ପ୍ରଥମ ଥର ପାଇଁ ଆଠବର୍ଷ ଭିତରେ ପଳାଇ ଆସିଲା । ମି: ତାରକେଶ୍ୱର ସବୁଦିନେ ବନସ୍ପର ବନସ୍ପତାକୁ ଶ୍ରଦ୍ଧା କରନ୍ତି । ଏକା ମୁହାଁ ହୋଇ ସେ ଦୋକାନରେ ପଶିଲା । ସେଇ ସୁନ୍ଦର ଜରୀ ଶାଢ଼ୀଟା ହାତରେ ଧରି ଏପଟ ସେପଟ କଲାସେ । ସେଇ ଆଠବର୍ଷ ତଳର ପୁରୁଣା ଶାଢ଼ୀର ଦାମ ଆଜି ଦୁଇଶହ ଟଙ୍କା । ସେ ଦିନ କଥା ଆଜି ନାହିଁ । ବନସ୍ପର କିନ୍ତୁ ସେଥିପ୍ରତି ନଜର ନାହିଁ ।

Digitized by PPRACHIN, SOA

ଘରେ ପହଞ୍ଚି ସେ ଏପଟ ସେପଟ ଲେଖାକୁ ତର ତର କରି ଖୋଜିଲା । ଲେଖା ଆଲମାରି ପାଖରେ ଛିଡ଼ା ହୋଇ କଣ କରୁଛି । ସେ ଚଷମା ଲୁଗାଟା ଲେଖା ମୁଣ୍ଡ ଉପରେ ଥୋଇ ଦେଲା । ଆଶ୍ଚର୍ଯ୍ୟ ହେଲା ସେ । ଲେଖା ମୁହଁରେ ହସ ବଦଳରେ ବିସ୍ମୟ । ତାପରେ··· । ଲେଖା ଖୋଲି ଦେଖିଲା ଶାଢ଼ୀଟା । ତାର ୪୦ ଦୁଇଟା ପରିଷ୍କାର ଦୁଇଭାଗ ହୋଇଗଲା । ସବୁଗୁଡାକ ଦାନ୍ତ ଦେଖାଯାଉଛି । ଗଣିବ ହେବ । ଲେଖା ଖୁବ୍ ଖୁସିଟାଏ ହୋଇ କହିଲା –

"ଯା ହେଉ, ଭଗବାନ ତମକୁ କେମିତି ଏତେ ବୁଦ୍ଧି ଦେଲେ କେଜାଣି ? ଏଇ ଦାନ୍ତ ଗୋଟେ ଗୋଟେ ନ ରଖିଲେ ଘରରେ ବଡ଼ ଅସୁବିଧା ହେବ । ହିଁଅ ବାହାଘର ତ ସହଜ କଥା ନୁହଁ ।"

ବିନୟ ଲକ୍ଷ୍ୟ କଲା ବତିଶଟା ଦାନ୍ତ ଲେଖାର ନାହିଁ । କରରୁ ଗୋଟାଏ ଦାନ୍ତ ଖସି ପଡ଼ୁଛି କେତେବେଳେ ଲେଖା କହୁନ ତାକୁ । ସେ ଅନେଇଛି ଲେଖା ଆଲମାରି ଭିତରେ ଶାଢ଼ୀଟା ଭାଙ୍ଗି ସଜାଡ଼ି ରଖି ଦେଲା ।

ବିନୟ କହି ପାରୁନ କିଛି । ତାର ଗୋଡ଼ ହାତ ଦେହରୁ ରକ୍ତ ଓ ଜୀବନ ସବୁ ଯେପରି କିଏ ନିମିଷକରେ ଚୁଷିଚୁଷି ସଫା କରି ଦେଇଛି । ଖାଲି କଙ୍କାଳ ପରି ସେ ସ୍ଥାଣୁ ହୋଇ ଛିଡ଼ା ହୋଇଛି । ଲେଖା ଆଲମାରିରେ ତାଲା ଦେଇ ତାକୁ ଚାହିଁ ଦେଇ ବିସ୍ମୟରେ ଚମକି ଉଠିଲା ।

"କଣ ହୋଇଛି ତମର ? ଆରେ ଏମିତି ଦେଖା ଯାଉଛ କାହିଁକି ?

ବିନୟ ଦୁଇହାତ ବଢ଼ାଇ ଲେଖାକୁ କୁଣ୍ଢାଇ ପକାଇଲା । ତା ଆଖିରେ ବହୁଦିନ ପରେ ଲୁହ । ଦ୍ଵାର ମୁହଁରେ ଆସୁ ଆସୁ ଅଟକି ଯାଇଛି ଆଶ୍ଚର୍ଯ୍ୟରେ ବିନୟର ଚଉଦ ବର୍ଷର ଲିଲି ।

Digitized by PPRACHIN, SOA

ନାଉ ଗଛ

ସେତେବେଳେ ମନ ଥିଲା ଶ୍ରେଷ୍ଠ—ଧୀର ସ୍ଥିର । ଘର ବି ଥିଲା ଶ୍ରେଷ୍ଠ । ତେଣୁ ଶ୍ରେଷ୍ଠ କଥାରେ ସବୁର ମନ ଲାଖି ରହୁଥିଲା ।

ବୈଠକ ଘର ଟପିଗଲେ ପଡ଼େ ଅଗଣା । ଅଗଣା ଦି'ପଟରେ ଦି'ସାହାଲି ଘର । ପାଖକେ ରୋଷେଇ ଘର ଭଣ୍ଡାର ଘର । ଆଉ ପାଖକେ ଶୋଇଲା ଘର । ଏ ପାଖ ବାରଣ୍ଡାରେ ଠିଆ ହେଲେ ସେ ପାଖ ଘର ସବୁ ଦିଶେ । ରୋଷେ ଘର ଚାଳ ଉପରେ ଲଟେଇ, ଲଟେଇ ମାଡ଼ିଥାଏ ନାଉ ଗଛଟିଏ ଶୀତଦିନେ । ସତେକି ଅଡୁଆ ତଡୁଆ କରି ସୂତା ମେଂଚାଏ କିଏ ବିସ୍ତୁଡ଼ି ଦେଇଛି ଚାଳଟା ଉପରେ । ବଡ଼ ଅସଜଡା । ନାଉଗଛରମୂଳ ଚଉରା ପାଖକୁ ଲାଗି ରହିଥାଏ । ଶ୍ରେଷ୍ଠ ଚଉରାଟିଏ । ଅଗଣା ସାରା ପକ୍କା । କିନ୍ତୁ ସେହି ଚଉରା ପାଖକୁ ଲାଗି ଅଳ୍ପ ମାଟି ରହି ଯାଇଛି । କାହିଁକି ଯେ ସେ ଅଳ୍ପକ ପକ୍କା ହୋଇନି ସେ କଥା କେହି ଚିନ୍ତା ବି କରି ନଥିଲେ । ଶୀତ ଦିନ ଆସିଲେ ବୋଉ ସେଠି ପୋତିଦିଏ ନାଉ ଗଛଟାଏ । କେବେ କେବେ ପୋଇ ଗଛଟାଏ । ଟିକେ ବଡ଼ ହେଲେ ସେଥିରେ ଦିଆଯାଏ ରଞ୍ଜା । ଚାହୁଁ ଚାହୁଁ ଦିନ କେତେଟାରେ ଲଟେଇ ଯାଏ ଗଛଟା ପିଢ଼ା ସାରା କେତେ ଯେ ନାଉ ଅସୁମାରି ଫଳେ ତାର କଳନା ନାହିଁ । ପତ ଗୋଟିକେ ନାଉ ୬ଗୋଟିଏ । ଖାଇ ଖାଇ ବିରକ୍ତ ଲାଗେ । ସାଇ ପଡ଼ିଶାରେ ବଣ୍ଟାଯାଏ । ତଥାପି

Digitized by PPRACHIN, SOA

ସରେନା । ଭାଇ ଅଣ୍ଟା କରି କହନ୍ତି ଭାରି ପଠେଇ ଦେବାକୁ । ବୋଉ ମୁରୁକି ହସେ କାମ କରୁ କରୁ । ବୋଉର ସେଇ ହସିଲା ମୁହଁଟା ଏବେବି ମନେ ପଡ଼େ ମୋର ।

କଲେଜରେ ପଢିଲାବେଳେ ଘର କଥା ମନେ ପଡ଼ିଲେ ଆଗ ମନେ ପଡ଼େ ନାଉଗଛ କଥା । ବଡଦିନ ଛୁଟି ପୂର୍ବରୁ ବୋଉ ଲେଖେ ସଅଳ ସଅଳ ଘର ଯିବାକୁ । ଚଗଲା ମନ ଆହୁରି ଚଗଲା ହୁଏ । ଶୀତଦିନେ ଅଧା ଗାଁଇ ଅଧା ଝାଉରେ ସେଇ ନାଉଗଛ ମୂଳକୁ ଲାଗି କଦଳୀ ପତ୍ର ପକାଇ ସମସ୍ତେ ଖାଇ ବସନ୍ତି । ନାଉ ଗଛମୂଳେ ବସିବା ପାଇଁ ଲାଗେ ପ୍ରତି-ଯୋଗିତା । ରୁଷା ରୁଷି । ମନେ ପଡ଼ିଲେ ସେସବୁ ଏବେ ଆଖିରେ ଆସେ ଲୁହ ।

ଘରେ ନ ପଶୁଣୁ ଆଖିରେ ପଡେ ନାଉ ଗଛ । ସତେ ଯେମିତି ଶୀତଦିନଆ କୁଣିଆ ଜଣେ ସେ । ପିଢ଼ା ଉପରେ ତାର ଘର । ଥରେ ନାଉ ଗଛକୁ କିଏ କାଟି ଦେଇଥିଲା । ବଢ଼ନ୍ତା ଗଛଟା ଶୁଖି ଜାଳ ହୋଇଗଲା । ପିଢ଼ା ଉପରୁ ଧୋବାଡ଼ି ନେଇ ଯେଉଁଦିନ ଫୋପାଡ଼ି ଦେଇ ଆସିଥିଲା ଗୁଳର – ସେଦିନ ମନଟା ଝାଁ ଝାଁ ଲାଗିଥିଲା ଭାରି । ବୋଉ ଆଖିରେ ଲୁହ ଜକେଇ ଆସିଥିଲା । ସବୁରି ମନ ଭାରି କଷ୍ଟ ହୋଇଥିଲା । ଆଉ ବର୍ଷେ— ବୋଉ ନଥିଲା ଶୀତଦିନେ । ମାମୁଁ ଘରୁ ଚିଠି ଲେଖିଥିଲା ନାଉ ମଞ୍ଜି ପୋତି ଦେବାକୁ । ଯେତେଥର ଗଛ ଠିଆ ସେତେ ଥର ପୋକ କାଟି ଦେଲା । ପୁଣି ମନେ ଅଛି ବୋଉ ଦେହ କଣ ଖରାପ ଥିବାରୁ ଥରେ ବୋଉ ଅପାକୁ କହିଥିଲା ମଞ୍ଜି ପୋତିବାକୁ । ଗଛ ଉଠିଲା । ନଟେଇ ନଟେଇ ପିଢ଼ା ଉପରେ ମାଡ଼ିଗଲା । କିନ୍ତୁ ଅନେଇ ଅନେଇ ଆଖିରୁ ପାଣି ମଲା ସିନା ଫୁଲଟାଏ ବି ଫୁଟିଲାନି । ଅପାର ଦୋଷ ସମସ୍ତେ ଦେଲେ । ଲାଜରେ ଅପା କେତେ ସୁଁ, ସୁଁ କାନ୍ଦିଥିଲା । ଇସ୍ ! ଗଛଟା ଯେମିତି ଜିଦ୍ କରେ ବୋଉ ତାକୁ ପୋତିବ । ନ ହେଲେ ସେ ଉଠିବନି । ଯଦିବା ଉଠିବ ତେବେ ବି ଫଳିବନି କି ଫୁଲଟାଏ ଫୁଟାଇବନି । ସେଇଦିନୁ ଯେତେଯାହା ହେଉ ପଛେ ବୋଉ ନିଜ ହାତରେ ଚଉରାମୂଳେ ମଞ୍ଜିଟି ସବୁରି ଅଜାଣତରେ ପୋତିଦିଏ । ଗଛ ଯେତେବେଳେ ଉଠେ ସେତେବେଳେ ସମସ୍ତେ ଜାଣନ୍ତି । ତେଣୁ ନାଉ ଗଛଟା ସତେ ଯେପରି ବଡ଼ ଦିନ ଛୁଟୀରେ କୁଣିଆ ହୋଇ ଆସେ । ସକାଳୁ ଉଠିଲେ ସୂର୍ଯ୍ୟ କିରଣ ତା ଉପରେ ଝଲକ ଝଲକ ହୋଇ ପଡ଼େ । ନିଦରୁ ଉଠିଲେ ସାମନାରେ ଅକ୍ଷି ଆଗରେ ପଡେ । ନାଉ ଗଛରୁ ଫେରା ଫେରିଲେ ସୂର୍ଯ୍ୟ ଅସ୍ତ ହୋଇଯାଏ ।

ସେ ବର୍ଷ ନୂଆ ହୋଇ ବଡ଼ ଭାଉଜ ଆସିଥିଲେ । ଖଟା ଖାଇବାକୁ ଭାରି ଭଲ ପାଉଥିଲେ ସେ । ଦୁଆରେ ପତ୍ର ପକାଇ ଖାଇଲା ବେଳେ ମୁଁ କହିଥିଲି—

Digitized by PPRACHIN, SOA

"ବୋଉଲେ, ନାଉଟା ଏଥର ଝଟା ଲଗୁଛି । ଏତେ ଝଟା ଯେ ପାଟିରେ କେହି ଦେଇ ପାରିବେନି । ଭାଉଜ ପରା ତେନ୍ତୁଳି ମଂଜି ସବୁ ଏଇ ଗଛମୂଳେ ନୁଚେଇ ପୋତିଛନ୍ତି । ସେଇଥି ପାଇଁ ନାଉ ଏତେ ଝଟା ଲଗୁଛି ।"

ମୁରୁକି ଲଜେଇ କରି ହସିଥିଲେ ଭାଉଜ । ଅଟାରେ ସଂଧ୍ୟାବେଳେ ଚିନି ମୁଠାଏ କୁଢ଼େଇ ଦେଇଥିଲେ । ଗଛ ମୂଳେ ବଳକା ନାଉ ମିଠା ଲଗିବ ବୋଲି । ସକାଳୁ ପିମ୍ପୁଡ଼ି ଧାରି ଲଗିଥିଲ ସେଇଠି । ସେଇଥିପାଇଁ କେତେ ଗାଳି ଶୁଣିବାକୁ ପଡ଼ିଥିଲ ବୋଉଠୁ । ସେଇ ଭାଉଜ ଏବେ ବି ଅଛନ୍ତି । ଝଟା ଆଉ ଝାଂନ୍ତି ନାହିଁ କି ନାଉ ଗଛ ଟାଏ ଲଗାନ୍ତି ନାହିଁ ।

ଛୁଟୀ ସରେ ଘରୁ ବିଦାୟ ନେଲାବେଳେ ସତେ ଯେପରି ମନେ ହୁଏ ପିଢ଼ା ଉପରୁ ନାଉ ଗଛଟା କାନ୍ଦୁଛି । ଶୀତ ଦିନଆ ଚିଠିରେ ବୋଉକୁ ଖୁସି କରାଇବା ପାଇଁ ନାଉ ଗଛ ସମ୍ବନ୍ଧରେ ସମସ୍ତେ ବୋଉକୁ ଲେଖନ୍ତି ଚିଠି । ଆଜି ବି ଶୀତ ଦିନ ଆସେ । ଗୋଲପ ଆଉ ହେନାର ଖବର ଆସେ ଚିଠିରେ । ମଫସଲି ନାଉ ଗଛର ଖବର ମଫସଲି ବୋଉ ସାଥିରେ ଯେମିତି ଲୁଚି ଯାଉଛି ।

ଦିନ ପରେ ଦିନ କେତେଦିନ ବିତିଯାଇଛି । ଘରର ଆକାର ପ୍ରକାର ବଢ଼ି ଯାଇଛି ଆଗ ଅପେକ୍ଷା ଅନେକ । ଘରେ ବି ବଢ଼ି ଯାଇଛନ୍ତି ଲୋକ ସଂଖ୍ୟା । ବୋଉର ନାତି ନାତୁଣୀ କେତେ । ଗୋଟି ଗୋଟି ଝିଅ ବାହା ହୋଇ ଯାଇଛନ୍ତି । ବଦଳରେ ଆସିଛନ୍ତି ଗୋଟି ଗୋଟି ବୋହୂ । କେତେ ରୂପର, କେତେ ଢଙ୍ଗର, କେତେ ଗୁଣର । କିଏ ରୁଷି ବସେ, କିଏ ଦୁମ ଦୁମ ଗୋଡ ବାଡେଇ ଚାଲେ ତ କିଏ କପାଳ ଉପରେ ଓଢ଼ଣା ଟାଣି ଚାଲେ । କିଏ ପଖାଳ କଂସା ଧରି ବସେ ତ କିଏ ବେଡ଼ଟି ମାଗେ ସକାଳ ହେଲେ ଆଉ କାହାକୁ କିଛି ରୁଚେନା । କୋଉ ପୁଅ ହଳୁଆ ତ, କୋଉ ପୁଅ ସାଇବ ତ ଆଉ କୋଉ ପୁଅ ଅତି ଗୁଆଁକ । କିଏ କେତେ ରକମର । ସବୁକୁ ଅଣ୍ଟିରେ ପୁରାଇ ଥୁରୁ ଥୁରୁ ପାଦ କମ୍ପିଲା ମନ ନେଇ ସକାଳୁ ସଞ୍ଜ ସେ ଧାଇଁ ଥାଏ । ସତେକି ସବୁ ଦିନଆଁ ନାଉ ଗଛଟିଏ ସିଏ । ଖରା ବରଷା ମାନେନା । ଘର ଭିତରେ ଆଉ ବାହାରେ ସେ ଲଟେଇ ରହିଛି । ତା ଗଛ ମୂଳରେ ମାଟି ଦେବା ଦରକାର ହୁଏନା । ପାଣି ମୁନ୍ଦାଏ କେହି ଦିଅନ୍ତିନି । ତଥାପି ସେ ସେ ଲେଟି ଲେଟି ଚାଲୁଥାଏ । ନଖାଇଲେ କେହି ଖୋଜୁଥାଏ ନା, ରୁଷିଲେ କେହି ଡାକେ ନା ।

ସେ ବର୍ଷ ଘର ପ୍ରତିଷ୍ଠା ହେବାର ଥାଏ ଶ୍ରୀପଞ୍ଚମୀରେ । ସାନ ଭାଇ ଲଣ୍ଡନରୁ ଫେରିଥାନ୍ତି ଅଳପ ଦିନ ଧରି । ଘର ଝୁପ୍ରି ବାସିରେ ସତେକି ଫାଟି ପଡୁଥାଏ । ସବୁ ଭାଇ

Digitized by PPRACHIN, SOA

ଭଉଣୀ ଘରକୁ ଆସିଥାନ୍ତି । ବୋଉର ଗୋଡ଼ ତଳେ ଲାଗୁ ନ ଥାଏ ।

ପ୍ରତୀକ୍ଷା ସରିଥାଏ । ନାଉ ଗଛ ଉପରେ ପଞ୍ଚମୀର ରୂପେଲି ଜହ୍ନ କେଉଁ କେଉଁ ହୋଇ ପଡ଼ିଥାଏ । ମଝିରେ ମଝିରେ ଶୀତର ହାଲୁକା ପବନ ଛୁଇଁ ଦେଇ ଯାଉଥାଏ ପତ୍ରଗୁଡ଼ିକୁ । ବୋଉ ବସିଥାଏ ଗୋଡ଼ ଲମ୍ବେଇ ବାରଣ୍ଡାରେ । ଘେରି ବସିଥାନ୍ତି ତାକୁ ସମସ୍ତେ । ସତେକି ରୂପ କଥାର ସେଇ ବୁଢ଼ୀମା—"କାହାଣୀ କହେ ନଇତ ନଦୀ ପାହାଡ଼ ତଳେ ମାଛ ଅନ୍ଧାର ହେଲେ" । ଅନେଇ ଦେଖିଲି । ବୋଉର ହାଡ଼ ଯେମିତି ଗଣି ହୋଇ ଯାଉଛି । ଗହିରା ଆଖି ତଳେ ଜରି ବସା ବାନ୍ଧିଲାଣି । ଦୂନିଆ ହାଟରୁ ଯେମିତି ଗୋଟି ଗୋଟି ତାର ନାଉ ବିକା ଶେଷ ହୋଇ ଆସୁଛି । ନାଉ ଗଛକୁ ଅନେଇଲି ବୋଉକୁ ଅନେଇଲି । ମନରେ କେମିତି ଅଜଣା କୋହ ଭରି ଆସିଲା । ମନେ ହେଲା, ବୋଉ କୋଳରେ ମୁହଁ ଗୁଂଜି ଟିକେ କାନ୍ଦନ୍ତି କି ? ହାଲୁକା ଲାଗନ୍ତା କେତେ । କିନ୍ତୁ ସେ ଦିନ ଯାଇଛି । ଏବେ ମୋ ପୁଅ ସେଠି ଆସନ ଜମେଇଛି । ବୁଢ଼ୀ ଅସୁରୁଣୀ ଗପ ଶୁଣି ତା କୋଳରେ ମୁହଁ ଗୁଞ୍ଜୁଛି । ମୋର ସ୍ଥାନ କାହିଁ ସେଠି ? ମୁଁ ଯେମିତି ବୁଢ଼ା ନାଉ । ବୋଉ ଆଉ ମତେ ଗେଲ କରିବନି ।

ତା ପରେ ? ଅନେକ ଦିନ ବିତିଛି । ଭାଇମାନେ ସବୁ ଭିନ୍ନେ ହୋଇ ଯାଇଛନ୍ତି । ଝିଅମାନଙ୍କୁ ଝିଅ କେତେ ଝିଅ ହୋଇଛି । ଏ ଘର ପିଲା ସେ ଘରକୁ ଯାଇନ । ବାଡ଼ ପଡ଼ିଛି ଘରେ ଆଉ ମନରେ । ଦୂରରେ ଥାଇ ଖବର ପାଏ । ବୋଉର ଚିଠି ଆଉ ଆସେନା ଘରକୁ ଯିବାପାଇଁ । କାହା ଘରକୁ ସେ ଡାକିବ । ତାର ଘର ନାହିଁ ଆଉ । ପାଞ୍ଚ ଭାଉଜ ଚିଠି ଲେଖନ୍ତି ପାଞ୍ଚ ପ୍ରକାରେ । ମନ ଡାକେନା । ଶ୍ରେଷ୍ଠ ମନରେ ବାର କଥା ପଶେ । ଶ୍ରେଷ୍ଠିଆ ମନ ଅଳିଆ ଗଦା ବୋହି ବୋହି ସତେ କି ବଡ଼ ହୋଇଯାଏ । ମନ ହୁଏ ଘରକୁ ଫେରିଯାନ୍ତି । ସେ ନାଉ ଗଛମୂଳେ ପଟି ପକାଇ ସମସ୍ତେ ଖାଇ ବସନ୍ତୁ । ଫାଳି ଲାଗନ୍ତା କଳି । ବାପା ରାଗନ୍ତେ । ଧମକାନ୍ତେ. କେତେ ନାଉଗଛ କାଟି ଦେବେ ବୋଲି । ଆଉ ବୋଉ ? ଖାଲି ଆମ କଳି ଦେଖି ମୁରୁକି ହସନ୍ତା । ଗୋଡ଼ ଟେକେନା । ମନ ଦବିଯାଏ । ଶୀତ ଦିନ ଆସିଲେ ମନେ ପଡ଼େ ସେଇ ଗଛ ଆଉ ବୋଉ ।

ଲୋଭ ସମ୍ଭାଳି ନ ପାରି ଗଲି ସେ ବର୍ଷ । ବୈଠକ ଘର ଟପି ଅନେଇ ଦେଲି ରୋଷେଇ ଘର ପିଢ଼ାକୁ । ଇସ୍ ! ବଜ୍ରପାତ ହୋଇଥିଲେ ବି ଏମିତି ଚମକି ଉଠି ନଥାନ୍ତି । ରୋଷେଇ ଘରେ ଆଉ ଚୁଲି ନାହିଁ । ସେଠି ସାହାଲିଏ ପକ୍କା ଘର । ଅଗଣାର ସେଇ ଅରାକ ମାଟି ଏବେ ପକ୍କା ହୋଇ ସତେକି ଝଟକୁଛି । ବୋଉର ଚଉରାଟା ସେଠି ନାହିଁ । ଲାଗିଛି ସେଠି ମହାଏ ବିଲାତି ଫୁଲ ଗଛ । କେତେ ଜାତିର ଫୁଲ ଫୁଟିଛି ।

Digitized by PPRACHIN, SOA

ମନଟା ଯେମିତ କଣ ହୋଇଗଲା । ସାନ ଭଉଜ ହାତ ଧରି ଆଗ ଫୁଲ ଗଛରପଟେ ବୁଲେଇ ଆଣିଲେ ଦେଖାଏ ମତେ । ପଚାରିଗଲେ ସୁନ୍ଦର ହୋଇଛି କି ନାହିଁ ? କଣ ଉତ୍ତର ଦେବି । ତାପରେ ଖମ୍ବା ପରେ ଖମ୍ବା ପାରି ହେଲି । ସବୁ ବାରଣ୍ଡାରେ ଗୋଲାପ ଗଛର କୁଣ୍ଡ । ମଝିରେ ମଝିରେ କି ସବୁ ବିଲାତି ଫୁଲ କୁଣ୍ଡ ରହିଛି । ମାଟିତ କେଉଁଠି ଦିଶୁନାହିଁ—ଘାସ ନାହିଁ । ନାଉ ଗଛ ଲଗିଥାନ୍ତା । କେଉଁଠି ? ପାଞ୍ଚ ଭାଉଜଙ୍କର ପାଞ୍ଚ ପ୍ରକାରେ ଅଭ୍ୟର୍ଥନା । ସଭିଏ ସଭିଙ୍କର ବଡେଇ କଲେ । କାହାର ବଗିଚା ସୁନ୍ଦର, କାହାର ଘର ସଜାଡ଼ିବାର ପଣପାଟି ଅପୂର୍ବ, କାହାର ମଟର ଗାଡ଼ିର ରଂଗ ଭଲ, କାହାର ଗହଣା ବିଲାତି କାଟ ଆଉ କାହାର ପୁଅ ଭଲ ପାଠ ପଢୁଛି ଆଉ କାହା ପୁଅ ମୁଣ୍ଡରେ ବୁଦ୍ଧି ଦିଶୁନାହିଁ । ଦେଖା ସୁନ୍ଦର କଥାରୁ ବଡ଼ । ଏମିତ କେତେ କଣ ।

ଖାଇ ବସିଲୁ ଖରାବେଳେ । ପତ୍ର ଆଉ ପତ୍ରଲାନ ନାଉ ଗଛ ମୂଳେ କି ବୋଉ ଆସିଲାନି ଭାତ ପରଶି । ମାର୍ବଲ ପଥର ଖମ୍ବା ଡ଼ାଇନିଂ ଟେବୁଲ ଉପରେ ଧାଡ଼ି ଧାଡ଼ି କଣ୍ଟା ଚାମଚ ସଜା ହୋଇ ରହିଲା । ତା ଉପରେ ଶଙ୍ଖ ପ୍ଲେଟରେ ବଢ଼ାଗଲା । ବିଲାତି ନାମ କରଣର ଜାତି ଜାତି ଖାଦ୍ୟ ପେୟ । ନାଉ ଗଛ କି ନାଉ ଡ଼ଙ୍କ ସେଠି ଦେଖା ହେଲାନି । କି ନାଉ ଗଛ ମୂଳେ ବସିବାର ପ୍ରତିଯୋଗୀତା ହେଲାନି ଆଉ ମନରେ । ପାଞ୍ଚ ଭାଇ ଆସିଲେ । ଟେବୁଲ ଉପରେ ସଜାଡ଼ି ହୋଇ ବସି ସନ୍ତର୍ପଣରେ କଣ୍ଟା ଚାମଚ ଉଠେଇଲେ । ଆହାଃ ଏମାନେ କେତେ କଳି କରୁ ନ ଥିଲେ ସେଠି ବସିବେ ବୋଲି ସେଇ ପିଲାଦିନେ । ମାଡ଼ ଖାଇ ଖାଇ ପିଠି ମୋର ଏବେ ବି କଥା ରଖିଥିବ । ବେଣୀରୁ ମୋର ଏବେ ବି ଦରଜ ଛୁଟି ନ ଥିବ । କିନ୍ତୁ ସେ ବେଳ ଗଲାଣି । ସେ ମନ ଗଲାଣି । ଭାଇକୁ ଦେଖିଲେ ଭାଇ ଭାବେ ତା ସୁଟ କେତେ ସୁନ୍ଦର । କେତେ ସୁନ୍ଦର ତାର ଗାଡ଼ି । କେତେ ତାର ବ୍ୟାଙ୍କ ବାଲାନ୍ସ । ଭଉଣୀକୁ ଦେଖିଲେ ଭାଇ ଭାବେ ଦେବାକୁ ପଡ଼ିବ । ତେଣୁ ହସିଲା ମୁହଁରେ ଭ୍ରୂରୁ ଉଠେ । ସେ ନାଉ ଗଛ ନାହିଁ କି ସେ ମନ ବି ନାହିଁ । ସେ ନାଉ ମଞ୍ଜି ଯିଏ ପୋତିଥିଲା ସେଇ କଣ ଜାଣିଥିଲା ଏତେ ଜନ୍ମର ଫଳ ଫଳିବ ବୋଲି । ତୁଣି ସେଇମାନେ ପରସ୍ପରକୁ ହରେଇବା ପାଇଁ ଅଗରେ ଥାଇ ମୂଳ କାଟିଦେବେ ଗଛର ।

ସନ୍ଧ୍ୟାବେଳେ ବଗିଚାରେ ବୁଲୁବୁଲୁ ମୁଁ କହିଲି "ଭାଉଜ ତମେ କିନ୍ତୁ ଏ କଥାଟା ଭଲ କରିନ । ଚଉରା ମୂଳେ ସେ ମାଟି ଅରାକରେ ନାଉ ଗଛ ପ୍ରତି ବର୍ଷ ଶୀତଦିନେ ବୋଉ ଲଗାଏ । କେତେ ନାଉ ଫଳେ ତମେ ଦେଖିନ । ଆଉ ତମେ ସେଠି ନାଉ ଗଛ ନ ପୋତି ଫୁଲ ଗଛ କାହିଁକି ପୋତିଲ ?

ଭାଉଜ ଚେପଟା ନାକଟା ଟିକିଏ ଉଞ୍ଚ ଉଠେଇ ଦେଲେ—

Digitized by PPRACHIN, SOA

"କଣ ଯେ ତୁମେ କୁହ ପୁଣି । ସେଇ ମଫସଲ ଢଙ୍ଗ ତମର ଗଲାନି । ନାଉ ଗଛ ସେ ଫ୍ଲାଟ୍ ଅଗଣା ଭିତରେ । କି ଯେ ନାଷ୍ଟି ଆଇଡ଼ିଆ ।"

ଚୁପ ରହିଲି । ଉତ୍ତର ଥିଲା ଅନେକ । କିନ୍ତୁ ? ଶ୍ରେଷ୍ଠ ମନ ବଡ ହୋଇଛି । ନାଉ ବଦଳରେ ଟେବଲ ରୋଜ । ସେ କଥା ମୁଁ କାହିଁ ବୁଝିବି । ନାଉ କଣ ବଜାରରେ ମିଳୁନି । କୋଉ ଦୁର୍ଲଭ ଜିନଷ ଏମିତି କି ?

ରାତିରେ ବୋଉକୁ ଚୁପି ଚୁପି ପଚାରିଥିଲି ନାଉ ଗଛ କଥା । ବୋଉ ଖାଲି ଉତ୍ତରରେ ଦୀର୍ଘଶ୍ୱାସ ଛାଡ଼ିଥିଲା କୋଟରଗତ ଆଖି କଣରେ ଦୁ' ଟୋପା ଲୁହ ଜକେଇ ଉଠିଥିଲା । ସେ ଖାଲି କହିଥିଲା--

"ସଭିଙ୍କର ଯେଉଁଥିରେ ଖୁସି ମୁଁ ସେଇଥିରେ ଖୁସି । ନାଉ ଗଛ ମୋ ପକ୍ଷରେ ଯାହା ଗୋଲାପ ବି ସେଇଆ ପୁଣି । ତଥାପି ମନଟା କେମିତି ବୁଝେନା । ନାଉ ଗଛର ଆୟୁଷ ପୂରିଛି ମୋର ବି ଆୟୁଷ ପୂରିଛି । ଆଉ ମାତ୍ର ଗୋଟିଏ ମଂଜି ମୋ ପାଖରେ ଅଛି । ତୁ ନେଇ ଯା । ତାର ମଂଜି ତୁ ଆଉ ରଖିବୁନି । ସେଇ ଗଛର ଏଇଟି ଶେଷ ମଂଜି । ଶେଷ ସ୍ମୃତି । ତା ହିଁ ହେଉ ତୋ ବୋଉର ବି ।"

ଆସିଲାବେଳେ ବୋଉ ମଂଜିଟି ପାଟ କନାରେ ବାନ୍ଧି ଦେଇଥିଲା । ସେ କେତେ କାଳ ହେଲାଣି । ମଂଜିଟି ଲଗେଇନି ମୁଁ । ପାଟ କନାରେ ବନ୍ଧା ହୋଇ ସେମିତି ସେ ଟ୍ରଙ୍କରେ ରହିଛି । ସତେକି ଅମୂଲ୍ୟ ପଦାର୍ଥଟିଏ ସିଏ । ପିଲାଏ ଥଟ୍ଟା କରି କହନ୍ତି "ବୋଉର ବୋଉ ଟ୍ରଙ୍କରେ ଅଛି । ଘରକୁ ଆସିଲେ କେହି ଖୋଲି ଦେଖାନ୍ତୁ । ପୁଣି ବାନ୍ଧି ରଖି ଦିଅନ୍ତୁ ।

ନାଉ ଗଛ ମୋ ଘରେ ଲଗା ହୋଇନି । ବଜାରରୁ କିଣା ହୋଇ ଆସେ । ନାଉ କାଟିଲାବେଳେ ମୋର ସେମିତି ମନେ ହୁଏ ବୋଉର ସବୁ ରକ୍ତ ନାଉରେ ଜମାଟ ବାନ୍ଧି ବରଫ ପରି ଧଳା ହୋଇ ଯାଇଛି । ଅଜଣା କୋହ ହୃଦୟ ଥରାଇ ଉଠିଆସେ । ମନ ହୁଏ ପଛକୁ ଫେରି ଯିବାକୁ । କେଉଁ ଦୂରକୁ । ଯାହାର ସୁମାରୀ ନାହିଁ । କିନ୍ତୁ ସେକି ଆଉ ହୋଇପାରେ । ଟ୍ରଙ୍କ ଫିଟାଇ ମଂଜିଟା ଖୋଲି ଦେଖେ । ଶ୍ରେଷ୍ଠ ପିଲାପରି ଚଢ଼ି କରି କାନ୍ଦିବାକୁ ମନ ହୁଏ । ଆଖିରୁ ଅଜାଣତରେ ଠପ୍ ଠପ୍ ଲୁହ ଝରି ପଡେ ପାଟ କନା ଉପରେ । ମୋର ପିଲାଏ ଅବୁଝା ହୋଇ ବଲ୍ ବଲ୍ ଆଖିରେ ମତେ ମୋର ଚାହିଁ ରହନ୍ତି । ସେତିକିବେଳେ ମନେ ହୁଏ କାହାକୁ କେଉଁ ଜନ୍ମକୁ ମୁଁ ଦେଇଯିବି ଏ ନାଉ

Digitized by PPRACHIN, SOA

ସଂଜ୍ଞା । ସେମାନେ ଜଣେ ବୁଝି ପାରିବେ ଏ ଶ୍ରେଷ୍ଠ ସଂଜ୍ଞାର ମାହାତ୍ମ୍ୟ ? ରଖି ପାରିବେ ବଂଶ ବଂଶ ଧରି ଯୁଗ ଯୁଗ ପାଇଁ ମୋର ସନ୍ମାନ । ଆଉ ଏମିତି ଲୁହ ଗଡେଇ କାନ୍ଦି ପୁଣି ପାଇ ପାରିବେ ଚାଲିବାକୁ ଆଶ୍ୱାସନା ଆଉ ସାହସ ? ମନରେ ଦେହରେ ଜରା ବାନ୍ଧିଲାଣି ମୋର । ତଥାପି ସଂଜ୍ଞାଟି ଲିଭା ହୋଇପାରିନି ।

ଅଭିନେତ୍ରୀ ତମାଳିନୀ

ଏକ

ସକାଳର ପବନ ଦେହରେ ଏବେ ବି ଗରମର ଶକ୍ତତା ମିଶିନାହିଁ । ବେଶ୍ ଆମୋଦ ଦାୟକ ମଧୁର ପବନ ! ସବୁ ଗଛରୁ ପତ୍ର ଝଡ଼ି ଫେର ନୂଆ କଅଁଳିଲାଣି । ଲାଲ୍ ନେଳି ମିଶି ଏକ ଅଦ୍ଭୁତ ରଂଗ । ଦାଣ୍ଡ ବଗିଚାରେ ନାନା ଜାତି ଅସଂଖ୍ୟ ଫୁଲ । ବାଡ଼ିରେ ବି ବଗିଚା ଅଛି । ସେଠିବି ଫୁଲ୍ ଫୁଟେ । ଫଳ ଧରେ । ଏତେବଡ଼ କ୍ୱାର୍ଟରଟା ନିର୍ଜନ । କେବଳ କେତେଟା ଗଛ ଆଉ କେତେଟା ଫୁଲ୍ । ରବୀନ୍ଦ୍ର କଥା କହେନା ବେଶୀ । କଥା କହିବା ପାଇଁ ତାର ନିର୍ଦ୍ଦିଷ୍ଟ ସମୟ ଅଛି । ବୁଲିଯିବା ପାଇଁ, ପଢ଼ିବା ପାଇଁ ଖାଇବା ଓ ଶୋଇବା ପାଇଁ ତାର ମଧ୍ୟ ନିର୍ଦ୍ଦିଷ୍ଟ ଟାଇମ ଟେବଲ୍ ରହିଛି । ଫୁଲ ଗଛ ପାଖରେ ବୁଲି ବୁଲି ସେ ସବୁ ଦେଖିବା ପାଇଁ ମଧ୍ୟ ଗୋଟାଏ ସମୟ ଅଛି । ତା ପୂର୍ବରୁ ଭୁଲରେ ସେ ଫୁଲ ଆଡ଼କୁ ଅନାଇ ଆଳସ୍ୟ କରି ନ ପାରେ । ରବୀନ୍ଦ୍ର ଯେପରି ଗୋଟାଏ ରୁଟିନ ଜୀବ । ବିରସ ନୁହେଁ କି ସରସ ନୁହେଁ । ସେ ଅଛି ସେ ନାହିଁ । ସେ ଯେପରି କାହାକୁ ତାର ଅସ୍ତିତ୍ୱର ଭରସା ଦେଇ ମଧ୍ୟ ଦେଇ ପାରେନା । ସେ ଯେମିତି ଏକ ପଦ୍ମ ପତ୍ରରେ ଚଞ୍ଚଳ ବିନ୍ଦୁ କରକା ।

Digitized by PPRACHIN, SOA

ବଗିଚ୍ଚ ବୁଲି ସରିବା ତାର ଅନେକ ଆଗରୁ ଉଚିତ ଥିଲା । ରବୀନ୍ଦ୍ର ଚାଲିଗଲେଣି । ଚମ୍ପାକଳୀ ଘଣ୍ଟା ଦେଖିଲା । ଘଣ୍ଟାରେ ନଅଟା ବାଜିବାକୁ ପନ୍ଦର ମିନିଟ ଯେ । ବେଶ୍ ସମୟ ହୋଇଛି । ପ୍ରତିଟି ଫୁଲ ଗଛର ଫୁଲ ସେ ଦେଖି ସାରିଲଣି । ପ୍ରତିଟି ଫୁଲକୁ କାହାର ଶୁଙ୍ଘି ଗଲଣି । ତେବେ କଣ ପାଇଁ ସେ ଅଉ ରହିବ ବଗିଚ୍ଚରେ । ସେ ପଛକୁ ଫେରିଲା ।

ସିଡ଼ି ଦେଇ ଉପରକୁ ଉଠିଯିବା କଥା ତାର । ସିଡ଼ି ଘର ପାଖରେ ତଳ ମହଲାରେ ଆଉ ଶାଶୁଙ୍କ ରହିବା ଘର । କେତେ ବୟସ ହେଲଣି ତାଙ୍କ । ଚମ୍ପାକଳୀର ତାର ଖବର ରଖିନ । ବାଳ ପାଚି ଧୋବ ହେଲଣି । ଆଖିକୁ ଦିଶେନା । ନଧରିଲେ ଚାଲି ପାରନ୍ତିନ । ବଗିଚ୍ଚ ବୁଲି ସନ୍ଧ୍ୟାବେଳେ ଉପରକୁ ଉଠି ଗଲାବେଳେ ଚମ୍ପାକଳୀ ଉଠିଯାଏ ସେଇ ଘରେ ପାଂଚ ଦଶ ମିନିଟ । ତାଙ୍କର ହାଡ଼ୁଆ ଶିରଭରା କଙ୍କଣ ପ୍ରକୁଳି ଧ' ଗୃହଥର ଛୁଇଁ ଆସେ ଚମ୍ପାକଳୀ ମୁଣ୍ଡ ଦେହ ହାତ । ଅସ୍ପଷ୍ଟ ଆଖିରେ ସେ ଦେଖନ୍ତି କିଛି କେଉଁଠି କମିଛି କି ବଢ଼ିଛି । ପ୍ରଶ୍ନ ପତ୍ରର ଉତ୍ତରରେ ସେ ଖୋଜନ୍ତି ଚମ୍ପାକଳୀ ମନର ଶାନ୍ତି ଆଉ ସୁଖର ଆଧାର । ତାପରେ ଫେରି ମଧ୍ୟରେ ପାଞ୍ଚ ମିନିଟ । ବାସ ଏତିକି ତାଙ୍କ ସାଥିରେ ପରିଚୟ ସମ୍ପର୍କ ତାର । ସେ ଆଶା କରନ୍ତିନ ଚମ୍ପାକଳୀ ତାଙ୍କ ପାଖରେ ଭାଗବତ ପଢ଼ିବା ପାଇଁ, କି ଜିଦ କରନ୍ତିନ ଚମ୍ପାକଳୀ ତାଙ୍କର ସେବା ଶୁଶ୍ରୂଷା କରିବା ପାଇଁ ସେ ସେପରି ଉଦାସ । ନରମ ଆଉ ଶାନ୍ତ ।

ଆଜି ବି ଅଟକିଲା ଚମ୍ପାକଳୀ । ଭିତରେ କଥାବାର୍ତ୍ତା କରିବାର ଶବ୍ଦ । ରବୀନ୍ଦ୍ରର ପିଉସିଙ୍କ କଣ୍ଠ ସ୍ୱର । ସକାଳୁ ବୋଧେ କେତେବେଳେ ସେ ଆସିଛନ୍ତି—ଚମ୍ପାକଳୀ ଜାଣିନ । ଆଉ ଶାଶୁଙ୍କ କରୁଣ କଣ୍ଠ ଶୁଭୁଛି—

"ନାହିଁ ଲୋ ମିନା । ସେ ଭୁଲିନି—ଭୁଲି ପାରିଲାନି ସେ । ସବୁବେଳେତ ମୁହଁଟି ଶୁଖାଇଛି । ମାଲ ଆସିଲେ ମୁଁ ଭାବିଥିଲି ସେ ଭୁଲିଯିବ । ନାଁ ନାଁ ହେଲାନି ମାଲ । କଣ କରିବ—କରମ—କରମ ଲେଖନ କେ କରିବ ଆନ ।"

କବାଟ ପାଖରେ ଚମ୍ପାକଳୀ ଚଞ୍ଚଳ ପଦକ୍ଷେପ ସ୍ଥିର ହୋଇଗଲା । ସେଇ ପୁରୁଣା ଚିନ୍ତା ମଧୁର ମନରେ । ରବୀନ୍ଦ୍ର ମନରେ ଏବେ ବି ରହିଛି । କଣ ସେ ଚିନ୍ତା ? ଜାଣେ ଚମ୍ପାକଳୀ ଜାଣେ । ଯେଉଁଥି ପାଇଁ ମୂକର ରବୀନ୍ଦ୍ର ନାଥର ବାକ୍‌ଶକ୍ତି ହୀନ ହୋଇଛି । ଯେଉଁଥିପାଇଁ ଏଇ ବିରାଟ କ୍ୱାର୍ଟରରେ ନିସ୍ତବ୍ଧତା ବିରାଜମାନ କରିଛି । ଚବିଶ ଘଣ୍ଟାରୁ ଘଣ୍ଟାଏ ହୁଏତ ଚମ୍ପାକଳୀ ନିଜକୁ ସ୍ଥିର କରି ରଖି ପାରୁନ । ବୁଢ଼ୀଆ ଆଖିରେ ଚମ୍ପାକଳୀ ହେଉଛି ଅବାଂଛିତ ଅଲୋଡ଼ା ଅତି ନଗଣ୍ୟ । ସମସ୍ତେ ତାକୁ ହିଡ଼ିଲା ଆଖିରେ

Digitized by PPRACHIN, SOA

ଦେଖି ତଉଲି ପଡ଼ୁଛନ୍ତି କେତେ ପ୍ରାଣ ଉଚ୍ଛ୍ୱାସ ସେ ଦେଇଛନ୍ତି ରବୀନ୍ଦ୍ରଙ୍କୁ । କିନ୍ତୁ କେହି ତଉଲି ଦେଖୁନ ତମାଳିନୀର ମନ କେନ୍ଦ୍ରରେ କେତେ ମେଳ ଉଚ୍ଛ୍ୱାସ ପ୍ରାଚୁର୍ଯ୍ୟର ଭଣ୍ଡାର ରହିଛି । ଆଉ କେତେ ତାକୁ ପୂର୍ଣ୍ଣ କରୁଛନ୍ତି ରବୀନ୍ଦ୍ର ତାର ଧନ ଦ୍ରବ-ଧନର ଦାନ ଆଉ ମମତାରେ । ସମସ୍ତେ କେବଳ ଦେଖୁଛନ୍ତି ତାକୁ କେତେ ସେ ଦେଇଛି—କେତେ ସେ ପରିପୂର୍ଣ୍ଣ କରିଛି ସବୁର ପ୍ରାଣ ଆଉ ହୃଦୟ । ତମାଳିନୀର ନିଥର ପାଦ ଦରଜା ପଟେ ଶିଥିଳ ହୋଇ ଯାଉଛି । ମୀନାର କଣ୍ଠ ।

"ପୂରବୀ ପରି ସେ ଯେ ହେବ ଏ ଆଶା କରିନ । ଆମର ବୃଥା । ଦେଖିବାକୁ ଯେମିତ ଥିଲା ସେମିତ ଥିଲା ତାର ଚୁଲି ଚଳଣ ରଙ୍ଗ ଢଙ୍ଗ ସବୁ । ଆହା । କିଏ ଜାଣି-ଥିଲା .... ।" ତମାଳିନୀର ଉତ୍କର୍ଣ୍ଣ କର୍ଣ୍ଣଯୁଗଳ ସ୍ତବ୍ଧ ହୋଇ ଛିଡ଼ା ହୋଇଛି । କଣ ଥିଲା ସେ, କଣ ଥିଲା ସେ ଶୁଣିଥାନ୍ତା ତମାଳିନୀ । କେଉଁ ଗୁଣରେ ଅଭାବ ପଡ଼ିଛି ସେ ଶୁଣିଥିଲେ ହୁଏତ ନିଜକୁ ସମ୍ଭାଳି ନିଅନ୍ତା ତମାଳିନୀ । କିନ୍ତୁ କେହି କିଛି ତାକୁ ନକହି ଏମିତ ହନ୍ତସନ୍ତ, ଏମିତ ଜଳେଇ ପୋଡ଼େଇ ମାରିବେ କାହିଁକି ? କି ଅଧିକାର ଅଛି ତାଙ୍କର । ତମାଳିନୀର ପାଞ୍ଚ ବର୍ଷର ଦମ୍ଭ, ସାହସ, ଅହଂ ପ୍ରଚେଷ୍ଟା ସମସ୍ତ କିଛି ଧୂଳିସାତ ହୋଇଯିବ ଅବା ! ପାଦ ଟଳୁଛି । ସେ ସିଡ଼ି ଉପରକୁ ଉଠିଲି । ନ ଉଠି ଯିବାକୁ ବାଟ କାହିଁ ?

ଡୋ' ମଣ୍ଡଳ ବାରଣ୍ଡାରେ ଇଂରାଜୀ କାଗଜ ପଢ଼ୁଛନ୍ତି ରବୀନ୍ଦ୍ର । ଆର୍ମଚେୟାର ଉପରେ ଶୋଇ ରହିଛନ୍ତି ଅଳସ ଭାବରେ ସେ । ଦଶଥର ତମାଳିନୀ ସେବାଟେ ଗଲେ ବି ସେ ଜାଣି ପାରିବେନ । କଥା ପଚାରିଲେ ହୁଏତ 'ହଁ' ହୁଏତ 'ନାଁ' ଏତିକି ଛଡ଼ା କିଛି କହିବେନି । ମଣିଷଟା ମୂକ ହୋଇଯିବ କି ଆଉ । ତମାଳିନୀ ଭାବିଲି କିଛି ପଚାରିବ । କିନ୍ତୁ କଣ ପଚାରିବ ? ପଚାରିବ କହ ପୂରବୀ କିପରି ଥିଲା ? କେମିତ ଥିଲା କହିଲେ ଯିବା ମୁଁ ସେମିତ ନିଜକୁ ସଜାଇବି ? ଗଢ଼ି ତୋଳିବି ତାର ପ୍ରତି ଛବିରେ । କହ ରବୀନ୍ଦ୍ର, କଣ ହେଲେ ତମେ ଶାନ୍ତି ପାଇବ ? ତମାଳିନୀ ସେମିତ ନିଜକୁ ତିଳ ତିଳ ହତ୍ୟା କରିବା ପାଇଁ ଆଦୌ କୁଣ୍ଠିତ ହେବନାହିଁ । କହ ରବୀନ୍ଦ୍ର କହ । କିନ୍ତୁ...... ? ତମାଳିନୀର କଣ୍ଠ ଖୋଲିବ ନାହିଁ । ଖୋଲି ନ ପାରେ ।

ବାରଣ୍ଡା କାନ୍ଥକୁ ଆଉଜି ଛିଡ଼ା ହୋଇଛି ତମାଳିନୀ । ସକାଳର ସୁଲୁ ସୁଲୁ ପବନ ଛୁଇଁ ଯାଉଛି ତାର ଶରୀର । ଅସଜଡ଼ା ପଣତ ଦୋଳୁଛି ପବନରେ । ପତଳା ଧୋବ ଫର୍ ଫର୍ ଝରକା ଦେହ । ଦୋହଲୁଛି ସତେକି ?

"ମାଳ, ମାଳା ।"

Digitized by PPRACHIN, SOA

ରବୀନ୍ଦ୍ରର ବିସ୍ମିତ ଚକିତ କଣ୍ଠ । ଆଶ୍ଚର୍ଯ୍ୟ ରବୀନ୍ଦ୍ର ତାଙ୍କୁ ଅଁଜ ଡାକୁଛୁ । ଖବର କାଗଜ ପଢ଼ୁନ ସେ ଚାହେଁଲେ । "ଦେହ ଭଲ ନାହିଁ ନାଁ କଣ ? କାହିଁକି ମିଛ ଠିଆ ହୋଇଛ ?".

ରବୀନ୍ଦ୍ର ଉଠି ଆସୁଛୁ ତା ପାଖକୁ । ଏ ଏକ ଅଭିନବ ଘଟଣା ତମାଳିନୀ ପାଖରେ ; ମୁହଁ ଦେଖି ବୁଝେ ରବୀନ୍ଦ୍ର, ଅଥଚ ··· ଅଥଚ ··· ··· ।

ରବୀନ୍ଦ୍ରର ହାତ ପାପୁଲି ପରୀକ୍ଷା କରୁଛୁ ତମାଳିନୀର ମସୃଣ କପୋଳ ଦେଶରେ ଜ୍ୱରର ମାତ୍ରା କେତେ । ଉତ୍ସୁକ ଆଖି । ପ୍ରହସନ ନାହିଁ ଏଥିରେ ତେବେ । କେଜାଣି ? ହୁଏତ ତମାଳିନୀକୁ ମୁହୂର୍ତ୍ତିକ ପାଇଁ ପୂରବୀ ଭାବୁଛୁ ରବୀନ୍ଦ୍ର ।

ହସିଲା ତମାଳିନୀ । ଭାବିଲା ପଗ୍ଭରିବ । କିନ୍ତୁ ନାଁ ହେବନି । ପୂରବୀ ହେଉଛୁ ସ୍ମୃତିର ଅତଳରେ । କେବଳ ଶୋଇଲା ରୁମରେ ତାର ଏକ ବଡ଼େଇକରା ଫଟୋ ରହିଛୁ । ଚମତ୍କାର ସୁନ୍ଦରୀ ପୂରବୀ । କି ଆଖି, କି ନାକ, ସତେ ରବୀନ୍ଦ୍ର ପାଖକୁ ପୂରବୀ ହୁଏତ ସୁନ୍ଦର ଦିଶିଥାନ୍ତା । ଚମତ୍କାର ମାନିଥାନ୍ତା ହୁଏତ । ତମାଳିନୀର ଗୋଲାପ ଅଧର ଅରେ ମାତ୍ର ଥର ଉଠିଲା । କିନ୍ତୁ ସ୍ଫୁରଣ ହେଲାନି ସେଥିରୁ କିଛୁ ।

ରବୀନ୍ଦ୍ର ଫେରିଯାଇ ବସିଲାଣି ଆର୍ମଚେୟାର ଉପରେ । ଶରୀରରେ ତାପ ନାହିଁ, ରୋଗର ଜୀବାଣୁରୁ ଅନାକ୍ରାନ୍ତ ଅଛୁ ତାର ମାଳା । ସେ ଫୁଣି ତାଙ୍କୁ ଗୃହିଁ ହସୁଛୁ । ଅନ୍ତ ଭାବିବାର ବା କଣ ଅଛୁ ସେଥିରେ !

ଲୁମୁମ୍ବାର ଶୃଙ୍ଖଳ୍ୟକର ହତ୍ୟା ବିବୃତ, ଆଲଜେରିଆରେ ବିକ୍ଷୋଭ ! ଅନ୍ତର କେତେ ଜାତୀୟ ଆନ୍ତର୍ଜାତିକ ଖବର । ଏସବୁ ଡନଖି ନ ପଢ଼ିଲେ ସମସ୍ତ ଖବର ବାସି ହୋଇଯିବ ରେଡ଼ିଓ ଶୁଣିଲା ବେଳକୁ ।

ତମାଳିନୀ ତାର ଶୋଇଲା ଘର ଭିତରକୁ ପଶିଲା । ପୂରବୀର ଚମତ୍କାର ବଡ଼େଇ କରା ଫଟୋ । କାଚ୍ଛ ଦେହରେ ଫଟୋଟା ଯେପରି ହସରେ ଆତ୍ମ ଗର୍ବରେ ଫାଟି ପଡ଼ି କହୁଛୁ, "ଯାହା ଥିଲା ମୁଁ ସବୁ ନେଇ ଯାଇଛୁ ତମାଳିନୀ । ନିଃଶେଷ କରି ନେଇଯାଇଛୁ ସବୁ । ତୋ ପାଇଁ ମୁଁ କିଛୁ ରଖିନି । ତୁ କେବଳ ମରୀଚିକା ପଛରେ ଗୋଡ଼େଇଛୁ ଭ୍ରାନ୍ତ ପଥିକ ତୁ । ଶେଷରେ ତୋର ତୃଷ୍ଣାରେ କଣ୍ଠ ଫାଟିଯିବ ବିନା ଶୋଷ ମେଣ୍ଟିବନି ।"

Digitized by PPRACHIN, SOA

ବିଚକ୍ଷଣ ହସ ହସୁଛି ପୂରବୀ । ହସିଲେ ତାର ଗାଲରେ ଫେଲେ ଗ୍ରେଟ ଉଙ୍କି ଯା ।
ତିମିର୍ଙ୍କ ର ହସୁଥିବ ଏକା ପୂରବୀ ।

ତମାଳିନୀର ମନ ହେଲ କହନ୍ତା "ପୁରବୀ, ତୁ ମୃତ । ତୁ କଇ ଆଉଁ ଆଉଁ ବି ମରିଛୁ ପୂରବୀ । ସୃଷ୍ଟିର ଯେଉଁ କୋଣରେ ରହିଥା ପଛେ କେହି ତୋର ଦାବିକୁ ସ୍ୱୀକାର ଅଉ କରିବେ ନାହିଁ । ଏ ମୋର ଘର । ଏ ମୋର ସଂସାର ପୁରବୀ । ଅଉ ସବୁଠାରୁ ବଡ କଥା କଣ ଜାଣୁ ତୁ ? ରବୀନ୍ଦ୍ର ମୋର ସ୍ୱାମୀ । ତୋର ନୁହଁ ।"

ପରକ୍ଷଣରେ ଅପଣାର କଥାରେ, ଅପଣାର ନିରବ ଗୁଞ୍ଜନରେ ଚମକି ଉଠିଲି ତମାଳିନୀ । ନିଜକୁ ନିଜେ ଶତ ଧିକ୍କାର କରି କହିବାକୁ ତାର ମନେ ହେଲା—

ତୁ ନିର୍ଲଜା । ତୁ ବୃଥାରେ ଅହଙ୍କାର ପୋଷଣ କରି ବସିଛୁ । କେବେ ପାଇ ନିବ ପାଇବାର ଛଳନା ଅଗ୍ନିରେ ତୁ ନିଜେହିଁ ଜଳି ପୋଡି ମରିବୁ ତମାଳିନୀ । ତୁ କିଛି ପାଇବୁ ନା । ନାଁ ନାଁ ତୁ କିଛିହିଁ ପାଇବୁ ନା ।"

ତମାଳିନୀ ଦମ୍ ନେଲ । ଏ ତାର ନିଜର ଭିକ୍ଷା ନୁହେଁ, ନିଜର ଚିନ୍ତା ନୁହେଁ । ଏ ଯେମିତ ଦୀର୍ଘ ପାଞ୍ଚ ବର୍ଷ ତଳର ତା ଅପାର ଭିକ୍ଷା । ବଡ ଭଉଣୀ କମଳିନୀର ଉପଦେଶ—"ମାନୀ । ତୁ ଏ କଣ କରୁଛୁ ମାନୀ । ରବୀ ତ ପୂରବୀ ପାଇଁ ପାଗଳ । ତୁ ଯାହା ଭାବିଛୁ ତତେ ସେ ମନେ ରଖିଛି ବୋଲି ତୋର ସେ ବୃଥା ଧାରଣା ମାନି । ପିଲାଦିନର ରବୀ ଭାଇ ତୋର ଅଉ ନାହିଁ । ପୂରବୀ ତାକୁ ସବୁବେଳେ ଗ୍ରାସ କରି ବସିଛି । ତୋର ଆଶା ଓ ଭରସାକୁ ଧୂଳିସାତ୍ କରିଛି ପୁରବୀ । ସେ ପୁରବୀ ନ ଫେରିଲେ ଏ ପୃଥିବୀରେ ଏମିତ ଜଣେ କେହି ନାହିଁ ଯେ ରବୀନ୍ଦ୍ର ମନରେ ପ୍ରେମର ସେହିପର କରବୀ ଫୁଟାଇବ । ତେଣୁ ନିଜକୁ ତିଳ ତିଳ ନଷ୍ଟ କରି ତୁ କଣ ପାଇବୁ ମାନ ?"

"ଅପା" । ତମାଳିନୀର ଅକ୍ଷିରେ ସେ ଦିନ ଜମି ଉଠିଥିଲା ଶ୍ରାବଣ ନଦୀର ଉତ୍ସ ।

ରବୀନ୍ଦ୍ର କମଳିନୀଙ୍କର ଦିଅର । କମଳିନୀ ଜାଣିଥିଲେ ତମାଳିନୀ ତାଙ୍କୁ ବିବାହ ନ କଲେ ତଳେ ହେଲେ ବଂଚ ପାରିବନି । ଆଉ ରବୀନ୍ଦ୍ର କଲିକତାରେ ପାଠ ପଢୁଥିଲା ବେଳେ ସବୁ ମତେ ଅପଣାକୁ ପୁରବୀ ପାଖରେ ଉତ୍ସର୍ଗ କରି ଦେଇଥିଲେ ? ସେ କଥା କମଳିନୀ ଜାଣିଥିଲେ । ପୁରବୀ ଓ ରବୀନ୍ଦ୍ରର ପରସ୍ପର ପ୍ରତି ପ୍ରେମ ଅନୁରାଗ ସେ ସ୍ୱଚକ୍ଷୁରେ ଦେଖି ଆସିଥିଲେ । ତା ପରେ ? ତା ପରେ କଣ ହେଲା କମଳିନୀ ଜାଣନ୍ତି

Digitized by PPRACHIN, SOA

ନାହିଁ । ପୁରବୀ ବଂଚିଛି କି ନାଇଁଛି ତାର କୌଣସି ଯୁକ୍ତି ସଂଗତ ଉତ୍ତର ରବୀନ୍ଦ୍ରଠାରୁ ସେ ପାଇ ନଥିଲେ ।

ସେଇଥିପାଇଁ କମଳିନୀ ସ୍ନେହର ଭଉଣୀକୁ ବୁଝାଇଥିଲେ ପ୍ରାଣ ଦେଇ ରବୀନ୍ଦ୍ରକୁ ବିବାହ ନ କରିବା ପାଇଁ । କିନ୍ତୁ ତମାଳିନୀକୁ ସେତେବେଳେ ଭୂତ ଲାଗିଥିଲା ! ଆଦର୍ଶବାଦର ଭୌତିକ ଲୀଳା ତାର ଶିରା ପ୍ରଶିରା ଦେଇ ମସ୍ତିଷ୍କ ଭିତରଟାକୁ କାବୁ କରି ଦେଇଥିଲା । ତମାଳିନୀର ମନେ ହୋଇଥିଲା ରବୀନ୍ଦ୍ରକୁ ନ ପାଇଲେ ଜୀବନ ତାର ବ୍ୟର୍ଥ ହେବ । ସେ ମରୁ ବା ବଂଚୁ । ସେ ଯେ କୌଣସି ମତେ ରବୀନ୍ଦ୍ରକୁ ବିବାହ କରିବ । ନିଭୃତରେ ମନେ ମନେ ତମାଳିନୀ ସ୍ୱପ୍ନ ରଚିଥିଲା କେମିତି ସେ ଆସ୍ତେ ଆସ୍ତେ ରବୀନ୍ଦ୍ରକୁ ଗଢ଼ି ତୋଳିବ ପ୍ରାଣର ସକଳ ମାଧୁର୍ଯ୍ୟ ଦେଇ । ତା ପରେ ? ସୁନାର ସଂସାର ତାର ପୁରବୀର ରାହୁଗ୍ରାସରୁ ମୁକ୍ତ ପାଇ ସୁନ୍ଦର ସକାଳରେ ହସି ଉଠିବ । ଯେଉଁମାନେ ଉପଦେଶ ଦେଉଛନ୍ତି ତାଙ୍କୁ, ଅପମାନରେ ତାଙ୍କୁ ପୋଡି ପକାଉଛନ୍ତି ସେଇମାନେ ଦିନେ ଦେଖିବେ ତମାଳିନୀର ପ୍ରେମ କିପରି ମୂଲ୍ୟହୀନ ନୁହେଁ ।

ବାପା ବୋଉ ଭାଇ ଭାଉଜ ସମ୍ପର୍କୀୟ ସମସ୍ତେ ଆସି ଗୋଟି ଗୋଟି କରି ତାକୁ ବୁଝାଇଥିଲେ । ଗୋଟି ଗୋଟି କରି ଉପଦେଶ ସାନ୍ତ୍ୱନା ମାଳାରେ ପୋଡି ଦେଇ ଯାଇଥିଲେ । ହେଲେ ତମାଳିନୀ ବୁଝି ନଥିଲା । ମିନା ତାର ପ୍ରିୟ ବନ୍ଧୁ, ଦୁଃଖ ସୁଖରେ ସାଥି ମିନା ବିବାହ ଦିନ କାନେ କାନେ କହିଥିଲା ।—"ମାନ ! ତୁ ପାଗଳୀ ! ରବୀନ୍ଦ୍ର ପୁରବୀକୁ ଭୁଲିନି ମୋଟେ । ମୁଁ ନିଜେ କାନରେ ଶୁଣିଛି ତା ମତରେ ତାର ବିବାହ ବହୁ ପୂର୍ବରୁ ସରିଛି । ବର୍ତ୍ତମାନ ଯେଉଁ ବିବାହ ସେ କରିବ ତା କେବଳ ଅନ୍ୟ-ମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ । ଏଇଟା ତା ମତରେ ଗୋଟାଏ କଣ୍ଢେଇ ବିଭାଘର ।"

ଚମକି ପଡିଥିଲା ତମାଳିନୀ । ମିନା କଦାପି ତାକୁ ମିଛ କହି ନପାରେ । ପାଗଳୀତ ସେ ? ଦାମୀ ପାଖରେ ଦସ୍ତାର ହାତ ପତାଇ ସେ ନ୍ୟାୟ ପାଗଳାତ ବୟସର ଆକାଂକ୍ଷା ଦ୍ୱାଳା । ପର ମୁହୂର୍ତ୍ତରେ ଫେର ସେ ଆପଣାକୁ ସଜାଡ଼ି ନେଇଥିଲା । ସେତେବେଳର ଫୁସ୍ ଫୁସ୍ କଥା, ପରିହାସ ଭରା ଗୃହିଣୀ, ଅଳପ ଅଳପ କୌତୁକ ତମାଳିନୀକୁ ମନ ଭିତରେ ସମ୍ପୂର୍ଣ୍ଣ ଦୋହଲାଇ ଥିଲେବି ଉପରେ ଧୈର୍ଯ୍ୟର ହିମାଳୟ କରି ତାକୁ ଠିଆ କରାଇଥିଲା ।

ରବୀନ୍ଦ୍ର ଘରେ ପାଦ ନ ଦେଉଣୁ ଆଈଶାଶୁ କାନେ କାନେ କହିଥିଲେ—
"ମାଲେ ! ରବିଟା ବାଇଆ ! ସବୁ କଥାରେ ଧୀର ସ୍ଥିର ରହିବୁ । ସେତ କିଛି

Digitized by PPRACHIN, SOA

ନୁହେଁ ନାହିଁ । ଲୋକେ ଅନେକ କଥା କହିବେ । ସେ ସବୁ ଶୁଣିବୁ ନାହିଁ ମା ! ରବୀନ୍ଦ୍ରକୁ ତୋ-କ୍ଷମା କରି ଦେଇ ମୁଁ ଶାନ୍ତିରେ ଏଣିକି ମରିବ ମା ।”

କହୁ କହୁ କାନ୍ଦିଥିଲେ ସେ । ତାଙ୍କର ଯେପରି ସେଇ ଶେଷ ଅଶ୍ରୁ । ସମସ୍ତ ବେଦନା, ସମସ୍ତ ଅଶ୍ରୁ ସେ ତମାଳିନୀ ଆଖିରେ ଥାପି ଦେଇ ବେଦନ ନିଶ୍ଚିନ୍ତ ହୋଇଛନ୍ତି । ସେଇ ପାଇଁ ତମାଳିନୀ କାନ୍ଦୁଛି । ସେ ନିଶ୍ଚିନ୍ତ ।

ସବୁରି କଥା ସତ ହେଲା । ତମାଳିନୀର ସହସ୍ର ପ୍ରତିଜ୍ଞା ଚୂର୍ମାର୍ ହୋଇ ମାଟିରେ ମିଶିଗଲା । ରବୀନ୍ଦ୍ର ସତକୁ ସତ କଣ୍ଟେଇ ବିବାହ କରିଥିଲା । ପିଉଲ କଣ୍ଟେଇ, ବାଙ୍କ ନାହିଁ ଟେପା ହେଉ ନାହିଁ କ କୁଁ କୁଁ ଓଜର ଆପତ୍ତି କରୁନ । ଯାହା କହୁଛନ୍ତି ସମସ୍ତେ ତାକୁ ସହି ଯାଇଛି ଯାଉଛି ଓ ଯିବ ବୋଲି ସେ ନିଜକୁ ତିଆରି କରୁଛି । ଏକଥା ତାର ନୂଆ ନୁହେଁ । ବିବାହର ପ୍ରଥମ ରାତିରେ ରବୀନ୍ଦ୍ର ତାକୁ କହିଥିଲା ତମାଳିନୀ ! ପୁରୁଷର କଥା ତମେ ନିଶ୍ଚୟ ଜାଣିଛ ?”

ମୁଣ୍ଡ ଟଙ୍ଗାଣି ସମ୍ମତି ଦେଇଥିଲା ସେ । ହୁଏତ ମନେ ମନେ ସେ ରାତିରେ ପୁରୁଷର କାହାଣୀ ଶୁଣିବା ପାଇଁ ସେ ପ୍ରସ୍ତୁତ ନଥିଲା । ତଥାପି ତାକୁ ଶୁଣିବାକୁ ହେଲା··· “ଜାଣିଥିଲ ଯଦି ମତେ ବିବାହ କଲ କାହିଁକି ? କହିବ ତମେ କାହିଁକି ଏ ଭୁଲ କଲ ।”

ଅପମାନ ଲଜ୍ଜ୍ୟାରୁ ଶିହରି ଉଠିଥିଲା ତମାଳିନୀ । ଆଉ କିଏ ହୋଇଥିଲେ ହୁଏତ ସେ·········· ।

“ଜୀବନଟା ପିଲା ଖେଳ ନୁହେଁ, ତୁମର ଏ ଆତ୍ମଭର୍ତ୍ସନା ପାଇଁ ତମେହିଁ ଦାୟୀ । ତୁମେ ମତେ ଅଭିଶାପ ଦେଇପାର, ତୁମେ ମତେ ନର୍କକୁ ପଠାଇ ପାର ହେଲେ ହେଲେ··· ··।”

ତମାଳିନୀ ସେତେବେଳେ ରବୀନ୍ଦ୍ରକୁ ଚାହିଁ ଦେଖିଥିଲା ସରୁ ମଖମଲଧୋତି ଉପରେ ସିଲକ୍ ପଞ୍ଜାବୀ, ଟେପା ଟୋପା ଝାଳ ମିଶ୍ରିତ ଚନ୍ଦନ କପାଳ ଉପରେ । ସୁନ୍ଦର ଦିଶୁଥିଲା ରବୀନ୍ଦ୍ର । ସୁନ୍ଦର ଲାଗୁଥିଲା ସମସ୍ତ ଘରର ବାତାବରଣ । କିନ୍ତୁ ରବୀନ୍ଦ୍ର ତୁଣ୍ଡରେ ପୁରୁଷର କଥା, ପୁରୁଣା କଥାର ଆଭାସ ସେଇ ପୁରୁଣା ଗନ୍ଧ ପ୍ରତି ବାଉଲା ମମତା ! ଅସହ୍ୟ ମନେ କରିଥିଲା ତମାଳିନୀ ।

“ଶୁଣ ତମାଳିନୀ ! ଅଭିନୟ କରି ସଫଳ ହେବା ପାଇଁ ଯେତେବେଳେ ତମେ ଆସିଛ—ତମକୁ କି ଅଭିନୟ କରିବାକୁ ହେବ ମୁଁ କହି ରଖିବା ଉଚିତ ମନେ କରେ ।

Digitized by PPRACHIN, SOA

'ମୋର ସ୍ତ୍ରୀ ସ୍ୱଭାବରେ ତୁମର ଏ ଘରଦ୍ୱାର ସମ୍ପତ୍ତି ମାନ ସମ୍ମାନ ସବୁ କିଛି ତମର ତମାଳିନୀ । ମୁଁ ତୁମକୁ ତମର ନ୍ୟାଯ୍ୟ ଦାବୀରୁ ବଞ୍ଚିତ କରିବାକୁ ଚାହେଁନି । କିନ୍ତୁ ତୁମର ପତ୍ନୀତ୍ୱର କର୍ତ୍ତୃତ୍ୱରୁ ରବୀନ୍ଦ୍ରକୁ ତୁମେ ବାଦ ଦେବ । କେଉଁଦିନ ଭୁଲରେ ସୁଦ୍ଧା ତୁମେ କାହା ଆଗରେ ଯେପରି ଏକଥା ପ୍ରକାଶ ନକର । ତା ହେଲେ ସଫଳ ଅଭିନେତ୍ରୀ ପଦ୍ମଶ୍ରୀରୁ ତୁମେ ତଳକୁ ଖସି ପଡ଼ିବ । ହାରିଯିବ ସବୁରି ପାଖରେ । ବୁଝିଲ ତମାଳିନୀ ।"

ତମାଳିନୀର ମୁଣ୍ଡ ଉପରୁ କେତେବେଳେ ଓଢ଼ଣା ଖସି ପଡ଼ିଲାଣି ସେ ଖିଆଲ କରିନି । ତାର ଚମକ ଭାଙ୍ଗିଗଲା ରବୀନ୍ଦ୍ରର କବାଟ ଖୋଲିବା ଶବ୍ଦରେ । ତମାଳିନୀ ଅନେଇ ଦେଖିଲା ରବୀନ୍ଦ୍ର ଚାଲିଯାଉଛି ଆସ୍ତେ ଆସ୍ତେ କବାଟ ମେଲିକରି । କିଂକର୍ତ୍ତବ୍ୟ ବିମୂଢ଼ା ହୋଇ ଅନାଇଥିଲା ସେ । ଚାହୁଁଥିଲା ଡାକିବାକୁ ପଛରୁ ? କିନ୍ତୁ କାହିଁକି ? ସେତ କିଛି ଭୁଲ କରିନି । ତମାଳିନୀର ମନେ ଅଛି ଦମକାଏ ହାଲୁକା ଶୀତଳ ପବନ ପଶି ଆସିଥିଲା ଘର ଭିତରକୁ । ବାହାର ପ୍ରଦୀପଟା ଧପ୍ କରି ଲିଭି ଯାଉଥିଲା । ସେଇ ଘନଘୋର ଅନ୍ଧକାର ରାତିରେ ତମାଳିନୀ ସାରା ରାତି କାଠ ପରି ବସି ରହିଥିଲା । ସେ ଚେଷ୍ଟାକରି ଟୋପାଏ ବି କାନ୍ଦି ପାରି ନଥିଲା । ସେହି ଦିନୁ ଠିକ୍ ସେହିଦିନୁ ତମାଳିନୀ ଅଭିନୟ କରୁଛି ଏଘରେ । ରବୀନ୍ଦ୍ର ଯେପରି ଏକ ବିଜ୍ଞ ପରିଚାଳକ ପରି ତା ଅଭିନୟର ଦୋଷ ତ୍ରୁଟି ପର୍ଯ୍ୟବେକ୍ଷଣ କରୁଛି ।

ତମାଳିନୀ ଉଠି ବସିଲା । ସକାଳର ଶୀତଳ ରଶ୍ମିରେ ତାପ ମାତ୍ରା ଫେଣ୍ଟି ହୋଇ-ଗଲାଣି ବେଶ୍ । ଆଜି ରବିବାର । ରବୀନ୍ଦ୍ର ଅଫିସ ଯିବନି । ରବିବାରରେ ଥରେ ମାତ୍ର ଖାଇବାବେଳେ ସେମାନେ ଖାଆନ୍ତି ଏକା ଟେବୁଲରେ ବସି ବସି । ସେଇ ଟେବୁଲ୍‌ରେ କେତୋଟି ମିନିଟ୍ ବଡ଼ ଅସହ୍ୟ ଲାଗେ ତମାଳିନୀକୁ । ଚାକର ବାକର କଣ ଭାବୁଥିବେ ? ତୃତୀୟ ବ୍ୟକ୍ତି ପାଖରେ ଥିଲେ ହୁଏତ ତାକୁ ଆଳ କରି ବେଶ ଗପଟା ଜମନ୍ତା । କିନ୍ତୁ କ୍ୱଚିତ୍ କେହି ଏ ଘରକୁ ଆସନ୍ତି । ଭୟରେ ତମାଳିନୀ ଡାକେ ନାହିଁ । ହୁଏତ କେଉଁ ଅସତର୍କ ମୁହୂର୍ତ୍ତରେ ସେ ସଫଳ ଅଭିନୟ କରି ନପାରେ । କିନ୍ତୁ ଯେ କେହି ଆସନ୍ତି ସେମାନେ ଗଲାବେଳେ ମୁରୁକି ମୁରୁକି ହସି କହନ୍ତି—"ରବୀନ୍ଦ୍ର ! ତତେ କେହି ଆୟତ୍ତ କରିପାରି ନଥିଲେ ଯା ହେଉ ତମାଳିନୀ ଦେବୀ ତତେ ଶେଷରେ ବାନ୍ଧି ପାରିଲେ ।"

କେହି କେହି ବୟସ୍କ ବ୍ୟକ୍ତି ଧନ, ସନ୍ତାନ ଓ ଆୟୁଷ କାମନା କରନ୍ତି ତମାଳିନୀର କଅଁଳ ଛନ ଛନ ମଖମଲି ହସ୍ତତଳେ ତାତି ଉଠେ ତମାଳିନୀ ମନେ ମନେ । ମନ ହୁଏ କହିବାକୁ—ଏ ଅଭିଶାପ ତମେ ମତେ କାହିଁକି ଦେଉଛ ? ହେଲେ ସେ ଯେ ଅଭିନେତ୍ରୀ । ଅଭିନୟହିଁ ତାର ଲକ୍ଷ୍ୟ ।

Digitized by PPRACHIN, SOA

ଅନେକବାର ଅନେକ ଲୋକଙ୍କ ସମ୍ପର୍କରେ ଆସିଛି ତମାଳିନୀ । ମନେ ହୋଇଛି ସେମାନଙ୍କୁ ପଚାରି ବୁଝିବ ପୁରସ୍କାର ଖବର କିଛି । ମନରେ ସମୟେ ସମୟେ ଅଯଥା କୌତୁହଳ ତାର ଉଠେ । କିନ୍ତୁ ସେ ଯେ ବାହାରେ ରବୀନ୍ଦ୍ରର ସ୍ତ୍ରୀର ଅଭିନୟ କରିବ । ସ୍ୱାମୀର ବିଗତ ପ୍ରେମିକାର ସମ୍ବନ୍ଧରେ ଅପର ଲୋକଙ୍କୁ ପ୍ରଶ୍ନ କରିବା ତାର ସଂଳାପ ଦେହରେ ନାହିଁତ । ବିନା କାରଣରେ ପ୍ରଶ୍ନ କଲେ ହୁଏତ ଡ଼ିରେକ୍ଟର ବିରକ୍ତ ହେବେ । ତମାଳିନୀ ହସେ । ଭାବେ ରବୀନ୍ଦ୍ରକୁ ପଚାରିବ । କେତେଥର ବାଁରେଇ ହୋଇ ସେ ରବୀନ୍ଦ୍ର ପାଖରେ ଛିଡ଼ା ହୋଇଛି । କିନ୍ତୁ ରବୀନ୍ଦ୍ରର ଆଖିରେ, ତାର ମୁହଁରେ ଏପରି ଏକ ଗୁପିଲ ବେଦନା, କୁହୁଳିଲ କୋହ ଲୁଚି ରହିଛି, ଯାହାକି ତମାଳିନୀ ସହ୍ୟ କରି ପାରେନା । ତାର ଭୟ ହୁଏ । ହୁଏତ ରବୀନ୍ଦ୍ର ତାର ପ୍ରଶ୍ନରେ ଆହୁରି ମର୍ମାହତ ହେବ, ଆହୁରି ବିକ୍ଷତ ହେବ ଯାହାକୁ ସେ ସମ୍ଭାଳି ପାରିବନି କେବେହେଲେ । ତେଣୁ କେତେଥର ଗୁପିଲ ପ୍ରଶ୍ନ ତାର ଫେରି ଆସିଛି କେମିତି ଏକ ଅବ୍ୟକ୍ତ ବେଦନା ଅନୁଭବ କରେ ତମାଳିନୀ ରବୀନ୍ଦ୍ର ସହିତ ଆଖି ମିଶିଗଲେ । ଚିପିନିଏ ଉଦ୍‌ଗତ ପ୍ରଶ୍ନମାଳା ସେ । କେବଳ ନୀରବରେ ନିଜ ଭିତରେ ଜଳି ଜଳି ସେ ରହେ । କାହାକୁ, କାହାକୁ କହିବ ସେ ?

— — —

Digitized by PPRACHIN, SOA

ଦୁଇ

"କଣ ତମାଳିନି ! ଏମିତ ଗୋଟାଏ ନୂଆରୂପ ବସିଛ ? ଡାକ୍ତର ଦେଖଉନ କାହିଁକି ? ଆଜିକାଲି ଯୁଗରେ କଣ ନ ହୋଇ ପାରୁଛି କହିଲ ? ଏଠି ଯଦି କେହି ନ ପାରୁଛନ୍ତି କଲିକତା ଯାଅ, ବମ୍ବେ ଯାଅ, ନହେଲେ ଏବେ ଲଣ୍ଡନ ଯାଇଁ ଦେଖେଇ ଆସ । ଯେଉଁମାନଙ୍କର ଟଙ୍କା ଅଭାବ ସେମାନେ ସିନା ଦବ ଦିବେ କିନ୍ତୁ ତମର କଣ ଅଭାବ ଅଛି କହିଲ ?

ମିସେସ୍ ମହାପାତ୍ର ହାତର ବ୍ଲାକଷ୍ଟୋନଟାଏ ପାଟିରେ ମୁହଁର ଝଙ୍କୃତ ସ୍ୱରରେ ପାଖ ଟେବଲରୁ ଗୁହାରି କହୁଥାନ୍ତି ତମାଳିନୀକୁ । ତାଙ୍କର ଫୁଲା ଗାଲରେ ରାଜଭୋଗଟା ପରି ଲୁହି ମସ ଫୁଲ ଫୁଟିଛି । ତମାଳିନୀ ବାଧ୍ୟ ହେଲା ହସିବାକୁ ଟିକିଏ । ତାର ସାମ୍ନାରେ ନବନ୍ଦୁ ଚାହିଁଛି ତାକୁ । ତମାଳିନୀ ଆଖି ନୁଆଁଇଲା । ତାର ସୁନ୍ଦର କାଶ୍ମୀର ସିଲକ୍ଟା ଉପରେ ଦି ଗୁଡ଼ି ଟୋପା ଲୁହଗୋଳା ଯଗ ଝରି ପଡ଼ିଲାଣି । ଉତ୍ତର ନ ଦେଇ ବ୍ୟସ୍ତ ହୋଇ ସେ ଶୀଘ୍ର ଟେପାଣ୍ଟିବାରେ ଲାଗିଗଲା ।

ମିଃ ମହାପାତ୍ରଙ୍କ ଜ୍ୟେଷ୍ଠ କନ୍ୟାର ବିବାହ ଉପଲକ୍ଷେ ଗାର୍ଡେନ୍‌ପାର୍ଟି । ସୁନ୍ଦର ଜହ୍ନ ପଡ଼ିଛି ଆକାଶରେ । ଝୁରୁ ଝୁରୁ ଦକ୍ଷିଣର ବାଉଳା ପବନ । ଚମତ୍କାର ପରିବେଶ ଭିତରେ ହଜାଇ ଦେଇଥିଲା ତମାଳିନୀ ନିଜକୁ । ତାର ଶୁଖିଲା ହାଡ଼ୁଆ ପଡ଼ିଲା ଗାଲରେ ସେ ଆଜି ବେଶୀ କରି ସ୍ନୋ ପାଉଡ଼ର ଘଷି ଦେଇଥିଲା । ସୁନ୍ଦର ଗହଣା ସୁନ୍ଦର ଶାଢ଼ୀରେ ସେ ନିଜକୁ ସଜାଇ ଦର୍ପଣ ଆଗରେ ଭାବିଥିଲା ଯେ ସେ ଦଶବର୍ଷ ତଳକୁ ଖସି ଯାଉଛି ଯେପରି ।

Digitized by PPRACHIN, SOA

କିନ୍ତୁ ଏ କଣ ହେଲା ? ମିସେସ୍ ମହାପାତ୍ରଙ୍କର ଏ ଅବାନ୍ତର ପ୍ରଶ୍ନ କରିବା କିଛି ଦରକାର ନଥିଲା ବୋଧେ ।

"ଆଜିକାଲିକାର ଫେସନ୍ ସେ । କେହିତ ମା ହେବାକୁ ଚାହାଁନ୍ତିନି ବୁଝିଲ ? ପିଲା-ଗୁଡ଼ାକ ଆଜିକାଲି ଭାରି ଅଡୁଆ ।" ମୁହଁ ଛୁଞ୍ଚାଡ଼ି ଉତ୍ତର ଦେଲେ ମିସେସ୍ ସେନାପତି ।

ଚାଉଁକିନା ଲାଗିଲା ଭିତରେ ତମାଳିନୀଙ୍କର । ଆଜି ସାତ ବର୍ଷ ପରେ ମନେ ହେଲା ତମାଳିନୀ ବୋଧେ କାନ୍ଦିବ । ଆଉ ସେ ଅଭିନୟ କରି ହସି ପାରିବନି । ଆଉ ସେ କାହାର ତାଚ୍ଛଲ୍ୟ ସହି ପାରିବନି । ରବୀନ୍ଦ୍ର ତାକୁ ଆଉ ଧରି ପାରିବନି । ତମାଳିନୀ ଏଣିକି ମୁଣ୍ଡ ଟେକିବ । କିନ୍ତୁ, କିନ୍ତୁ···ରବୀନ୍ଦ୍ର ଉପରେ ତାର ନଜର ପଡ଼ିଲା । ରବୀନ୍ଦ୍ର ମୁଣ୍ଡ ପୋତି ଖାଇବାରେ ଲାଗିଛି । ସେ ବି ଯେପରି ଏକ ନିକିଛ ଅଭିନୟ କରୁଛି ।

ଖାଇସାରି ତମାଳିନୀ ଉଠିଗଲା ବାହାରକୁ । ଅଧେ ଲୋକ ଟେବଲ ପାଖରୁ ଚାଲି ଗଲେଣି ଅଧେ ବସି ଖୁସି ଗପ କରୁଛନ୍ତି । ଫେରୁ ଫେରୁ ଆହୁରି ଘଣ୍ଟାଏ ବାକି । ଏକା ଆଗରୁ ଯାଇ ପାରିବନି ତମାଳିନୀ । ଲୋକେ କଣ କହିବେ ? ତାକୁ ଯିବାକୁ ହେବ ରବୀନ୍ଦ୍ର ସାଙ୍ଗରେ । ରବୀନ୍ଦ୍ର ହୁଏତ ବାଜିଏ ବ୍ରୀଜ ଖେଳିବ ତାପରେ ଯାଇଁ ଯିବ । ତମାଳିନୀ କେଉଁଠି ନିରୋଳାରେ ଟିକିଏ ବସି ପାରିଲେ ହେଲା । କାହା ସାଙ୍ଗରେ ବସି ଆଳାପ କରିବାର ଶକ୍ତି ତାର ଆଉ ନାହିଁ ।

ସେ ଆସ୍ତେ ଆସ୍ତେ ବଗିଚା ଆଡ଼କୁ ମୁହାଁଇଲା । ବଗିଚାର ଶେଷ ମୁଣ୍ଡରେ ମାଳତୀ-କୁଞ୍ଜ ପାଖରେ ଗୋଟାଏ ବେଞ୍ଚ ପଡ଼ିଛି । ସେକଥା ଜାଣେ ତମାଳିନୀ । ସେଇଠି ସେ ନିଶ୍ଚିନ୍ତରେ ଗୋଟାଏ ଘଣ୍ଟା ବସି ପାରିବ ।

ନିଜକୁ ଅଚାଡ଼ ଭାବରେ ବିଛାଇ ଦେଲା ତମାଳିନୀ ହେଇ ଗ୍ରେଟ ବେଞ୍ଚ ଉପରେ । ଝୁରୁଝୁରୁ ପବନ ବହୁଛି । ଆକାଶରେ ଚନ୍ଦ୍ର ଉଛୁଳା ହସ ହସୁଛନ୍ତି ଯେତେକ । ଗଛ ପତ୍ର ଦେଇ ଚାପିଲା ଆଲୋକ ଟିକିଏ ଟିକିଏ ପଡ଼ୁଛି ତମାଳିନୀ ଉପରେ । ସୁନ୍ଦର ଲାଗିଲା ତମାଳିନୀକୁ ଏ ପରିବେଶ । ଆଖିପତା ତାର ଆସ୍ତେ ଆସ୍ତେ ମୁଦି ହୋଇ ଆସୁଥିଲା ।

ଟିକିଏ ଗଲା । ଶୁଖିଲା ପତ୍ର ଉପରେ ଖସ୍ ଖସ୍ ପାଦ ଶବ୍ଦ । ଚପା ଚପା କଣ୍ଠ । କିଏ ? ଚମକି ପଡ଼ିଲା ତମାଳିନୀ । ଡରିବାର କିଛି ନାହିଁ । ଘର ଭିତରୁ ପାଟି ଶୁଭୁଛି । ମାଇକରୁ ଲତା ମଂଗେସଙ୍କ ମନ୍ଦ୍ର ମଧୁର ଗଳା ଛୁଟି ଆସୁଛି । ଲୋକ ଗହଳି, ହାଉ ଯାଉ ପାଟିଗୋଳ ଶୁଭୁଛି ।

Digitized by PPRACHIN, SOA

ଘୁଇ ନିଦଟା ହଠାତ୍ ଭାଙ୍ଗିଗଲା ତାଙ୍କର । ଫେର ସେଇ ଫୁସ୍ ଫୁସ୍ କଥା ଜଣେ ନାରୀ, ଜଣେ ପୁରୁଷ । ହସ ମାଡ଼ିଲା ତମାଳିନୀକୁ । କେହି ଦି'ଜଣ ନିଶ୍ଚୟ ନ ଆସିଛନ୍ତି ଦି'ପଦ ମନ ଖୋଲି କଥା ହେବା ପାଇଁ । ସେ ବୟସ ଗଲାଣି ତମାଳିନୀର କୌତୁହଳ ଦବିଗଲାଣି । ତମାଳିନୀର କଣ ଯାଏ ଆସେ । ଆଉ ସେ କାହିଁକି ସେମାନଙ୍କ କଥାରେ କାନ ଦେବ ?

ତମାଳିନୀ ପୁଣି ଆଖି ବୁଜିଲା । କିନ୍ତୁ ଏ କଣ ? ଚପା କଣ୍ଠ ପରିଷ୍କାର ଶୁଭୁଛି କାନ ନ ଦେଲେବି କାନରେ କଥା ବାଜୁଛି ଠାଇଁ ଠାଇଁ ।

"ପୁରବୀ ! କାହିଁକି ତମେ ବ୍ୟସ୍ତ ହେଉଛ ? କେହି ତମକୁ ଚିହ୍ନିବେନି । ଦଶବର୍ଷ ତଳର ପୁରବୀକୁ ଚିହ୍ନିବା କଣ ଏତେ ସହଜ । ଆଉ ରବୀନ୍ଦ୍ର । ସେ କୌଣସି ମତେ ପାରିବେନି ।" ପୁରୁଷ କଣ୍ଠର ମଧୁର ସାନ୍ତ୍ୱନା ।

ଚମକି ପଡ଼ିଲା ତମାଳିନୀ । ପୁରବୀ ? କେଉଁ ପୁରବୀ ଏ ? ପୁଣି ଦଶବର୍ଷ ତଳର କୌଣସି ଘଟଣା ସହିତ ଏ ସମ୍ପୃକ୍ତ ? ଇଏ ଆଉ ରବୀନ୍ଦ୍ରର ପୁରବୀ ନୁହେଁତ ? ଭୂତ ଦେଖିଲା ଭଳି ଚମକି ଉଠି ବସିଲା ତମାଳିନୀ ! ଛାତି ଭିତର ଧୁମ୍ ଧୁମ୍ ପଡୁଛି । କାଠ ପରି ସେ ବସି ରହିଲା କେବଳ । "ନାଁ ନାଁ ତମେ ଜାଣିନ ମୋଟେ । ରବୀନ୍ଦ୍ର ମତେ ଦେଖିଲା ମାତ୍ରେହିଁ ଚିହ୍ନି ପାରିବ । ତମେ ଜାଣିନ, ମୁଁ ତାକୁ ଦେଇଥିଲି ମହେଶ । ଜୀବନର ସମସ୍ତ ସ୍ନେହ ପ୍ରେମ, ମାୟା ମମତା ଦେଇ ସେ ମତେ ଭଲ ପାଇଥିଲେ । ଓଃ ! ସେ କି ଯନ୍ତ୍ରଣା । ନୂଆ ଖାଲି ଗଣ୍ଡଗୋଳ ବେଳେ ମୁଁ ଯେତେବେଳେ ପଥ ଘାଟ ରାସ୍ତା ଅରାସ୍ତା ବୁଲୁଥିଲି ସେତେବେଳେ ରବୀନ୍ଦ୍ର ହିଁ ମତେ ସ୍ଥାନ ଦେଇଥିଲା ମହେଶ । ଆଉ କେହି ମତେ ହାତ ବଢ଼େଇ ତୋଳି ଦେଇ ନଥିଲେ । ଜୀବନର ସବୁଠୁ ବଡ଼ ବିପଦ ସମୟରେ···

"ସେ ତାର କର୍ତ୍ତବ୍ୟ ମାତ୍ର ପୁରବୀ । ନଚେତ୍ ତୁମକୁ ଯଦି ସେ ଭଲ ପାଉଥାନ୍ତା ତାହେଲେ ସେ ପୁନର୍ବାର ବିବାହ କରି ନଥାନ୍ତା । ଏତେ ବୋକା ବୋଲି ତମେ ମୁଁ ଜାଣି ନଥିଲି ପୁରବୀ ।"

ମହେଶ ବୋଧେ ରାଗି ଯାଇଛି । ତମାଳିନୀ ତା କଣ୍ଠରୁ ପରିଷ୍କାର ବାରି ପାରୁଛି ।

ଟିକିଏ ନିସ୍ତବ୍ଧତା । ପରେ ଟୁପ୍ ଟାପ୍ ଶବ୍ଦ । ତମାଳିନୀ ଜୋରରେ ନିଶ୍ୱାସ ନେଉନି ହୁଏତ ସେ ଧରା ପଡ଼ିଯିବ ।

"ତୁମେ ଜାଣନି ମହେଶ । ଧର୍ମକୁ ସାକ୍ଷୀ ରଖି ସେ ମତେ ବିବାହ କରିଥିଲେ ।

Digitized by PPRACHIN, SOA

ଅବଶ୍ୟ ସେ ବିବାହରେ କେହି ସାକ୍ଷୀ ନଥିଲେ ଆମ ଦୁଇଜଣଙ୍କ ବ୍ୟତୀତ । ହୁଏତ ମତେ ନପାଇ ସେ ବିବାହ କରି ପାରିଥାନ୍ତି । କିନ୍ତୁ ମୁଁ ଜାଣେ ସେ ଏକ ପ୍ରହସନ ମାତ୍ର । ସେ କଦାପି···କଦାପି···।"

ପୁରବୀ ବ୍ୟସ୍ତ ହୋଇ ପଡ଼ୁଛି । କଣ୍ଠରେ ସେଇ ଆଦିମ ନାରୀର ବ୍ୟାକୁଳତା । ତମାଳିନୀର ସେଇ ମୁହୂର୍ତ୍ତରେ ମନେ ହେଲା ପୁରବୀ ରବୀନ୍ଦ୍ରକୁ କେତେ ଭଲ ପାଉଥିବ ନ ଜାଣେ ତା ଅପେକ୍ଷା ।

—ଶୀର ବିରକ୍ତ କଣ୍ଠ—

ଏ ସବୁ ମତେ ଭଲ ଲାଗୁନି ପୂରବୀ । ତାହେଲେ ତୁମେ ରବୀନ୍ଦ୍ରକୁ କହି ପାରିବ ଯେ ତୁମେ ତୁମର ସତୀତ୍ୱ ବଳାତ୍କୃତ ରଖିଛ ? ବିବାହ, ଧର୍ମ ସବୁର ସାକ୍ଷୀ ତମେ ଦେଇ ଖସିଯାଇ ପାର କିନ୍ତୁ ଆପଣାକୁ କି କୈଫିୟତ ତମେ ଦେବ ପୁରବୀ ।

ପୁରବୀର ଆଖିରୁ ନିଶ୍ଚୟ ଲୁହ ଝରି ପଡ଼ୁଥିବ ତମାଳିନୀ ଅନ୍ଦାଜ କରିନେଲା । ଝରି ଯାଇଛି କହୁଣୀକି ପାଣି ।

"କିନ୍ତୁ ମୁଁ ଜାଣେ ମହେଶ । ମୁଁ ଫେରିଗଲେ ସେ ଏବେ ବି ମତେ ଗ୍ରହଣ କରିବେ । ସେ ମାନବିକତା ତାଙ୍କର ଅଛି ମୁଁ ଜାଣେ ।"

ପୁରବୀର ଅହଂକାର ଗର୍ବ ତମାଳିନୀ ମନରେ ମୁଦ୍‌ଗର ପିଟୁଛି । କାନ ଦୁଇଟା ହାତ ଦେଇ ବନ୍ଦ କରିବାକୁ ତାର ମନ ହେଲା ।

"ଓଃ ! ସେଇଥିପାଇଁ ତାହେଲେ ଦୀର୍ଘ ଦଶବର୍ଷ ଧରି ତମେ ମତେ ବୁଲାଉଛ ଦେଶ ଦେଶାନ୍ତର ବଣ ଜଙ୍ଗଲ ନଦୀ ପର୍ବତ ଧାର ।··ଏଇ ରବୀନ୍ଦ୍ରର ଅନ୍ୱେଷଣରେ ତା ହେଲେ, କିନ୍ତୁ ପୁରବୀ ତମେ ରବୀନ୍ଦ୍ରକୁ ଶାନ୍ତି ଦେଇ ପାରିବନି, ଦେଇ ପାରିବନି କଦାପି । ତାର ସୁଖର ସଂସାର ଜାଳି ଦେବାରେ ତମର କି ଅଧିକାର ଅଛି କହି ପାରିବ ତମେ ? ମୁଁ ଜାଣେ ରବୀନ୍ଦ୍ର ଗୋଟାଏ ଦୁର୍ବଳ ଭଣ୍ଡ ତପସ୍ୱୀ, ତାର ହୃଦୟ ଆସିବ କେଉଁଠୁ ପୁରବୀ । କିନ୍ତୁ ମଣିଷର ହୃଦୟ ନେଇ ଚଳେଇ ଦେଖିବ ଠିକଏ ପୁରବୀ, ରବୀନ୍ଦ୍ର ଯଦି ତମକୁ ଗ୍ରହଣ କରେ ତାହେଲେ ତା ସ୍ତ୍ରୀର ଅବସ୍ଥା କଣ ହେବ ? ଯାହା ପାଇଛୁ ତାହା ଯାଉ ପୁରବୀ । ଅତୀତକୁ ଭୁଲି ଯାଇ ତମେ ଭବିଷ୍ୟତକୁ ଅନାଅ ।"

Digitized by PPRACHIN, SOA

ତମାଳିନୀର ମନ ହେଲା ସେ ହସନ୍ତା । ପୁରବୀ ଫେରି ଆସିଲେ ତାର କାନ୍ଧରୁ ଭୂତ ଯେ ଓହ୍ଲାଇ ଯିବ ଏ କଥା କାହୁଁ ଜାଣିବ ମହେଶ । ନାରୀ ଜାତିର ଇତିହାସରେ ବହୁତ ଆଗୁ ସେ ଯେ ସତ୍ତରୁଣୀର ପଥକୁ ଗ୍ରହି ନୟନ୍ତି ଏକଥା କିଏ କଣ ବିଶ୍ୱାସ କରିବ । ଫେର୍ ତାର ଚିନ୍ତାରେ ବାଧା ପଡ଼ିଲା ପୁରବୀର ବ୍ୟାକୁଳ କଣ୍ଠର ଅନୁନୟସ୍ୱରେ—

"କ୍ଷମାକର ମତେ ମହେଶ ! ତମେ ଫେରିଯାଅ । ମୁଁ ତମ ପାଖରେ କହୁଚ୍ଛି । ମୁଁ ଚିର କୃତଜ୍ଞ, ହେଲେ ବି ମୁଁ ପାରିବିନି । ରବୀନ୍ଦ୍ର ମତେ ଦୁର୍ବଳ କରି ଦେଇଛନ୍ତି ସେ ମତେ ଗ୍ରହଣ ନକରିଲେ ମୁଁ···ମୁଁ···।"

"ଏତେ ଯଦି ତମର ରବୀନ୍ଦ୍ର ପ୍ରତି ମମତା ଥିଲା ତାହେଲେ ତମେ ସେଇ ଝଡ଼ ରାତିରେ ମୋ ସାଥିରେ ପଳାଇ ଆସିଥିଲ କାହିଁକି ? ମୁସଲମାନ ଡାକୁଙ୍କର ଛୁରାମାଡ଼ରେ ରବୀନ୍ଦ୍ର ଯେତେବେଳେ ବିକ୍ଷତ ହୋଇ ସଂଜ୍ଞାଶୂନ୍ୟ ହୋଇ ପଡ଼ିଥିଲା ସେତେବେଳେ ତୁମେ କଣ କରିଥିଲ ପୁରବୀ ? ନିଜ ଜୀବନର ଢଳ ଢଳ ରକ୍ତ ଦେଇ ଯେ ତୁମକୁ ରକ୍ଷା କଲା ତୁମେ ତାର ବିପଦ ବେଳେ ତାକୁ ଛାଡ଼ି ଦେଇ ଆସିଥିଲ ଧାଇଁ ମୋରି ପାଖକୁ । ମନେ ନାହିଁ କଣ କହୁଥିଲ ଆସି ? ଏବେବି ମୋର ମନେ ଅଛି ତୁମ ଭାଷାରେ ରବୀନ୍ଦ୍ରର କୁଳବଧୂ ସେଦିନ ମତେ କହୁଥିଲା 'ଚାଲ ମହେଶ ପଳାଇବା, ରବୀନ୍ଦ୍ରକୁ ସେମାନେ ମାରି ଦେଇଛନ୍ତି" ଏଇଆନା ? ମୋର ତୁମ ପ୍ରତି ଏକ ଦୁର୍ବଳତାର ଖୁବ୍ ସଦ୍‌ବ୍ୟବହାର କଲ ତମେ ? କାହିଁକି, କାହିଁକି ସେଦିନ ତମେ ସେହି ଆହତ ରବୀନ୍ଦ୍ର ପାଖରେ ବନ୍ଧୁ ସ୍ତ୍ରୀର ଗୌରବ ନେଇ ରବୀନ୍ଦ୍ର ଉଜଣ ବସି ରହିଲନି ପୁରବୀ ? କାହିଁକି ତମରି ପାଇଁ ଘରର ସ୍ତ୍ରୀ ପୁତ୍ର ପିତା ମାତା ସମସ୍ତ ଛାଡ଼ି ଦେଇ ମୁଁ ଆଜି ଦେଶହରା । ମୋର ଆଜି ସବୁ ଥାଇ ମଧ୍ୟ କିଛି ନଥିଲା ପରି ସର୍ବହରା, ଛଦ୍ମବେଶୀ ହୋଇ ବୁଲୁଛି । ତମକୁ ଏହାର ଜବାବ ଦବାକୁହିଁ ହେବ । ଦିଅ ଜବାବ ଦିଅ ପୁରବୀ ।

ତମାଳିନୀର ହାଲୁଆ ନିଦ ଭାଙ୍ଗି ଗଲାଣି ସେତେବେଳକୁ । ସେ ଯେପରି ଏକ ସ୍ୱପ୍ନ-ରାଜ୍ୟରେ । କଣ କହିବ ସେ ଭାବିପାରୁନି । ଯେଉଁ ପୁରବୀ ଓ ତାର ଇତିହାସ ଘନ କୁହେଳିର ଆବରଣ ଭିତରେ ଲୁଚି ରହିଥିଲା, ସେ ବର୍ତ୍ତମାନ ତା ଆଗରେ ଉଦ୍‌ଭାସିତ ହୋଇ ଉଠିଛନ୍ତି ସୂର୍ଯ୍ୟର ସମସ୍ତ ଆଲୋକ ବହନ କରି । ସେ ପ୍ରଭାରେ ତମାଳିନୀ ଅନ୍ଧ ହୋଇ ଯିବନିତ । ମହେଶ ଦରକାର ପଡ଼ିଲେ ନିଷ୍ଠୁର ଦୁର୍ବୃତ୍ତଙ୍କୁ ହତ୍ୟା କରିବାକୁ ବି ପଛାଇବ ନାହିଁ । କିନ୍ତୁ ନାଁ ନାଁ ତା ସେ କରିବାକୁ ଦେବନି । ଏ ଅଭିନୟର ବୋଝ ସହି ତମାଳିନୀ କ୍ଳାନ୍ତ । ପୁରବୀକୁ ଏ ବୋଝ ଦେଇ ସେ ହେବ ନିଶ୍ଚିନ୍ତ । ରବୀନ୍ଦ୍ର ସକାଳେ କହୁଥିଲା, କାହିଁ କାହିଁ ଯାଗାରୁ ପ୍ରକାର ପ୍ରକାର ଲୋକ ଦର୍ଶନପ୍ରାର୍ଥୀ ହୋଇ ଆସୁଛନ୍ତି । ମି: ମହାପାତ୍ର ସତ କହୁଥିଲେ । ଏମିତି ବାହାଘର କରିବେ ଯେ ତାଙ୍କ ପରି

Digitized by PPRACHIN, SOA

ଆଉ କେହି ଅତୀତରେ କରିନଥିଲେ କି ଭବିଷ୍ୟତରେ କରିବେ ନାହିଁ । ରବୀନ୍ଦ୍ର କଣ ପୂରବୀ ଆସିବ ବୋଲି ଜାଣିଥିଲା ? ପୁନଶ୍ଚ ପୂରବୀର କଣ୍ଠସ୍ୱର ଚିନ୍ତାରେ ବ୍ୟାଘାତ ଆଣିଲା ।

"ମୁଁ ଜିନିଷର ଉତ୍ତର ଦେଇ ପାରିବନି ମହେଶ ! କେବଳ ମୁଁ ଏତିକି ଜାଣେ ମୁଁ ଫେରିଗଲେ ସେ ମତେ ଗ୍ରହଣ କରିବେ" ।

ତମାଳିନୀ ସ୍ତବ୍ଧ ହେଲା ସେଇ ମାଳତୀ କୁଞ୍ଜର ଘନନିବିଡ଼ ଗୁଳ୍ମତଳେ । କେତେଭଲ କରି ନ ଜାଣି ରବୀନ୍ଦ୍ର ପୂରବୀକୁ ଅଥଚ ସାତବର୍ଷ ଘରଦ୍ୱାର ଆବୁରି ପାଖାପାଖି ରହିବ ସେ ଦିନେ ଏ ମାସ ତାକୁ ଜାଣିବାର କି ଚିହ୍ନିବାର ସୁଯୋଗ ପାଇନି । ହିଂସା କରିବ କି ପୂରବୀକୁ । କିନ୍ତୁ କାହିଁକି ଅଭିନେତ୍ରୀ ଜୀବନରେ ହିଂସାର ସ୍ଥାନକାହିଁ ? "ଅସମ୍ଭବ ପୂରବୀ ଅସମ୍ଭବ । ମହେଶ ମିଶ୍ର ତାର ଇପ୍ସିତ ବସ୍ତୁକୁ ପାଇବାପାଇଁ ହେଲେ କାହାକୁ ଜୀବନ ପଥରୁ ହଟାଇ ଦେବାପାଇଁ ବିମୁଖ ହେବନାହିଁ । ଏକଥା ତୁମର ଜାଣିରଖିବା ଉଚିତ୍ କେବେ କେବେ କି କୌଶଳେ ସେ କୌଣସି ପ୍ରକାରେ ମୁଁ ମୋର ଇପ୍ସିତ ବସ୍ତୁକୁ ଜୀବନ୍ତ ନହେଲେ ମୃତ ଅବସ୍ଥାରେ ମଧ୍ୟ କବ୍ଜାଗତ କରି ରଖିବି । ହେଇଦେଖନ୍ତୁ ପୂରବୀ ମୋ ହାତକୁ ଅନାଅ ତୁମର ତାଜା ରକ୍ତରେ ମୋର ପିସ୍ତଲ ଥରେ ସ୍ନାନ ନ କଲେ ତାର ସାର୍ଥକତା ଆସିବ କେଉଁଠୁ ?"

ଚମକି ପଡ଼ିଲା ତମାଳିନୀ । ଏ କୁଞ୍ଜରେ ବସିଲେ ସେ ପାଖ କୁଞ୍ଜରେ ସମସ୍ତ କଥା ଶୁଣାଯିବ । ଚେଷ୍ଟାକଲେ ଦେଖାବି ଯିବ କିଛି କିଛି । ସେଇକ୍ଷୀଣ ଜହ୍ନ ଆଲୋକରେ ପତ୍ର ଗହଳି ଦେଇ ତମାଳିନୀ ପରିଷ୍କାର ଦେଖି ପାରିଲା । ମହେଶ ହାତରେ ଚକ୍‌ଚକ୍ କରୁଥିବା ଗୋଟାଏ ପିସ୍ତଲକୁ । ଆଖିତାର ଦୃଷ୍ଟିଶକ୍ତି ହରାଇ ବସିବ ବୋଧେ । ତାର-ମନ ହେଲା ସେ ବଡ଼ ପାଟିକରି ରବୀନ୍ଦ୍ରକୁ ଡାକିବ । କିନ୍ତୁ ଏ କଣ ? ଦୁଇ ଓଷ୍ଠଧାର ତାର ନିଜର ଅଧରରେ ଗୁମ୍ଫିତହୋଇ ରହିଛି । ତଣ୍ଟି ଶୁଖି ଗଲାଣି ତଥାପି ଓଠ ଖୋଲୁନି-ମୋଟେ । ତମାଳିନୀ ପାଦକୁ ସିଆଜରେ ମଧ୍ୟ ପାରୁଥରୁଛି ଓଠ ଚୁପ ପଡ଼ିଯାଇଛି । ସେ କିଛି କରି ପାରିବନି । ତାର ଆଖି ଆଗରେ ଏତେବଡ଼ କାଣ୍ଡ ଘଟିଯିବ ସେ ସମ୍ଭାଳି ପାରିବନି ! ପୂରବୀକୁ ରକ୍ଷାକରି ସେ କି ଯଶ ପାଇବ ? ପୂରବୀ ମରୁ ପୂରବୀକୁ ରକ୍ଷାକରି ତାର ଆଦୌ ଲାଭନାହିଁ । ପୂରବୀ ପାଇଁ ତାର ସମସ୍ତ ଜୀବନର ତପସ୍ୟା ସାଧନା ସ୍ନେହ ସମ୍ଭୋଗ ସବୁ କିଛି ସେ ଦିନ ମରୀଚ ହୋଇ ଯାଇଛି । କାହିଁକି ସେ ତାକୁ ବଂଚାଇବାକୁ ଯିବ । ଅଭିମାନବିଜୟିତାର ଦ୍ୱନ୍ଦ୍ୱଦେଇ କାହିଁକି ସେ ପୂରବୀର ଜୀବନ ଧାରଣରେ ସୁଖ ଅମୃତ ଦେଇଯିବ ? ଜୀବନସାରା ଅଭିନୟ କରି, କରି କଟିଗଲା ଆଉ ଆଜି ତାର ଅଭିନୟ ନ କରି ଦର୍ଶକହେବା ଉଚିତ୍ ।

Digitized by PPRACHIN, SOA

"ମହେଶ୍ ମହେଶ୍ ! ତମେ ଫେରଯାଅ ଘରକୁ ଘରେ ତମର ସ୍ତ୍ରୀପୁତ୍ର ସମସ୍ତେ ଅପେକ୍ଷା କରିଛନ୍ତି ····················· ଫେରଯାଅ" ବିକୃତ ବିକଳ କଣ୍ଠ ପୂରବୀର ସେ ଯେପରି ବର୍ତ୍ତମାନ୍ ଭାଂଗି ରୁଜି ଚୂର୍ଣ୍ଣ ବିଚୂର୍ଣ୍ଣ ହୋଇଯିବ ।

ଆଉ ତମେ ? ତମେ କୁଆଡ଼େ ଯିବ ପୂରବୀ ? ଭାବିଛ ତମକୁ ଅପେକ୍ଷା ରଖିଛି ରବୀନ୍ଦ୍ରର କୁଟୀର । ମତେ ଜାଳି ଫୁଙ୍କି ଅନ୍ୟ ଜଣକୁ ଜାଳି ତମେ କଣ ଲଭ ପାଇବ ପୂରବୀ ? ତାଠୁ ତଳେଇ କରି ଦେଖ ତମର ମୃତ୍ୟୁ କୋଟି ସହସ୍ର ଗୁଣରେ ଭଲ ନୁହେଁ । ପୃଥିବୀର ଅଶାନ୍ତି ଦୂରୀକରଣ ପାଇଁ ? ପ୍ରସ୍ତୁତ ହୁଅ ପୂରବୀ । ଆଉ ଅଧିକା ପ୍ରାଣ ଓ ସଂସାର ଜାଳିବା ପାଇଁ ମୁଁ ତମକୁ ଅନୁମତି ଦେଇ ନ ପାରେ । ପ୍ରସ୍ତୁତ ହୁଅ ପୂରବୀ । ଶୀଘ୍ର ମତେ କାମ ସାରି ଯିବାକୁ ହେବ । ଘରେ ହୁଏତ ମୋ ସ୍ତ୍ରୀ ମତେ ଅପେକ୍ଷା କରି ଥିବ । ହୁଁ—ଏକ···ଦୁଇ··· ।

ତମାଳିନୀର ରକ୍ତସ୍ରୋତ ଜମାଟ ବାନ୍ଧି ଆସୁଛି । ସେ ପାଟି ଫିଟେଇ ପାରୁନି । କିଏ ଯେମିତି ଦଉଡ଼ିଟାରେ ତାକୁ ବାନ୍ଧି ଥୋଇଛି ସେଇଠି । ତାର ଜ୍ଞାନ ଲୋପ ପାଇ-ଯିବ ଯେପରି । ଗୋଡ ପାଖରେ ଏଇଟା କଣ । ମସ୍ତ ପଥର ଢେଲାଟାଏ ଗୋଜିଆ ହୋଇ । ତମାଳିନୀ ନଇଁ ପଡ଼ିଲା ବେଞ୍ଚ ତଳକୁ । ଢେଲାଟା କି ଶକ୍ତ କି ଓଜନ ଲାଗୁଛି । ଟେକି ପାରୁନି ସେ । ଏଇ ଢେଲାଟା ଯଦି ବାଜେ ମହେଶ ଦେହରେ ତେବେ ସବୁ ଶେଷ ହୋଇଯିବ । ଅଃ ! ଚମତ୍କାର ହେବ ଏକା । ହେଇ, ହେଇ ଠିକ ଗୁଳି ବାହାରିବ । ରକ୍ଷା ନାହିଁ ଏଇ ମୁହୂର୍ତ୍ତରେ ଢେଲାଟା ପକାଇ ନପାରିଲେ ପୂରବୀର ତାଜା ରକ୍ତରେ ପୃଥିବୀ ରକ୍ତାକ୍ତ ହୋଇ ଉଠିବ । ତମାଳିନୀ ଉଠି ଢେଲାଟା କୌଣସି ମତେ ଲକ୍ଷ୍ୟ କରି ଫିଙ୍ଗିଲା । କିନ୍ତୁ ବନ୍ଧୁକର ଗୁଳିଟା ବି ବାହାରି ଆସିଛି ସେତିକି-ବେଳକୁ ଶବ୍ଦ କରି । ଗୋଟାଏ ଆର୍ତ୍ତ ଚିତ୍କାର—ତାପରେ ଆଉ ଜଣକର କାକଟାଳ ସ୍ୱର । ଧସ୍ତା ଧସ୍ତି । ଦଉଡ଼ା ଦଉଡ଼ି । ସୁ ସୁ ପବନ କାନବାଟେ ଭୁଁ ଭୁଁ କରୁଛି । ତମାଳିନୀ ଗଛ କାଟିଲା ପରି ତଳେ କଚାଡ଼ି ହୋଇ ପଡ଼ିଲା ··· ··· ।

\+ \+ \+

ତମାଳିନୀ ଆଖି ଖୋଲିଲା । ଯେପରି ଏକ ନିସ୍ତବ୍ଧତା ତାର ଚତୁର୍ଦ୍ଦିଗରେ । କେଉଁଠି କେଉଁଠି ସେ । ମୁଣ୍ଡଟା ଘୋଡ଼ି ଯାଉଛି ଭିତରେ । ସେ କେଉଁଠି ? କିଛି ଖିଆଲ କରି ପାରୁନି । କାନ ପାଖରେ ସେଇ ହଟ୍ଟଗୋଲ ଚିତ୍କାର ଏବେବି ଜୀବନ୍ତ । ବନ୍ଧୁକର ସେଇ ମର୍ମବିଦାରୀ ଶବ୍ଦ । ଏବେବି କଣ ହୋଇ ଯାଉଛି ତାର ତଣ୍ଟି ।

Digitized by PPRACHIN, SOA

ସେ କେଉଁଠି । କେଉଁଠି ଥିଲା ସେ । କେଉଁଠିକି ଆସିଛି । ମହେଶ କାହିଁ ? ପୂରବୀର କଣ ହେଲା । କିଏ ଏ ? ଚେୟାର ଉପରେ ଆଖି ବୁଜି ଢୁଲୋଉଛି । ଯୋବ ଫରଫର ସଫେଦ ଚେହେରା । ହାତରେ କିଛି ନାହିଁ । କିଏ ଏ ? କେଉଁଠି ଦେଖିଛି ସେ ତାକୁ । ତମାଳିନୀ ଭୂତ ଦେଖିଲା ପରି ଚିତ୍କାର କରି ଉଠିଲା—

"ନାଁ ନାଁ ମୁଁ ଆଉ ପାରିବିନି । ଅଭିନୟ ମୁଁ କରି ପାରିବିନି । ପୂରବୀ ପୂରବୀ ଆସିଛି ରବୀନ୍ଦ୍ର । ଏଇଥର ତମେ ମତେ ଛାଡ଼ିଦିଅ ।"

"ହଁ ହଁ ଏଇଠି ମୁଁ । ଏଇଠି ମୁଁ । ତମେ ମତେ ଚାହିଁ ଦେଖ । ମୁଁ ପୂରବୀ ଆସିଛି—ତମ ପାଖରେ ବସିଛି ହେଇ ଯେ । ଦେଖ । ଆଖି ଖୋଲ ।"

ତମାଳିନୀ ଆଖି ଖୋଲିଲା ଭୟରେ । ଚେୟାର ଉପରୁ ଘୂମନ୍ତ ନାରୀମୂର୍ତ୍ତି ଉଠି ଆସିଛି ତା ପାଖୁ । ତା ଉପରେ ଆଉଜି ପଡ଼ି ସେ ସୋହାଗ ବୋଲା କଣ୍ଠରେ କହୁଛି ସେ ଆସିଛି ବୋଲି । ତାର ଆସିବାକୁ ଯେପରି ତମାଳିନୀ ଅନେଇ ବସିଥିଲା । ଯେପରି ସେ ଶଂଖ ଧରି ବନ୍ଦାପନା ଆଳି ଧରି ବସିଛି ତାର ପଥ ଚାହିଁ । ପୂରବୀ ତା ଉପରେ ନଇଁପଡ଼ି ତା ମୁଣ୍ଡ ସାଉଁଳୁଛି । ତମାଳିନୀ କଣ କହିବ ହୋଇ ଅଟକି ଗଲା । ଓଠ ଯେପରି ଫେର ଅଠା ହୋଇଗଲାଣି ।

"ତମେ କିଛି କହନା ତମାଳିନୀ । ଡାକ୍ତର କଥା କହିବାକୁ ମନା କରିଛନ୍ତି ।" ପୂରବୀର କଣ୍ଠରେ ଶାସନ ନାଁ ପ୍ରହସନ ।

ତମାଳିନୀ ନିରେଖି ଦେଖିଲା ପୂରବୀକୁ । ଏହାରି ପାଇଁ ରବୀନ୍ଦ୍ର ଉଜାଗର ଜୀବନ ବିତେଇଛି । ସେ ନିଜେ ସାତ ବର୍ଷ କାଳ ପୂରବୀ ପାଇଁ ଅଭିନୟ କରି ସ୍ବର୍ଣ୍ଣପଦକ ପାଇଛି । କିଏ ଏ ? ଆସିଲା ଯଦି ଏତେ ଡେରି କରି ଆସିଲା କାହିଁକି ? ପୂରବୀର ଏଇ ଶାନ୍ତ ଢଳ ଢଳ କମନୀୟ ମୁହଁ ଏଥିରେ କଣ କ୍ଷତ ଆଇପାରେ । ଏତେ ସୁନ୍ଦର ଆଖି । ସେ ଆଖିରେ କଣ ଅଗ୍ନି ଆଇପାରେ । ନଇଁ ପଡ଼ିଥିବା ପୂରବୀର ମୁହଁକୁ ଦୁ' ହାତ ପାପୁଲିରେ ଚୁପି ଧରିଲା ତମାଳିନୀ । ଆଖିରେ ତାର ଲୁହ—

"ତୁ ଆସିଲୁ ପୂରବୀ । ଏତେ ନିଷ୍ଠୁର ନାଁ ତୁ ? ଚାହିଁ ଚାହିଁ ମୋର ଆଖିରୁ ପାଣି ମଲାଣି । ତୁ ଆସିବୁ ବୋଲି ମୁଁ ତୋ ଯାଗା ଏତେଦିନ ମାଡ଼ି ବସିଥିଲି । ଚାହିଁ ବସିଥିଲି ତୋର ଫେରିବା ବାଟକୁ । ଏଣିକି ମୋର ମୁକ୍ତି ପୂରବୀ । ଚିର ମୁକ୍ତି !"

Digitized by PPRACHIN, SOA

ତମାଳନୀ କାନ୍ଦି ଉଠିଲା ବିକଳ ଭାବରେ । ଦୀର୍ଘ ଜୀବନର ଅଶାନ୍ତ କୋହ ଲୁହ ସବୁ ତାର ଗଣ୍ଡ ଦେଶ ଦେଇ ଝରି ପଡ଼ୁଛି ।

"ଆଉ କିଛି ନାହିଁ ତମାଳନୀ । ସବୁ ନିଃଶେଷ । ସବୁ ରାସ୍ତା ପରିଷ୍କାର । କେହି କାହାକୁ ବାଧା ଦେବାକୁ ନାହିଁ । କେହି କାହାକୁ ଧରି ରଖିବାକୁ ନାହିଁ । ଏଣିକି ସମସ୍ତ ବାଧା ନିଶୂନ । ମୁକ୍ତ ତମର ମୁକ୍ତ । ମୋର ବି ମୁକ୍ତ ।"

ପୁରବୀ ଯେପରି ତା ସହିତ ତାଳ ଦେଇ କାନ୍ଦୁଛି । ଏଁ ? ଏ କଣ କହୁଛୁ ତୁ ପୁରବୀ । ମୁକ୍ତ କାହାର ? ମୁକ୍ତ କେବଳ ଏକୁଟିଆ ମୋର । ତୁ ଅସହ୍ବଣୀ ସେଥିରେ ଭାଗ ନେଇ ପାରିବୁନି କଦାପି । ସଉତୁଣୀର ବାଦ ମୁଁ କାଢ଼ିବି ନେ । ଏତେଦିନ ଧରି ପରା ଏକୁଟିଆ ନିଂସଙ୍ଗ ଥିଲି ··· ··· ।

"ଆଉ କିଛି ନାହିଁ । ଆଉ କିଛି ନାହିଁ ତମାଳନୀ ବାଦ ହିଂସା ସ୍ନେହ ପ୍ରେମ ଦେଖେଇବାକୁ ଦବାକୁ କିଛି ନାହିଁ । ମହେଶର ଗୁଳି ବ୍ୟର୍ଥ ହୋଇନି କି ତୁମର ପଥର ଢେଲା ମାଡ଼ ବି ଲକ୍ଷ୍ୟ ଭ୍ରଷ୍ଟ ହୋଇନି । ଦୀର୍ଘ ଦୁଇ ଦିନ ଧରି ତମେ ଏଠି ଶୋଇ, ଶୋଇ ପ୍ରଳାପ କରୁଛ ଆଉ ସେଇଥିରୁ ମୁଁ ସବୁ ସାଉଁଟି ନେଇଛି ତମର ଅତୀତ ଜୀବନର ଧାରା । କିନ୍ତୁ, କିନ୍ତୁ ଯଦି ତମର ମତେ ବଞ୍ଚେଇ ରଖିବାକୁ ଇଚ୍ଛା ଥିଲା ତେବେ ତୁମେ ଏତେ ଡେରି କଲ କାହିଁକି ତମାଳନୀ ? ଟିକିଏ ମୁହୂର୍ତ୍ତେ ଆଗରୁ ଯଦି ଢେଲାଟା ପକାଇଥାନ୍ତ ତାହେଲେ ··· ··· ?

'କହ ଶୀଘ୍ର ପୁରବୀ--ଶୀଘ୍ର କହ । ସାରା ଜୀବନ ଅପେକ୍ଷା କରି କରି ମୁଁ ବଡ଼ କ୍ଳାନ୍ତ ଝୁଙ୍କାଇ ଦେଉଛି ତମାଳନୀ ତାକୁ ।

"କଣ ଶୁଣିବ । ତୁମର ଢେଲାଟା ବାଜିଲା ପୂର୍ବରୁ ମହେଶର ବନ୍ଧୁକରୁ ଗୁଳିଟା ବାହାରି ଆସିଥିଲା । ଆଉ କଣେ ତାକୁ ଖର ବେଗରେ ଧାଇଁ ଆସି ଛାତିରେ ତୋଳିନେଲା ଜୟମାଲ୍ୟ ପରି । ମୁଁ ହତଭାଗୀ ପାଶିଲିନି ମରି ତମାଳନୀ । ତୁମର ସମସ୍ତ ତପସ୍ୟା, ମୋର ସମସ୍ତ ସାଧନା ବ୍ୟର୍ଥ ହୋଇଛି । ସମସ୍ତଙ୍କୁ ପରାଜୟ କରି ··· ··· ।" ପୁରବୀ କାନ୍ଦୁଛି କଇଁ କଇଁ ।

ତମାଳନୀ କିଛି ଶୁଣୁ ନ ଥିଲା ଆଉ । କିଏ, କିଏ ସେ ଜଣକ । ଯେ ଖର ବେଗରେ

Digitized by PPRACHIN, SOA

ଖାଇଁ ଆସି ପକାଇ ଦେଲି ଆପଣାର ଗ୍ରୁଢ ପୂରବୀ ପାଇଁ । ତମାଳିନୀ ଅଯାତ ମନେ କଲା ନିଜକୁ । ଅଭିନୟ ତାର ବ୍ୟର୍ଥ ହୋଇଛି ।

ଲୁହ ପୋଛି ପୁଣି ଆରମ୍ଭ କଲା ପୂରବୀ । ନ କହି ତାର ବାଟ·କାହିଁ ଅଛି ।

"ସେ ବୋଧେ କେଉଁଠି ଥିଲେ ପାଖରେ ନୃତ କର । ଯେମିତି ତୁମେ ନୃତ କରି-ଥିଲ ସେଇ ମାଳତୀ କୁଞ୍ଜ ଆଢୁଆଳରେ । ଜୀବନସାରା ବହୁତ ତାଙ୍କୁ ମୁଁ ନିର୍ଯ୍ୟାତନା ଦେଇଛି । ତିଳ ତିଳ କରି ତାଙ୍କର ପ୍ରାଣର ଉଚ୍ଛ୍ୱାସକୁ ମୁଁ ଶୋଷି ନେଇଛି ସବୁ ତମାଳିନୀ । ବଂଚିବାର ମୋହ ଆଉ ତାଙ୍କର ନଥିଲା । ସେ ଆଉ ସହି ପାରିଲାନି । ମହେଶ ସହିତ ମୋର ସମସ୍ତ କଥାବାର୍ତ୍ତା ସେ ଶୁଣିଛନ୍ତି । ତାପରେ କି ଆଉ ବଂଚି ରହିବାର ଆବଶ୍ୟକତା ସେ ଉପଲବ୍ଧି କରି ପାରିଥାନ୍ତେ । ମହେଶର ଗୁଳିରେ ସେ ସେଇଠି ତଳେ ପଡ଼ିଲେ ମତେ ଆଢୁଆଳରେ ରଖି । ଆଜି ତୁମର ପଥର ଢେଲରେ ମହେଶର ମୁଣ୍ଡ ଫାଟି ଝର ଝର ରକ୍ତ ଝରି ପଡ଼ିଲା । ସେ କିନ୍ତୁ ମରିନି । ହସ୍ପିଟାଲରେ ମୃତ୍ୟୁ ସହିତ ସେ ଲଢ଼େଇ କରୁଛି । କିନ୍ତୁ ହୁଏତ ସେ ବଂଚିବନି ତମାଳିନୀ । ବଂଚିଲେ ବି ଡାକ୍ତର କହନ୍ତି ତାର ମସ୍ତିଷ୍କ ବିକୃତ ଘଟିବ । ଆଉ କଣ ରହିଲା ତମାଳିନୀ । ତମେ କହ—କିଏ କାହାକୁ ମୁକ୍ତି ଦେବ ? କିଏ ବା କାହାକୁ ଧରି ରଖିବ ? ଜୀବନର ପ୍ରଶ୍ନ ଯେଉଁଠି ନାହିଁ ମୁକ୍ତିର କଥା ଉଠୁଛି କାହିଁ ?"

ପୂରବୀ ଯେମିତି ତା ଗ୍ରୁଢ ଉପରେ ଲୋଟି ଲୋଟି କାନ୍ଦୁଛି ।

ତମାଳିନୀର ଦେହରୁ ଅସରାଏ ଝାଳ ବୋହିଗଲା । ଅଭିନେତ୍ରୀର ଅଭିନୟ ଶେଷ ପରେ ଗ୍ରୀନ ରୁମରେ କ୍ଳାନ୍ତ ଉପଶମ । କିନ୍ତୁ କାହିଁକି ? ଆଗାମୀ ରାତି ପାଇଁ ଆହୁରି ଚମତ୍କାର ଅଭିନୟ କରିବ ବୋଲି ? ଲୋକେ ଖୁବ ପ୍ରଶଂସା କରିବେ । ଯଶ କାଙ୍ଗାଳିନୀ ତମାଳିନୀ ସୁନାମ ଟିକିକ ମରିବ ଅଭିନୟର ବିଷ ପାନରେ । ନାଁଃ ! ଅଭିନୟର ବିଷ ସତ ବିଷ ନୁହେଁ । ସେ ମରି ପାରେନା । ଏଣିକି ଆଉ ଅଭିନୟ ନାହିଁ । ନିର୍ଟ ଧୂ ଧୂ ବାସ୍ତବ ଜୀବନ ଆରମ୍ଭ ହେବ ତାର । ଆଃ ସେଇ ବାସ୍ତବ ଜୀବନର ସ୍ପର୍ଶ ପାଇଁ ସେ କେତେ ଆକୁଳ ନ ଥିଲା । ତେଣୁ ରବୀନ୍ଦ୍ରର ମୃତ୍ୟୁରେ ତା ଆଖିରେ ଲୁହ ଆସିବ କେଉଁଠୁଁ ?

Digitized by PPRACHIN, SOA

ତାର ସମସ୍ତ ସତ୍ତ୍ୱ ବରଫ ପରି ଶୀତଳ ହୋଇଯାଇଛି । ମୁଣ୍ଡ ପୋଡ଼ିବା ବନ୍ଦ ହୋଇଗଲାଣି । ଜ୍ୱର ଓହ୍ଲାଇ ଗଲାଣି । ଅବିନଶ୍ୱର ପୋଷାକ ତାର ଖୋଲି ହୋଇ ଗଲାଣି । ଆଉ ସେ ବ୍ୟସ୍ତ ହେବ କାହିଁକି । ଉତ୍ତେଜନା କମି ଗଲାଣି । ତାପରେ ଯେଉଁ ନିସ୍ତରଙ୍ଗ ଭାବ ଆସେ ସେଇ ଭାବରେ ନିମଜ୍ଜି ରହିଛି ତମାଳିନୀ । ପୂରବୀଟା ସେମିତି କାନ୍ଦୁଛି ତା ଗ୍ରୁଡ ଉପରେ ଲୋଟି ଲୋଟି । ତମାଳିନୀ ତା ଅଳରା କେଶରେ ହାତ ବୁଲାଇ ଆଣିଲା ଥରେ । ଏଣିକି ଜୀବନ ଆରମ୍ଭ ହେବ ଯେ ।

Digitized by PPRACHIN, SOA

ସ୍ରଷ୍ଟା ଓ ସୃଷ୍ଟି

ସୁପ୍ରତୀକ ହସିଲେ ଧୀରେ । ବାଲ ସୂର୍ଯ୍ୟର ଶୀତଳ କିରଣ ବାତାୟନ ଦେଇ ପ୍ରବେଶ କରୁଛି ଆସ୍ତେ ଆସ୍ତେ । ପ୍ରଭାତ ପକ୍ଷୀର କୂଜନ ମିଳି ଗଲାଣି କର୍ମର କୋଳାହଳ ଭିତରେ । ଗତ ରାତ୍ରିର ସତେଜତା ଧୂସର ହୋଇଯିବ କ୍ରମଶଃ ଯେତେବେଳେ ଆଉ ଏକ ରାତ୍ରି ଆସିବ । କର୍ମର ବ୍ୟସ୍ତତା ଓ ଦାବୀ ଭିତରେ ଶିଳ୍ପୀର ତରଙ୍ଗାୟିତ ପ୍ରାଣ ହେବ ବେପଥୁ ! ଯାହା ସତ୍ୟ ନୁହେଁ ତାକୁ ସତ୍ୟ ଭାବି ଧାଇଁବ କି ସୃଜନମୟ କଳାକାର ହୃଦ୍ ଅନ୍ତର ? ସେଇଠି ସୃଷ୍ଟି ହୁଏ ଅଲଙ୍ଘନୀୟ ପ୍ରଭେଦ କଳାକାର ଓ କଳା, ଶିଳ୍ପୀ ଓ ଶିଳ୍ପ, କବି ଓ କବିତା ମଧ୍ୟରେ ।

ସ୍ୱର୍ଣ୍ଣ ରଶ୍ମି ଉପରୁ ଆଖି ତୋଳି ଅନାଇଲେ ସୁପ୍ରତୀକ । ଅନୁରାଧା ଶେଲୀର ଗଣ୍ଡରେ ଚୁମ୍ବନ ଦେଉଛି । ଶେଲୀର କପାଳ ଉପରେ ଗଣ୍ଡଦେଶ ପର୍ଯ୍ୟନ୍ତ ଲମ୍ବି ପଡ଼ିଛି ଏକ ରକ୍ତିମ ରିବନ୍‌ର ପ୍ରାନ୍ତ । ଛୋଟ ଛୋଟ ହସର ପାଖୁଡ଼ା ବାଂଟି ହୋଇ ପଡ଼ୁଛି

Digitized by PPRACHIN, SOA

ଘର ଭିତରେ । ରଶ୍ମି ରେଖା ପଶି ଯାଇ ଅନୁରାଧାର ଚିବୁକ ସ୍ପର୍ଶ କରୁଛି । ସୁପ୍ରତୀକ ବିହ୍ୱଳ ହୋଇ ଅନାଇଥିଲେ । ଚମ୍ପା କଢ଼ି ପରି ଆଙ୍ଗୁଠି ଗୁଡ଼ାକ ସେ ଶେଲୀର କପାଳ କେଶ ଓ ସମସ୍ତ ଶରୀରରେ ବୁଲାଇ ଆଣୁଛନ୍ତି । ଲୋଭନୀୟ ଅଥଚ ପ୍ରଶାନ୍ତକର ଚେହେରା ଅନୁରାଧାଙ୍କର । ସୃଷ୍ଟିର ଏକ ସାଧାରଣ ସୃଷ୍ଟି ସେ । ବର୍ଷା ଶୀତ ନିଦାଘରେ ସେ ଆତ୍ମହରା ହୁଅନ୍ତି । ଦୁଃଖ ଓ ବେଦନାରେ ହୁଅନ୍ତି ଅସଂଲଗ୍ନ । ହସି ହସି ଗଡନ୍ତି । କାନ୍ଦି କାନ୍ଦି ଝରନ୍ତି । ସୁପ୍ରତୀକ ଶିଳ୍ପୀ । ଉପରେ ସେ ପ୍ରଶାନ୍ତ । ଅନ୍ତରର ନିଭୃତ ଦେଶରେ ଅବିରାମ ଆନ୍ଦୋଳିତ କ୍ଷତ ବିକ୍ଷତ ।

ଅନୁରାଧା ଆଗ୍ରହରେ ଚୁମ୍ବା ଦେଲେ ଶେଲୀର ଗଣ୍ଡରେ । ଶେଲୀ ସୁପ୍ରତୀକଙ୍କ ଆଡ଼କୁ ଅନାଇ ହାତ ବଢ଼ାଇ ଗୁଲୁ ଗୁଲୁ କଣ କହୁଛି । ହୁଏତ ଆସିବାକୁ ଚାହେଁ ସେ ତାଙ୍କ ପାଖକୁ । ନିୟମ ଅନୁଯାୟୀ ଅନୁରାଧା ତାକୁ ଶେଯରୁ ଉଠାଇ ତେଣେ ନେଇଯିବା କଥା । ତାପରେ ଦିନ ସାରା ସେ ଖେଳି ବୁଲି ବାହାରେ ରହିବ । ରାତି ହେଲେ ଫେରି ସୁପ୍ରତୀକ ଓ ଅନୁରାଧାର ମଧ୍ୟସ୍ଥଳରେ ତାର କ୍ଷୁଦ୍ର ଆସନଟି ଗ୍ରହଣ କରିବ । କିନ୍ତୁ ଅନୁରାଧା ଆଜି ନିୟମ ପାଳନ କରୁନାହାନ୍ତି । କାରଣ ଶେଲୀର ଜନ୍ମ ଦିବସ ଆଜି । ସେଥିପାଇଁ ପ୍ରଭାତରୁ ସେ କୋଳାହଳ ରତ ।

ଶିଳ୍ପୀ ସୁପ୍ରତୀକ ଆଗ୍ରହରେ ହସିଲେ । ତାଙ୍କର ପ୍ରାଣ ତନ୍ତ୍ରୀରେ ହଠାତ ଏକ ତାର ଛିନ୍ନ-ହେଲା । ବେସୁରା-ହେଲା ସକାଳର ମନ୍ଦ୍ର-ମଧୁର ବାତାବରଣ । ତାଙ୍କର ସମ୍ମୁଖରେ ଟଙ୍ଗା ହୋଇଛି ପତ୍ନୀର ଫଟୋ । ବାର ବର୍ଷର କନ୍ୟା ତାଙ୍କର ପତ୍ନୀ । ଗତବର୍ଷ ଠିକ ଏଇ ମାସରେ ଯାର ମୃତ୍ୟୁ ହୋଇଛି । ହସ ହସ ଫଟୋଟି ତାର ସତେକି ସୁପ୍ରତୀକଙ୍କୁ ହାତ ବଢ଼ାଇ ଡାକୁଛି—

"ବାବା, ବାବା ।"

ହଠାତ୍ ସୁପ୍ରତୀକ କାହାର ବାହୁ ବନ୍ଧନର ସ୍ପର୍ଶରେ ଚମକି ପଡ଼ିଲେ । ପତ୍ନୀ ସ୍କୁଲରୁ ଫେରି ଖେଳି ପଢ଼ିଆରୁ ଫେରି ଏଇପରି ତାଙ୍କର ଗଳା ବେଷ୍ଟନ କରି ଧରେ । ତାର ଶାନ୍ତ ଢଳ ଢଳ ସୁନ୍ଦର କମନୀୟ ମୁଖଶ୍ରୀ ମନେ ପଡ଼ିଲେ. ସୁପ୍ରତୀକ ଯେପରି ଦିଗ-ହରା ହୁଅନ୍ତି ଶୋକରେ । ତାଙ୍କର ଆଖି କୋଣ ହେଲା ଉଦାସ । ଶେଲୀର ଶାନ୍ତ କୋମଳ ହାତ ତାଙ୍କର ଗଳା ବେଷ୍ଟନ କରିଛି ସତ କିନ୍ତୁ ତାର କ୍ଷୁଦ୍ର ହସ୍ତ ସମୁଦାୟ ଗଳାକୁ ସ୍ପର୍ଶ କରି ପାରୁନି । କି ପତ୍ନୀର ବାବା ଡ଼ାକ ପରି ତାର ଡାକରେ ଏତେ ପ୍ରାଣ ପ୍ରାଚୁର୍ଯ୍ୟ କାହିଁ ?

Digitized by PPRACHIN, SOA

ତଥାପି ସେ ଆଜି ଦିବସର ଧାରାବାହିକତା ବନ୍ଦ ରଖିବେ । କାରଣ ଆଜି ଶେଲୀର ଜନ୍ମଦିନ । ପଲ୍ଲୀର ଜନ୍ମ ହେବା ପରେ ପାଖାପାଖି ଦଶ ବର୍ଷ ଅନ୍ତରରେ ଶେଲୀର ଜନ୍ମ । ତାର ତୃତୀୟ ଜନ୍ମତିଥି ସେ ପାଳନ କରିବେ । ଅଥଚ ! ପଲ୍ଲୀର ମୃତ୍ୟୁ ପରେ କାହାର-ଜନ୍ମ ସେ ସହ୍ୟ କରି ପାରିବେନି କି କାହାକୁ ସ୍ୱାଗତଃ କରି ପାରିବେନି ବୋଲି ଅନେକ ଥର ସେ ଅନୁରାଧାକୁ କହିଛନ୍ତି । ତଥାପି ଅନୁରାଧା ମାନନ୍ତି ନାହିଁ । ଜନନୀର ହୃଦୟ ନେଇ ଯଦି ସେ ପୁରୁଣାକୁ ଭୁଲି ଯିବାକୁ ପ୍ରସ୍ତୁତ ପିତାର ହୃଦୟ ତାହା ମାନି ନ ନେବା ଅତି ଛଳନାତ୍ମକ ପରିବେଶ ସୃଷ୍ଟି ଛଡ଼ା କିଛି ନୁହେଁ ବୋଲି ମାନିନୀ ଅନୁରାଧା କହନ୍ତି । କିନ୍ତୁ ସୁପ୍ରଭାତ । ପିତାର ହୃଦୟ ପଥ ହାରିଗଲେ ଶେଲୀର ଅନ୍ତର ନିଭୃତରେ ବାହ୍ନନ୍ତ ବସେ ଜନମାନବର ଅନ୍ତରାଳରେ । ଶେଲୀର ଶାନ୍ତ କୋମଳ ସ୍ପର୍ଶ, ତାର ଉପସ୍ଥିତି ତାଙ୍କୁ ଆନମନା କରାଏ । ପଲ୍ଲୀର ସ୍ମୃତିରେ ତାଙ୍କୁ ଦିଗହରା କରାଏ । ଆଉ ଅନୁରାଧାଙ୍କୁ ହୁଏତ ସ୍ମୃତିର ଦହନରୁ ରକ୍ଷା କରାଏ । ସେଇଥିପାଇଁ ଅନୁରାଧା ବୋଧେ ପରିବର୍ତ୍ତିନ ଶୀଳତାରେ ହଜିଯାନ୍ତି ନିବିଷ୍ଟ ହୋଇ । ଆଉ ହଜେଇ ଦେବାକୁ ଗୃହାନ୍ତି ତାଙ୍କର ସବୁବେଳେ ଆଖି ସାମନାରେ ଖେଳି ବୁଲୁନ୍ତୁ । ତାର ଶ୍ରେଷ୍ଠ କବର ଉପରେ ସବୁଦିନେ ସୁପ୍ରଭାତ ଫୁଲ ତୋଡ଼ାଏ ଦେଇ ସନ୍ଧ୍ୟାବେଳେ ବସି ରହନ୍ତି । ସେଇଠି ଘଣ୍ଟାଏ ନ ବସିଲେ ସୁପ୍ରଭାତ ବେତାଳ ହୁଅନ୍ତି । ଶେଲୀର ଜନ୍ମ ଦିନରେ ସେ ପଲ୍ଲୀର କବର ଉପରେ କି ପୁଷ୍ପ ଦେବେ । ଗୋଲପ ? ଗନ୍ଧରାଜ ? ମଲ୍ଲୀକା ନା ଘାସଫୁଲ । ସେ ବି ନିତ୍ୟକର୍ମ ଭିତରୁ ଗୋଟିଏ । ପ୍ରତିଦିନ ବିଭିନ୍ନ ପୁଷ୍ପ ଦିଅନ୍ତି ସୁପ୍ରଭାତ କନ୍ୟାର କବର ଉପରେ । ଜାତି ଜାତି ପୁଷ୍ପରେ ପଲ୍ଲୀର ଥିଲା ଅସୀମ ଶ୍ରଦ୍ଧା । ବଗିଗ୍ଚର ଚତୁ-ର୍ଦ୍ଦିଗରେ ଘୁରି ଘୁରି ଭ୍ରମର ପରି ବୁଲୁଥିଲା ପଲ୍ଲୀ । ଶୀତ, ବସନ୍ତ, ବର୍ଷା ନିଦାଘ କେହି ତାକୁ ଅଟକାଇ ପାରିଲାନି । ତେଣୁ ବଗିଗ୍ଚର ଏକ ପୁଷ୍ପ କୁଞ୍ଜରେ ନିଜ ହାତରେ ତାକୁ କବର ଦେଇଛନ୍ତି ସୁପ୍ରଭାତ ।

ପଲ୍ଲୀର ତଳେ ସ୍ୱରେଟି ପୁଅ ସନ୍ତାନ ଗୋଟି ଗୋଟି କରି ବିଦାୟ ନେଇଥିଲେ । ସୁପ୍ରଭାତ ଦୁଃଖ କରି ନାହାନ୍ତି । ଜୀବନର ଛନ୍ଦରେ ପତନ ତାଙ୍କର ହୋଇ ନ ଥିଲା କେବେ ହେଁ । ପଲ୍ଲୀଠାରେ ସମସ୍ତ ଦେହ ମନ ପ୍ରାଣ ତାଙ୍କର ନିବିଷ୍ଟ ଥିଲା । ସେମାନଙ୍କର ଆସିବା ଯିବାରେ ଶେଲୀର ତରଙ୍ଗାୟିତ ପ୍ରାଣରେ ମାତ୍ର ଶ୍ରେଷ୍ଠ ବୁଦ୍ ବୁଦ୍ ସୃଷ୍ଟି ହୋଇ ନିମିଷ-କରେ ଲିଭି ଯାଇଥିଲା । କିନ୍ତୁ ପଲ୍ଲୀର ବିଚ୍ଛେଦରେ ତରଙ୍ଗମାଳା ନିସ୍ତରଙ୍ଗ ।

ସୁପ୍ରଭାତ ଜାଣିଥିଲେ ଅନୁରାଧା ପଲ୍ଲୀପ୍ରତି ସସ୍ନେହୀ ନ ଥିଲେ । ସୁନ୍ଦ ସନ୍ତାନର ବିଚ୍ଛେଦ ପାଇଁ ସେ ମନେ ମନେ ପଲ୍ଲୀକୁ ଦେଉଥିଲେ ଦୋଷ । ଜ୍ୟୋତିଷର ଗଣନା ଥିଲା ତାଙ୍କ ମତରେ ନିର୍ଭୁଲ । ପଲ୍ଲୀର ଉଚ୍ଚ ରାଶି ଯୋଗୁ କେହି ସନ୍ତାନ ତା ତଳେ

ବଂଚନ୍ତି ନାହାନ୍ତି । କୁଳର ପ୍ରଦୀପ ଗୁଡ଼ିକ ଗୋଟି ଗୋଟି କରି ବାହୁଡ଼ି ଗଲେ । ସେଦିନ ସୁପ୍ରଭାତ ପଲ୍ଲୀକୁ କୋଳରେ ଆଉଜାଇ ଅଶ୍ରୁ ଛଳ ଛଳ ନୟନରେ ତାର ଭବିଷ୍ୟତର ଅନୁସନ୍ଧାନ କରିଥିଲେ । ପଲ୍ଲୀ ଭବିଷ୍ୟତହୀନ ହୋଇ ନ ପାରେ । କ୍ଷୁଦ୍ର କୁସୁମ କଳିକା—ନିଷ୍ପାପ ପବିତ୍ର ସୁନ୍ଦର ମନୋରମ ସୃଷ୍ଟି ଭିତରେ ଅନୁରାଧା କିପରି ସଂହାର କଲେ କାହିଁକି ?

ତାପରେ ? ଅନୁରାଧା ଜଣା ଅଜଣାରେ ପଲ୍ଲୀକୁ ଦୂରେଇ ଦେଇଥିଲେ ନିକଟରୁ । ପଲ୍ଲୀର ଅଳି ଅର୍ଦ୍ଦଳି ସମସ୍ତ ତାଙ୍କୁ ହଳାହଳ ବୋଧ ହୋଇଥିଲା । ସୁପ୍ରଭାତ ଆଉଜାଇ ନେଇଥିଲେ ନୀରବରେ ପଲ୍ଲୀକୁ । ସଂଗୀତ, ନୃତ୍ୟ ଶିକ୍ଷା ଓ ଚିତ୍ରାଙ୍କନରେ ଅପୂର୍ବ କୁଶଳତା ଦେଖାଇ ଫୁଟି ଆସୁଥିଲା ତାଙ୍କର ପ୍ରାଣର କଳିକା ସ୍ୱପ୍ନ ପଲ୍ଲୀ । କିନ୍ତୁ ହେଲା ଅକାଳ କାଳ ଦଷ୍ଟ ସେ । ସୁପ୍ରଭାତ ଭୁଲିବେ କେମିତି ।

ପ୍ରତିଟି ପ୍ରଭାତରେ ପଲ୍ଲୀ ତାଙ୍କୁ କହୁଥିଲା ହସିଦେଇ —

"ବାବା ! ବାବା ! ଉଠ ବାବା । ସକାଳେ ତୁମଙ୍କୁ ଲେଖିବାକୁ ଖୁବ୍ ଭଲ ଲାଗେ ପରା ? ଦେଖ—ସୁନ୍ଦର କବିତାଟିଏ ତମେ ମୋ ପାଇଁ ଲେଖ ବାବା !"

ସୁପ୍ରଭାତ ଆଖି ଖୋଲନ୍ତି । ବାର ବର୍ଷର କିଶୋରୀ ଗୋଲାପ କଳି ପଲ୍ଲୀ ତାଙ୍କର ଗଳା ଧରି ଉଠେଇ ବସେଇ ଦେଉଛି । ବାପା ତାର ଲେଖିବେ । ଅରୁଣ ସାହିତ୍ୟ ସୃଷ୍ଟି କରିବେ । ମନୁଷ୍ୟ ପ୍ରାଣର ଦେବେ ଆଶା ଆଉ ବଂଚିବାର ଦ୍ୟୋତନା । ଲେଖିବେ ସେ ଅସଂଖ୍ୟ ପୁସ୍ତକ । ପଢ଼ା ହେବ ସ୍କୁଲ୍ କଲେଜରେ । ପଲ୍ଲୀ ହେବ ଅସୀମ ସୁଖୀ । ବାପା ତାର ବିରାଟ କବି । କେଉଁ ଏକ ଅସତର୍କ ମୁହୂର୍ତ୍ତରେ ପିତା ତାର କହିଥିଲେ ପ୍ରଭାତର ମାଙ୍ଗଳିକ ତାନରେ ଝଙ୍କାର କୁଟାଇ ଦେବାକୁ ଭଲ ଲାଗେ ତାଙ୍କୁ । ମନେ ରଖିଛି କନ୍ୟା ନିଦରୁ ଉଠି ସୁପ୍ରଭାତ ବିସ୍ମିତ ହୁଅନ୍ତି । ଟେବୁଲ ଉପରେ ପରିଷ୍କାର ଝଡ଼ା ହୋଇ ଫୁଲ-ଦାନୀରେ ସଜଡ଼ା ହୋଇ ରହିଛି ସବୁଜ ପତ୍ରରୁ ଗଣ୍ଡାଏ । ହସନ୍ତି ସୁପ୍ରଭାତ । କନ୍ୟା ତାଙ୍କର ବୁଦ୍ଧିମତୀ । କେଉଁ ଆନନ୍ଦ ଓ ସ୍ୱପ୍ନର ବେସୁରା ବେଳାରେ ବଗିଚାର ପୁଷ୍ପ ସବୁ ତୋଳିଥିଲା ବୋଲି ପଲ୍ଲୀ କାତର ହୋଇ ଉଠିଥିଲେ ସୁପ୍ରଭାତ । ତାଙ୍କର ଆଖିରେ ଆସିଥିଲା ଟୋପାଏ ଅଶ୍ରୁ । ସେହି ବ୍ୟଥା ଓ ବେଦନାକୁ ସାଉଁଟି ଅନୁଭବ ସାଉଁଟି ନେଇଥିଲା ପଲ୍ଲୀ ସେହିଦିନୁ । ବଗିଚାର ପୁଷ୍ପରେ ସେ ହାତ ଦିଏନି । କିନ୍ତୁ ସୁପ୍ରଭାତ ଦେଖନ୍ତି ପ୍ରଭାତ ସନ୍ଧ୍ୟାରେ ପଲ୍ଲୀ ତାଙ୍କର ବୁଲି ବୁଲି କଥା କହେ ସେଇ ପୁଷ୍ପ ରାଶି ସହିତ । ପଲ୍ଲୀ ତାଙ୍କର ସକଳ ସ୍ୱପ୍ନର ଆଧାର ପଲ୍ଲୀ ! ଅନୁରାଧା ଯାହା ତାଙ୍କୁ

Digitized by PPRACHIN, SOA

ଦେଇ ପାର ନ ଥିଲ ପଲ୍ଲୀ ତାହା ତାଙ୍କୁ ଦେଇଥିଲା ।

ପଲ୍ଲୀ ! ଗୋରୀ ତକ ତକ ସମସ୍ତ ଶରୀର । କେରା କେରା ବାଳ ଏପଟ ସେପଟ ଝୁଲି ପଡ଼ୁଥାଏ । ପତଳା ଲମ୍ବା ଚେହେରା । କଥା କହେ କଳା କଜ୍ୱଳ ଆଖି । ନୃତ୍ୟର ତାଳେ ତାଳେ ସେ ଯେତେବେଳେ ବେସୁରା ମଂଚ ଭୂମିରେ ଅସଂଖ୍ୟ ଦର୍ଶକଙ୍କର କରତାଳରେ ବିଭୂଷିତା ହୁଏ । ସୁପ୍ରଭାତ ଉଠି ଆସନ୍ତି ବାହାରକୁ । ନିର୍ମଳ ଆକାଶକୁ ଗୁହିଁ ସୁପ୍ରଭାତ ପିତୃତ୍ୱ ଭୂଲି ଦର୍ଶକ ହେବାକୁ ଅଧିକ ଇଚ୍ଛା କରନ୍ତି । ପିତାର ହୃଦୟ ନେଇ କନ୍ୟାର ନୃତ୍ୟ ଛବିଳ ନୟନ ଯୁଗଳକୁ ସେ ଗୁହିଁ ପାରନ୍ତି ନାହିଁ । କନ୍ଦୁ—କନ୍ଦୁ ଧାଇଁ ଆସେ ପଲ୍ଲୀ । କଜ୍ୱଳ କୁଙ୍କୁମ, ଝୀନ ବସ୍ତ୍ର ରହିଥାଏ ତାର ଅଙ୍ଗେ ଅଙ୍ଗେ । ଚମକି ପଡ଼ନ୍ତି ସୁପ୍ରଭାତ । ଚପଳା ଶିଶୁ କୈଶୋର ଅବସ୍ଥା ତ୍ୟାଗ କରି ଯୌବନର ଦ୍ୱାର ଦେଶରେ କେତେବେଳେ ପହଂଚଲଣି । କନ୍ଦୁ··· ··· ସଙ୍କୋଚ ନାହିଁ । ବାବା ସର୍ବସ୍ୱ ପଲ୍ଲୀ ଗ୍ରେଟ ଶିଶୁଟି ପରି ଲୋଟି ପଡ଼ି କହେ—

"ବାବା ! ତମକୁ କଣ ଭଲ ଲାଗିଲାନି ଅଧା ନାଚ ବେଳେ ତମେ ହଲ ଛାଡ଼ି ପଳାଇ ଆସିଲ କାହିଁକି ? ତମକୁ ଯଦି ଭଲ ନ ଲାଗିବ ତାହେଲେ ମୁଁ ନାଚିବିନି ଆଉ ?"

ପଲ୍ଲୀର ଚିକ୍କଣ କେଶ ଉପରେ ସୁପ୍ରଭାତ ହାତ ବୁଲାଉ ବୁଲାଉ କହନ୍ତି ଅଧିର ହୋଇ--"ମା ପଲ୍ଲୀ । ତୁ ଯଦି ମତେ ଛାଡ଼ିଯିବୁ ମୁଁ ରହିବି କେମିତି ମା ?"

ପଲ୍ଲୀ ହସେ । ହସିଲେ ତାର ମସୃଣ ଗଣ୍ଡରେ ହୁଏ ଗ୍ରେଟ ଭଉଁରୀ । ସୁପ୍ରଭାତ ଶିଳ୍ପୀ । କନ୍ୟାର ସୌନ୍ଦର୍ଯ୍ୟରେ ଶିଳ୍ପ ତାଙ୍କର ହସି ଉଠେ ଆତୁର ମନଲୋଭା ହୋଇ ।

ବେତାରର ଶିଶୁ ଅନୁଷ୍ଠାନରେ ପଲ୍ଲୀର କାକଳି ଭରା ସଙ୍ଗୀତ ଯେତେବେଳେ ସୁପ୍ରଭାତ ଶୁଣନ୍ତି, ଲେଖୁ ଲେଖୁ କଲମ ତାଙ୍କର ଅଟକି ଯାଏ । ଅଧା ଲେଖା କବିତାର ଛନ୍ଦ ହୁଏ ବିଛନ୍ଦ । କିମ୍ବା ନିଜେ ଯେତେବେଳେ କେଉଁଆଡ଼େ ଯାଆନ୍ତି, ପଲ୍ଲୀକୁ ସାଥିରେ ନ ନେଇ ଗଲେ ସେ ବାରମ୍ବାର ଅଟକି ଯାନ୍ତି ପ୍ରତିଟି କାର୍ଯ୍ୟରେ । ପଲ୍ଲୀ ଯେପରି ତାଙ୍କର ଏକ ଅଙ୍ଗ । ଗୋଟିଏ ଅଙ୍ଗର ଅଭାବରେ ସମସ୍ତ ଶରୀର ପଙ୍ଗୁ ହେଲାପରି ପଲ୍ଲୀର

Digitized by PPRACHIN, SOA

ଅଭାବରେ ସୁପ୍ରଭାକଙ୍କ ଜୀବନ ତରୁର ସକଳ ପଲ୍ଲବ ଶୁଷ୍କ ହୋଇ ଝଡ଼ି ପଡ଼ୁଥାନ୍ତା । କେଉଁ ଲୁ' ବାତ୍ୟାର ପ୍ରବଳ ପ୍ରକମ୍ପନରେ ।

କ୍ଲାସର ବାର୍ଷିକ ପରୀକ୍ଷାରେ ନୃତ୍ୟ ବିଦ୍ୟାରେ ଓ ସଙ୍ଗୀତ ଶିକ୍ଷାରେ ସବୁଥିରେ ପ୍ରଥମ ହୋଇ ଶେଲୀ ପାଇଛି ଅସଂଖ୍ୟ ଉପହାର । ଉଠିଛି ତାର ଅସଂଖ୍ୟ ଫଟୋ । ଆଦର କରି ସୁପ୍ରଭାକ ତାକୁ ଚତୁର୍ଦ୍ଦିଗରେ ଟାଙ୍ଗି ଦେଇଛନ୍ତି । ଆଜି ସେ ତାକୁ କାଢ଼ି ଫୋପାଡ଼ି ଦେଇ ପାରୁ ନାହାନ୍ତି କି ଅନେଇ ପାରୁ ନାହାନ୍ତି । ସାମନାରେ ତାଙ୍କର ହସ ହସ ଶେଲୀର ଫଟୋ ।

ସୁପ୍ରଭାକଙ୍କ ଆଖିରେ ଆସିଲା ଅଜାଣତରେ ଅଗଣନ ଅଶ୍ରୁ । ଶେଲୀ ତାଙ୍କ କୋଳରେ ବସିଛି । ଜନ୍ମ ଦିନରେ ଶୁଭ ଆଶୀର୍ବାଦ ତାର କାମ୍ୟ । କି ଆଶୀଷ ସୁପ୍ରଭାକ ତାକୁ ଦେବେ । ଯାହାଥିଲା ସବୁ ସେ ଆଜି ମାଟି ଚାଲେ । ସୁପ୍ରଭାକ ଶୂନ୍ୟ ବିକଳାଙ୍ଗ । ସେ ଶେଲୀକୁ ଟେକି ଦେଲେ ଅନୁରାଧାଙ୍କୁ । ଅନୁରାଧାଙ୍କର ଅନୁରୋଧ ଅନୁନୟ ସେ ରଖି ପାରିବେ ନାହିଁ ।

ଅନୁରାଧା ଶେଲୀକୁ ତୋଳି ନେଇ ନେଇ ଚମକିଲା ଧରି କହିଲେ--

"କଣ କହିଲ ଆଜି ତମେ ? ଭୁଲି ପାରିଲନି ? ମା ହୋଇ ଗୁଡ଼ା ପଥର କଲି ମୁଁ । ତମେ ଶେଲୀକୁ ଦେଖି ସବୁ ଭୁଲି ଯାଅ । ଗ୍ରଣ ଅଛି । ତମେ ଆଉ ଏମିତ ହୁଅ ନାହିଁ । ଶେଲୀ ବଡ଼ ହେଲେ ସବୁ ଦୁଃଖ ଆମର ନେବ ସେ ଭଗବାନ ଗୃହିଲେ··· ।"

ଅନୁରାଧା କହୁ କହୁ ଅଟକି ଗଲେ । ସୁପ୍ରଭାକ ଘରୁ ବାହାରି ଯାଉଛନ୍ତି ଆସ୍ତେ ଆସ୍ତେ । ସେ ଆଗେଇ ଗଲେ--

ରୁହ, ଆଜି ଶେଲୀର ଜନ୍ମଦିନ । ସବୁଦିନେ ସକାଳେ ଅଖିଆ ତୁମେ ରୁହ । ମୁଁ ଆପତ୍ତି କରେନା । କିନ୍ତୁ ଆଜି ତୁମେ ଶେଲୀକୁ ନେଇ ନିଶ୍ଚୟ ଖାଇବ । ଯାଅ ନାହିଁ ।"

ଅନୁରାଧାଙ୍କର ପଣତ ସୁପ୍ରଭାକଙ୍କ ଆଖି ଗୁଡ଼ିପଟେ ଲାଗିଥିବା ଟୋପାଏ ଲୁହକୁ ପୋଛି ଆଣୁଛି ।

Digitized by PPRACHIN, SOA

ଶୀର୍ଣ୍ଣ ହସ ହସି ଉତ୍ତର ଦେଲେ ସୁପ୍ରତୀକ । "ଯାହା ଅଛୁ ସେଥିରେ ତମେ ବଞ୍ଚେଇ ଏବଂ ଯାହା ଆସିବ ତୁମେ ତାକୁ ନେଇ ସ୍ୱପ୍ନ ଗଢ଼ିଛ । କିନ୍ତୁ ବର୍ତ୍ତମାନ ଓ ଆଗାମୀ ପାଇଁ ମୁଁ ବ୍ୟସ୍ତ ନୁହେଁ ଅନୁ । ଯାହା ଅଛୁ ତାହା ଉପରେ ନିହିତ ତୁମେ ବ୍ୟସ୍ତ । କିନ୍ତୁ ମୁଁ ? ମୁଁ ଯାହା ଯାଇଛୁ ତା ପାଇଁ ଉଜାଗର । ଶେଲୀ କି ପଲ୍ଲୀ ହୋଇ-ପାରେ ଅନୁ ?

"ତମେ ପାଗଳ ହୋଇଯିବ ଦେଖୁଛି । ଏ କଣ ତମେ ଝିଅଟା ଲାଗି ପାଗଳ ହବ ପାଉଛ ? ରାତିରେ ତ ନୀଦରେ ଡ଼ାକୁଛ । ସବୁବେଳେ ତ ତାର ଚିନ୍ତା । ମୁଁ ଭୁଲିଲି ତୁମେ ପାରିଲନି ।

"ସେଇଠି ହିଁ ତମର ବ୍ୟସ୍ତ ଅନୁ । ସ୍ରଷ୍ଟା ତମେ । ସମସ୍ତେ ତୁମ ଆଖିରେ ସମାନ । ଏକର ପ୍ରତି ଛବି ଅନ୍ୟ ଉପରେ ତୁମେ ଆରୋପ କର ଏବଂ ଦେଖ ମଧ୍ୟ । କିନ୍ତୁ ମୁଁ ଯେ ସ୍ରଷ୍ଟା ନୁହେଁ । ପଲ୍ଲୀ ଆଉ ଶେଲୀର ବିଭେଦ ମୁଁ ଭୁଲିବି କେଉଁଠୁ ?

ଧୀରେ ଧୀରେ ଚାଲିଗଲେ ସୁପ୍ରତୀକ । ଶେଲୀ ଖେଳୁଛି ତଳେ ବସି । ପଲ୍ଲୀର ଜନ୍ମ ଦିନ ହୋଇଥିଲେ ସେ ଆଜି ଅସଂଖ୍ୟ ଲୋକଙ୍କୁ ନିମନ୍ତ୍ରଣ କରିଥାନ୍ତେ । ଘର ଦ୍ୱାର ନାଲି ନେଳି ବେଲୁନରେ ଶୋଭିତ ହୋଇଥାନ୍ତା । ଆହୁରି କେତେ କଣ ।

ଅନୁରାଧା କେଜାଣି କାହିଁକି ପଲ୍ଲୀର ଫଟୋକୁ ଚାହିଁ କାନ୍ଦିଲେ । ନିଜେ ସେତ ଭୁଲି ନାହାନ୍ତି । ଆଖି ସାମନା ସାମନି ହେଲେ ଛାତି ଭିତରେ ଉଠୁଛି ତୋଫାନ ।

କାହିଁକି ଗୋଟାଏ ଖିଆଲରେ ସେ ଫଟୋଗୁଡ଼ାକ ପଲ୍ଲୀର ଗୋଟି ଗୋଟି କରି କାଢ଼ି ପକାଇଲେ । ଏଣେ ଫଟୋଗୁଡ଼ାକର ଯେତିକି ଜ୍ୱାଳା । ସେ ତରତର କରି ଫଟୋଗୁଡ଼ାକ ନେଇ ଆର ପାଖ ଘର ଲୁହା ସିନ୍ଦୁକରେ ରଖିଦେଲେ । ସାମାନ୍ୟ ଗୋଟାଏ ଝିଅପାଇଁ ଅନୁରାଧା ଆଉ କାଳ କାଟି ପାରିଲେନି । ଗାଇ ଥିଲାବେଳେ ଜଳେଇ ଜଳେଇ ଗଲା । ମରି କରି ଦାଉ ସାଧିବା ଗୁଡ଼ୁନାହିଁ ତଥାପି । ଶେଲୀକୁ କାଖେଇ ନେଇ ସେ ତଳକୁ ଆସିଲେ । ଜ୍ୟୋତିଷ କହୁଛି ଶେଲୀର ରାଶି ଖୁବ ଭଲ । ଶେଲୀ ତଳେ ତାଙ୍କ ସ୍ୱାସ୍ଥ୍ୟ ନଷ୍ଟଙ୍କ ହେବେ । ଭଗବାନ ଭରସା ଏକା ।

ଘଣ୍ଟାକ ପରେ ଯେତେବେଳେ ସୁପ୍ରତୀକ ଉପର ଘରକୁ ଆସିଲେ, ନିଜ ଘରର

Digitized by PPRACHIN, SOA

ପରିବର୍ତ୍ତନ ଦେଖି ଅଟକି ଗଲେ ମୂହୁର୍ତ୍ତେ । ମଣିଷର ମନ ତାଙ୍କର ରାଗ ଓ ଅପମାନରେ କଂପି ଉଠିଲା । କିନ୍ତୁ ଶିଳ୍ପୀର ଅନ୍ତର । କମିଷେ ତରଙ୍ଗ ଉଠି ପୁଣି ହେଲା ନିସ୍ତରଙ୍ଗ ।

ସୁପ୍ରଗତ କାନ୍ଥକୁ ଅନାଇ ହସିଲେ ଟିକିଏ ଅଜାଣତରେ ତାଙ୍କ ପାଟିରୁ ବାହାରିଲା—

"ମା ପଲ୍ଲୀ ! ମଣିଷର ବାହ୍ୟ ରୂପରେ ତତେ ଦେଖିପାରୁ ନାହିଁ ସିନା, କିନ୍ତୁ ଏତେ ଅକରୁଣା କଣ ତୋର ହେବ ମା ମୋ ପ୍ରତି ଯେ ମୁଁ ତତେ ମନଃଚକ୍ଷୁରେ ବି ଦେଖି ପାରିବିନି ?"

ଝରକା ଦେଇ ବଗିଚ୍ଚାର ପବନ ମେଞ୍ଚାଏ ପଶି ଆସିଲା କୋଠରି ଭିତରକୁ ପଲ୍ଲୀର ନରମ ହାତ ଯେପରି ତାଙ୍କ ଗଲା ଛୁଉଁଛି ଧୀରେ । ଶୀତଳ ପବନ । ନାଁ ନାଁ ଏ ପଲ୍ଲୀର ସବୁ ଦିନର ସ୍ପର୍ଶ ନ ଥିଲା—ସେ ଜାଣନ୍ତି ଖୁବ ଭଲ କରି ଏମିତି ନରମ ଶୀତଳ ସ୍ପର୍ଶ ସେ କେଉଁ ଦିନ ପାଇଥିଲେ ପଲ୍ଲୀଠାରୁ ।

ଟୁରରେ ଯାଆନ୍ତି ସୁପ୍ରଗତ । ଟୁର ପାଇଁ ଖରା ବର୍ଷା ବା ଶୀତ ସମସ୍ତ ସମାନ । ତାଙ୍କ ପାଖରେ । ବଣ ଜଙ୍ଗଲ ଗଡ଼ଜାତର କେଉଁ କେଉଁ ଭୟଙ୍କର ଅଞ୍ଚଳକୁ ଯିବାକୁ ପଡ଼େ ତାଙ୍କୁ । ବର୍ଷା ଦିନରେ ମେଘ ଆକାଶରେ ଉଠିଲେ ପଲ୍ଲୀ କହେ—

"ବାବା । ମେଘ ଆସିଲେ ତୁମେ ଜଙ୍ଗଲ ଭିତରେ ଡରିବ ନାହିଁତ ? ବାଘ ଯଦି ଆସେ ବାବା ? ନାଁ ନାଁ ମୁଁ ଯିବି ତୁମ ସାଥିରେ ?

ସୁପ୍ରଗତ ଅନେଇ ଦେଖନ୍ତି । କନ୍ୟାର କଳା ଭଉଁରୀ ଆଖିରେ ଭୟର କାଳିମା । ସତେ ଅବା ବାଘ ତାଙ୍କୁ ମାଡ଼ି ବସିଛି ଆଉ ସେଇ ଦୃଶ୍ୟ ଦେଖୁଛି ପଲ୍ଲୀ ଶିହରି ଶିହରି । ଆଦର କରି କୋଳକୁ ଆଉଜେଇ ନିଅନ୍ତି ସେ ପଲ୍ଲୀକୁ । ବୁଦ୍ଧି ପାରିବାର ଜାଣିପାରିବାର ଯେ ଅକଥନୀୟ ଶକ୍ତି ଭଗବାନ ତାଙ୍କୁ ଦେଇଛନ୍ତି ସେକଥା ସୁପ୍ରଗତ ହୃଦୟଙ୍ଗମ କରିଥିଲେ । ଅନୁରାଧା ବେଳେ ବେଳେ ଚିଡ଼ି ଉଠି କହନ୍ତି "ଝିଅଟାକୁ ତମେ ବଗାଡ଼ି ଦେବ ଦେଖୁଛି । ଏତେ ବେଆଡ଼ା ହେଲଣି । ଝିଅ ବୋଲି ସେ ମନେ ଅଛି ନାଁ ନାହିଁମ ?"

Digitized by PPRACHIN, SOA

ଉତ୍ତର ନ ଦେଇ ହସନ୍ତି ମୃଦୁ ସୁପ୍ରଭାକ। ମନେ ପଡ଼େ ସମୁଦ୍ର ମନ୍ଥନରୁ ଅମୃତ ସୃଷ୍ଟିର କଥା ।

ସେ ଦିନ ସେଥର ଯେତେବେଳେ ସୁପ୍ରଭାକ ବାହାରିଲେ ଟୁରକୁ ମନେ ଅଛି ନିବଡ଼ ବର୍ଷା ଦିନ । ପଲ୍ଲୀ କହିଲା ।

"ବାବା ! ଖବର କାଗଜ ପଢିଛ ? ଭାରି ନଈ ବଢ଼ୁଛି । ତମେ ଏଥର ଯିବ କେମିତି ? ଡଙ୍ଗା ବୁଡ଼ିଯିବ । ତମେ ଯାଅନା ବାବା ।"

ଉତ୍ତର ନ ଦେଉଣୁ ବାବା ତାର, ମା ଦେଇଥିଲେ ନରମ ଗଣ୍ଡରେ ଏକ ବଜ୍ର ଚାପଡ଼ ।

"ଚୁପ୍ ! କାଳ ତୁଣ୍ଡୀ । ଗୋଟି ଗୋଟି କରି ଯେ ଆସିଥିଲେ ତାଙ୍କୁ ବିଦାକଲୁ । ଆଉ କଣ ମନ ଶାନ୍ତ ହୋଇନ ? କିଏ ନୁହେଁ ଯେ ରାକ୍ଷସୁଣୀଟାଏ ଜନ୍ମ ହୋଇଥିଲୁ ··· ··· ।".

"ଅନୁରାଧା । ଚୁପ କର ଅନୁରାଧା !"

ବଜ୍ର ଗମ୍ଭୀର ଡାକ ଦେଇଥିଲେ ସୁପ୍ରଭାକ । ରାଗ ହେଲେ ସେ ପୁରା ନାଁ ଧରି ଡାକନ୍ତି । ଅନୁରାଧା ନିଶବ୍ଦରେ ଚାଲି ଯାଉଥିଲେ କୋଠରୀ ତ୍ୟାଗ କରି । ପଲ୍ଲୀର ଗଣ୍ଡ ଦେଇ ସେଦିନ ଝରିଥିଲା ଉଷ୍ଣ ଲୋତକ ଧାର । କନ୍ୟାର ମୁହଁକୁ ଚାହିଁ ପାରି ନଥିଲେ ସୁପ୍ରଭାକ । ଲଜ୍ଜା ଅପମାନରେ ସେ ଚାଲି ଯାଇଥିଲେ ବାହାରକୁ । ଦଶ ବାରଦିନ ପରେ ତାଙ୍କର ଫେରିବାର କଥା ।

ଟୁରରେ ଥିଲାବେଳେ ସେ ଚିଠି ପାଇଥିଲେ ପଲ୍ଲୀଠାରୁ । "ବାବା ତମେ ଶୀଘ୍ର ଫେରିଆସ । ମୁଁ କିଛି ଖାଇ ପାରୁନି । ତମେ ଆସିଲେ ମୁଁ ଭଲ ହୋଇଯିବି ବାବା । ତମର ଯେଉଁ ନାଟକ ବହି ଅଛି ଆମ ସ୍କୁଲରେ ସେ ପଢ଼ା ହେବ । ସାର୍ କହୁଥିଲେ ।

ତମେ କେବେ ଆସିବ ? ନଈ ବଢ଼ୁଛି । ମେଘ ପବନ ଏଠି ବହୁତ । ମତେ ଡର ମାଡ଼ୁଛି ରାତିରେ । ତମେ ଜଙ୍ଗଲ ଭିତରକୁ ଯିବ ନାହିଁ । ଶୀଘ୍ର ଆସିବ ।"

Digitized by PPRACHIN, SOA

ସୁପ୍ରଭାତ ସେଇ ପ୍ରବାସ ଜାଗାରେ ପଲ୍ଲୀ ପାଇଁ ସେଦିନ କାନ୍ଦି ଉଠିଥିଲେ । ଜର ହୋଇଛି ପଲ୍ଲୀକୁ । ତାଙ୍କୁ ଚଞ୍ଚଳ ଫେରି ଯିବାକୁ ହେବ ।

ତା ପରଦିନ ଅନୁରାଧାଠାରୁ ଚିଠି ପାଇଥିଲେ । ବିକଳ ହୋଇ ପଲ୍ଲୀର ଶରୀର ଖବର ଜଣାଇ ଥିଲେ ତାଙ୍କୁ । ଡାକ୍ତର ଖୁବ୍ ଖରାପ ସନ୍ଦେହ କରନ୍ତି । ପଲ୍ଲୀ ସବୁ ବେଳେ ତମକୁ ଖୋଜୁଛି । ଶେଷରେ ଶୀଘ୍ର ଫେରିଯିବା ପାଇଁ ଅନୁରାଧାର ଅନୁରୋଧ କାକୁତିପୂର୍ଣ୍ଣ ।

ସୁପ୍ରଭାତ ବ୍ୟସ୍ତ ହୋଇ ବାହାରି ଆସିଥିଲେ । କିନ୍ତୁ ପଲ୍ଲୀର କଥା ମିଥ୍ୟା ହୋଇ ନ ପାରେ । ଘୂରିଆଡ଼େ ରାସ୍ତା ବନ୍ଦ । ନଈ, ନାଳ, ଘାଟ, ପଥ ସବୁ ବଢି ପାଣିରେ ଏକାକାର । ତାର ଲାଇନ ଛିଣ୍ଡି ଯାଇଛି । ତଥାପି ଅଟକି ନଥିଲେ ସୁପ୍ରଭାତ । ଶହେ ମାଇଲ୍ ରାସ୍ତାକୁ ବାରଶହ ଲାଇନ ଦେଇ ସେ ଘୂରି ଆସିଥିଲେ ।

କିନ୍ତୁ ? ଅଟକିଲେ ସୁପ୍ରଭାତ । ଟେବଲ ବାଡ ଉପରେ ଲୁହ ଗୁଡାଏ ଝରି ପଡ଼ିଲାଣି ତାଙ୍କ ଆଖିରୁ । କିଏ ହେବ ଏ ଲୁହ ? ଯାଉ ଝରିଯାଉ । ଯାହା ପଲ୍ଲୀର ଜନ୍ମ ଦିନ ସେ କରି ପାରି ନ ଥିଲେ । ଶେଲୀର ଜନ୍ମ ଦିବସରେ ସେ ତାହା କରିବାକୁ ବାଧ୍ୟ ।

କିନ୍ତୁ ? ଘର ଦ୍ୱାର ମୁହଁରେ ନ ପହଞ୍ଚୁଣୁ ସେ ଅଟକି ଯାଇଥିଲେ । ଅନୁରାଧାଙ୍କର ବିକଳ କ୍ରନ୍ଦନ ତାଙ୍କର ସମସ୍ତ ପଥ କ୍ଳାନ୍ତି ଦୂର କରିଥିଲା । ତାଙ୍କର ବୋଧଶକ୍ତି ଲୋପ ପାଇଥିଲା ।

ତାପରେ ପଲ୍ଲୀର ବରଫ ପରି ହାତକୁ ତାଙ୍କ ବେକ ଉପରେ ଚପାଇ ରଖି ସେ ତା କପାଳ ଉପରେ କପାଳ ରଖି କାନ୍ଦିବାକୁ ଚେଷ୍ଟା କରିଥିଲେ । କିନ୍ତୁ ପଥର ଆଖିରୁ ଟୋପାଏ ଲୁହ ଝରି ନ ଥିଲା । ସମସ୍ତେ ବିସ୍ମିତ ହୋଇଥିଲେ । ସୁପ୍ରଭାତ ନିଜ ହାତରେ ଗାତ ଖୋଳି ବଗିଚା ମଧ୍ୟରେ ପଲ୍ଲୀର ନରମ ଦେହକୁ ଶୁଆଇ ଦେଇଥିଲେ । ତା ପରେ ? ଏବେ ବି ମନେ ଅଛି ସେ କବର ଉପରେ ସାରା ରାତି ସେ ଛତା ଧରି ବସିଥିଲେ । ମେଘ ବର୍ଷାରେ ପଲ୍ଲୀ ତାଙ୍କର ତିନ୍ତି ଯିବ ଯେ ।

ପଲ୍ଲୀର ତକିଆ ତଳୁ ସେ ଚିଠି ଝଣ୍ଡେ ପାଇଥିଲେ । ପୋଷ୍ଟ ହୋଇ ପାରିନି । ଲେଖା ହୋଇ ରହିଛି ତାଙ୍କ ପାଖକୁ । ଦୁର୍ବଳ କମ୍ପିତ ହୋଇ ପଡ଼ିଥିଲା । ତାର ଆଙ୍ଗୁଠି ଗୁଡ଼ାକ ।

Digitized by PPRACHIN, SOA

"ବାବା ! ଆଜି ରେଡ଼ିଓରେ କହୁଛି ନଈ ବଢ଼ି ରାସ୍ତାଘାଟ ବନ୍ଦ ହୋଇଛି । ତମେ କେମିତି ଅଛ ? ତମ କଥା ଭାବି ମତେ ନିଦ ହେଉନି । ମା' ଲେଖିଛି ତମକୁ ଆସିବା ପାଇଁ । ନଈବଢ଼ି ଛାଡ଼ିଲେ ତମେ ଆସିବ । ମୋ ପାଇଁ ବ୍ୟସ୍ତ ହେବନି । ତମକୁ ଦେଖିବାକୁ ଭାରି ଇଚ୍ଛା ହେଉଛି । ତମେ କେବେ ଆସିବ ବାବା ?

ଚିଠିଟି ସାଇତି ରଖିଛନ୍ତି ସୁପ୍ରଭାତ ଏବେ ବି । ନ ଦେଖିବାର ନିଃସ୍ୱାର୍ଥପରତା ସହ ଦେଖିବାର ସ୍ୱାର୍ଥପରତା ସୃଷ୍ଟି କରିଥିଲା କିଶୋରୀ କନ୍ୟାର ମନର ଦ୍ୱନ୍ଦ୍ୱ । ସେଇ ଅନୁଭୂତିର କେତୋଟି ଅକ୍ଷତମାନ ପ୍ରତୀକ ହୋଇ ରହିଛି ।

ସେଇ ଅନ୍ତିମ କାଳରେ ହୁଏତ ପତ୍ନୀ ତାଙ୍କୁ ଦେଖିବା ପାଇଁ ବ୍ୟାକୁଳ ହୋଇଥିବ । ହୁଏତ ଅନ୍ଧାରରେ ହାତ ବଢ଼ାଇ ଚାରିଦିଗରେ ଅନ୍ଧାରକୁ ମୁଠାଏ 'ବାବା' ବୋଲି ଭାବି ଧରିଥିବ । ଚାଲିଗଲା ? ଟିକିଏ ହେଲେ ଅପେକ୍ଷା କଲାନି ? ସୁପ୍ରଭାତ କାହାକୁ କଣ କହିବେ । ଆଉ ଆଜି ପତ୍ନୀର ଫଟୋଗୁଡ଼ିକୁ ଲୁଚାଇ ରଖିଛନ୍ତି ଅନୁରାଧା । ସେଥିରେ ଯାଏ ଆସେ କଣ ? ରଖନ୍ତୁ ।

ନିବିଡ଼ ହୋଇ ଆସୁଛି ବର୍ଷା ଦିନର ସନ୍ଧ୍ୟା । ଆଜି ଘରକୁ ଆସିବେ ଅନେକ ନିମନ୍ତ୍ରିତ ଅତିଥି ଯେଉଁମାନେ ଅନୁରାଧାଙ୍କର ପ୍ରିୟଜନ । ଜନ୍ମ ଦିନରେ ଶେଲୀକୁ ଦେଇଯିବେ କଲ୍ୟାଣ । ଆଉ ସେଇ କଲ୍ୟାଣ ବଳରେ ସେ ହେବ ଆୟୁଷ୍ମତୀ ଓ ସୌଭାଗ୍ୟବତୀ । ଶେଲୀ ତାଙ୍କର ଉତ୍ତରାଧିକାରିଣୀ ଏକମାତ୍ର । ଅନୁରାଧା ପୁଣି ପାଇବେ ନାହିଁ । ଡାକ୍ତରଙ୍କର ସୁଚିନ୍ତିତ ମତ ଆଉ ସନ୍ତାନ ହେବାର ସମ୍ଭାବନା ନାହିଁ ମୋଟେ । ଜ୍ୟୋତିଷର ଭବିଷ୍ୟତ ବାଣୀ ବୃଥା ହେବ ?

ପତ୍ନୀର କବର ପାଖରେ ବସିଥିଲେ ସୁପ୍ରଭାତ । ଆଜି ସେ ଦୁବ ଘାସ ମେଞ୍ଚାଏ ତୋଡ଼ା କରି ତା ଉପରେ ଦେଇଛନ୍ତି । କାରଣ ଅନୁରାଧା ରକ୍ତ ଗୋଲାପର ଏକ ଗୁଚ୍ଛ ତାର କବର ଉପରେ ଥୋଇ ଯାଇଛନ୍ତି କେତେବେଳେ ।

ହାତ ଛୁଆଁଇଲେ ସେ କବର ଉପରେ । ସୁପ୍ରଭାତ ଶୁଣିଛନ୍ତି କାହାଣୀର ପ୍ରେତାତ୍ମା ଆସେ । ବିଶେଷ କରି ଅତୃପ୍ତ ଆତ୍ମା ଫେରିଆସେ । ପତ୍ନୀର ଆତ୍ମା କଣ ସମ୍ପୂର୍ଣ୍ଣ ତୃପ୍ତି ପାଇଥିଲା ? ତେବେ କାହିଁକି ସେ ଥରେ ହେଲେ ଆସିଲାନି ମୃତ୍ୟୁ ରାଜ୍ୟରୁ ଫେରି ? କବର ଉପରେ ମୁଣ୍ଡ ରଖି ସୁପ୍ରଭାତ ଧ୍ୟାନମଗ୍ନ ପରି ବସି ବସି ଢୁଳାଇଲେ । ଆକାଶରେ ମେଘ । ଶ୍ରାବଣ ମେଘ ଜମି ଆସୁଛି ।

Digitized by PPRACHIN, SOA

ହଠାତ୍ ! ହଠାତ୍ ' ସୁପ୍ରଭାତ ଚମକି ପଡ଼ିଲେ । କେଉଁଠୁ ଭାସି ଆସୁଛି ସୁମଧୁର ପକ୍ଷୀର କଣ୍ଠ ସଙ୍ଗୀତ । ପ୍ରାୟ ବର୍ଷେ ହେଲା ସେ ତାର କଣ୍ଠ ଶୁଣି ନାହାନ୍ତି । ତାଙ୍କର ରଚିତ ଏକ ସଙ୍ଗୀତରେ ସୁର ଯୋଜନା କରି ଗୀତ ଦେଇଥିଲା ବେତାରରେ ପକ୍ଷୀ । ଏଁ ? କେଉଁଠୁ ଆସିଲା ତେବେ ଆଜି ସେ ସ୍ୱର । ତେବେ କଣ ତେବେ ପକ୍ଷୀ ··· ··· ··· । ଅଟକି ଗଲେ ସୁପ୍ରଭାତ । ଏମିତି କେବେ ନିରୋଳାରେ ସେ ଧ୍ୟାନମଗ୍ନ ଥିଲେ, କି ଚିନ୍ତାଭରରେ ଅବନତ ହେଲେ ପକ୍ଷୀ ତାର ଉପସ୍ଥିତି ଜଣାଇବା ପାଇଁ ତାଂକ ରଚିତ ଗାନଗୁଡିକ ବୋଲି ବୋଲି ଆସେ । ଯେମିତି ଚମକି ନ ଦେଇ ସେ ତାଙ୍କୁ ତାର ଉପସ୍ଥିତି ଜଣାଇ ଦେବ । ହାତ ବଢାଇ ଧରିବାକୁ ଚେଷ୍ଟା କଲେ ପକ୍ଷୀ ଖିଲ୍ ଖିଲ୍ ହସି ଦଉଡ଼ି ପଳାଏ । ପଛେ ପଛେ ଗୋଡାଇଥିବେ କେତେ ଥର ସୁପ୍ରଭାତ ।

କିନ୍ତୁ ବର୍ତ୍ତମାନ ଯେଉଁ ସ୍ୱର ସେ ଶୁଣିଲେ ସେ କଣ ? ଏ ଯୁଗର ମଣିଷ ହୋଇ ସେ କଣ ··· ··· ··· ନାଁ ! ଭ୍ରମ ଧାରଣା । କିନ୍ତୁ କାହାର ଉପସ୍ଥିତି ଯେମିତି ସେ ପବନ ଦେହରେ ଅନୁଭବ କରୁଛନ୍ତି । କାହାର ନିଶ୍ୱାସ ଯେମିତି ତାଂକ ଅତି ନିକଟରେ ବାଜୁଛି । କାହିଁ ? ଚାରିଆଡେ ଗାଢ଼ ଅନ୍ଧକାର । ସେ ହାତ ବୁଲାଇଲେ ଚାରିପଟେ । କାହାର ଅସ୍ତିତ୍ୱ ଧରିନେବା ପାଇଁ । କିନ୍ତୁ ଏ କଣ । କିଏ ଯେମିତି ଦଉଡ଼ି ପଳାଉଛି ଗଛ ପତ୍ର ଝସ୍ ଝସ୍ କରି ।

ସୁପ୍ରଭାତ ବାହୁଲ ପରି ଡାକିଲେ —

"ମା ପକ୍ଷୀ । ଅରୁଟିଏ ମା ମୋ କୋଳକୁ ଆସିଲୁ । ଆ ମା ଆ ।" ସେ ହାତ ବଢ଼ାଇଲେ ପୁଣି । ସୁ ସୁ ପବନର ସ୍ୱରରେ ସେ ଏକ ବେଗ ଅନୁଭବ କଲେ ।

ଝିପୁଝିପୁ ମେଘ ପଡୁଛି । ଉଠି ଯିବାକୁ ହେବ । ଏଁ ? ବଗିଚାର ଗଛଗୁଡାକ ତାଂକ ମୁଣ୍ଡ ଉପରେ ନଇଁ ପଡ଼ୁଛନ୍ତି ବାରମ୍ବାର କେଶ ସ୍ପର୍ଶ କରି । ଯିବା ପାଇଁ ସତେ ବା ତାଡା ! ପକ୍ଷୀ ଏମିତି ଲୁଚି ଲୁଚି ଆସି ତାଙ୍କ କେଶ ସ୍ପର୍ଶ କରି ଚାଲି ଯାଏ ବେଳେ ବେଳେ ।

ସେ ଚାଲିବାକୁ ଆରମ୍ଭ କଲେ । ଟର୍ଚ୍ଚ ଆଣିନାହାନ୍ତି । ଅନ୍ଧାର ଚାରିଆଡ଼େ । କିନ୍ତୁ ଆଗରେ ଠିକ ତାଂକ ଆଗରେ କାହାର ପାଦ ଶବ୍ଦ । ଧୀର ଧୀର ଚାଲି । କିଏ ? କିଏ ? ସୁପ୍ରଭାତ ଅଟକି ରହିଲେ । ପଦ ଶବ୍ଦ ସ୍ଥିର ହେଲା । ସେ ପୁଣି ଚାଲିଲେ । ଠିକ୍ ଠିକ୍

Digitized by PPRACHIN, SOA

ପଦ ଶବ୍ଦ ପତ୍ର ପତ୍ର ଖସ୍ ଖସ୍ । ତଥାପି କେହୁ କୁଆଡ଼େ ନାହିଁ । ମନର ଏଇଛା ଗୋଟାଏ ଦୁର୍ବଳତା । ପଲ୍ଲୀ ମାଟିରେ ମିଶି ଚୂନା ହେଲଣି କେଉଁ ଦିନୁ ।

ରାତି ଅର୍ଦ୍ଧରେ ଅନୁରାଧାଙ୍କ ଡାକରେ ସୁପ୍ରଭାତ ଉଠି ବସିଲେ ନିଦ ମଳ ମଳ ଆଖିରେ । ଅନୁରାଧା ପଚାରୁଛନ୍ତି ।

"ଶୁଣୁଛ ! ତୁମେ କଣ କଲମଣ୍ଟା ଛାଡ଼ି ଆସିଛ ?"

ସୁପ୍ରଭାତ ଉଠି ବସିଲେ । କଲମଟି ତାଙ୍କର ଅତି ପ୍ରିୟ । ପଲ୍ଲୀର କବର ପାଖରେ ବସି ଲେଖୁ ଲେଖୁ ସେ ଭୁଲରେ ଛାଡ଼ି ଆସିଛନ୍ତି ସେଇଟିକୁ ସେଠି । ସନ୍ଧ୍ୟା ହୋଇଗଲା ପରେ ତାଙ୍କର ଆଉ ମନେ ନାହିଁ ।

"ତମେ କେମିତି ଜାଣିଲ ? ସତେ ତ ଛାଡ଼ି ଆସିଛି । ତମେ ବଗିଚାକୁ ଯାଇଥିଲ ନାଁ କଣ ?

ନାଁ ବଗିଚାକୁ ଯାଇନି । ନିଦ ଲାଗି ଆସୁଛି ପଲ୍ଲୀ ମତେ ହଲେଇ ଦେଇ କହୁଛି "ମା ! ବାବାଙ୍କ କଲମଣ୍ଟା ମାଳତୀ ଗଛ ପାଖରେ ରହି ଯାଇଛି !" ପରେ ଶୋଇ ପଡ଼ିଲି ଜାଣି ନପାରିଲି ପର । ତା ପରେ ଟିଏଣ୍ଟାଏ ମୋତେ ଶୁଆଇ ଦେଉନି । ବାରମ୍ବାର ସତେ ଯେମିତି ହଲେଇ ଦେଇ ଡାକୁଛି ।"

"ଓଃ ।

ସୁପ୍ରଭାତ ନୀରବରେ ବସି ରହିଲେ । ଝାଳ ବୋହି ଯାଉଛି । ମେଘ ଆକାଶରେ ଜମି ରହିଛି । ସେ ଦ୍ୱାର ଆଡ଼କୁ ଅଗେଇଲେ ।

"ନାଁ ! ଯାଅନି ମୋ ରାଣ । ଏତେ ରାତିରେ ତମକୁ ଏକୁଟିଆ ବଗିଚାକୁ ମୁଁ ଛାଡ଼ି ଦେବିନି । ଯାଉ କଲମଣ୍ଟା ।"

ଅନୁରାଧାଙ୍କ ଆଖିରେ ଭୟ ଓ ଆକୁଳତା । ସେ ତାଙ୍କ ହାତ ଦୁ'ଟାକୁ ଧରିଛନ୍ତି । ହାତ ମୁଠା ଭିତରେ ତାଙ୍କର ଜକେଇ ଉଠୁଛି ଝାଳ ଟୋପା ଟୋପା ।

Digitized by PPRACHIN, SOA

"ଛୁଡ ଛୁଡ଼ ଅନୁ । ପକ୍ଷୀକୁ ଡରୁଛ ? ନଜର ଦିଅ ତମର । ଦଯ୍ୟା ନାହିଁ । ବଗିଚ୍ଚ ଭିତରେ ଏକୁଟିଆ ପଡ଼ିଛୁ । ଖର୍ ନାହିଁ, ବର୍ଷା ନାହିଁ । ମମତା ବୋଲି ଜିନିଷ ତମର ନାହିଁ ଅନୁ ?

ଅନୁରାଧା ଜାଣି ପାରିଲେ ସେ ସୁପ୍ରଭାତଙ୍କୁ ଅଟକାଇ ପାରିବେନି । ବେଶୀ ଉତ୍ତେଜିତ ହେଲେ ବ୍ଲଡ଼ ପ୍ରେସର ବାଢ଼ିଯିବ । ଦେହ ଭଲ ନାହିଁ ବି ତାଙ୍କର । ତାଂକ ପଛେ ପଛେ ବି ଯାଇ ପାରିବେନି ଅନୁରାଧା । ଶେଳୀ ଏକୁଟିଆ ଶୋଇଲେ ଚିତ୍କାର କରି କାନ୍ଦିବ । ସେ ଫେରି ମଶାରୀ ଭିତରେ ପଶିଲେ ।

ତା ପରଦିନ ଅନୁରାଧା ନିଦରୁ ଉଠି ଖୋଜି ହେଲେ ସୁପ୍ରଭାତଙ୍କୁ । ଗଲେ କୁଆଡେ ସେ । କଣ ଗଲା ରାତିରୁ ଫେରି ନାହାନ୍ତି । ବିଛଣା ଶୂନ୍ୟ । ସେ ଧାଇଁଗଲେ ବଗିଚ୍ଚ ଆଡକୁ । ମନରେ ପାପ ଛୁଉଁଛି ।

ସୁପ୍ରଭାତ ଶୋଇ ପଡ଼ିଛନ୍ତି ମୁଣ୍ଡ ରଖି ପକ୍ଷୀର କବର ଉପରେ ଯେମିତି ବେଳେ ବେଳେ ସେ ଶୋଇ ପଡନ୍ତି ଅଗ୍ରୁଟ ହୋଇ ଲେଖି ଲେଖି କି କାମ କରୁ କରୁ ଆର୍ମ ଚେୟାର ଉପରେ । ତାଂକ ଦେହ ଉପରେ ଝରି ପଡ଼ିଛି ମଧୁମାଳତୀର କେତେ କେତେ ଧଳା ନାଲି ଝରା ପାଖୁଡ଼ା । ଗୋଡ଼ ପାଖରେ ଝରି ପଡ଼ିଛି ମେଂଗ୍ରୁଏ ଗଙ୍ଗ ଶିଉଳୀ । ଅନୁରାଧା ଯାଉ ଯାଉ ଅଟକି ରହିଲେ । ମନ ଭିତରଟା ଦବି ଯାଉଛି କେମିତି ।

ହଲେଇ ଦେଇ ସୁପ୍ରଭାତଙ୍କୁ ଡ଼ାକିଲେ ସେ । ଏଁ ଏ କଣ ? ଏତେ ଥଣ୍ଡା ଦେହ ହାତ । ନଇଁ ପଡ଼ିଲେ ଅନୁରାଧା । ରକ୍ତର ସ୍ରୋତ ବନ୍ଧ ଯାଇ ପକ୍ଷୀର କବର ଉପରେ । ଟେଲା ବାନ୍ଧି ଯାଇଛି । ଗତ ସଂଧ୍ୟାରେ । ଅନୁରାଧା ଯେଉଁ ଗୋଲାପ ଗୁଚ୍ଛ ପକ୍ଷୀକୁ ଦେଇଥିଲେ ତାକୁ ଆସ୍ତେ ସ୍ପର୍ଶ କରୁଛି ରକ୍ତର ସ୍ରୋତ ! କି ଗୋଟାଏ ବିକଟ ଗନ୍ଧ । ଅନୁରାଧା ଚିତ୍କାର କରି ଟଳି ପଡ଼ିଲେ ସେଇଠି ସଂଜ୍ଞାଶୂନ୍ୟ ହୋଇ ।

ଡାକ୍ତର କହିଲେ ଖୁବ ହାଇ ବ୍ଲଡ ପ୍ରେସରରେ ସୁପ୍ରଭାତଙ୍କର ମୃତ୍ୟୁ ଘଟିଛି । ଅନୁରାଧାଙ୍କ ଆଦେଶରେ ସୁପ୍ରଭାତଙ୍କୁ ପକ୍ଷୀର କବର ପାଖରେ କବର ଦିଆଗଲା । ହୁଏତ

Digitized by PPRACHIN, SOA

ମୃତ୍ୟୁରେ ସେ ଟିକିଏ ଶାନ୍ତି ପାଇବେ । ଯାହା ସେ ଜୀବନ କାଳ ଭିତରେ ଝୁରି ଝୁରି ପାଇଲେନି କାହାଠାରୁ ।

ପ୍ରତିଟି ସଂନ୍ଧ୍ୟାରେ ଅନୁରାଧା ଆଜି କାଲି ବସନ୍ତ ସେଇଠି ଶୈଳୀକୁ ନେଇ । ଦେବ ଦେବୀର ଆଶା ଛାଡ଼ି ସେ ତାକୁହିଁ ତୀର୍ଥ କ୍ଷେତ୍ର କଲେ । ସ୍ରଷ୍ଟା ଓ ସୃଷ୍ଟିର ପାର୍ଥକ୍ୟ ଏତେଦିନେ ଅନୁଭବ କରି ପରାସ୍ତ ହେଲେ ଆଖି ଲୁହରେ ମାନିନୀ ଅନୁରାଧା ।

Digitized by PPRACHIN, SOA

କଥାଟିଏ କହୁଁ...

ସେକ୍ରେଟେରୀଏଟ ଅଫିସ ଭିତରକୁ ପଶି ଯାଉ ଯାଉ ଦ୍ୱାର ବନ୍ଧ ପାଖରେ ସେ ଅଟକି ଗଲା । ଝାଳ ବାଳୁ ବାଳୁ ମୁହଁଟା ମାଇଲ୍ଏ ବାଟ ଚାଲି ଆସିଲାପରେ ରଂଗା ପଡ଼ି ଯାଇଛି । ଇସ୍ ! ରୁମାଲ୍‌ଟାଏ ଆଉ କିଣା ହୋଇ ପାରିଲନି । ଲୁଗା କାନିଟାରେ ମୁହଁଟା ପୋଛି ଆଣିଲା ପରସ୍ତେ ସୁରଭି । ସେ ପାଖରୁ କିଏ ଜଣେ କହୁଛି "ହେଁ" ହେଉଛି ଝିଅଟି ନାଁ ଶଫ୍ୟାଳି ପରା । ଚମକି ପଡ଼ିଲା ସୁରଭି । ବଢ଼େଇଲା ପାଦ ଦ୍ୱାରବନ୍ଧ ପାଖରେ ଅଟକି ଗଲା । ସେ ଶଫ୍ୟାଳି—ଆଗ୍ରଯୁଷ୍ମନା । କେଉଁ ଦୂର ରାଜ୍ୟରେ ଘର ତାର । ଜୀବନ ବଂଚେଇବା ପାଇଁ ଆଜି ସେକ୍ରେଟେରୀଏଟ ଦ୍ୱାରବନ୍ଧ ପାଖରେ ସେ । ତାଙ୍କର ଇଷ୍ଟେଟ ବୁଝିବା ପାଇଁ ତାର ଭଲ ବି. ଏ ପାଶ୍ କରା କେତେ ଜଣ କର୍ମଚାରୀ ତାଙ୍କର ଥିଲେ । ବିଶାଳ ପ୍ରାସାଦ । ଦୁଇ ଦୁଇଟା କାର । ପାହୁଣ୍ଡେ ବାଟ ଚାଲି ନଥିଲା କାହାକରେ ସେ । ଯାଇଁ କରି କାରଟାଏ ପଶି ଆସିଲା ଘର ଭିତରକୁ । ବଡ଼ ସାହେବଙ୍କ କାର ।

Digitized by PPRACHIN, SOA

ମ୍ବକ ଆଉ ଏ ଏସ ଅଫିସର । ଦେଖିଲେ ସେ ମୃତ୍ୟୁକୁ ମୁଚ୍ୟୁନ୍ତ ହସନ୍ତ ବନ୍ଧୁନ୍ତର ନିଦର୍ଶନ ନେଇ । ଗୁଡ଼ ମାଗଲ ପର ସୁରଭି ଯାଇଁ ବସିଲା ତା ଚେୟାରରେ । ସାମ୍ନା ଚେୟାର ଖାଲି ପଡ଼ିଛି - କଣିକା ଛୁଟି ନେଇଛି ।

ଚଂଚଳ ଚଂଚଳ କାମ ସାରିବାକୁ ଚେଷ୍ଟା କଲା ସୁରଭି । ଘରେ ବହୁତ କାମ । ମାଙ୍କୁ ଯେମିତି ହେଲେ ଡାକ୍ତର ଦେଖେଇବାକୁ ହେବ । ପିଠି ମଝି ହାଡ଼ ପାଖରେ ଧଳା ଧଳା ପାଣିଚିଆ ଲାଲ ମିଶା ଗୁଡ଼ାଏ କଣ ଚହ୍ଲ ହେଲାଣି କେତେ ଦନୁ । ଜ୍ୱର ବ । ସୁରଭିର କଲମ ଅଟକି ଗଲା ଗୁଏଁ ଗୁଏଁ । କିଛି ନ ହେଉ । ମା'ର ମୁହଁଟା ଝାପସା ହୋଇ ଆଖି ଆଗରେ ଝଲସି ଉଠିଲା ତାର । ବିଚାରୀ ! କେତେ ସୁଖରେ ନ ଥିଲା । ଦୀର୍ଘଶ୍ୱାସ ଛାଡ଼ି ସୁରଭି କାମରେ ମନ ଦେଲା । ହଁ ସାନ ଭାଇଟାକୁ ଚୁପି କପ । ରାତସାରା କାଶି କାଶି ବେଦମ ହୋଇ ଯାଉଛି । ତାର ବ ଚିକିତ୍ସା ଲୋଡା । ଆଉ ସାନ ଭଉଣୀର ଫ୍ରକ୍ ନାହିଁ । ଯେମିତି ହେଉ ରାଜି ଅନଦ୍ରା ହେଉ ପଛେ ଧାର କରି ଦେବାକୁ ହେବ । ସନ୍ଧ୍ୟାରେ ଅଛି ଫେର୍ ଟିଉସନ ସନ୍ଧ୍ୟାରେ ଅଛି ଫେର୍ ରମାକାନ୍ତର ଅସହ୍ୟ ଦାଉ ଜ୍ୱଳନ୍ତ-କାରୀ ବକ୍ତୃତା । ଚଞ୍ଚଳ ହୋଇ ଉଠିଲା ସୁରଭି । ଭଙ୍ଗା କଲମଟା ଗ୍ରିପ୍‌ରେ ଗୃଳୁଥିବାରୁ ହାଲୁଛି । ଭୁଲ ହେଉନ ତ କେଉଁଠି କିଛି । ମୁହଁ ଉପରକୁ ଟେକି ସେ ଅନେଇଲା । ଝାଳ ଟୋପାଏ କପାଳ ଉପରୁ ଫାଇଲ ଉପରେ ପଡ଼ିଗଲା । ତରତରରେ ପୋଛି ଆଣିଲା ସୁରଭି ସେ ଟୋପାଟା ପଣତ କାନରେ ।

"କଣ ଆପଣ ଆଜି ଭାରି ବ୍ୟସ୍ତ ଥିଲାପରି ଲାଗୁଛନ୍ତି ସୁରଭି ଦେବୀ ।" ପାଟିରେ ପାଟିଏ ହସ କଲ କଲ କରି ସେ ପାଖ ଟେବୁଲରୁ ଚଶମା ଫାଙ୍କରେ କଣେଇ ଚାହିଁ ପ୍ରଶ୍ନ କଲେ ଶଙ୍କର ବାବୁ । ଅଯଥା ଉପରେ ପଡ଼ି କଥା କହନ୍ତି ସେ । ହସିଦେଲେ ପାନ ଖିଆ ପୋକଖିଆ ଦାନ୍ତ ଝଟକି ଉଠେ ସତେ କି କୋଇଲା ଦେହରେ ନିଆଁ ମୁଣ୍ଡାଏ । ସୁରଭି ମନେ ମନେ ବିରକ୍ତ ହେଲେ ବ ଉତ୍ତର ଦେଲାନି । ପଛଆଡ଼େ ଫୁସ୍‌ଫାସ୍ ଗୃପା ଗୁଞ୍ଜନ । ତାରି ନାଁରେ କଥା ହେଉଥିବେ ତ ଆଉ କଣ ? କାମରେ ମନ ଦେବାକୁ ଲାଗିଲା ସେ ।

ଟିକିଏ ଗଲା । ଖଟ କରି ଶବ୍ଦ ହେଲା । ସୁରଭି ମୁଣ୍ଡ ଟେକି ଚାହିଁଲା ।

'ବଡ଼ ସାହେବ ଡାକୁଛନ୍ତି ଆପଣଙ୍କୁ ।" ଚପରାଶୀର ସ୍ୱର୍ଗୀୟ ବାଣୀ ।

ସୁରଭି ଚମକି ପଡ଼ିଲା ନାହିଁ । ବଡ଼ ସାହେବଙ୍କର ରୋଜ ଡ଼ାକରା । ଭଲ ଲାଗୁନି ସୁରଭିକୁ ଆଉ । ଆଉ ପ୍ରତିଦିନ ସେ ଚେୟାର ଛାଡ଼ି ଗଲାପରେ ପଛଆଡ଼େ ତାର ଅଶ୍ଳୀଳ

Digitized by PPRACHIN, SOA

ଇଙ୍ଗିତ । ଦେହ ସହା ହେଲାଣି । ବେଳେବେଳେ ସହଜ ଜିନଷ ବି ଅସହ୍ୟ ହୁଏ ।
ମୁହଁକୁ ଫୁଙ୍ଗି ଲୁଗା କାନରେ ପୋଛୁ ସେ ଉଠି ଆସିଲ । ଚପରାଶୀଟା ସତେ କି ଏକ
ତାଲଗଛ । ଯମଦୂତ ପରି ଆଗେ ଆଗେ ଚାଲିଛୁ ।

ସାହେବଙ୍କ ରୁମରେ କଳା ପରଦା ଓଢ଼ଣା ପକାଇ ଛବି ଦେହରେ ମାଟିଆ ଭରି
ଜଳ ନେଇ ଢ଼ଳ ଢ଼ଳ ଚାଲୁଛନ୍ତି ଅସଂଖ୍ୟ ତରୁଣୀ । ଭୟ ଲାଗୁଛୁ—ପୁରୁଣା ପାଟଲାମୀ
ନ ବାହାରିଲେ ହେଲ । ବିଚରା କଣିକା ସେଇ ଜାଲାରେ ଅଧା ଦିନ ଛୁଟୀ ନେଇଛୁ ।
କେବେ ଫେରିବ କେଜାଣି ?

ଭିତରକୁ ପଶିଗଲ ସୁରଭି । ସାହେବ ବ୍ୟସ୍ତ ହୋଇ ପଡ଼ିଲେ । ତରତରରେ ଉଠି
ଯାଇ ଫ୍ୟାନର ସ୍ୱିଚ୍‌ଟା ବଢ଼େଇ ଦେଇ ଆସିଲେ । କିଛୁତ ଗୋଟାଏ କରିବେ—ଯେପରି
ସେ ପ୍ରକୃତସ୍ଥ ନାହାନ୍ତି ।

"ସୁରଭି !" କଣ୍ଠରେ ଯେପରି ତାଙ୍କର ଏକ ଭଂଜସ୍ୱ ଲଳିତ୍ୟ । ଆନତ ମୁଖ
ଟେକି ଚାହିଁଲ ସୁରଭି । ଆଖିରେ ଆଜି ତାଙ୍କର କ୍ଷୁଧାର୍ତ୍ତ ଚାହାଣୀ ଭରି ରହିଛୁ । ଗୋଡ
ଠାରୁ ମୁଣ୍ଡ ପର୍ଯ୍ୟନ୍ତ ଥରି ଉଠିଲ ସୁରଭି । ଉତ୍ତର ଖୋଜି ପାଇଲନି ସେ ।

"ଆରେ ଛିଡା ହେଲ କାହିଁକି ବସ । କଥାକୁ ଅପେକ୍ଷା ନ ରଖି ସୁରଭିକୁ ଏକ
ରକମ ଧରି ବସେଇ ଦେଲେ । ଜଳ ଉଠ ଥିବା ରାଗକୁ ଚାପି ଧରି ସୁରଭି ଓଠ କାମୁଡ଼ି
ପକାଇଲ ଅଜାଣତରେ । ବାଘର ଗୁହାରେ ଛେଳି ପରି ସେ ଜଡ଼ ହୋଇ ବସି ପଡ଼ିଛୁ
କେବଳ ଆସନ୍ନ ବିପଦକୁ ସମ୍ବର୍ଦ୍ଧନା ଜଣାଇବା ପାଇଁ । ତା ଛଡା ଆଉ ପଥ ନାହିଁଯେ ।

ସୁନେଲୀ ଚଶମା ଫାଙ୍କରେ ଦୁଇଟା କ୍ଷୁଧାର୍ତ୍ତ ଆଖି । ଅବସର ଖୋଜୁଛୁ ଯେମିତ ।
ବେଳ ପାଖରେ ଦାମୀ ଟାଇଟାକୁ ସାହେବ ଟଣାଟଣି କରୁଛନ୍ତି । କଣିକା କହୁଥିଲ
ସାହେବ ଉତ୍ତେଜିତ ହେଲେ ଟାଇଟା ଉପରେ ଏମିତ ଅଯଥ ଅତ୍ୟାଚାର କରନ୍ତି । ମେଦ
ବହୁଳ ଚର୍ବିଳ କୋମଳ ଚେହେରା । ଭୟ ଲାଗେ ସୁରଭିକୁ ।

"ସିନେମା ଆଜି ଯାଇ ପାରିବ ମୋ ସାଙ୍ଗରେ ?"

"ସାର୍ !"

Digitized by PPRACHIN, SOA

ଭୟଗ୍ରସ୍ତ କଣ୍ଠରେ ଅସ୍ପଷ୍ଟ ଚିତ୍କାର କରିଥିଲା ସୁରଭି ।

"ନହେଲେ ଆସି ପାରିବ ମୋ ଘରକୁ ସନ୍ଧ୍ୟା ସମୟରେ । ଏଇମିତି ମାନେ, ମାନେ ଟିକିଏ ଆଲାପ କରିବା ପାଇଁ ।" ବିଚକ୍ଷଣ ବିଜ୍ଞାନୀ ଆଇ ଏ ଏସ ଅଫିସରଙ୍କ ତଣ୍ଟି ଅଠା ଲାଗି ଯାଉଛି ।

"ମୁଁ ଆସୁଛି ସାର !" ସୁରଭି ଚେୟାର ଛାଡ଼ି ଠିଆ ହେଲା ।

"ଆରେ ତମେ ରାଗିଲ ନାଁ। କଣ ?" ଚାଲି ଯାଉଥିବା ସୁରଭିର ପଣତ କାନିଟା ଭିଡ଼ି ଧରିଲେ ।

ଫେରି ଚାହିଁଲା ସୁରଭି । ଆଖିରୁ ଯେପରି ଅଗ୍ନି ସ୍ଫୁଲିଙ୍ଗ ଉଦ୍‌ଗତ ହେଉଛି । "ଅଭଦ୍ରାମୀର ସୀମା ଅଛି ସାର୍ !"

ଛାଡ଼ିଦେଲେ କାନିଟା ତାର ସାହେବ । ରାଗରେ ସେ କାନ୍ଧି ଉଠୁଛନ୍ତି । ଏକା ନିଃଶ୍ୱାସକେ ପରଦା ଆଡେଇ ଚାଲି ଆସିଲା ସୁରଭି ।

ଲେଉଟି ଆସି ସୁରଭି ଟେବଲ ପାଖରେ ବସି କଲମଟା ଗୋଟାଇ ଧରିଲା । ହାତ ଦେହ, ମୁଣ୍ଡ ସବୁ ଥରୁଛି । ଯାଃ ! ଆଉ ସେ ପାରିବନି । କେତେ ନିର୍ଯ୍ୟାତନା, କେତେ ଆତ୍ମ ଲାଞ୍ଛନା ସହି ଆଉ ଚାକିରୀ କରିବ ? ଅଫିସ ସାରା ସମସ୍ତେ କାମ ବ୍ୟସ୍ତ । କଣେଇ ଚାହିଁଲା ସୁରଭି । ଶଙ୍କର ବାବୁ ପାନ ଚୋବା ପୋକଡା ଦାନ୍ତଟା ମେଲାଇ ଛନଛିଲା ଆଖିରେ ତାକୁ ଚାହିଁ ରହିଛନ୍ତି । ମନ ହେଲା ଚଟି ଉଠାଇ ଆପଡ଼ଟାଏ ଲଗାନ୍ତା ! ଅଫିସ ଘଣ୍ଟାରେ ଢଂ ଢ଼ଂ ବାଜିଲା ଦୁଇ ।

ପର୍ବତ ପରିମାଣରେ ଫାଇଲ ଗଦା ହୋଇଛି । କେବେ ଏ ସବୁ ଦେଖା ସରିବ କଣ ସବୁ ଭୁଲି ଗଲାଣି ସେ । ଓଃ ! ମୁଣ୍ଡ ପୋଡିଲା ସୁରଭି ।

"ସାହେବ କଣ ଗାଳି ଦେଲେକି ?" ଶଙ୍କର ବାବୁଙ୍କର ଅଯାଚିତ ପ୍ରଶ୍ନ ।

ବଲ୍ ବଲ୍ କରି ସୁରଭି ବୋକାଙ୍କ ପରି ଚାହିଁଥିଲା ଖାଲି ।

Digitized by PPRACHIN, SOA

ମୁଣ୍ଡଟା ଯେମିତ କାମ କରୁନାହିଁ । ନୀରବତାର ଆଶ୍ରୟ ନେଇ ଶଙ୍କର ବାବୁ ହେଁ ହେଁ ହସି ହସି ଉଠି ଆସିଲେ ତା ପାଖକୁ । ମୁଁ କଣ କହୁଥିଲି କି ? ଆପଣଙ୍କ ଗୋରା ମୁହଁଟା ନାଲି ପଡ଼ି ଯାଇଛି । ବ୍ୟସ୍ତ ଥିଲାପରି ଲାଗୁଛନ୍ତି । ବଅନ୍ତୁ ମୁଁ ଆପଣଙ୍କୁ ସାହାଯ୍ୟ କରି ଦେଉଛି ।

ଚେୟାର ଟାଣି ବସିବାର ଉପକ୍ରମ ନ କରୁଣୁ ସୁରଭି ଗର୍ଜି ଉଠିଲା—

ଆପଣ ମତେ ବାରମ୍ବାର ବିରକ୍ତ କରୁଛନ୍ତି ମୁଁ ରିପୋର୍ଟ କରିବି ଆପଣଙ୍କ ନାଁରେ !

ପଛକୁ ଘୁଞ୍ଚି ଆସିଲେ ଶଙ୍କର ବାବୁ । ଆଫିସ ଯାକର କୌତୁହଳୀ ଆଖି ସେଇ ଦୁଇ ଜଣଙ୍କ ଉପରେ ସୀମାବଦ୍ଧ । ଅସହ୍ୟ ଅପମାନରେ ସୁରଭି ଜଳି ଉଠୁଥିଲା । ଏମାନେ କେହି ତାକୁ ବଞ୍ଚାଇ ଦେବେନି । ଘରକୁ ଗଲେ ଚିନ୍ତା ଜଞ୍ଜାଳ ଅଭାବ ପୀଡ଼ନରେ ମୁହୂର୍ତ୍ତେ ଶାନ୍ତି ନାହିଁ । ବାହାରେ ସମସ୍ତେ ତାର ରକ୍ତ ଶୋଷି ନ ଖାଇଲା ପର୍ଯ୍ୟନ୍ତ ଶେଷ ନାହିଁ । କେଉଁଠି ତେବେ ଏ ଯାତାର, ଏ ଶକ୍ତ ଜୀବନର ଶେଷ ତାର ? ଭୂତ ଲାଗିଛି ସୁରଭିକି—ସେଇ ଭୂତ ଶେଷରେ ତାକୁହିଁ ଜାଳି ପୋଡ଼ି ଖାଇବ । ଗୃହ ଉନ ପାଇଁ ଲମ୍ବା ଛୁଟିଟାଏ ନେଇ ଦରଖାସ୍ତଟା ସାହେବଙ୍କ ପାଖକୁ ପଠାଇ ଦେଇ ସେ କୌଣସି ମତେ ବାହାରକୁ ପଳାଇ ଆସିଲା । ବାଟା କଂପାନୀର ବହୁଦିନର ପୁରୁଣା ଛତାଟା ଅଧା ଫୁଟି ଗଲାଣି । ଦୁମ୍ ଦୁମ୍ ଖରାବେଳେ ସେ ରାସ୍ତା ଉପରକୁ ଉଠି ଆସିଲା । ଭାରତ ସରକାରଙ୍କ ସର୍ବସାଧାରଣମାନଙ୍କ ପାଇଁ ନିର୍ମିତ ରାଜପଥ । ଏଠି ସମସ୍ତଙ୍କର ସମାନ ଅଧିକାର । ତଥାପି କାର, ଟ୍ରକ ଆଉ ବଳଦ ଗାଡ଼ି ରିକ୍ସା ଏବଂ ପଥଚଲା ମଣିଷ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ବି ଏ ରାସ୍ତାରେ ରହିଛି । ସୁରଭି ବହୁ କଷ୍ଟରେ ହସିଲା ଟିକିଏ ।

ପାହୁଣ୍ଡେ ନ ଚାଲୁଣୁ ଗୋଡ଼ର ଚଟିଟା ଛିଣ୍ଡିଗଲା । କାଞ୍ଚନମେଣ୍ଟର ପିଚୁ ଢଳା ରାଜପଥ ଉତ୍ତପ୍ତ ହୋଇ ରହିଛି । ପାଦ ଲାଗୁନି । ଚଟି ଦିଟାକୁ ହାତରେ ଧରି ସେ ଥୋଡାଏ ବାଟ ଚାଲି ଆସିଲା । ଟିକିକ ପରେ ଗୋଡ ଆଉ ତଳେ ଲାଗିବାକୁ ନାରାଜ । ଫୋଟକା ହୋଇ ଗଲାଣି । କଣ କରାଯାଏ । ଆକାଶରେ ଏପ୍ରିଲ ମାସର ପ୍ରଚଣ୍ଡ ସୂର୍ଯ୍ୟ ଦୂରରୁ ମଲ୍ଲୀକାର ସୁନ୍ଦର ଘରଟା ଦେଖା ଯାଉଛି । ମଲ୍ଲୀକାକୁ ଭଲ ଲାଗେନା ତାକୁ । ବଡ଼ ଖର କଥା । ସୁରଭିର ଦାରିଦ୍ର୍ୟ ନେଇ ଥଟ୍ଟା କରେ ସେ କେମିତି ବିକୃତ ଧରଣରେ । ରିକ୍ସାଟାଏ ପାଇଲା ପର୍ଯ୍ୟନ୍ତ ତା ବାରଣ୍ଡାରେ ଛିଡ଼ା ହୋଇ ଯିବାକୁ ପଡ଼ିବ ।

Digitized by PPRACHIN, SOA

ଆକାଶକୁ ଅନେଇଲା ନିରାଶରେ ସେ । ପ୍ରିୟ ପଶ୍ଚିମ ସୂର୍ଯ୍ୟ ଯେମିତି ନିଦାରୁଣ— ଯେମିତି ତାପ ରଶ୍ମି ଢାଳିବାରେ ଅକୃପଣ । ଭସା ମେଘ ଖଣ୍ଡେ ଖଣ୍ଡେ ଏପଟ ସେପଟ ବୁଲୁଛନ୍ତି । ଗୃହଆଡ଼ ନିସ୍ତବ୍ଧ । ମଲ୍ଲୀକା ଘରଟା ନିକଟ ହୋଇ ଆସିଲାଣି । ବାଲ୍‌କୋନି ଉପରେ ମଲ୍ଲୀକାର ସଫା ଗୋରା ଚକଚକ ଦେହଟା ବେଶ୍ ସୁସ୍ପଷ୍ଟ ଦେଖା ଯାଉଛି । ମଲ୍ଲୀକା ରୂପ ନେଇ ଜିଣିଗଲା ତାକୁ । ତାର ସାଥିରେ ଇଷ୍ଟ ବେଙ୍ଗଲରୁ ପଳାଇ ଆସିଥିଲା ସେ ଅଥଚ·········ମଲ୍ଲୀକା ଆଜି ସୁଗୃହିଣୀ—ଇଞ୍ଜିନିୟରର ପତ୍ନୀ ।

ସେ କେତେବେଳେ ଆସି ପହଞ୍ଚି ଯାଇଛି ମଲ୍ଲୀକାର ବାରଣ୍ଡାରେ ତାର ଖିଆଲ ନାହିଁ । ମଲ୍ଲୀକା ବାଲ୍‌କୋନିରୁ ଆସିଲାଣି ତାକୁ ଅଭ୍ୟର୍ଥନା ଜଣାଇବାକୁ । ସୁରଭି ହାତରେ ଛିଣ୍ଡା ଚପଲ ଦୁଇଟାକୁ ଦେଖି ମଲ୍ଲୀ ଭ୍ରୂକୁ କୁଞ୍ଚିତ ହୋଇ ଉଠିଲା । ପାଟିରୁ ତାର ହଠାତ ବାହାରି ପଡ଼ିଲା—

"ଜଲେ, ଚଟିଟା ସେଇ ଦୁଇ ବର୍ଷତଳୁ ସାଇତି ରଖିଛୁ । ମୋର ତା ଉପରେ ଦଶ ଯୋଡ଼ା କିଣା ସରିବଣି । କଣ ଆଉ ସେଥିରେ ଅଛି । ଫୋପାଡ଼ ଦେମ ହାତଟା ମଇଳା ହେଉଛି !" ସେଇ କଣ୍ଠ—ଯେମିତି ଚଞ୍ଚଳ ଅଛି ମଲ୍ଲୀକା । ବୈବାହିକ ଜୀବନ ସେଥିରେ ଆଞ୍ଚ ଆଣି ପାରିନାହିଁ ।

ମୁରୁକି ହସିଲା ସୁରଭି । ମଲ୍ଲୀକାର କଥା ବାର୍ତ୍ତା ବଡ଼ ବେଖାପ । ଚଟିଟାକୁ ତଳେ ଥୋଇ···ପେଣ୍ଡା ବେଞ୍ଚ ଉପରେ ବସି ପଡ଼ି ସେ ଝାଳ ପୋଛିଲା ।

"ଗିଲାସେ ପାଣି ମଗେଇ ଦେବୁ ମଲ୍ଲୀ ! ଭାରି ଗରମ ।"

"କଣ ପିଇବୁ କହ । କୋଲ୍ ଡ୍ରିଙ୍କ୍ ବରଫ ସରବତ ନା ଆଇସକ୍ରିମ, ନା ଅରେଞ୍ଜ ସ୍କ୍ୱାସ, ନାଁ କୋକୋକୋଲା ? ନାଁ ଗ୍ଲାସ କ କଫି ପିଇବୁ । ନହେଲେ ଓଭାଲଟିନ କ ହରଲିକସ୍ ପିଇ । କହ ଯାହା ତୋର ଇଚ୍ଛା ।"

ସୁରଭି ଭାବୁଥିଲା କେଉଁ ଦୂର ଅତୀତରେ ସେ ଏ ସବୁ କଥା ଭୁଲି ଯାଇଛି । ମଲ୍ଲୀକା ଥିଲା ତାଙ୍କର ଘରେ ନିଯୁକ୍ତ କର୍ମଚାରୀଙ୍କ ଝିଅ । ଅଥଚ ସୁବିଧା ପାଇଲେ ମଣିଷ ମନୁଷ୍ୟତ୍ୱକୁ ଭୁଲିଯାଏ କିପରି ? ମଲ୍ଲୀକା ପ୍ରଶ୍ନବାଚକ ଦୃଷ୍ଟିରେ ଠିଆ ହୋଇଛି ।

"ଖାଲି ଗିଲାସେ ଥଣ୍ଡା ପାଣି ଦେ ମଲ୍ଲୀ—ସେଇ ଯଥେଷ୍ଟ ।" ମଲ୍ଲୀକା ପାଣି

Digitized by PPRACHIN, SOA

ମଣେଇ ଚୁପ ହୋଇ ବସିଲି । ସୁରଭିଙ୍କୁ ସେ କେଉଁଦିନ ହେଲେ ପାରିନି । ହାତରେ ଥିବା ଛୁଞ୍ଚି ସୂତାରେ ପୁଣି ସେ ମନ ଦେଲି । କିନ୍ତୁ ଗପୁଡି ମଲ୍ଲୀକା ଛାଡିବାର ପାର୍ଟୀ ନୁହେଁ । ସୁରଭିର ସମସ୍ତ ଖବର ସେ ନେବ । କଣ ଆଜି କାଲି କରୁଚୁ ? ବହୁତ ପିଲେଇ କରି ସାରିବୁଣି ତୁ । ନିଶା ଖାଇଲା ପରି ତୁ କରୁ । ମୁଁ ସିନା ଅଳସେଇଟାଏ କିଛି ସରେନା । ତାଙ୍କ ରୁମାଲରେ ନାଁଟାଏ ଲେଖିବାକୁ ଯୁଗେ ଗଲାଣି ଚାରି ହୋଇ । ମଲ୍ଲୀକାର କଣ୍ଠରେ ଆନନ୍ଦର ଢେଉ ।

"କିଛି ନାହିଁ" । ତୋ ପରି ତ ଆଉ ସୌଖିନ ଜୀବନ ମୋର ନୁହେଁ । ଦାମୀ କାର୍ପେଟ ଉପରେ ଗଡ଼ରେଜ ସୋଫାରେ ବସି ଫୁଲ ସ୍ପିଡରେ ଫ୍ୟାନ ଚଲାଇ ରେଡିଓ ଖୋଲି ଛୁଞ୍ଚି ସୂତା ଧରି ବସିବ ମଲ୍ଲୀ । ଜୀବନ ମୋ ପାଖରେ ବଡ କଠିଣ । ବଡ଼ ସଂଗ୍ରାମମୟ । ଆଭିଜାତ୍ୟ ଦେଖାଇ, ଅହଙ୍କାର ଦେଖାଇ ମତେ କଣ ତୁ ଆପ୍ୟାୟିତ କରି ପାରିବୁ ? ଉଠି ପଡ଼ିଲା ସୁରଭି ହାତରେ ଚପଲ ଦୁଇଟା ।

"ଏଁ ମତେ ମାରିବୁ ନା କଣ ।" ମଲ୍ଲୀକାର ଖୁସି କଣ୍ଠ ସ୍ୱର ।

ରାସ୍ତା ଉପରକୁ ଉଠି ଆସୁଥିଲା ସୁରଭି । ପଛକୁ ଫେରି ଚାହିଁଲା ସେ ।

'ନାହିଁଲେ ମଲ୍ଲୀ । ପାଣି ଗିଲାସେ ଖରାବେଳେ ଦେଇଛୁ । ସେତିକ କୃତଜ୍ଞତା ମୁଁ ସାରା ଜୀବନ ଜଣେଇବି ତତେ । ତୁ ସିନା ଭୁଲି ଗଲୁ ସବୁ ······ ।'

ମଲ୍ଲୀକା କଣ କହୁଥିଲା ପଛରୁ । ଶୁଣି ପାରୁ ନ ଥିଲା ସୁରଭି ଆଉ ।

ଖରା ତାତି କମି ଯାଇଛି । ସୂର୍ଯ୍ୟ ଯେମିତି ବାଦଲ ସାଥିରେ ଦଉଡ଼ି ଦଉଡ଼ି ଏପଟ ସେପଟ ବୁଲୁଛନ୍ତି । ଛିଣ୍ଡା ଚପଲ ଦୁଇଟା ଛତା ଭିତରେ

Digitized by PPRACHIN, SOA

ରଖି ଛତାଟା ହାତରେ ଧରି ସେ ଘର ଆଡ଼କୁ ମୁହାଁଇଲା । ରାସ୍ତାରେ ବେଶ୍ ଲୋକ ଆରମ୍ଭ ହୋଇ ଗଲାଣି । ଖୁବ ତରତରରେ ପାଦ ପକାଇଲା ସେ ଆଗକୁ ।

'ସୁରଭି !' ପଛରୁ କିଏ ଖୁବ୍ ଆସ୍ତେ ଡାକୁଛି ତାକୁ । ସେ ଫେରି ଚାହିଁଲା ।

ସାମ୍ବାଦିକ ତଥା କଥିତ ରାଜନୀତିଜ୍ଞ ବୋଲାଉଥିବା ରମାକାନ୍ତ ଛିଡ଼ା ହୋଇ ତାକୁ ଡାକୁଛି । ଏଇନେ ପୁଣି ବାଜେ କଥା କହିବ ! ବିରକ୍ତ ହେଲେ ବି କିଛି କହିଲା ନାହିଁ । ଏତେ ବଡ଼ ସୃଷ୍ଟିରେ ରମାକାନ୍ତ ଛଡ଼ା ନିଜର ବୋଲି ବିପଦରେ ଖୋଜିଲେ କେହି ମିଳିବେନି ତାକୁ । କିନ୍ତୁ ତା ବଦଳରେ ସେ ଦେଇଛି କଣ ? ଚାପିଲା ଦୀର୍ଘଶ୍ୱାସ ଗୁଡ଼ିକ ସେ ପଛକୁ ଫେରିଗଲା ଦୁଇହାତ ।

"ସାଧନା ନାହିଁ । ଲକ୍ଷ ନାହିଁ । କେତେଦିନ ତମେ ଏମିତି ରାଜପଥ କ୍ଷୟ କରି ଚାଲିଥିବ ସୁରଭି ? ଆଉ -ଆମ୍ଭ ତା ସାଥିରେ ମତେ ଚାଲିଇ ରଖିଥିବ ? ରମାକାନ୍ତର ସବୁ ଦିନିକିଆ ଏଇ ପ୍ରଶ୍ନ ।

"କାହିଁକି ? ସାଧନା ତୁମର ରାଜନୀତି, ଲକ୍ଷ୍ୟ ତୁମର ରାଜଗାଦୀ ରମାକାନ୍ତ । ମୋ ସାଥିରେ ତୁମେ ଚାଲିବା କିଛି ଦରକାର ନାହିଁ । ମୋର ରାସ୍ତା ଅସୁମାରୀ—ପଥ ବହୁ ଦୂର—ତମେ କଣ ଚାଲି ପାରିବ ସେଇ ଅସୀମ ପଥ । ଚାହିଁ ରହି ପାରିବ ଦିନ ରଜନୀ ସାରା ଜୀବନ ରମାକାନ୍ତ । ଦିନେ ନୁହେଁ—ରାତିଏ ନୁହେଁ ସାରା ଜୀବନ ! ତମେ ପାରିବନି ରମାକାନ୍ତ, ତମେ ପାରିବନି ... ... । ମୁଁ ଧୂଳିର ମଣିଷ— ରାଜପଥହିଁ ମୋର ସାଧନା ଆଉ ଲକ୍ଷ୍ୟ । ଅସୀମ ଜନତା ସାଥିରେ ଏ ଧୂଳି ଧୂସର ଶେଯରେ ଶେଷ ନିଶ୍ୱାସ ତ୍ୟାଗହିଁ ମୋର ଲକ୍ଷ୍ୟ ରମାକାନ୍ତ ।"

ଆଗକୁ ଚାଲିବାକୁ ଆରମ୍ଭ କଲା ସୁରଭି । ସ୍ଥାଣୁ ପରି ଛିଡ଼ା ହୋଇଥିଲା ରମାକାନ୍ତ ତା ପଛରେ ।

ସାମନାରେ ଡା: ରାୟଙ୍କ କ୍ଲିନିକ । କଲ୍ ଟାଏ ଦେଇ ଗଲେ ହେବ । ସାଥିରେ ନେଇ ଗଲେ ବି ଚଳନ୍ତା । ଯେମିତି ହେଲେ ଡାକ୍ତର ଥରେ ମା'କୁ ଦେଖେଇବାକୁ ହେବ । ଭିତରକୁ ପଶିଗଲା ସେ । ସମସ୍ତ କାହାଣୀ ଟିକେ ଶୁଣି ସାରିଲା ପରେ ଡା ରାୟ ପରସ୍ତେ ଆର୍ଥିକ ଦୃଷ୍ଟିରେ ତନଖି ନେଲେ ତାକୁ ଗୋଡ଼ଠାରୁ ମୁଣ୍ଡ ପର୍ଯ୍ୟନ୍ତ ।

Digitized by PPRACHIN, SOA

'କିନ୍ତୁ ମିସ୍ ମୋର କେତେ ଟଙ୍କା ଫିସ୍ ଜାଣନ୍ତି ? ଷୋଳ ଟଙ୍କା !'

ସ୍ତମ୍ଭିତ ହେଲା ସୁରଭି । ଏତେଟା ଟଙ୍କା ଘରେ ଅଛି କି ନାହିଁ ସନ୍ଦେହ । ପହିଲା ହେବାକୁ ଆହୁରି ଆଠଦିନ । ହାତ କାଣି ଆଙ୍ଗୁଠିରେ ପାଳଆ ହୋଇଗଲାଣି ମୁଦିଟାଏ । ଏଇଟାକୁ ପଛରେ ଶଙ୍କା ଧାର ଶୁଝିଦେଲେ ଚଳିବ ।

"ହଁ ଡକ୍ଟର ମୁଁ ରାଜି ଅଛି—ଆପଣ ଏଇକ୍ଷଣି ଆସନ୍ତୁ । ସୁରଭିର ଶୁଖିଲା ଗଳାରୁ ଅଧିକ କିଛି ବାହାରିବ ନାହିଁ ।

ଡକ୍ଟର ରାୟଙ୍କ କାରଟା ଚାଳିଶ ମାଇଲ୍ ବେଗରେ ଛୁଟୁଛି । ପଛ ସିଟିରେ ସୁରଭି ବସି ପଣତ ମୁହଁରେ ଲୁଗାଟା ଢାଙ୍କି ଦେଲା । ମୁହଁଟା ସେମିତି ଜଳୁଛି ତାର ।

ଡାକ୍ତର ତନଖି ଦେଖିଲେ ରୋଗିଣୀ ମା'ର ଦେହ । ସୁରଭି ଅଙ୍କ ଗଣୁଥିଲା ମନେ ମନେ । ଭ୍ରୁରୁ କୁଞ୍ଚେଇ ଡାକ୍ତର କହିଲେ 'ଆଇମିନ ଅଦାର ଥିଂସ । ତ୍ର ଇନ୍ତ ଅଣ୍ଡରଷ୍ଟାଣ୍ଡ । ଡରିବାର କିଛି ନାହିଁ । ଏଇତ ଆରମ୍ଭ ହେଉଛି ମାତ୍ର । ମୁଁ ଭଲ କରି ଦେବି । ଆପଣ ନିଶ୍ଚିନ୍ତ ରହନ୍ତୁ ।" ସୁରଭି ଉତ୍ତର ଦେଇ ନ ଥିଲା । ସ୍ଥାଣୁ ପରି ସେ ଛିଡ଼ା ହୋଇଛି । କାନ ତାର ବଧିରା' ହୋଇଛି ସତେକି ?

ଶହେ କି ଦେଢ଼ଶହ ଟଙ୍କାର ପ୍ରେସ୍କ୍ରିପ୍ସନ ଖଣ୍ଡେ ଲେଖି ଦେଇ ଔଷଧ ଖାଦ୍ୟର ବିଶଦ ବିବରଣୀ ଦେଇ ଚାଲିଗଲେ ଡାକ୍ତର ରାୟ । ସୁରଭି ଯନ୍ତ୍ର ପରି ତାଙ୍କ ହାତରେ ଷୋଳଟା ଟଙ୍କା ଗୁଞ୍ଜି ଦେଇଥିଲା । ପ୍ରେସ୍କ୍ରିପସନଟା ହାତରେ ଧରି ଏପଟ ସେପଟ କଲା ସୁରଭି । ହସିଲା ଟିକିଏ—ଅତି ଦୁଃଖରେ ମଣିଷ ହସେ । ଦରମା ଯାହାର ଶହେଟା ଟଙ୍କା ସେ ଫୁଣି ଶହେ ଟଙ୍କାର ଔଷଧ କିଣିବ—ଦୁଇଶହ ଟଙ୍କା ଦାମର ପଥି ବନ୍ଦୋ-ବସ୍ତ କରିବ । କିନ୍ତୁ ? ଡ: ରାୟଙ୍କ କାରର ହର୍ଣ୍ଣ ଶୁଭିଲାଣି ଦାଣ୍ଡରେ । ରୋଗୀ ଯେ ତେଣେ ଅପେକ୍ଷା କରିଥିବେ ।

ଟିଉସନକୁ ଗଲାନି ସେଦିନ ସୁରଭି । ମନଟା ଆଜି କାର୍ଣ୍ଣି ବେତାଳ ଅଂସଲଗ୍ନ ହୋଇ ଯାଇଛି । ପୁରୁଣାର ଫାଇଲଟା ଧରି ସିଲେଇ କରି ବସିଲା ସେ । ଆରଘରୁ ମା'ର ରହି ରହି ଯନ୍ତ୍ରଣା କ୍ଲିଷ୍ଟ କଣ୍ଠ ଶୁଭୁଛି ତାକୁ । ଦମହୀନ କାଶ ସାନ ଭାଇଟାର । ଶରୀର

Digitized by PPRACHIN, SOA

ନାହିଁ ଯେପରି । ଗ୍ଭବି ପାରିଲାନି ସୁରଭି । କଣ କରିପାରେ ସେ ଏହା ଭିତରେ । ଗୃହକର୍ତ୍ତା ଯିବାର ପୂରା ସମ୍ଭାବନା ରହିଛି । ଭାବି ପାରିଲାନି ସୁରଭି ।

ଶହେଟା ଟଙ୍କା ପାଇଁ ତାକୁ ଦେବାକୁ ପଡ଼ିବ ଶହେ ପ୍ରତିଦାନ — ଅମୂଲ୍ୟ । ପାରିବତ ସେ ? ଚେଷ୍ଟା କରି ବି ସୁରଭି ଆଉ ଭାବି ପାରୁନି । ତାରି ଆଖି ଆଗରେ ଔଷଧ ଟୋପାଏ ନ ପାଇ ମରିଯିବ ତାର ଜନ୍ମଦାତ୍ରୀ ମା', ପ୍ରାଣାଧିକ ଭାଇ, ଆଉ ସେ କଣ ନୀରବରେ ବସି ଦେଖିବ ଖାଲି । କିଛି ଉପାୟ ନାହିଁ । ଅଛି ! ମାତ୍ର ଗୋଟିଏ— ଯଦି ଅକାତରରେ ସେ ନିଜକୁ ଦାନ କରି ପାରନ୍ତା ସମସ୍ତଙ୍କର ରଙ୍ଗୀନ ଖିଆଲର ପରିତୃପ୍ତି ପାଇଁ । ପାରିବନି କଣ ! ନାଁ: ଏମାନଙ୍କୁ ଯେମିତି ହେଲେ ବଞ୍ଚେଇରଖିବାକୁ ହେବ । ପର ମୁହୂର୍ତ୍ତରେ ମନଟା ନିଷ୍ଟସ୍ତ ଦୁର୍ବଳ ହୋଇ ପଡ଼ିବ । ଛୁଞ୍ଚିଟା ହାତରେ ଫୋଡ଼ି ହୋଇ-ଥିଲା ତାର । ଠୋପାଏ ରକ୍ତ ଭୁରୁକି ଉଠିଲା । ତାଜା ରକ୍ତ । ଏଇ ରକ୍ତ ଯଦି ଶୁଖି ଯାନ୍ତା । ନାଁ । ଏ ରକ୍ତତାର ସମସ୍ତେ ଶୋଷି ନେବାକୁ ବସିଛନ୍ତି । ସେ ଏଣିକି ଯାଚି ଡାଳି ଡାଳି ଦେଇ ଆସିବ—ଆଉ ସେ ପାରିବନି ।

ଛୁଟି ପୂରି ଯାଇଛି । ମନରେ ଅସଂଖ୍ୟ ସାହସ ଧୈର୍ଯ୍ୟଧରି ତିଆରି କଲା ନିଜକୁ ସୁରଭି । ଆଜି ସେ ସାହେବ ପାଖକୁ ନିଜେ ଯିବ । ନାଁ । ଆଖି ଆଗରେ ସେ ମର୍ମନ୍ତୁଦ ମୃତ୍ୟୁ କାହାରି ଦେଖି ପାରିବନି । ଟେମ୍ପୋରାରୀ ସର୍ଭିସଟାକୁ କନଫାର୍ମ୍ଡ କରିବାକୁ ହେବ । ସାହେବ ଇଚ୍ଛା କଲେ ସବୁ କରି ପାରନ୍ତି । ମାସକୁ ମାସ ଶହେଟା ଟଙ୍କା କିଛି କମ ନୁହେଁ । ଥରେ ସର୍ଭିସ ହୋଇଗଲେ ଆଉ କଣ ଡ଼ରିବାର ଅଛି । କୁଆଡ଼େ ବଦଳିବ ହୋଇ ଯାଇପାରେ । ସୁରଭି ମନକୁ ହାଲୁକା କରିବାକୁ ଚେଷ୍ଟା କଲା ।

ଛତାଟା ଧରି ଦୁଆର ମୁହଁରେ ନ ପହଞ୍ଚଣୁ ସେଇ ଯମଦୂତ ପରି ପିଅନଟାକୁ ଛିଡ଼ା ହୋଇଥିବାର ଦେଖି ଚମକି ପଡ଼ି ସୁରଭି ପଛୁଇଗଲା ପଛକୁ ପାହୁଣ୍ଡେ । ତରତର କରି ଚିଠିଟାଏ ଏକଦମ ତା ହାତରେ ଗୁଞ୍ଜି ଦେଇ ପଳାଇଲା ପିଅନଟା । ସାଇକେଲରେ । ସତେ କି ପବନ । ସୁରଭି କମ୍ପିତ ହସ୍ତରେ ଚିଠିଟା ଖୋଲିଲା । ମିସ୍ କଣ୍ଡକ୍ଟ ହେତୁ ତାକୁ ସର୍ଭିସରୁ ତଡ଼ି ଦିଆ ହୋଇଛି । ସୁରଭି ଚିଠିଟା ଧରି ଥକ୍କା ହୋଇ ଠିଆ ହେଲା ଘଡ଼ିଏ । ଟେମ୍ପୋରାରୀ ସର୍ଭିସ ପରମାନେଣ୍ଟ ହେବାର ସକଳ ପ୍ରଚେଷ୍ଟା ତାର ବ୍ୟର୍ଥ । କି ଖରାପ ବ୍ୟବହାର ସେ କରିଛି । ନାଁ ନାଁ ଏହା କେମିତି ହୋଇ ପାରେ ? କାମ ଚୁଲିଗଲେ ଏମାନଙ୍କୁ ଖାଇବାକୁ ଦେବ ସେ କଣ ? ଯେମିତି ହେଉ କାମଟା ରଖିବାକୁ ପଡ଼ିବ । ସେ ପୁଣି ଟଳିଲା ପାଦରେ ଚାଲିବାକୁ ଆରମ୍ଭ କଲା ।

କେତେବେଳେ ଅଫିସ ଦ୍ୱାର ମୁହଁରେ ସାହେବଙ୍କ କୋଠରୀ ସାମ୍ନାରେ ଆସି ସେ ପହଞ୍ଚିଛି ତାର ଖିଆଲ ନାହିଁ । ଆପେ ଆପେ ଗୋଡଟା ଅଟକି ଗଲା । ସାହେବଙ୍କର ନାଲ ପରଦା ବଦଳରେ କଳା ପରଦା । ଗାଢ଼ ଘନ କଳା ପରଦା ଝୁଲୁଛି । ଭିତରୁ ନାରୀ

Digitized by PPRACHIN, SOA

କଣ୍ଠର ମୃଦୁ ଗୁଞ୍ଜନ । ଚକ୍ଷୁ ପଲକରେ ସେ ବୁଝି ପାରିଲା ସମସ୍ତ ଘଟଣା । ବହୁତ ଭିଡରେ ଚାଲି ଆସି ଥିବାରୁ ବୋଧେ ଦମ ଅଟକି ଯାଉଛି । ନିଶ୍ୱାସ ବେତାଳ ହୋଇ ଯାଉଛି । ସେ କାନ୍ଧକୁ ଆଉଜି ଘନ ଘନ ନିଶ୍ୱାସ ଛାଡ଼ୁଥିଲା ଖାଲି । ପାଦର ବୁଢ଼ା ଆଙ୍ଗୁଠିଟା ପୋଡୁଛି । ଚେଲଏ ଉଡ଼ି ଯାଇଛି କେତେବେଳେ ତାକୁ ମାଲୁମ ନାହିଁ । ଚଳାଏ ମାର୍ବଲ ଚଟାଣ ନାଲି ହୋଇ ଗଲଣି ।

ପାଖ ପି ଏକ୍ସ ରୁମରୁ ବାହାରି ଆସିଲେ ଶଙ୍କର ବାବୁ । ଥକ୍କା ହୋଇ ଟିକିଏ ଅନେଇଲେ ସତେ ଯେମିତି ନୂଆ ଦେଖୁଛନ୍ତି ତାକୁ -"ହେଁ ହେଁ ସୁରଭି ଦେବା, ଲେଟ୍ କରିଦେଲେ ବହୁତ ଲେଟ—ପାଣିରେ ଘର କରି କୁମ୍ଭୀର ସାଙ୍ଗରେ କଳି ।" ଚମକି ପଡ଼ିଲା ସୁରଭି । ଶଙ୍କର ବାବୁଙ୍କ ପାନଖିଆ ପୋକଡ଼ା ଦାନ୍ତଗୁଡ଼ାକ ଆଉ ନାହିଁ । ସେଠି ସୁନାଖିଲ ଲଗା ଝଙ୍କା ଦାନ୍ତ । ସତେକି ଚହଟୁଛି ।

"ମୁଁ ଟିକେ ସାହେବଙ୍କୁ ଦେଖା କରିବି ଶଙ୍କର ବାବୁ । ସୁରଭିର ଆକୁଳ କଣ୍ଠର ବ୍ୟାକୁଳ ମିନତି ।

"ଆଜି କାହା ସାଙ୍ଗରେ ସେ ଦେଖା କରିବେନି । ଆଗରୁ ନୋଟିସ ଆସିଛି । ହେଭି କାମ ପରା ଆଜି । ଆଉ ଦେଖା କରିବା ଲାଭ କଣ ? ମୁଁ ଆଉ ବକ ବକ କରି ପାରିବିନି—ଯାଏଁ ।" ଶଙ୍କର ବାବୁ ଝାର୍ଫିକ ଚୁହାଣି ଟାଳି ଚାଲିଗଲେ । ସୁନା ଦାନ୍ତଗୁଡ଼ାକ ଯେମିତି ଜଳି ଜଳି ସତେ ସୁରଭିକୁ ଖତେଇ ହେଉଛି ।

ସୁରଭି ଆଉ ଛିଡା ହୋଇ ପାରିଲାନି । ଆହତ କ୍ଳାନ୍ତ ମନରେ ଯେତେବେଳେ ସେ ଫେରି ଆସିଲା ରାଜପଥକୁ ତାର ମନେ ହେଲା ସମସ୍ତେ ମରି ଯାଇଛନ୍ତି ଆଉ ବଞ୍ଚିଛି ସେଇ ଖାଲି । ଦ୍ୱିପ୍ରହରର ଉକ୍ତ ଆକାଶ ଯେପରି ତାକୁ ହାତ ବଢାଇ ଡାକୁଛନ୍ତି । ତଳର କ୍ଳାନ୍ତ ପୃଥିବୀ ଯେମିତି ତା ଦେହରେ ଜଡ଼େଇ ହୋଇ ରହି ଯାଇଛି । ସେ ଉପରକୁ ଅନାଇଲା ଥରେ । ଅନେଇଲା ତଳକୁ । ସେ ଅନୁଭବ କଲା ସେ ଯେମିତି ଶୂନ୍ୟରେ ଅଛି !

ହଠାତ ଶୁଭିଲା ମାଇକ୍ରୋଫୋନ … … … । ତଳିଆ କର୍ମଚାରୀମାନଙ୍କ ଦରମା ବୃଦ୍ଧି ପାଇଁ ଆଜି ସଂଧ୍ୟାରେ ସାଧାରଣ ସଭା । ଏ ସ୍ୱର ସହିତ ସେ ପରିଚିତ । ଏ ବକ୍ତୃତା ସେ ପ୍ରତିଦିନ ଶୁଣେ ।

Digitized by PPRACHIN, SOA

ବାଁ ପଟରେ ଗଳିଟାଏ । ସାମନାରେ ରାଜପଥ । ଟିକିଏ ଦୂରରୁ ଆସୁଛି ରମାକାନ୍ତ । ଦେଖାହେଲେ ହୁଏତ କହିବ ସେ "ସୁରଭି, ମଣିଷର ଜୀବନ ସଂଘର୍ଷମୟ—ସଂଘର୍ଷ ଯୁଦ୍ଧ ନ ହେଲେ ସୃଷ୍ଟିର କମନୀୟତା ଆସିବ କେଉଁଠୁ ସୁରଭି ? ଆମକୁ ସଂଘର୍ଷ କରିବାକୁ ହେବ—ଆମର ଦାବୀ ହାସଲ କରିବାକୁ ହେବ—କରିବାକୁ ହେବ ।' କିନ୍ତୁ ସୁରଭି କଣ ଉତ୍ତର ଦେବ । ନାଁଃ ! ରିକ୍ସାଟା । ଆଗେଇ ଆସୁଛି । ହୁଏତ ରମାକାନ୍ତ ତାକୁ ଦେଖିଥିବ । ସେ ଗଳିଟା ଭିତରେ ପଶିଗଲା ହଠାତ୍ । କାହାର କଥା ଶୁଣିବାର ଧୈର୍ଯ୍ୟ ନାହିଁ । ରମାକାନ୍ତର ସ୍ୱର ପବନରେ ମିଳାଇ ଯାଉଛି ଧୀରେ ଧୀରେ । କିନ୍ତୁ ବୁଢ଼ା ଆଙ୍ଗୁଠିଟା ଦରଜ ହୋଇ ଗଲାଣି । ଧୂଳି ପଶି ପୋଡ଼ୁଛି ଆହୁରି ବେଶୀ ବେଶୀ । ଏ ଜ୍ୱାଳାରୁ କଣ ତ୍ରାହି ଅଛି ?

Digitized by PPRACHIN, SOA

ମନର କୀଟ

"ତୁମେ କାନ୍ଦୁଛ ଅରୁ ?"

"ନାଁ ତ—ଏଁ ?" ଚମକି ପଡ଼ି ଆଖି କୋଣରୁ ଲୁହ ପୋଛିଲା ।

ନାଁ ଏମିତି ବସି ବସି ଘରକଥା ଭାବି ଭାବି ମନଟା କେମିତି କଣ ହୋଇଗଲା ଯେ । ଫୁଣ୍ଡି ରହିଗଲା ସେ ।

ତଣ୍ଟି ପାଖରେ ଅଟକି ଥିବା କୋହଗୁଡ଼ା ପୁନଶ୍ଚ ଆଖିକୁ ଚହଲି ଆସୁଛି । ଖବର କାଗଜ ପକାଇ ଦେଇ ସେ ବାଥ ରୁମକୁ ଉଠିଗଲା । ପଛରୁ ଭିଡ଼ି ଧରିଲା ତାର ପଣୋତ ମୃଣାଳକାନ୍ତ । ଅଟକି ଗଲା ସେ । ମୃଣାଳର ଅନୁସନ୍ଧିତ୍ସୁ ଆଖି ତା ଭିତରେ କଣ ଯେପରି ଖୋଜି ଯାଉଛି ।

"କାନ୍ଦି କାନ୍ଦି ଆଖି ଫୁଲି ଯାଉଛି ତମର । କିନ୍ତୁ କଣ ହୋଇଛି ମତେ କହିବନି ତମେ । ଲୁଚାଉଛ ?"

Digitized by PPRACHIN, SOA

ଅରୁନ୍ଧତ ଚାହିଁଲ ଏଇ ତାର ସ୍ୱାମୀ । ବଳିଷ୍ଠ ସୁଠାମ ସୁଶିକ୍ଷିତ କେଉଁଥିରେ ତ କେହି ବାଗ ଦେଇ ପାରିବେନି । ରୂପ କଥାର କାହାଣୀ ପରି କେତେ ରାଜକନ୍ୟା କେଶ ମୁକୁଳାଇ ବସିଥିଲେ ତାଙ୍କୁ ଚାହିଁ । କିନ୍ତୁ ଏ ଭୁଲ କଲି ମୃଣାଳ କାହିଁକି ? ତା ପରି ଗୋଟାଏ ଅପଦାର୍ଥକୁ ବିବାହ କରି ଜୀବନଟାକୁ ତିଳ ତିଳ କରି ନଷ୍ଟ କରିଦେଲା । ଯେଉଁ ନଷ୍ଟ, ଯେଉଁ କ୍ଷୟ ଉପରେ କେହି ଜାଣି ପାରେନା, କେହି ଦେଖି ପାରେନା—ଅଥଚ ଭିତରେ ଭିତରେ ଅଲକ୍ଷ୍ୟରେ ସେ ରଚନା କରି ଚାଲୁଥାଏ ସେଇ ଧ୍ୱଂସ ଯେଉ କ୍ଷୟର ସୌଧ । ଯେଉଁ କ୍ଷୟକୁ ସେ ସହଧର୍ମିଣୀ ହିସାବରେ ଜଗି ରହିବା କଥା ସେହି କ୍ଷୟର କାରଣ ହୋଇଛି ସେ ।

ମୃଣାଳ ଅନେଇଛି ତାକୁ । ଜୀବନ'ରେ ବାଧା ପଡ଼ିଲି ତାର ହସିବାକୁ ଚେଷ୍ଟା କଲି ଅରୁନ୍ଧତ । ଲୁହ ମଖା ମୁହଁରେ ହସର ସରୁ ରେଖଟିଏ ଆଙ୍କି ହୋଇଗଲି ତାର । ଛଳନାମୟୀ ନାରୀ—ଛଳନାରେ ନାରାୟଣ ବି ପାରନ୍ତି ନାହିଁ କୁଆଡ଼େ । "କାହିଁ କାନ୍ଦୁତ ନାହିଁ । ଏଇ ଦେଖ ମୁଁ ହସୁଛି । ତୁମେ ସବୁବେଳେ ଯେ କାହିଁକି ଭାବ ମୁଁ କାନ୍ଦୁଛି ବୋଲି—ବୁଝି ପାରୁନି । ଆଃ, ସତ କହିଲ ତୁମେ କଣ ମୋ ଭଳି ହସି ପାରିବ ।" କହୁ କହୁ ଠୋ ଠୋ ମାରି ହସି ଉଠିଲା ସେ ।

ତୁଣ୍ଡ ଖୋଲିଲେ ଅରୁନ୍ଧତର ବାଟୁଳି ବାଜେନା । ଗପ ଯେମିତି ଅସରନ୍ତି - ଆରମ୍ଭ ନାହିଁ ଶେଷ ବି ନାହିଁ । କାମ କରୁ କରୁ ମୃଣାଳ କେତେଥର ବିବ୍ରତ ବୋଧ କରିଛି । କିନ୍ତୁ ସେ ଜାଣେ ଥରେ ଯଦି ଅରୁନ୍ଧତକୁ ସେ ଗପିବା ପାଇଁ ମନା କରିବ ତେବେ ଆଠ ଦିନ ଅକ୍ଲେଶରେ ସେ ପାଟିରେ ଠିପି ନେଇ ବସିଯିବ । ତେଣୁ ଅଗତ୍ୟା ଚୁପ ରହେ ସେ । ସେମିତି ଉଚ୍ଛୃଙ୍ଖଳ ମୁହୂର୍ତ୍ତରେ ଗପର ମେଞ୍ଚା ଖୋଲି ବସିଲା ଅରୁନ୍ଧତ । ତା ଆଖିର ସେଇ ବୈଦ୍ୟୁତିକ ଚାହାଣୀରେ ମୃଣାଳ ଭୁଲି ଯାଉଥିଲା ଏଇ ଅଳ୍ପ ସମୟ ତଳର କାନ୍ଦୁରା ଅରୁନ୍ଧତକୁ ।

କାନ୍ଥ ଘଡ଼ିରେ ଘଣ୍ଟରେ ବାଜିଲା ଢ଼ଂ ଢ଼ଂ ଆଠଟା । ଡେର୍ଣ୍ଣେଲ ପଡ଼ିଛି ସୂର୍ଯ୍ୟ କିରଣ ଘର ଭିତରେ ଝରକା ଫାଙ୍କ ଦେଇ । ରେଡ଼ିଓରେ ସମ୍ବାଦ ପରିବେଷଣ ଆରମ୍ଭ ହୋଇ ଯାଇଛି । ଚୁପ ହୋଇ ସମ୍ବାଦ ଶୁଣିବାକୁ ମନ କରୁଥିଲା ମୃଣାଳ କିନ୍ତୁ ପାଙ୍ଖ ରେଡ଼ିଓ ଅଫ୍ ହୋଇ ପାରିଲେ ତ ? ଅରୁନ୍ଧତ ଉଠିଯାଇ ରେଡ଼ିଓଟା ବନ୍ଦ କରିଦେଇ ଆସିଲା । ବେଡ଼ ରୁମର ଫୋନଟା କ୍ରିଂ କ୍ରିଂ ହୋଇ ବାଜି ଉଠିଲା । ଏତିକି ବେଳେ ଏଣିକି ଆରମ୍ଭ ହେଲା ବ୍ୟବସାୟର ପାଳି । ହୁଏତ ରୋଗି ଦେଖିଯିବ ସେ କି ଯିବ

Digitized by PPRACHIN, SOA

ଡାକ୍ତର ଖାନା କି ନ ହେଲେ ଯିବ ଲାଇବ୍ରେରୀକୁ । କେତେବେଳେ କଣ ତାର କିଛି ଠିକଣା ନାହିଁ । ଏତକି ନେଲୁ ଫୁଣି ରାତ ଆଠ ପର୍ଯ୍ୟନ୍ତ ଏକୁଟିଆ ରହିବ ଅରୁନ୍ଧତ । ସେତକି ବେଳେ ସେ କାନ୍ଦି ନେବ, ଭାବି ନେବ ସବୁ କଥା । ପୋଛିନେବ ମନର ସମସ୍ତ ଅଳଭ୍ୟ କୋହ ।

ବାଥ ରୁମ ଭିତରକୁ ପଶି କବାଟ ଦେଲା ଅରୁନ୍ଧତୀ । ବଡ଼ ଦର୍ପଣ ସାମନାରେ ତାର କାନ୍ଦୁରା ମୁହଁଟା । ଇସ୍ କି ଅସନା ଦେଖାଯାଉଛି । ମୃଣାଳର ସନ୍ଦେହ କରିବାର କଥା । ସେ ହସିଲା । ମୁହଁଟା ଫୁଲିଲା ଦିଶୁଛି । କାହିଁକି ? ଏତେ ପରିପୂର୍ଣ୍ଣ ଜୀବନ ଭିତରେ ସେ ପାଇ ପାରୁନି ଶାନ୍ତି--ପାଇ ପାରୁନି ଚାଲିବାକୁ ସାହସ ଆଉ ଉତ୍ସାହ । ସାହାନ୍ତ ପହରର ସେଇ ସ୍ୱପ୍ନଟା ଝଟକି ଉଠିଲା ତା ଆଖି ଆଗରେ । ସୁବିମଲ କି ଶୀର୍ଣ୍ଣ କି ମଳିନ ଦିଶୁଛି । ଗାଲ ପଶି ଯାଇଛି ଭିତରକୁ । ଆଖି ତଳେ ବୟସର ଗହୀର ଦାଗ । ମୁଣ୍ଡ ଯାକର ସମସ୍ତ ବାଳ ଧଳା ହୋଇଯାଇଛି । ବଡ ବିପର୍ଯ୍ୟସ୍ତ ବଡ ମଳିନ ଦିଶୁଛି ତାର ଚେହେରା । ସେଇ ଅଦ୍ଭୁତ ପ୍ରତାପଶାଳୀ ସୁବିମଲ ଆଜି ନିଃସ୍ୱ ଆଉ ବିକଳାଙ୍ଗ । କିନ୍ତୁ ଏମିତି ସ୍ୱପ୍ନ ସେ ଦେଖିଲା କାହିଁକି ? ଏଇତ ଦୁଇ ବର୍ଷ ଦିନ ତଳେ ସେ ଦେଖିଥିଲା ତାକୁ ଅରୁଣା ସହ ଡ଼ିଷ୍ଟ୍ରିକଟ ଜଜଙ୍କ ଡ଼ିନାର ପାର୍ଟିରେ । ସେଇ ଚେହେରା, ସେଇ ଗମ୍ଭୀରୀ ଏବେବି ମଉଳି ନାହିଁ । ସେଇ ଦାମ୍ଭିକତା ସେହି ଅହଙ୍କାରତା । ବଡଲୋକି ଏବେ ବି ତାର ଚାଲି ଚଳନ କଥାବାର୍ତ୍ତାରେ ସୁସ୍ପଷ୍ଟ । କାହିଁକି ଏତେ ବେପରୁଆ କାହିଁକି ଏତେ ଉଦାସୀନ ସେ ସବୁର ପ୍ରତି । କଣ ଧନ ଅଛି ବୋଲି ନାଁ ଆଉ କିଛି ? ଧନ କଣ ନାହିଁ ଅରୁନ୍ଧତର । ନାଁ ଯଶ ଖ୍ୟାତି କିଛି ନାହିଁ ତାର । ସବୁ ଅଛି ଅଥଚ ସୁବିମଲ ପରି ଜନକୁ ହାଲୁକା ନ କରି ସେ ଓଜନ କରୁଛି କାହିଁକି ? ଆଉ ଅରୁଣା । ରାଗରେ ତା ପ୍ରତି ଅରୁନ୍ଧତୀର ନାକ ଫୁଲି ଉଠିଲା । ଅରୁଣା ନାଁ ବୁଝେ ସୁବିମଲର ପ୍ରତିଭାର ଦାମ ନାଁ । ବୁଝେ ତା ପ୍ରତି ପ୍ରେମ ଓ କରୁଣାର ମୂର୍ତ୍ତି । ତେବେ ? ସୃଷ୍ଟିର ବିଲକ୍ଷଣ ସେଇଠି ବୋଲି ସୃଷ୍ଟି ବଞ୍ଚିଛି ବୋଧେ ଚିର ରଙ୍ଗମୟ ହୋଇ ।

ମୃଣାଳ କାନ୍ତ ଡାକ ଛାଡ଼ୁଛି ଚକାର କରି । ଝାଙ୍କ ନମ ସମସ୍ତ ଚହେ ସେ । ଆଖି ମେଘକି ସମସ୍ତ ଦୃଷ୍ଟିର ଅନ୍ତରାଳ ହୋଇଗଲେ ସେ ଘନ ଘନ ଡ଼ାକ ଛାଡ଼େ ଅରୁନ୍ଧତକୁ । କିନ୍ତୁ ଅରୁନ୍ଧତୀ କଣ ମୃଣାଳ କାନ୍ତକୁ ଦେଇ ପାରିଛି ତାର ପ୍ରାପ୍ୟ ! ସ୍ତ୍ରୀ ହିସାବରେ ତୁଲେଇ ପାରିଛି ତାର ଦାୟିତ୍ୱ ? ତଥାପି ଦିନେ ହେଲେ ମୃଣାଳ ଆପତ୍ତି କରିନି । କିନ୍ତୁ ଆଜିଆଲିରେ ହୁଏତ ଅରୁନ୍ଧତ ଅନ୍ୟାୟ କରିଛି । ସଧବା ବାହାରେ ଚଉଡ଼ା ସିନ୍ଥି ଉପରେ ସିନ୍ଦୂର ଲଗାଇ ସେ ମୃଣାଳର ପ୍ରତି କାର୍ଯ୍ୟ ପାଖରେ ରହି ଚେଷ୍ଟା କରୁଚି ଦେବାକୁ ତାର ଦେୟ । କିନ୍ତୁ ? କିନ୍ତୁ କଥା କହୁ କହୁ ସେ ମୃଣାଳ ମୁହଁରେ

Digitized by PPRACHIN, SOA

ସୁବିମଳର ରୂପଛବି କଳ୍ପନା କରିଛି । ନିଜକୁ ସୁବିମଳର ସ୍ତ୍ରୀ ହିସାବରେ ଭାବିବାକୁ ସଜାଇବାକୁ ସେ ଭଲ ପାଇଛି । ମୃଣାଳ ହାତରେ ବୋତାମ ଲଗାନ୍ତି ଲଗଉ କ ଟାଇ ବାନ୍ଧି ବାନ୍ଧି କି ସଞ୍ଜବେଳେ ତାପାଇଁ ଗୃହିଣୀ ବସିଥିଲା ବେଳେ ହେଉ ଯେ ସବୁବେଳେ ସେ କଳ୍ପନା କରିଛି ସୁବିମଳକୁ- ମୃଣାଳକୁ ନୁହେଁ । ଏଇ କେତେ ବର୍ଷ ଧରି ମୃଣାଳ ଭିତରେ ସୁବିମଳର ପରିକଳ୍ପନା କରିଛି ସେ । ହୁଏତ ନ ପାଇବାର କୋହକୁ ଦବାଇ-ବାର ଏ ଅଭିନବ ଛଳନା । କିନ୍ତୁ ? ଯେତେବେଳେ ସେ ଆଉ କଳ୍ପନା କରି ପାରେ ନା—ଛଳନାର ଶେଷ ସୀମାରେ ପହଞ୍ଚି ସେ ଆପଣାକୁ ଅସହାୟ ମନେ କରେ ସେତେବେଳେ ସେ କାନ୍ଦି ଉଠେ । ହୁଏତ କାନ୍ଦିଲେ ଟିକେ ଶାନ୍ତ୍ୱନା ମିଳିବ । ଫୁର୍ତ୍ତି କିଛିଦିନ ସମୟ ଗଡ଼ିଯିବ ।

ସେ ବାଥରୁମ୍ ଖୋଲି ବାହାରକୁ ଆସିଲା । ମୃଣାଳ ଲୁଗା ବଦଳୁଛି ।

"କୁଆଡେ ଯିବ ଏଇକ୍ଷଣି ? ଜଳଖିଆ ଖାଇବ ଯେ !" ପ୍ରଶ୍ନ କଲା ଅରୁନ୍ଧତୀ ।

"ଗୋଟାଏ ବଡ଼ ଜରୁରୀ କେସ୍ ଅଛି । ମୁଁ ଖାଇକରି ଯାଉ ଯାଉ ପେସେଣ୍ଟ ହୁଏତ ମରି ଯାଇପାରେ ଅରୁ । ସୁଇସାଇଡ଼ କରୁଛି ଜଣେ ଲୋକ ତାକୁ ମତେ ବଞ୍ଚେଇବାକୁ ହେବ । ଯଦି ମରିଯାଏ ତାହେଲେ ପୋଷ୍ଟ ମର୍ଟମ ଦାୟୀତ୍ୱ ମୋ ଉପରେ । ତେଣୁ ମୁଁ ଫେରିବାକୁ ଡେରି ହେବ ଅରୁ । ତୁମେ ମୋ ପାଇଁ ଅପେକ୍ଷା କରିବନି ।

"ଦେଖ ମୁଁ କହି ଦେଉଛି ଏ ଛୁଟି ଫୁଟି ଦିନେ ତମେ ଏମିତି କିଛି କେସ୍ ନେଇ ପାରିବନି । ହଜାର ଥର ତମକୁ ମୁଁ ମନା କଲିଣି ଏମିତି କେସ୍ ତମେ ହାତକୁ ନେବ ନାହିଁ ବୋଲି ଅଥଚ ··· ··· ?" କଡ଼ା ଗଳାରେ ଉତ୍ତର ଦେଉ ଦେଉ ଅଟକି ଗଲା ଅରୁନ୍ଧତୀ ।

ହସୁଛି ମୃଣାଳ । ସତେ କି ସେ ହସ ଦେହରେ ସୁବିମଳର ଚହଟି ହସରୁ ଟିକିଏ ଫୁଟି ଉଠୁଛି । ସେ ଗାଳି ଖାଇଲେ ଏମିତି ହସେ । ହଁ ଠିକ ଏମିତି ହସେ । ଉତ୍ତର କିଛି ଦିଏନା । ଅଥଚ ତାର ଯାହା କରିବାର କଥା ସେ କରିଯାଏ । ଅପେକ୍ଷା ରଖେନା ସେ କାହାର । କିନ୍ତୁ ସୁବିମଳତ ଆଉ ତାର ସ୍ୱାମୀ ନୁହେଁ; ତା ଉପରେ ତାର କି ଅଧିକାର ଅଛି ? ସେଇଥିପାଇଁ ସେ ସିନା ଅରୁନ୍ଧତୀକୁ ଲୁଚକାଳି ଖେଳରେ ହରେଇ ଦେଇ ଚାଲିଗଲା । କିନ୍ତୁ ମୃଣାଳ ? ନାଁ ସେ ତାକୁ ଏମିତି ହବାକୁ ଦେବ ନାହିଁ । ମୃଣାଳ ତାର

Digitized by PPRACHIN, SOA

ସ୍ୱାମୀ । ତା ଉପରେ ତାର ସମ୍ପୂର୍ଣ୍ଣ ଅଧିକାର ଅଛୁ । ସେ ଫୁଣି ତୁଣ୍ଡ ଖୋଲିଲା—ନାଁ ତୁମେ ଯାଇ ପାରିବନି । ଆଉ ଦେଖ ତୁମେ ଯଦି ଯାଅ ... ... ।" ଅଟକି ଗଲା ଫୁଣି ସେ । ନିଜର ଗଳାଟା ନିଜକୁ ମୁଖସ୍ତ କଲା ପାଠିର ପୁନରାବୃତ୍ତି ପରି ଲାଗୁଛି । ତଣ୍ଟି ଭିତରେ ଯେମିତି କଣ ଅଟକିଗଲା ପରି ଲାଗୁଛି । ଫୋନଟା ଫୁଣି ଝଣଝଣ ହୋଇ ବାଜି ଉଠିଲା । ବିରକ୍ତିରେ ମୃଣାଳ ଉଠିଗଲା ।

ଓଭରଟିନ ଫ୍ଲାସକରେ ଭର୍ତ୍ତି କରିବାକୁ ଗଲା ଅରୁନ୍ଧତ । ସେଇଟା ମୃଣାଳର ଅଭ୍ୟାସ । କାମବେଳେ ପ୍ରତି ଅଧ ଘଣ୍ଟାରେ ଦରକାର ହୁଏ । ହଁ ତାର ମନେ ପଡ଼ିଲା । ମୃଣାଳ ତ ଗରମ ଯାମା ପିନ୍ଧିନି । ସେ ପିନ୍ଧାଇ ଦେଇନି । ଯୁକ୍ତି ତର୍କରେ ସେ ଭୁଲି ଗଲା ବୋଧେ । ଶୀତ ପଡ଼ି ଆସୁଛି ଆଉ ଏତିକିବେଳେ ଅଣ୍ଟାଟା ଧରେ ବେଶ । ଆରେ ? ମୋଜା ବୋଧେ ବାହାରେ ନଥିଲା । କଣଟା ପିନ୍ଧିଲା ତେବେ ମୃଣାଳ ? ସେ ଫୁଣି ତର ତର କରି ଲେଉଟି ଆସିଲା ।

ମୃଣାଳ କଣ କାର୍ଯ୍ୟ ବ୍ୟସ୍ତ । ସତକୁ ସତ ଧର ମଇଳା ପ୍ୟାଣ୍ଟ ମୋଜା ନାହିଁ । ସେ ହସିଲା ଟିକିଏ । ବିଚରା ମୃଣାଳ । ବଡ ବେଶୀ ଫିଲ୍ଜଅମୀ । ଏଣିକି ସେ ତାକୁ ଗାଳି ଦେବ । ସଂଶୋଧନ କରିବ । ଯଦି ସେ ନିଜେ ମରିଯାଏ ... ... ।

ହଁ ଶୁଣୁଛ ଅରୁ । ଏଇମାନେ ମେଡ଼ିକାଲ୍ ସାଇନ୍ସ ଯାହା ଡେଭଲ୍ପ କଲେଣି ... ... ।" ତୁଣ୍ଡରେ ଅଟକି ଗଲା କଥା । ଅରୁନ୍ଧତି କାନରେ ଆଙ୍ଗୁଠି ଦେଇଛି ।

"ରକ୍ଷାକର ବାବା । ମୁଁ ଦେଖିଲିଣି ବୁଢୀବେଳକୁ ମତେ ଡ଼ାକ୍ତରୀ ପଢା ଆରମ୍ଭ କରି ଦେବାକୁ ହେବ । ଦିନ ନାହିଁ, ରାତି ନାହିଁ—ରୋଗୀ ମଳ ମୂତ୍ର ଆଉ ବକ୍ତାନ ଶୁଣି ଶୁଣି ମୁଁ ଦିନେ ପାଗଳ ହୋଇଯିବି ।

"ଓଃ ଅରୁ—ଠିକ ମୁଁ ଭୁଲି ଯାଇଥିଲି । ତୁମ ଭଳି ଗୁଣବତୀ ପତ୍ନୀ ନ ଥିଲେ କୋଉଦିନୁ ନିଜକୁ ବି ଭୁଲି ଯାନ୍ତିଣି । ସେଇ ଯେଉଁ ପାଗଳାମୀ ଉପରେ ପ୍ରବନ୍ଧଟା ଲେଖି ନ ଥିଲି ନା ସେଇଟା ଖୁବ ଆପ୍ରିସିଏଟେଡ଼ ହୋଇଛି ବାହାରେ ।"

"ତାହେଲେ ତ ଆଉ କୁଆଡ଼େ ଯିବାକୁ ହେବନି । ବିନା ଫିସରେ ଘରେ ଡ଼ାକ୍ତର ମଣିଷ ପାଗଳ ନ ହେଲେ ବି ହେବ । ନିହାତି ଦରକାର । ନଚେତ ତୁମଭଳି ସ୍ପେସିଆଲିଷ୍ଟ ମାନଙ୍କୁ ଏତେ ରୋଗୀ କେଉଁଠୁ ମିଳିବ ?"

Digitized by PPRACHIN, SOA

ହସିଲା ମୃଣାଳ । ଗରମ କୋର୍ଟ ବ୍ରସ କରୁ କରୁ ହସିଲା ଅରୁନ୍ଧତୀ । ବଡ ଆଇନା ଦେହରେ ଦୁଇ ଜଣଙ୍କର ହସିଲା ମୁହଁ ଝଟକି ଉଠୁଛି । ମୃଣାଳ ସେଆଡେ କଣେଇ ଚାହିଁଛି । କିନ୍ତୁ ଇସ୍ । ସେ କେତେ କଦର୍ଯ୍ୟ ଲାଗୁଛି ମୃଣାଳ ପାଖରେ । ଅଥଚ ମୃଣାଳ ତାକୁ ବାଛିଥିଲା । ତଥାକଥିତ ସୁନ୍ଦରୀ ପ୍ରଦର୍ଶନୀରୁ । ରୂପ ସହିତ କି ମନର ସଂବନ୍ଧ ନାହିଁ ।

ଆଚ୍ଛା ଡକ୍ଟର । ଦେହ ସହିତ କି ମନର ସଂପର୍କ ନାହିଁ । ମେଡ଼ିକାଲ ସାଇନ୍ସ ଏ ବିଷୟରେ କଣ କହେ ?

ଅରୁନ୍ଧତୀର ପ୍ରଶ୍ନରେ ହସିଲା ମୃଣାଳ । ଜାଣେ ସେ ହଠାତ କାହିଁକି ଏଇ କଥା ପଚାରିଲା ଅରୁନ୍ଧତୀ ।

"ଏ ବି ଏକ ରକମ ପାଗଳାମୀ ଅରୁ ।" ଅରୁନ୍ଧତୀର ଗାଲ ଟିପି ଦେଲା ମୃଣାଳ ଉତ୍ତର ଦେଉ ଦେଉ । ହଠାତ୍ ଅରୁନ୍ଧତୀ ଚମକି ପଡ଼ିଲା । ହଁ ଠିକ ଏମିତି ସୁବିମଳ ଠିକ ଏମିତି ତାର କଥାର ଉତ୍ତର ଦିଏ । ସେମିତି କେବେ ଏଇ ଦୀର୍ଘ ପାଞ୍ଚ ବର୍ଷ ଭିତରେ ମୃଣାଳ କରିନି । ଆଜି ନୂଆ ।

ଗାଡ଼ିରେ ବସି ଷ୍ଟାର୍ଟ ଦେଲା ମୃଣାଳ । ବାରମ୍ବାର ଅରୁନ୍ଧତୀ କହି ଚାଲିଛି ମଫଲର୍ ଗଳାରେ ଦେବାପାଇଁ ଓ ଘଣ୍ଟାକ ପରେ କାଶ ଔଷଧଟା ଖାଇନେବା ପାଇଁ । ଉତ୍ତର ନ ଦେଇ ମୃଣାଳ ଖାଲି ହସୁଛି । ଫାଟକ ଡେଇଁ ଗାଡ଼ିଟା ଡେଇଁ ଡେଇଁ ପବନରେ ଭାସି ଚାଲିଗଲା । ଫେରୁ ଫେରୁ ହୁଏତ ଅନେକ ଡେରି ହେବ ତାର ।

ପାହାନ୍ତର ସେଇ ସ୍ୱପ୍ନଟା ଫୁଙ୍କି ଭାସି ଉଠିଲା ତା ଆଖି ଆଗରେ । ଶତ ଚେଷ୍ଟା ଅସଂଖ୍ୟ ପୂଜା ନୈବେଦ୍ୟ ତାର ବ୍ୟର୍ଥ ହୋଇଛି । ସୁବିମଳ ତାର ସ୍ମୃତି ରାଜ୍ୟରେ ଏବେବି ଅମ୍ଳାନ । କିନ୍ତୁ ସୁବିମଳକୁ ମନେ ରଖି ତାର ଲାଭ କଣ ? ଯାହା କୌଣସିମତେ ସମ୍ଭବ ନୁହେଁ ତାକୁ ସମ୍ଭବ କରିବା ତାର କଣ ଦରକାର ? ସେ ଏକ ବିଫଳ ପ୍ରୟାସ ମାତ୍ର । ଆଉ ଯଦି ସୁବିମଳ ତାକୁ ଭୁଲି ଯାଇଥାଏ ! ଭୁଲିଯିବା ତାର କର୍ତ୍ତବ୍ୟ । ଭୁଲି ନଗଲେ ହୁଏତ ସେ ମସ୍ତ ଏକ ଭୁଲ୍ କରିବ । ତେବେ କଣ ଅରୁନ୍ଧତୀ ସୁଖି ହେବ ? ତାର ଛାତି ଭିତରଟା ଯେପରି ଫାଟିଗଲା ପରି ଲାଗୁଛି । ହେ ଭଗବାନ । ଅସୀମ ଦୁଃଖ ଦେଇଛ । କିନ୍ତୁ ବିସ୍ମୃତିର ଏ ଜ୍ୱାଲା ମତେ ଦିଅନା । ଫୁଙ୍କି ଟିକିଏ ଅଟକିଲା ଅରୁନ୍ଧତୀ । ସୁବିମଳ ଯଦି ତାକୁ ଭୁଲି ଯାଇଥାଏ ତାହେଲେ ହେଉ ଆଉ

Digitized by PPRACHIN, SOA

କଚେରୀ ଯାଇ ତାର ଦାବୀ ସାବ୍ୟସ୍ତ କରି ପାରିବନି । ସେ ଅଧିକାର ଅରୁଣାର । ଅରୁନ୍ଧତୀର ମନେ ହେଲା ବୋଧେ ଏଇ ପ୍ରଥମ ଥର ପାଇଁ ଯେପରି ତାର ଅରୁଣାପ୍ରତି ଈର୍ଷା ଆସିଛି ମନରେ । ସତେ ଅରୁଣା କେତେ ଭାଗ୍ୟବତୀ ।

ହଠାତ ଏକ ଅଦ୍ଭୁତ ଇଚ୍ଛା ହେଲା ଅରୁନ୍ଧତୀର । ମନ ଭିତରେ ହଜିଲା ଦିନର ସ୍ମୃତି ଯେମିତି ଏକ କାରୁଣ୍ୟ ତରଙ୍ଗମାଳା ସୃଷ୍ଟି କରିଛି ମନ ଭିତରେ ତାର । ଆଜି ସେଥିରେ ଅଜ୍ଞାନଶ୍ୱାସୀ ହୋଇ ପହଁରୁଛି ଅରୁନ୍ଧତୀ —ସୁବିମଳର ନୌକା ଯାଇ କେତେ ଦୂରରେ । ହୁଏତ ବଣିକଟିଏ ଅସୁମାରୀ ଧନରତ୍ନ ନେଇ ସେ ବନ୍ଦରରେ କ୍ଲାନ୍ତି ମେଣ୍ଟାଉଛି । ତଥାପି ଯିବାକୁ ହେବ ତାକୁ । ଏଠି ରହିଲେ ମୃତ୍ୟୁ । ସେଠିକି ଗଲେ ଅକାଳ ମୃତ୍ୟୁ । ମୃତ୍ୟୁ ଯଦି ସତ୍ୟ ଚିରନ୍ତନ ତେବେ ଅରୁନ୍ଧତୀ ଡରିବ କାହିଁକି ? କିନ୍ତୁ ଯିବ କାହିଁକି ? ଯାଇଁ କଣ କହିବ ସେ ତାଙ୍କୁ । କହିବ କାହିଁକି ଏମିତି ଠକିଲ ସୁବିମଳ ? ଗୋଟାଏ ଝିଅର ଜୀବନ ନେଇ ଯେ ଖେଳ ଖେଳିଲ ତମେ ସେଇ ଅଗ୍ନିରେ ତମର ସିନା କିଛି ହେଲାନି । ଜଳିଗଲା ଗୋଟାଏ ଅମୂଲ୍ୟ ଜୀବନ । ଚୂନା କରି ଥୋଇ ଦେଲ ଅନ୍ୟର ଏକ ସୁନାର ସଂସାର । କେବଳ ଗୋଟାଏ ମୁହୂର୍ତ୍ତର ସୁଖ ପାଇଁ । ଏଇତ ? ଅଥଚ ତମର ନାହିଁ କଣ ସୁବିମଳ । ତମର ଥିଲା ସୁନ୍ଦର ସଂସାର ପତ୍ନୀ ପୁଅ ଅଜଳାନ୍ତ ଧନ ମାନ ଓ ସବୁଠାରୁ ମାର୍ବଲ ପଥରରେ ଗଢ଼ା ଭଦ୍ର ଚିକ୍କଣ ପାଷାଣ ହୃଦୟଟିଏ । ଯେଉଁ ମନକୁ ବର୍ଷା ଆସିଲେ ସିକ୍ତ ହୁଏନା, ଶୀତର କରୁଣତାରେ ଶିହରି ଉଠେନା, ବସନ୍ତର ନବ-ଗୁଞ୍ଜନରେ ସ୍ପନ୍ଦିତ ହୁଏନା, କି ଗ୍ରୀଷ୍ମର ପ୍ରଖର ତାପରେ ଶୀର୍ଣ୍ଣ ହୁଏନା । ସେତ ଆଉ ଅରୁନ୍ଧତୀର ମନ ନୁହେଁ । ଅଝଟିଆ ପିଲାର ଜିଦ ପାଇଁ ମା ପାଖରେ ଜିଦ କଲାପରି ନିଜ ପାଖରେ ନିଜେ ସେ ଜିଦ୍ କରୁଛି । ଆଉ ମା ଯେମିତି ଦର୍ପଣରେ ଚନ୍ଦ ଧରାଇ ଦିଏ ମୃଣାଳ ଭିତରେ ସୁବିମଳର ଅସ୍ତିତ୍ୱ ଆରୋପ କରି ସେ ନିଜକୁ ବୋଧ ଦେଉଛି । କିନ୍ତୁ ନିସ୍ତବ୍ଧ ରାତ୍ରରେ ବେଳେ ବେଳେ ନିଦ ଭାଙ୍ଗିଗଲେ ସେ ଚମକି ପଡେ—ଯେମିତି ଲାଗେ ତାର ସମସ୍ତ ଅତୀତ ବର୍ତ୍ତମାନ ଓ ଭବିଷ୍ୟତ ଲୁଚି ଯାଇଛି କେଉଁ ଆଖିର ଚାହାଣୀ କଟାକ୍ଷ ତଳେ । ସେ କଣ ଭାଗ୍ୟ ? ପୁରୁଷାକାରରେ ବିଶ୍ୱାସ କରେନା ଆଜି ଆଉ ଅରୁନ୍ଧତୀ । ଚଉଆଡ଼େ ନିଶୂନ ଖାଁ ଖାଁ ଲାଗେ । ମନ ହୁଏ ନା ସେ ପାରିବନି । ତାର ପାଦ ନିଥର ହୋଇ ଆସୁଛି ଯେପରି । କାହାର ଏ ଉପହାସ । ଖିଲି ଖିଲି ହସ ନିସ୍ତବ୍ଧ ରାତିର ବୁକୁ ଥରାଇ କମ୍ପି ଉଠୁଛି । କଳା କଳା କାହାର ହାତ ତା ଗଳା ଚିପି ଦେବାକୁ ଲମ୍ବି ଆସୁଛି । ଭୟରେ ଅରୁନ୍ଧତୀ ମୃଣାଳର ଗଳା ଯାବୁଡ଼ି ଧରେ । ବଞ୍ଚିବା ପାଇଁ କିଛି ଗୋଟାଏ ଅବଲମ୍ବନ ତାର ଦରକାର । ଆଉ ସେଇ ଅବ-ଲମ୍ବନ ବୋଧେ ମୃଣାଳ ତାର । ଡର ମାଡ଼ିଲେ ତାକୁ ସାହସ ଦେବ । ରୋଗ ହେଲେ

Digitized by PPRACHIN, SOA

ତାର ସେବା କରିବ ଆଉ ଦୁନିଆର ପାଞ୍ଚ ଜଣଙ୍କ ଆଗରେ ତାକୁ ଆବୁଆଳ କରି ରଖିବ ବାହୁ ଛାୟା ଦେଇ । ଏତିକି ଏତିକି ମାତ୍ର—ତା ଛଡ଼ା ଆଉ କିଛି ନାହିଁ । କେତେ ରାତି କେତେ ଦିନ ଏମିତି ଏଇ କଥା ଭାବି କଟାଇଛନ୍ତି ଅରୁନ୍ଧତି । ପ୍ରତିଦିନ ଭାବନାରେ ପରଦା ପକାଇ ଦଉଡ଼ି ଆସେ କର୍ମ ଆଉ କର୍ତ୍ତବ୍ୟ ! ଗହଳି ଚହଳି ଆରମ୍ଭ ହୁଏ ତାପରେ ! ଜୀବନ୍ତ ଭାବନାରେ ମହକ ଲାଗେ । ଫୁର୍ତ୍ତି ଅବସରରେ ପଣତ କାନିରେ ଝାଡ଼ିଦେଲେ ଯେଉଁ ନୂଆକୁ ସେଇ ନୂଆ । ଜୀବନ ସାରା ପୋଷାଣି ହୋଇ ରହିଲେ ଖାଲି ।

ସେଦିନ ସୁଚରିତା ଗପୁଥିଲା ତା ପାଖରେ ସୁବିମଳର କଥା । ନ ଶୁଣିବାର ଛଳନା କରୁଥିଲେ ବି କାନ ଦୁଇଟା ତାର ସତର୍କ ରହିଥିଲା ସୁଚରିତାର କଥା ଅଡ଼େ । କ୍ଲବରେ ମଦ ଖାଇ ବେହୋସ ହୋଇ ପଡ଼ିଥିଲା ସେଦିନ ସୁବିମଳ—ଆଉ ଅରୁଣା ନିଜେହିଁ ତାକୁ ମଦ ଗ୍ଲାସ ବଢ଼େଇ ଦେଇଥିଲା । ରାତି ରାତି ଧରି ସୁବିମଳ କ୍ଲବରେ କି ସିନେମାରେ କି ବିଭିନ୍ନ ଅନୁଷ୍ଠାନରେ ସେବାର ଆଳ ଧରି ବସି ରହୁଛି ଆଜି କାଲି ଖବର କାଗଜ ବିଭିନ୍ନ ସଂବାଦରେ ତା ନାଁ ଅରୁନ୍ଧତିକୁ ବିବ୍ରତ କରୁଛି । ସେଇ ବିରାଟ ପ୍ରତିଭା, ସେଇ ଅସାଧାରଣ ଧୀମନ୍ତ ସତେ କି ଗୋଲାପ ଫୁଲ ପରି ଟୁକୁରା ଟୁକୁରା ହୋଇ ଅକାଳ ବର୍ଷାରେ ଦଳି ମକଚି ହୋଇଯାଉଛି । ଆହା –ଆଉ ଖାଲି ଗୁହିଁ ଗୁହିଁ ନୀରବରେ ଲୁହ ଢାଳିବା ଜଣକର ସାର ହେଉଛି । କଣ ଆଉ ସେ କରି ପାରିବ ? ଅଜସ୍ର ଯାତନା ସତ୍ତ୍ୱେ ହୃଦୟ ସ୍ଥିର ଅସହାୟ ଭାବ ନେଇ ସେ ନିଜକୁ ତିଳ ତିଳ ଦଗ୍ଧ କରୁଛି ଯାହା । ଅରୁଣାର କର୍ତ୍ତବ୍ୟ ସେ—ତାର କି ଯାଏ ଆସେ ? କିନ୍ତୁ ସେଇ ଅରୁଣାତ ତାକୁ ଟାଣି ନେଇଛି ଲାଇବ୍ରେରୀର କ୍ଲବକୁ ଦରୁ ଅନୁଷ୍ଠାନକୁ ସମାଜରୁ ଅସମାଜକୁ । ସରବତ ଗ୍ଲାସ ପାଖରୁ ମଦ ଗ୍ଲାସ ପାଖକୁ ଜାଣି ଜାଣି ନିଜର ସର୍ବନାଶର ପନ୍ଥା ଖୋଲିଛି ସେ । ଅରୁନ୍ଧତିତ ଆଜି ଆଉ ନାହିଁ । ଅଲକ୍ଷ୍ୟରେ ସେ ହୁଏତ ସୁବିମଳର ହାତ ଧରି କହିଥାନ୍ତା ମଥା ପିଟି କାନ୍ଦିଥାନ୍ତା । ଯାଅନା ଫେରିଚାଲ ଲାଇବ୍ରେରୀକୁ ଫେରିଚାଲ ସେଇ ଅନୁଷ୍ଠାନକୁ ଯେଉଁଠି ମଣିଷ କାନ୍ଦୁଛି, ଫେରିଚାଲ ପ୍ରାଣ ଯେଉଁଠି ତୁମ ପାଇଁ ଅଞ୍ଜଳି ଅର୍ଘ୍ୟ ଧରି ବସିଛି । ତାପରେ ହୁଏତ ସୁବିମଳ ଫେରିଥାନ୍ତା—ଫେରିଥିଲା । ଏମିତି କେତେଥର । ଦରକାର ହୋଇଥିଲେ ହାତ ଧରି ଫେରାଇଥାନ୍ତା ତାର ଅରୁନ୍ଧତି । କିନ୍ତୁ ଆଜି ସେତ ଆଉ ନାହିଁ ଅରୁଣା ତାର ହାତ ଧରି ଟାଣି ନେଇଛି । ଟିକି ଟିକି କରି ଦଳି ଦେଇ ଯାଉଛି ତାର କଳ୍ପନା, କୁଞ୍ଜର ସେଇ ମଂଜୁଳ ପାରିଜାତଟିକୁ । ଧ୍ୱଂସ ହୋଇ ଯାଉଛି ଦିନୁ ଦିନ ସୁବିମଳ । ଅରୁନ୍ଧତି ତ ଆଉ ତାର ପତ୍ନୀ ନୁହେଁ ! ଦୁଃଖରେ ନୁହେଁ, ସୁଖରେ ନୁହେଁ । ତଥାପି ସେ ସହ୍ୟ କରି ପାରୁନି ତାର ଭିତରଟା ଯେମିତି ଦିନକୁ ଦିନ ସମାନ ଅନୁପାତରେ

Digitized by PPRACHIN, SOA

ସ୍ଥ ହୋଇ ଯାଉଛି । ନାଁ ନାଁ ସେ ପାରିବନି । ସେ ନଷ୍ଟ ହେବ । ଯିବ ସୁବିମଳକୁ ରକ୍ଷା କରିବ । ସେ ଏମିତି ତାକୁ ନଷ୍ଟ ହେବାକୁ ଦେଇ ପାରିବନି । ଅରୁଣାକୁ ନଷ୍ଟପ୍ରେ ଗାଳି ଦେଇ ଆସିବ । କହି ଆସିବ "ନେ ଲୋ ରାକ୍ଷାସୁଣୀ ! କେତେ ଗଳି ଝିଞ୍ଜଟ କରି ମୋଠୁ ଛଡ଼ାଇ ନେଇ ଯାଇଛୁ ଯାହାକୁ ତାକୁ ତୋତେ ଦେଲେ ବି ଲୋଭ ଛାଡ଼ିଲାନି ମୋର । ଏତେ ଭଲ ପାଇ କଣ ଏପରି କ୍ଷୟର ପନ୍ଥା ତା ପାଇଁ ଖୋଲିଲୁ । ଏଇ କଣ ତୋର ଭଲ ପାଇବା ?" ଆଉ ଶିଖାଇ ଦେଇ ଆସିବ ତାକୁ କେମିତି ବଞ୍ଚେଇ ରଖିବାକୁ ହେବ । ନାଁ । ନାଁ ସେ ଯିବ - ଡେରି କଲେ ହୁଏତ ସେ ମୁହୂର୍ତ୍ତି ହରାଇ ବସିବ ।

କ ଏକ ଖିଆଲରେ ସେ ଉଠି ବସିଲା । କାନ୍ଥରୁ ମୁହଁଟା ଫୁଲି ଉଠୁଛି । ଗୃହ-ଆଡ ନଶୁନ ଖାଁ ଖାଁ ।—ମନଟା ନିଜକୁ ଖାଇ ଗୋଡାଉଛି । ସେ ଯିବ ! ହଁ ଯିବ ।

ଗୃହକର୍ତ୍ତ୍ରୀ ଶଜସା ପାଇଁ କହି ସେ ଲୁଗା ବଦଳେଇବାକୁ ଉଠିଗଲା । ମୁହଁର ପଣ-ପାଟି ଆଜି ଲୋଡ଼ା ନାହିଁ । ବସ୍ତ୍ରର ସୁନ୍ଦର ବେହରଣ ଆଜି ଲଜ୍ଜାକର କେବଳ । ପାହାଚ ତେଇଁ ଆସୁ ଆସୁ ସେ ଅଟକି ଗଲା । ଏ କଣ ? ଏତେ ଅସ୍ଥିରତା କାହିଁକି ତା ଭିତରେ ? ସମସ୍ତ ଶରୀର ତାର ଥରି ଉଠୁଛି । ତଣ୍ଟି ଶୁଖି ଯାଉଛି । ମତେ ଯେପରି ଷ୍ଟୁଡ଼ିଅକୁ ଗଲା ପୂର୍ବରୁ ଅଭିନେତ୍ରୀ ପାର୍ଟ ମୁଖସ୍ତଟା ଦେଖି ନେଉଛନ୍ତି ଆଉ ଥରେ । ...କୁ ପାଦ ପକାଇଲା । ସକାଳ ସରି ମଧ୍ୟାହ୍ନ ଆରମ୍ଭ ହେବାକୁ ଯାଉଛି ।

ନଶୁନ ନିଝୁମ ହୋଇପଡ଼ିଛି ସୁବିମଳର ଦୋ ମହଲା କୋଠାଟା । କେହି କୁଆଡେ ନାହିଁ । ଗୋଡ଼ ଟିପି ପଶିଲା ଅରୁନ୍ଧତି । ଏ କଣ ? ଛାତି ଭିତରଟା ଶିହରି ଉଠୁଛି ତାର । ବାରଣ୍ଡା ଚେୟାରରେ ମୂକ ହୋଇ ପାଷାଣ ପରି ବସିଛି ସୁବିମଳ । ପଛଆଡ଼ ମଥାର ସମସ୍ତ କେଶ ଧଳା ହୋଇ ଆସିଛି । ଗୁରୁ ଚିନ୍ତାରେ ତାର ସମସ୍ତ ମୁଖ ଭାରାକ୍ରାନ୍ତ । ଝସ୍ ଝସ୍ ପଦ ଶବ୍ଦରେ ଚମକି ଚାହିଁଲେ ସେ । ଆଗରେ ଅରୁନ୍ଧତି । ପତଳା ପବନରେ ଖେଳୁଛି କେରା କେରା ବାଳ ତା କପାଳ ଉପରେ ଅସଂଯତ ହୋଇ । ଉଠି ଆସିଲା ସୁବିମଳ ଚେୟାର ଛାଡ଼ି ଉଦଭ୍ରାନ୍ତ ପରି ! ଦୁଇ ବାହୁ ଧରି ଅରୁନ୍ଧତିକୁ ସେ ଝୁଙ୍କାଇ ଦେଲା ପରସ୍ତେ । ତାପରେ କୁଣ୍ଢାଇ ପକାଇ ତାକୁ ସେ ଚିତ୍କାର କରି ଉଠିଲା, ଅବ୍ୟକ୍ତ ଯନ୍ତ୍ରଣାରେ ।

"ଏତେବେଳେ ଦୟାହେଲା ପାଷାଣୀ । କଣ ଦେଖିବାକୁ ଆସିଲ ? ମଖମଲ ଏଇ କୋଠାର ଛବି ନାଁ, ମଖମଲ ଏଇ ମନର ରକ୍ତ କରବୀ । କିଛି ନାହିଁ, କିଛି ନାହିଁ

Digitized by PPRACHIN, SOA

ଆଜି ଅରୁ । ସମସ୍ତ ଲୋପ ପାଇଛୁ । ମୁଁ ପାଗଳ ହୋଇ ଯାଉଛି—ମୁଁ ବଦ୍ଧ ପାଗଳ ହୋଇ ଯାଇଛି ।" ସୁବିମଳ ଆଖିରେ ଲୁହ । ଅରୁନ୍ଧତିର କାନ୍ଧ ଉପରେ ଝରି ପଡ଼ୁଛି ଟୋପା ଟୋପା ଲୁହ ।

ବୁଝି ପାରୁ ନଥିଲା କିଛି ଅରୁନ୍ଧତି । ଗୁଡ଼ି ଦେଉନି ତାକୁ ସୁବିମଳ । ସତେ କଣ ସେ ପାଗଳ ହୋଇ ଯାଉଛି । ଆଉ ସେ କଣ ସୁସ୍ଥ ଅଛି ? ସେ ଅନେଇଲା ନିଜକୁ । ତା ଚତୁର୍ଦ୍ଦିଗରେ ସୁବିମଳର ହାତ ଘେରି ରହିଛି । ଏଇ ସେହି ପରିଚିତ ହାତ —ସେଇ ପରିଚିତ ରକ୍ତମାଂସ ଯେ ତାକୁ କେଉଁ ଏକ ଝଡ଼ ଅନ୍ତରରେ ବେଢ଼େଇ ଧରୁ ଥିଲା ପଲ୍ଲବିତ ଶାଖାପରି । କିନ୍ତୁ ଆଜି ସତେକି ସେ ଆଶ୍ରିତ ବଣ୍ଟନା ଲତିକା--ବୃକ୍ଷର ଧ୍ୱଂସ ହେଲେ ବି ସେ ତାକୁ ମୁକ୍ତ ଦେବନି । ବହୁ କଷ୍ଟରେ ମୁକ୍ତ କଲା ସେ ନିଜକୁ ।

"ଅରୁଣା ବିଷ ଖାଇଛୁ । ବଞ୍ଚିବ ନାହିଁ ସେ ଆଉ । କିନ୍ତୁ ବିଷ ନ ଖାଇ କଣ ସେ ଆଉ କରନ୍ତା ଅରୁନ୍ଧତି । ସ୍ୱାମୀ ତାର ଅଯୋଗ୍ୟ । ସ୍ତ୍ରୀର ସକଳ ସମ୍ମାନ ଦେଲେବି-- ଅଜସ୍ର ଐଶ୍ୱର୍ଯ୍ୟରେ ତାକୁ ବାହ୍ୟିକ ଆଡ଼ମ୍ବର ଦେଲେ ବି ସ୍ତ୍ରୀର ଯାହା ପ୍ରାପ୍ୟ ତାର ପାଇବାର କଥା ମୁଁ ତାକୁ ଦେଇ ପାରିନି ଅରୁନ୍ଧତି । ତା ସଙ୍ଗରେ କ୍ଳବକୁ ଯାଇଛି । ସାମାଜିକ ଅନୁଷ୍ଠାନରେ ସ୍ୱାମୀତ୍ୱ ବଜାଇ ରଖିଛି । ଲୋକ ଚକ୍ଷୁରେ ସକଳ ସମ୍ମାନ ତାର ଅକ୍ଷୁର୍ଣ୍ଣ ରଖିଥିଲି । ଆଉ କଣ ମୁଁ ଅଧିକା କରିଥାନ୍ତି ଅରୁନ୍ଧତି । କିନ୍ତୁ ସେ ପାରିଲାନି । ସେ ଆଜି ସମସ୍ତ ଛଳନାକୁ ପାଦରେ ଫିଙ୍ଗି ଚାଲିଯିବାକୁ ପ୍ରସ୍ତୁତ । କିନ୍ତୁ କାହିଁକି ? କାହିଁକି ତମେ କହି ପାରିବ ଅରୁନ୍ଧତି । " ସୁବିମଳର ପାଷାଣ ମନରୁ ରକ୍ତ ଝରୁଛି । ଉତ୍ତର ଦେବାକୁ କଣ ଅଛି ଅରୁନ୍ଧତିର ଯେ ସେ କହିବ ?

ମୁଁ ଜାଣେ ତମେ ପାରିବନି ଉତ୍ତର ଦେଇ । ବଞ୍ଚି ରହିବାର ମୋହ ଆଉ ଗୌରବ କଣ ମୋର ନ ଥିଲା ଦିନେ ଅରୁନ୍ଧତି । କିନ୍ତୁ ଏ କଣ କଲ ତମେ ଆପଣାକୁ ଦୂରକୁ ଅପସାରି ନେଇ ଯେଉଁ ପ୍ରତିଶୋଧ ନେଇ ଆତ୍ମ ଗୌରବ ପାଇବ ବୋଲି ଭାବିଥିଲ-- ତାହା ଆଜି ପୂରଣ ହେଲାତ ? ଅରୁଣା ପାଇଁ ମୁଁ ଚଲେହେଲେ ଚିନ୍ତିତ ନୁହେଁ କିନ୍ତୁ ମୁଁ ଚିନ୍ତିତ ତୁମରି ପାଇଁ ଅରୁନ୍ଧତି । ତୁମର ଯାହା ପ୍ରତିଶୋଧ ନେବାର କଥା ତୁମେ ନେଇ ସାରିଛ ନାଁ ଆଉ କିଛି ବାକି ଅଛି ? ଯଦି ଆଉ କିଛି କରିବାର ଥାଏ ତାହେଲେ ଶୀଘ୍ର ସାରିଦିଅ । ତେଣିକି ଆରମ୍ଭ ହେବ ମୋରି ପାଳି । ପାରିବତ ସହ୍ୟ କରି ?" ସୁବିମଳର କଣ୍ଠରେ ପରିହାସ ଆଉ ଗ୍ଲାନି । ଅରୁନ୍ଧତି ଯେପରି ସ୍ୱପ୍ନ ଦେଖୁଛି---କଣ କହିବାକୁ ଚେଷ୍ଟା କଲେ ବି ଅଭିବ୍ୟକ୍ତି ଭାବ ଭାଷା ପାଉନି ।

Digitized by PPRACHIN, SOA

ତୁମେ ମତେ ସ୍ୱର୍ଗ ଦଳି ଧୂଳିରେ ମିଶାଇ ଦେଇଛ । ଭାବିଥିଲି ସୁବିମଳ ଧନ ଦୌଲତ ବିଳାସ ଭିତରେ ତୃପ୍ତି ରହି ବେଶ ଆମୋଦରେ କାଳ କାଟୁଛି ନା ? ବାହାରେ ମୋର ଅପରିମିତ ଖ୍ୟାତି ଅମାପ ଯଶ ଗୌରବ । ଭାବିଛ ତା ଭିତରେ ତୃପ୍ତି ରହି ମୁଁ ଦିବା ସ୍ୱପ୍ନ ଦେଖୁଛି ଏଇତ ; ଆଉ ସେଇଥିପାଇଁ ନିଜକୁ ତମେ ଓଟାରି ନେଇଗଲ ମୋଠାରୁ ଏତେ ଦୂରକୁ ? କିନ୍ତୁ କହି ପାରିବ ମତେ କେତେ ଶାନ୍ତି କେତେ ବଞ୍ଚିବାର ମମତା ତମେ ପାଇଛ ଅରୁନ୍ଧତି । ବୃଥା ତୁମର ଏ ଛଳନା ।"

"କିନ୍ତୁ କିନ୍ତୁ ସୁବିମଳ ତୁମେଇତ, ତୁମେଇତ ମତେ ଆଡେଇ ଦେଲ ପାଦରେ । ମୁଁ କାହିଁକି ଅଯାଚିତ ଭାବରେ ତୁମ ପଥରେ ଛିଡ଼ା ହୋଇ ବାଧା ସୃଷ୍ଟି କରିଥାନ୍ତି ?"

ଅରୁନ୍ଧତିର ବିମର୍ଷ ପରିଶ୍ରାନ୍ତ ଗଳା ।

"ଆଉ ସେତିକି ତମେ ସହ୍ୟ କରି ପାରିଲନି । ଏଇତ ତୁମର ଭଲ ପାଇବାର ଅକୃତ୍ରିମ ରୂପ ? କିନ୍ତୁ, କିନ୍ତୁ ମୁଁ କାହାକୁ ଶାନ୍ତିରେ ରଖାଇ ଦେବିନି ଅରୁନ୍ଧତି । ଅରୁଣା ଯାଇଛି ଯାଉ - ନଚେତ ମୁଁ ତାକୁ ହତ୍ୟା କରିଥାନ୍ତି । ଆଉ ତମେ ? ଭାବିଛ ମୁଁ ତମକୁ ଛୁଟିଦେବି ? ନାଁ । କଦାପି ନୁହେଁ । ମୁଁ କାହାକୁ ନିଷ୍କୃତି ଦେବିନାହିଁ । ଗୋଟି ଗୋଟି କରି ମୁଁ ସମସ୍ତଙ୍କି ହତ୍ୟା କରିବି ଅରୁନ୍ଧତି । ଆଉ ଦେଖିବି ତମେ କେତେ ଶାନ୍ତି କେତେ ପ୍ରାଣ ପ୍ରାଚୁର୍ଯ୍ୟ ନେଇ ବଞ୍ଚି ରହିବ । ତମେ ମତେ ଅଜସ୍ର କଷ୍ଟ ଦେଇଛ— ଅମାପ ଯନ୍ତ୍ରଣାରେ ମୁଁ ପ୍ରତିଟି ମୁହୂର୍ତ୍ତରେ ବିକଳାଙ୍ଗ ହୋଇ ଉଠିଛି । ମୋର ନିଦ୍ରା ନାହିଁ—ଆହାର ନାହିଁ—ଶାନ୍ତି ନାହିଁ । ଆଉ ତମେ ନିଶ୍ଚିନ୍ତ ନିଦରେ ଶୋଇଛ ଅରୁନ୍ଧତି । ସେ ନିଦ୍ରା ମୁଁ ନିଶ୍ଚୟ ଭାଙ୍ଗିବି — ସେ ସ୍ୱପ୍ନ ମୁଁ ଦଳି ଚୂର୍ଣ୍ଣ ବିଚୂର୍ଣ୍ଣ କରି ଭୂଇଁରେ ମିଶାଇ ଦେବି । ମୁଁ ଜଳି ପୋଡ଼ି ପାଉଁଶ ହୋଇ ଯାଇଛି । କହି ପାରିବ, କହି ପାରିବ କାହିଁକି ତମେ ଶାନ୍ତି ପାଇବନି ? କହ ଅରୁନ୍ଧତି କହ ? ସୁବିମଳ ତାର ଦୁଇ କାନ୍ଧ ଦେଇ ହଲାଇ ଦେଉଛି ତାକୁ ।

"ଆଃ ! ସୁବିମଳ କରି ପାରିବ ମତେ ହତ୍ୟା ତେବେ ? ତୁମ ହାତରେ ମରିବାର ସୌଭାଗ୍ୟ ଅନ୍ତତଃ......... ।" ଅଟକି ଗଲା ଅରୁନ୍ଧତି । ସୁବିମଳ ତାକୁ କଟମଟ କରି ଅନାଇଛି—ସେ ଆଖିରୁ ଅଗ୍ନି ଝରୁଛି ଯେପରି । "ଅସମ୍ଭବ ଅରୁନ୍ଧତି ! ଏତେ ନିଶ୍ଚିନ୍ତ ମରଣ ମୁଁ ତମକୁ ଦେଇ ପାରିବିନି । ମୁଁ ତମକୁ ତିଳ ତିଳ କରି ହତ୍ୟା କରିବି—ଯେମିତି ମତେ ତମେ ଏଇ ଦୀର୍ଘ ଦିନ ଧରି ହତ୍ୟା କରିଛ । ଜାଣ—ଜାଣ ଜାଣ ସେ କଣ ଅରୁନ୍ଧତି । ସେ ହେଉଛି ବଡ ସହଜ ବଡ ସରଳ ପନ୍ଥା ... ... ।"

Digitized by PPRACHIN, SOA

ଚମକି ପଡ଼ିଲା ଅରୁନ୍ଧତୀ । ସେ କଳ୍ପନା କରି ଦେଖିଲା ମୃଣାଳର ରକ୍ତାକ୍ତ ଶରୀର ସୁବିମଳର ଗୁଳିରେ କିପରି ଲୋଟି ପଡ଼ିଛି ମାଟି ଉପରେ । ଭୟରେ ଶିହରି ଉଠିଲା ଅରୁନ୍ଧତୀ । ଅଜାଣତରେ ତା ଆଖି ବୁଜି ହୋଇ ଆସିଲା ।

"ଡ଼ରୁଛ ଅରୁନ୍ଧତୀ । ସୁବିମଳ ଯଦି କାହାକୁ ପ୍ରଥମେ ହତ୍ୟା କରେ ସେ ହେବ କିଏ ଜାଣ ? ସେ ଏଇଟି ତୁମ ସାମନାରେ ଛିଡ଼ା ହୋଇଛି । ସେ ନିଜକୁ ନିଜେ ହତ୍ୟା କରି ଚାପରେ, ତା ପରେ ଦେଖିବ କେତେ ଆତ୍ମ ପ୍ରସାଦ ନେଇ ବଞ୍ଚିବ ତମେ ? ପାଇବ କେତେ ଶାନ୍ତି—କେତେ ଅମୃତର ସନ୍ଧାନ ତମେ ? ମୃତ୍ୟୁ ପରେ ମଧ୍ୟ ମୋର ଜାତ୍ମା ଛାୟା ପରି ତୁମକୁ ଅନୁସରଣ କରି ଚାଲିବ ଦେଖିବ ତୁମର ସୁଖ ଧନ ଧାନ୍ୟର ପରିମାପ । ତୁମେ ମୋର ହୃଦୟକୁ ଭାଙ୍ଗି ଚୂର୍ଣ୍ଣ ବିଚୂର୍ଣ୍ଣ କରି ଦେଇଛ ଅରୁନ୍ଧତୀ । ଯଥାର୍ଥ ଯୁକ୍ତି ଦର୍ଶାଇ ପାରିବ ଠିକ ସେତିକି ଅନୁପାତରେ କାହିଁକି ତୁମର ହୃଦୟ ମୁଁ ଭାଙ୍ଗି ଦେବି ନାହିଁ ।"

"ଓଃ ! ବନ୍ଦ କର ସୁବିମଳ ବନ୍ଦ କର ।" ଚିତ୍କାର କରି ଅରୁନ୍ଧତୀ ବସି ପଡ଼ିଲା ତଳେ କାନରେ ହାତ ଦେଇ । ତା ମୁଣ୍ଡରେ ଯେପରି କିଏ ସହସ୍ର ବିଛୁଆ ଏକାଥରକେ ବିନ୍ଧି କରୁଛି । ତାର ଉପାୟ ନାହିଁ । ସେ କାହାକୁ କିଛି କହି ପାରିବନି । ତାର ଅଭିଯୋଗ ନାହିଁ କି ଅଭିମାନ ନାହିଁ । ସେ କଣ କହିବାକୁ ଆସିଥିଲା ସମସ୍ତ ଭୁଲି ଗଲାଣି ।

ଅରୁନ୍ଧତୀର ଆଖିରେ ଟୋପାଏ ବୋଲି ଲୁହ ନାହିଁ — ସେ ଯେପରି ପଥର ପାଲଟିଛି । କିନ୍ତୁ ସୁବିମଳ କାନ୍ଦୁଛି ଆଜି । ତା ଆଖିରୁ ଝରି ପଡ଼ୁଛି ଅଶାନ୍ତ ଲୁହ ଅବାରିତ ଗତିରେ । ଅରୁନ୍ଧତୀ ଉଠାଇବ କି ହାତ ପୋଛିବାକୁ ଲୁହ ? ନାଁ । ଥାଉ ଝରୁ ଆଜି ସେ ଆଖିରୁ ଲୁହ ।

ଫୋନଟା ଝଣ ଝଣ କରି ବାଜି ଉଠିଲା । ଉଠିଯାଇ ସୁବିମଳ ଧରିଲା ଫୋନଟା । ତାର ଭ୍ରୂଲତା ଟେକି ହୋଇ ଯାଉଛି । ସତେ କି ସେ ପୃଥିବୀର ନବମ ଆଶ୍ଚର୍ଯ୍ୟ ଭିତରେ ପଶି ହଜିଯାଉଛି କ୍ରମଶଃ । ଟିକିଏ ପରେ ଫୋନଟା ଥୋଇ ଦେଇ ଫେରିଲା । ଚେୟାର ଉପରେ ହାତ ଗୋଡ଼ ମେଲାଇ ସେ କ୍ଳାନ୍ତ ହୋଇ ପଡ଼ିଗଲା ।

"ଅରୁଣା ବଞ୍ଚିଗଲା ଅରୁନ୍ଧତୀ । ମୃଣାଳଟା ବେଶ୍ ଡାକ୍ତର । ଅରୁଣାର ସମସ୍ତ ଚେଷ୍ଟା ପଣ୍ଡ କରି ତାକୁ ବଞ୍ଚାଇ ଦେଲା ସେ ।"

Digitized by PPRACHIN, SOA

ଚମକି ପଡ଼ିଲା ମୃଣାଳ ନାଁ ଶୁଣି । ତେବେ ଏଇ କେଶ୍ ପାଇଁ ସେ ଆସିଥିଲା ଘରକୁ ! ଏଇ ବାଘ ମରଣକୁ ଜୀବନ ଦେଇପାରିଛି ସିନା ସେ ଇଚ୍ଛା ମରଣକୁ କି ସେ ଉଠାଇ ପାରିବ ? ଏତେ କଷ୍ଟରେ ବି ସେ ଟିକିଏ ହସିଲା ।

ସୁବିମଲ ଉଠିଲା । ଫୁଣି ଫୋନ ବାଜୁଛି । ହସପିଟାଲରୁ ଡାକ୍ତର ଡାକୁଛନ୍ତି । ଯିବାକୁ ହେବ । ସୁବିମଲ କର୍ତ୍ତବ୍ୟ କରିବାକୁ ବାହାରିଲା । କିନ୍ତୁ ? ଅରୁନ୍ଧତି ଆଉ ପାରିବନି । ସେହି ଏକା ବିଷ ଖାଇ ମରିବ—ମୃଣାଳ ତାକୁ ବଞ୍ଚେଇ ପାରିବନି ।

ଫେରି ଆସିଲା ଅରୁନ୍ଧତି । ଅକୁହା କଥା କୁହା ହୋଇନି । କହିବାର ଆବଶ୍ୟକତା ନାହିଁ—ସୁବିମଳ ତାକୁ ବୁଝିବ ନାହିଁ । ମୃଣାଳ ତାକୁ ଚହ୍ନେନା ଆଉ ଅରୁଣା ତାକୁ ଉପହାସ କରେ । ଆଉ ନିଜେ ସେ ନିଜକୁ ବା କି ମୂଲ୍ୟ ଦେଇଛି ? ସମସ୍ତ ମାୟା ମମତା ତାର ଅପସରି ଯାଇଛି ।

ଶୋଇ ପାରୁନି ଅରୁନ୍ଧତି । ମୁଣ୍ଡ ଦେହ ହାତରେ ତାର ଯେପରି ପ୍ରବଳ ଉତ୍ତାପ । କିଛି ସେ ଭାବି ପାରୁନି କି ଦେଖି ପାରୁନି ଆଖିରେ । ରାତି ଅଧରେ ମୃଣାଳର ବାହୁ ବନ୍ଧନରେ ଥାଇ ବି ସେ ଚମକି ପଡ଼ି ଉଠି ବସିଲା । ଏ କଣ ? ମୁଣ୍ଡଟା ତାର ଘୂରି ଯାଉଛି କାହିଁକି ? ଘର ଛାତଟା ବୋଧେ ତା ଉପରେ ଅଜାଡ଼ି ହୋଇ ପଡ଼ୁଛି । ଏ କଣ ? ପୃଥିବୀଟା ଘୁରୁଛି ବୋଧେ ଚକା ଗୁଡ଼ି । ଆଉ ଅନ୍ଧାର ସାଥିରେ ସେ ଖେଳୁଛି ଏକା ଏକା ଚକା ଭଉଁରୀ । ନାଁ ନାଁ ଏତ ସ୍ୱପ୍ନ ନୁହେଁ—ଲାଇଟଟା ଦୋହଲୁଛି କାହିଁକି ? ଖଟଟା କଣ ଉଡ଼ି ଯାଉଛି ବୋଧେ । କିନ୍ତୁ ଏଇଟା କଣ ? ଇସ୍ କାହାର ଏ କଳା କଳା ହାତ । କିଏ ତାର ତଣ୍ଟି ଉପରେ ହାତ ରଖିଛି ? ଇସ୍ । ଅସଂଖ୍ୟ କଳା କଳା ହାତ ଲମ୍ବି ଆସୁଛି ତା ଗ୍ରୀବା ଆଡ଼କୁ । ଓଃ ଏଇକ୍ଷଣି ତା ତଣ୍ଟି ଚପି ଦେବେ ଅବା ! ଏ କାହାର ହସ ? ଠୋ ଠୋ ମାରି ହସୁଛି କିଏ ? କେଉଁଠି ? ଚିତ୍କାର କରିବାକୁ ଚେଷ୍ଟା କଲା । ଅରୁନ୍ଧତି—ପାଟି ଖୋଲୁନି । ଭୟରେ ତଣ୍ଟି ଶୁଖି ଯାଉଛି । ଭୟରେ ମୃଣାଳ ମୁଣ୍ଡବାଳ ଗୁଡ଼ାକ କେରା କେରା କରି ଟାଣିବାକୁ ଆରମ୍ଭ କଲା ଅରୁନ୍ଧତି । ଯନ୍ତ୍ରଣାରେ ଚିତ୍କାର କରି ଉଠି ବସିଲା ସେ । ତାର ସମସ୍ତ ପ୍ରଶ୍ନର ଧରାବନ୍ଧା ଗୋଟାଏ ମାତ୍ର ଉତ୍ତର ଦେଲା ଅରୁନ୍ଧତି—"ମୁଁ ପାଗଳ ହୋଇଗଲି—ମୁଁ ପାଗଳ ହୋଇଗଲି ।" ଏହାଛଡ଼ା ଅରୁନ୍ଧତି ଯେପରି ସମସ୍ତ କଥା ଓ ଭାଷା ପାଶୋରି ଯାଇଛି ।

ମୃଣାଳକାନ୍ତର ସମସ୍ତ ଆଶା କଳ୍ପନାକୁ ବ୍ୟର୍ଥ କରି ଅରୁନ୍ଧତି ପାଗଳ ହୋଇ ଗଲା । କିନ୍ତୁ କାହିଁକି ହେଲା ? କଣ ପାଇଁ ହେଲା ? ଜାଣି ପାରିଲେନି କେହି । ହୁଏତ କଣ ତ୍ରୁଟି ଥିଲା—ଯାହାର କରିବାର କିଛି ନାହିଁ—ପଦେ କଥା କହିବାର ବି କ୍ଷମତା

Digitized by PPRACHIN, SOA

ନାହିଁ ତାର । ବଞ୍ଚିଥିବା ପାଇବାର ବି ଅଧିକାର ନଥାଇ ମୃତ୍ୟୁର ସୁଧା ଯିଏ ତାକୁ ଦିଆଇ ଦେଇଥିଲା ସେଇ ସୁବିମଳ ଏକା ବୁଝିଥିଲା । କିନ୍ତୁ ପଛକୁ ଫେରିଯିବାକୁ ବାଟ ନାହିଁ । ଆଗ ତାହା ଘଟି ଅନ୍ଧାର । ଆଉ ବର୍ତ୍ତମାନ । ଉପର ଆକାଶ ଦୋହଲୁଛି । ତଳ ପୃଥିବୀ ଘୂରୁଛି । ଖାଲି ଚକା ଭଉଁରୀ । ମୃଣାଳ କାନ୍ତର ସମସ୍ତ ଗବେଷଣା ବ୍ୟର୍ଥ । ସୁବିମଳର ସମସ୍ତ ସ୍ୱପ୍ନ ମୂଲ୍ୟହୀନ । ଅରୁନ୍ଧତୀ ହିଁ କେବଳ ମୁକ୍ତ । କେହି ତାକୁ ଶାନ୍ତି ଦେଇ ପାରିଲେନି । ଦେବାର ଅବସର ସେ ଦେଇନି ।

ସମାପ୍ତ

Digitized by PPRACHIN, SOA